# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୫/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 25/2023 Page 20 ₹ 7.00

୪୯ଶ ଭାଗ ୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 93 ମୂଲ୍ୟ₹୭/-


# ମୌଳିକ ଭିତ୍ତିଭୂମିକୁ ଗୁରୁତ୍ୱ



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ବିଧାନସଭାରେ ୨୦୨୩-୨୪ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରୁଛନ୍ତି।

## ଲୋକଙ୍କ ବଜେଟ୍: ମୁଖ୍ୟମନ୍ତ୍ରୀ

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ବିଧାନ ସଭାରେ ବଜେଟ୍ ଆଗତ ହୋଇଛି। ଏହି ବଜେଟ ଉପରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏହା ଏକ ଲୋକାଭିମୁଖୀ ବଜେଟ। ଏହି ବଜେଟ୍ ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ। ଏହି ବଜେଟ୍ ଓଡ଼ିଶାର ବିକାଶକୁ ଆଗକୁ ନେବ।

## ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ରାଜ୍ୟ ବଜେଟ

- ୨୪ ନୂଆ ଯୋଜନା ପାଇଁ ୭,୩୦୭ କୋଟି
- ୯ ମୁଖ୍ୟମନ୍ତ୍ରୀ ଯୋଜନା
- ବଜେଟ ଆକାର ୩୦ ହଜାର କୋଟି ବୃଦ୍ଧି
- ଧାନ ସଂଗ୍ରହ ପାଇଁ ୨ ହଜାର କୋଟିର ପାଣ୍ଠି
- ମୁଖ୍ୟମନ୍ତ୍ରୀ ଶକ୍ତି ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ୧,୪୪୬ କୋଟି
- ଜିଏସ୍‌ଡିପି ଅଭିବୃଦ୍ଧି ୮.୫% ଆକଳନ
- ୩%ରେ ରହିବ ବିତ୍ତୀୟ ନିଅଣ୍ଟ
- ୧.୧୨ ଲକ୍ଷ କୋଟି ଟପିବ ରଣଭାର

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଏହାକୁ ଉପସ୍ଥାପନ କରିଛନ୍ତି । ଗତ ଆର୍ଥିକ ବର୍ଷ ତୁଳନାରେ ବଜେଟର ଆକାର ୩୦ ହଜାର କୋଟି ଟଙ୍କା ବୃଦ୍ଧି କରାଯାଇଛି। ବଜେଟରେ ଗ୍ରାମୀଣ ବିକାଶ ଉପରେ ରାଜ୍ୟ ସରକାର ଅଧିକ ଫୋକସ କରିଛନ୍ତି। ଏଥିସହିତ ମୌଳିକ ଭିତ୍ତିଭୂମି ସ୍ୱାସ୍ଥ୍ୟ, କୃଷି, ଶିକ୍ଷାଠାରୁ ଆରମ୍ଭ କରି ପାନୀୟ ଜଳ, ମିଶନ ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଭିତ୍ତିଭୂମି ଉନ୍ନୟନ, ଜନଜାତି ବିକାଶ, ପୁଞ୍ଜିନିବେଶ ଆଦି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି। ଗତ କିଛି ବର୍ଷ ହେବ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବାରେ ଲାଗିଛି। କେନ୍ଦ୍ର ଉପରେ ନିର୍ଭରଶୀଳ ନ ହୋଇ ରାଜ୍ୟ ସରକାର ନିଜ ପାଣ୍ଠିକୁ ଭରସା କରି ବଜେଟ ପ୍ରସ୍ତୁତ କରିଛନ୍ତି । ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଯୁବ, ମହିଳା, ଚାଷୀ, ଉଦ୍ୟୋଗୀ, ଏସ୍‌ସି/ଏସ୍‌ଟି ବର୍ଗଙ୍କୁ ଆକର୍ଷିତ କରିବା ପାଇଁ ବଜେଟରେ ମାଳମାଳ ନୂଆ ଯୋଜନା କରାଯାଇଛି। ସରକାର ୨୪ଟି ନୂଆ ଯୋଜନା ପାଇଁ ବ୍ୟୟବରାଦ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ କାର୍ଯ୍ୟକାଳ ବୃଦ୍ଧି ସମସ୍ୟା










ଏକ ସଦ୍ୟ ୟୁକ୍ରେନୀୟ ପୋଲ୍ ଅନୁସାରେ ଦେଶର ୧୭% ଜନତା ଯୁଦ୍ଧରେ ନିଜ ପ୍ରିୟଜନଙ୍କୁ ହରାଇଥିବା କହିଛନ୍ତି। ପ୍ରାୟ ୯୫% ୟୁକ୍ରେନୀୟ କିଭ୍‌ର ବିଜୟ ନେଇ ଆଶାବାଦୀ।





"ଆମେ ନିଜ ସାହସ ଓ ଅସ୍ତ୍ର ବଳରେ ଶାନ୍ତି ପ୍ରତିଷ୍ଠା କରିପାରିବା। ପ୍ରତ୍ୟେକ ଆକ୍ରମଣ ବିରୋଧରେ ଇତିହାସର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାକବଚ ତିଆରି କରିବା ସମୟ ବର୍ତ୍ତମାନ ଉପନୀତ।

–ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି

# ଅଜେୟ ୟୁକ୍ରେନ୍

ଚାହୁଁ ଚାହୁଁ ବର୍ଷେ ବିତିଗଲା। ବର୍ଷକ ମଧ୍ୟରେ ବିଶ୍ୱ ଦେଖିଛି ଅନେକ ପରିବର୍ତ୍ତନ। କିନ୍ତୁ ବଦଳି ନାହାନ୍ତି ରୁଷିଆର ଜିଦ୍‌ଖୋର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍। ଯୁଦ୍ଧଭୂଇଁରେ ଏବେ ବି ନିରୀହ ୟୁକ୍ରେନୀୟଙ୍କ ମୁଣ୍ଡ ଗଡ଼ାଉଛନ୍ତି ରୁଷୀୟ ସୈନ୍ୟ। ମସ୍କୋର ଏହି ଅନ୍ତହୀନ ବର୍ବରତାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଥିବାବେଳେ ୟୁକ୍ରେନ୍‌ର ପରାକ୍ରମୀ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦୃଢ଼ ଭାବେ କହିଛନ୍ତି, ଆମେ ଅଜେୟ। ପୁଟିନ୍‌ଙ୍କ ଶକ୍ତିଶାଳୀ ସେନା ଆମକୁ ହରାଇପାରି ନାହିଁ। ଚଳିତ ବର୍ଷ ବିଜୟ ହାସଲ ପାଇଁ ଆମେ ସବୁକିଛି କରିବାକୁ ପ୍ରସ୍ତୁତ। ଜେଲେନ୍‌ସ୍କିଙ୍କ ଏହି ବିବୃତି ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।

କିଭ୍,୨୪।୨

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁକ୍ରେନ୍‌ରେ ଲଢ଼ାଯାଉଛି ୟୁରୋପର ସବୁଠୁ ଲମ୍ବା ଲଢ଼େଇ। ରୁଷିଆର ଏହି ଆକ୍ରମଣକୁ ଶୁକ୍ରବାର ବର୍ଷେ ପୂରଣ ହୋଇଛି। ସଂଘର୍ଷର ବର୍ଷପୂର୍ତ୍ତି ଅବସରରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଆମ ଦେଶ ସାରା ବିଶ୍ୱକୁ ପ୍ରେରଣା ଦେଇଛି। ୟୁକ୍ରେନ୍ ପୃଥିବୀକୁ ଏକାଠି କରିଛି। ବୁଚା, ଇରପିନ୍ ଓ ମାରିଉପୋଲ୍ ଭଳି ସହର ଆଜି 'ଦୁର୍ଜୟ ରାଜଧାନୀ' ସାଜି ରୁଷିଆର ଯୁଦ୍ଧ ଅପରାଧ ବିରୋଧରେ ପ୍ରତିରୋଧର ପ୍ରତୀକ। ରୁଷୀୟ ହତ୍ୟାକାରୀଙ୍କୁ ଦଣ୍ଡିତ ନ କରିବା ଯାଏ ଆମେ ବିଶ୍ରାମ ନେବୁ ନାହିଁ ବୋଲି ଜେଲେନ୍‌ସ୍କି ସୋସିଆଲ ମିଡିଆରେ ଏକ ଭିଡିଓ ମେସେଜ୍ ଦେଇଛନ୍ତି।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେବା ପରଠାରୁ ଉଭୟ ପକ୍ଷର ୧,୫୦,୦୦୦ ଜଣ ନିହତ ହେଲେଣି। ଅନେକ ଲକ୍ଷ ୟୁକ୍ରେନୀୟ ବିସ୍ଥାପିତ ହେଲେଣି। ଏଥିରେ କ୍ଷୁବ୍ଧ ପାଶ୍ଚାତ୍ୟ ରୁଷିଆ ଉପରେ କଠୋର କଟକଣା ଜାରି କରିଛି। ୟୁକ୍ରେନ୍‌କୁ ମାନବୀୟ ସହାୟତା ପଠାଇବା ସହ ମସ୍କୋକୁ କଡ଼ା ଚେତାବନୀ ମଧ୍ୟ ଦେଇଛି। ଆମେରିକା ଏବଂ ଏହାର ଜି୭ ସହଯୋଗୀ ରାଷ୍ଟ୍ର ସମୂହ ଶୁକ୍ରବାର ଆହୁରି ଅନେକ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜେକ୍ ସୁଲିଭାନ୍ କହିଛନ୍ତି, ୱାଶିଂଟନ ୟୁକ୍ରେନ୍‌କୁ ଆହୁରି ୨ ବିଲିୟନ ଡଲାର ମୂଲ୍ୟର ସାମରିକ ସହାୟତା ପ୍ୟାକେଜ ପଠାଇବ। ଗତ ୨୦ ତାରିଖରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଅଚାନକ କିଭ୍ ଗସ୍ତ କରି ବିଶ୍ୱକୁ ଚକିତ କରିଦେଇଥିଲେ। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ସହ ଆମେରିକା ସର୍ବଦା ଛିଡ଼ାହୋଇ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ଷକ ପରେ ବି କିଭ୍ ତିଷ୍ଠିରହିଛି। ଗଣତନ୍ତ୍ର ତିଷ୍ଠିଛି। ଆମେରିକା ଓ ବିଶ୍ୱ ୟୁକ୍ରେନ୍ ସହ ରହିଥିବା ବାଇଡେନ୍ ଟୁଇଟ୍ କରିଥିଲେ। ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ୟୁକ୍ରେନ୍ ଉପରେ ବିଶ୍ୱବାସୀ ସହଯୋଗ, ସହାନୁଭୂତି ଓ ସମର୍ଥନ ଅଜାଡ଼ି ଦେଇଛନ୍ତି। ପ୍ୟାରିସ୍‌ର ଇଫେଲ୍ ଟାୱାରକୁ ୟୁକ୍ରେନୀୟ ପତାକା ରଙ୍ଗ(ହଳଦିଆ ଓ ନୀଳ)ର ଆଲୋକମାଳାରେ ସଜ୍ଜିତ କରାଯାଇଛି। ଲଣ୍ଡନସ୍ଥିତ ଏକ ୟୁକ୍ରେନୀୟ ଚର୍ଚ୍ଚରେ ବ୍ରିଟିଶ୍ ଏମ୍‌ପି ଏବଂ କୂଟନୀତିଜ୍ଞମାନେ ପ୍ରାର୍ଥନା କରିଛନ୍ତି। ପୁଟିନ୍ ନିଜ ବିସ୍ତାରବାଦୀ ଲକ୍ଷ୍ୟ ହାସଲ କରିପାରିବେ ନାହିଁ ବୋଲି ଜର୍ମାନୀ ଚାନ୍ସଲର ଓଲାଫ୍ ସ୍କୋଲ୍‌ଜ କହିଥିବାବେଳେ ଆକ୍ଟିଭିଷ୍ଟମାନେ ବର୍ଲିନ୍‌ସ୍ଥିତ ମସ୍କୋର ଦୂତାବାସ ସମ୍ମୁଖରେ ୟୁକ୍ରେନ୍‌ରୁ ଅଣାଯାଇଥିବା ଏକ ଧ୍ୱସ୍ତ ରୁଷୀୟ ଟ୍ୟାଙ୍କ ରଖି ପ୍ରତିବାଦ ଜଣାଇଛନ୍ତି। ୟୁକ୍ରେନ୍ ପ୍ରତି ଜର୍ମାନୀର ସମର୍ଥନକୁ ସାରା ବିଶ୍ୱ ସ୍ୱୀକୃତି ପ୍ରଦାନ କରିଥିବା ଜଣେ ଆୟୋଜକ କହିଛନ୍ତି।



ୟୁକ୍ରେନ୍ ସମର୍ଥନରେ ପ୍ୟାରିସର ଇଫେଲ୍ ଟାୱାର।

## ରୁଷିଆକୁ ଜାତିସଂଘ କହିଲା: ତୁରନ୍ତ ୟୁକ୍ରେନ୍ ଛାଡ଼

ରୁଷିଆ ତୁରନ୍ତ ନିଃସର୍ତ୍ତରେ ୟୁକ୍ରେନ୍ ଛାଡୁ। ସେଠାରୁ ନିଜର ସମସ୍ତ ସୈନ୍ୟଙ୍କୁ ପ୍ରତ୍ୟାହାର କରୁ ବୋଲି ଗୁରୁବାର ଜାତିସଂଘରେ ମତଦାନ କରାଯାଇଥିଲା। 'ୟୁକ୍ରେନ୍ ଇନ୍ ଲାଇନ୍ ୱିଥ୍ ଦି ପ୍ରିନ୍ସିପୁଲ୍ସ ଅଫ୍ ଦି ଚାର୍ଟର ଅଫ୍ ଦି ୟୁନାଇଟେଡ୍ ନେସନ୍ସ' ପ୍ରସ୍ତାବ ସପକ୍ଷରେ ୧୪୧ ଭୋଟ ପଡ଼ିଥିବାବେଳେ ବିରୋଧରେ ମାତ୍ର ୭ ରାଷ୍ଟ୍ର ମତଦାନ କରିଥିଲେ। ସବୁ ଥର ଭଳି ଏଥର ମଧ୍ୟ ଭାରତ ମତଦାନରୁ ବିରତ ରହିଥିଲା।

## ଚାଇନା ଦେଲା ଶାନ୍ତି ପ୍ରସ୍ତାବ

ବେଜିଂ,୨୪।୨

ୟୁକ୍ରେନ୍‌ରେ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଚାଇନା ଶୁକ୍ରବାର ଶାନ୍ତି ପ୍ରସ୍ତାବ ଦେଇଛି। କିନ୍ତୁ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ ଏହାକୁ ତତ୍କାଳ ଅଗ୍ରାହ୍ୟ କରିବା ସଙ୍ଗେ ସଙ୍ଗେ ମସ୍କୋ ସହ ଘନିଷ୍ଠତା ନ ବଢ଼ାଇବାକୁ ବେଜିଂକୁ ଚେତାବନୀ ଦେଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଚାଇନାର ଶାନ୍ତି ପ୍ରସ୍ତାବକୁ ନେଇ ସମୀକ୍ଷା କରିବା ପୂର୍ବରୁ ବେଜିଂ ସହ ଆଲୋଚନା କରିବାକୁ ଚାହାନ୍ତି ବୋଲି କହିଛନ୍ତି। ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ବେଜିଂ ୧୨ ପୃଷ୍ଠା ସମ୍ବଳିତ ଏକ 'ପଲିଟିକାଲ୍ ସେଟଲମେଣ୍ଟ' ଜାରି କରିଛି। ରୁଷିଆ ଓ ୟୁକ୍ରେନ୍‌କୁ ସମସ୍ତ ପକ୍ଷ ସମର୍ଥନ କରିବା ସହ ଯଥାଶୀଘ୍ର ଆଲୋଚନା ଆରମ୍ଭ କରନ୍ତୁ। ଯୁଦ୍ଧରେ ଆଣବିକ ଅସ୍ତ୍ର ବ୍ୟବହାର କଲେ କିମ୍ବା ଏହି ଉଦ୍ଦେଶ୍ୟରେ ମୁତୟନ କରାଗଲେ ସଙ୍କଟ ଆହୁରି ବଢ଼ିବ ବୋଲି ଏଥିରେ କୁହାଯାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଉଥିବାବେଳେ ବେଜିଂର ଏପରି ସତର୍କବାଣୀକୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସହଜରେ ଗ୍ରହଣ କରିପାରି ନାହାନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍ କହିଛନ୍ତି, ରୁଷିଆ ୟୁକ୍ରେନ୍‌ରୁ ନିଜ ସେନା ଅପସାରଣ ସହ ଆକ୍ରମଣ ବନ୍ଦ କଲେ ଆସନ୍ତାକାଲି ଯୁଦ୍ଧ ବନ୍ଦ ହୋଇଯିବ। ୟୁକ୍ରେନ୍, ଆମେରିକା କିମ୍ବା ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ରୁଷିଆକୁ ଆକ୍ରମଣ କରୁନାହାନ୍ତି। ରୁଷିଆ ଯୁଦ୍ଧରେ ପରାଜିତ ହୋଇସାରିଛି। ବେଜିଂରେ ୟୁକ୍ରେନୀୟ ଏବଂ ୟୁରୋପୀୟ ସଂଘ (ଇୟୁ) କୂଟନୀତିଜ୍ଞମାନେ ଯୁଦ୍ଧାବସାନ ପାଇଁ ରୁଷିଆ ଉପରେ ଅଧିକ ଚାପ ପକାଇବାକୁ ଚାଇନାକୁ ପରାମର୍ଶ ଦେଇଛନ୍ତି।



ବର୍ଲିନ୍‌ରେ ରୁଷୀୟ ଟ୍ୟାଙ୍କ 'ଟି-୭୨' ରଖି ଶାନ୍ତିର ପ୍ରତୀକ ସାଜିଥିବା ଜଣେ ବ୍ୟକ୍ତି ବିକ୍ଷୋଭ କରୁଛନ୍ତି।

"ବର୍ଷକ ପରେ ବି କିଭ୍ ତିଷ୍ଠିରହିଛି। ଗଣତନ୍ତ୍ର ତିଷ୍ଠିଛି। ଆମେରିକା ଓ ବିଶ୍ୱ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ସହ ସର୍ବଦା ଛିଡ଼ାହୋଇ ରହିଛି।

–ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି

"ବର୍ଷକ ମଧ୍ୟରେ ୟୁକ୍ରେନ୍ ଜନତା ବହୁ ଦୁର୍ଦ୍ଦଶା ଭୋଗିଛନ୍ତି। ୟୁକ୍ରେନ୍‌ର କଠିନ ସମୟରେ ବ୍ରିଟେନ ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଯଥାସାଧ୍ୟ ସହଯୋଗ କରୁଛନ୍ତି। ଏହି ଯୁଦ୍ଧ ପ୍ରଭାବିତ ଦେଶକୁ ବ୍ୟକ୍ତିଗତ ଭାବେ ସବୁ ସହାୟତା ଦେବା ପାଇଁ ପ୍ରସ୍ତୁତ।

–କିଙ୍ଗ୍ ଚାର୍ଲ୍ସ ୩ୟ, ବ୍ରିଟେନ ରାଜା

## ପୁଟିନ୍ ଲକ୍ଷ୍ୟଚ୍ୟୁତ

"ୟୁକ୍ରେନ୍‌ବାସୀ, ଆପଣମାନଙ୍କ ସହ ଫ୍ରାନ୍ସ ଛିଡ଼ା ହୋଇଛି। ଶାନ୍ତି ପ୍ରତିଷ୍ଠା ହେବ ଓ ବିଜୟ ହାସଲ କରାଯିବ।

–ଇମାନ୍ୱେଲ୍ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି

"ୟୁକ୍ରେନ୍‌କୁ ଅତ୍ୟାଧୁନିକ ଟ୍ୟାଙ୍କ ଯୋଗାଇବାରେ ପୋଲାଣ୍ଡ ହେଉଛି ପ୍ରଥମ ରାଷ୍ଟ୍ର। ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଆମକୁ ଅନୁସରଣ କରନ୍ତୁ।

–ଆଣ୍ଡ୍ରେଜ ଡୁଡା, ପୋଲାଣ୍ଡ ରାଷ୍ଟ୍ରପତି

"ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏକ ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେ ଏପରି ଏକ ୟୁରୋପ ଦେଖିବାକୁ ଚାହୁଁଛନ୍ତି, ଯେଉଁଠି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ କ'ଣ କରିବେ ତାହା ରୁଷିଆ ସ୍ଥିର କରିବ।

–ଜେନ୍ସ ଷ୍ଟୋଲଟେନ୍‌ବର୍ଗ, ନାଟୋ ସେକ୍ରେଟାରି ଜେନେରାଲ

"ରୁଷିଆ ଏକଘରିକିଆ ହେବାରେ ଲାଗିଥିବାବେଳେ ପୁଟିନ୍ ନିଜର କୌଣସି ରଣନୈତିକ ଲକ୍ଷ୍ୟ ହାସଲ କରିପାରି ନାହାନ୍ତି।

–ଉର୍ସୁଲା ଭୋନ୍ ଡେର୍ ଲେୟେନ, ୟୁରୋପୀୟ କମିଶନ ଅଧ୍ୟକ୍ଷା

"ଆମ ମହାଦେଶରେ ଏକ ବଡ଼ ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ୟୁକ୍ରେନୀୟ ବନ୍ଧୁମାନଙ୍କ ଭଳି ବୀରତ୍ୱ ଓ ସାହସ ଦେଖାଇବାକୁ ସମସ୍ତଙ୍କୁ ଅନୁରୋଧ।

–ଋଷି ସୁନକ, ବ୍ରିଟେନ ପ୍ରଧାନମନ୍ତ୍ରୀ

"ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲାଗି ୟୁକ୍ରେନ୍‌ର ଯେତେ ଅଧିକ ସମ୍ଭବ ଅଞ୍ଚଳକୁ ରୁଷିଆ ଦଖଲ କରିବା ଉଚିତ। ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ ଦଖଲ କରିବାରେ ରୁଷିଆ ବିଫଳ ହେଲେ ଭବିଷ୍ୟତରେ ଅଶାନ୍ତି ବଢ଼ିବ।

–ଡିମିଟ୍ରି ମେଡ୍‌ଭେଡେଭ୍, ରୁଷୀୟ ସୁରକ୍ଷା ପରିଷଦ ଉପମୁଖ୍ୟ

## ଜି୨୦: ମାର୍ଚ୍ଚ ୧ରେ ଆସିବେ ବ୍ଲିଙ୍କେନ୍

ୱାଶିଂଟନ,୨୪।୨(ପି.ଟି.)

ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଆସନ୍ତା ମାର୍ଚ୍ଚ ୧ରେ ଭାରତ ଗସ୍ତରେ ଆସିବେ। ସେ ଜି୨୦ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକରେ ଭାଗନେବେ। ଏଥିସହିତ ଭାରତ-ଆମେରିକା ସମ୍ପର୍କକୁ ଅଧିକ ମଜଭୁତ କରିବା ପାଇଁ ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଗତବର୍ଷ ଡିସେମ୍ବରରେ ଭାରତ ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିଥିଲା। ଜି୨୦ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକରେ ବହୁପକ୍ଷୀୟତାକୁ ସୁଦୃଢ଼ କରାଯିବ ସହ ଖାଦ୍ୟ, ଶକ୍ତି ସୁରକ୍ଷା, ସ୍ଥାୟୀ ବିକାଶ, ବୈଶ୍ୱିକ ସ୍ୱାସ୍ଥ୍ୟ, ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ରିଲିଫ୍, ଲିଙ୍ଗଗତ ସମାନତା, ମହିଳା ସଶକ୍ତୀକରଣ ଆଦି ପ୍ରସଙ୍ଗରେ ସହଯୋଗ ବଢ଼ାଇବା ଉପରେ ଆଲୋଚନା କରାଯିବ। ଭାରତ-ଆମେରିକା ସମ୍ପର୍କ ବଢ଼ାଇବା ପାଇଁ ବ୍ଲିଙ୍କେନ୍ ଭାରତ ସରକାରଙ୍କ ଅଧିକାରୀ ଏବଂ ସିଭିଲି ସୋସାଇଟି ସହ ଆଲୋଚନା କରିବେ ବୋଲି ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି। କାଜାକସ୍ତାନ ଏବଂ ଉଜ୍‌ବେକିସ୍ତାନ ଗସ୍ତ ସାରି ବ୍ଲିଙ୍କେନ୍ ୧ ତାରିଖରେ ନୂଆଦିଲ୍ଲୀରେ ପହଞ୍ଚିବେ।



ଆଣ୍ଟୋନି ବ୍ଲିଙ୍କେନ

## ୟୁଏନ୍‌ଜିଏରେ ପାକିସ୍ତାନକୁ ଭାରତର ନିନ୍ଦା

ଜାତିସଂଘ,୨୪।୨(ପି.ଟି.)

ଜାତିସଂଘ ସାଧାରଣ ସଭାରେ ୟୁକ୍ରେନ୍ ଉପରେ ସ୍ୱତନ୍ତ୍ର ଅଧିବେଶନ ବସିଥିବାବେଳେ ସେଠାରେ ପାକିସ୍ତାନ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇବାରୁ ଭାରତ ଏହାର ନିନ୍ଦା କରିଛି। ଇସ୍‌ଲାମାବାଦ ଏଭଳି ପ୍ରସଙ୍ଗ ଉଠାଇବା ଦୁଃଖଦାୟକ ଓ ଭୁଲ୍ ଉପସ୍ଥାପନା ବୋଲି ନୂଆଦିଲ୍ଲୀ କହିଛି। ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟ ଯୋଗାଇଥିବା ପାକିସ୍ତାନର ପୂର୍ବ ରେକର୍ଡ ସମ୍ପର୍କରେ ଭାରତ ଜାତିସଂଘ ଅଧିବେଶନରେ କହିଥିଲା। ପାକିସ୍ତାନର ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଭାରତ ଏଥର କିଛି କହିବାକୁ ଚାହୁଁ ନ ଥିଲା। ପାକିସ୍ତାନ ପ୍ରତିନିଧି ଆମର ଜବାବ ରଖିବା ଅଧିକାର ବିଷୟରେ ଆଲୋଚନା କରିବା ଉଚିତ ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନ ପରାମର୍ଶଦାତା ପ୍ରତୀକ ମାଥୁର କହିଥିଲେ।

## ୫,୧୦୦ କର୍ମଚାରୀ ନିଯୁକ୍ତ କରିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୨୪।୨

ଏୟାରବସ୍ ଏବଂ ବୋଇଂ କମ୍ପାନୀଠାରୁ ୪୭୦ଟି ବିମାନ କିଣିବା ପାଇଁ ଏୟାର ଇଣ୍ଡିଆ ୮୦ ବିଲିୟନ ଡଲାର ମୂଲ୍ୟର ଚୁକ୍ତି ସ୍ୱାକ୍ଷର କରିବା ପରେ ଚଳିତ ବର୍ଷ ୯୦୦ ପାଇଲଟ ଏବଂ ୪,୨୦୦ରୁ ଊର୍ଦ୍ଧ୍ୱ କ୍ୟାବିନ୍ କର୍ମଚାରୀ ନିଯୁକ୍ତ କରିବା ଲାଗି ଯୋଜନା କରିଛି। ଏହା ବ୍ୟତୀତ ୩୬ ବିମାନ ଲିଜ୍‌ରେ ନେବା ପାଇଁ ମଧ୍ୟ ଯୋଜନା ହୋଇଥିବାବେଳେ ସେଥିରୁ ଦୁଇଟି ବି୭୭୭-୨୦୦ ଏଲ୍‌ଆର୍‌କୁ ଉକ୍ତ ଏୟାରଲାଇନ୍ସରେ ସାମିଲ କରାଯାଇଛି। ନୂଆ ବିମାନ ପହଞ୍ଚିବା ପରେ ଏୟାର ଇଣ୍ଡିଆର ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନସେବା ବଢ଼ାଇଦିଆଯିବ। ପାଇଲଟ ଏବଂ କ୍ରିଉ ମେମ୍ବର ନିଯୁକ୍ତି ଲାଗି ଯେଉଁମାନେ ଚୟନ ହେବେ, ସେମାନଙ୍କୁ ୧୫ ସପ୍ତାହ ତାଲିମରେ ପଠାଯିବ। ସେମାନଙ୍କୁ ନିରାପତ୍ତା ଓ ସେବା ଦକ୍ଷତା, ଶ୍ରେଷ୍ଠ ଭାରତୀୟ ଆତିଥେୟତା ଏବଂ ଟାଟା ଗ୍ରୁପ୍‌ର ସଂସ୍କୃତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ଗତବର୍ଷ ମେ'ରୁ ଚଳିତ ଫେବୃୟାରୀ ମଧ୍ୟରେ ଏୟାର ଇଣ୍ଡିଆ ୧,୯୦୦ କ୍ୟାବିନ କ୍ରିଉଙ୍କୁ ନିଯୁକ୍ତ କରିଥିଲା।

## ଭାରତୀୟ କନ୍‌ସୁଲେଟ୍‌କୁ ଖଲିସ୍ତାନୀଙ୍କ ଟାର୍ଗେଟ

ମେଲ୍‌ବୋର୍ନ,୨୪।୨(ପି.ଟି.)

ଅଷ୍ଟ୍ରେଲିଆରେ ବ୍ରିସ୍‌ବେନ୍‌ରେ ଥିବା ଭାରତର ଅନରାରି କନ୍‌ସୁଲେଟ୍‌କୁ ଖଲିସ୍ତାନୀ ସମର୍ଥକମାନେ ଟାର୍ଗେଟ କରିଛନ୍ତି। ସେମାନେ କନ୍‌ସୁଲେଟ୍ କାର୍ଯ୍ୟାଳୟ ଆଗରେ ଖଲିସ୍ତାନୀ ପତାକା ଉଡ଼ାଇଛନ୍ତି। ଅଷ୍ଟ୍ରେଲିଆରେ ଭାରତୀୟ ସମ୍ପ୍ରଦାୟଙ୍କ ବିରୋଧରେ ଏହା ସଦ୍ୟତମ ଉଗ୍ରବାଦୀ କାର୍ଯ୍ୟ ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଅଷ୍ଟ୍ରେଲିଆରେ ଭାରତୀୟମାନଙ୍କୁ ଉଗ୍ରବାଦୀ ଟାର୍ଗେଟ କରୁଥିବାରୁ ସତର୍କ ରହିବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କିଛିଦିନ ପୂର୍ବରୁ ସେଠାରେ କହିଥିଲେ। ବ୍ରିସ୍‌ବେନ୍‌ର ସ୍ୱାନ୍ ରୋଡ୍‌ଠାରେ ଥିବା ଭାରତର ଅନରାରି କନ୍‌ସୁଲେଟ୍‌କୁ ଗତ ୨୧ ତାରିଖରେ ଖଲିସ୍ତାନୀ ସମର୍ଥକମାନେ ଟାର୍ଗେଟ୍ କରିଥିବା ଅଷ୍ଟ୍ରେଲିଆ ଟୁଡ଼େ ପୋର୍ଟାଲରେ ପ୍ରକାଶ ପାଇଛି। ଭାରତୀୟ କନ୍‌ସଲ ଅର୍ଚ୍ଚନା ସିଂ ଏ ନେଇ କୁଇନ୍ସଲାଣ୍ଡ ପୋଲିସକୁ ଜଣାଇଥିଲେ। ଏହା ପୂର୍ବରୁ ଉଗ୍ରପନ୍ଥୀମାନେ ଜାନୁୟାରୀ ୨୩ରେ ମେଲବର୍ନର ଆଲବର୍ଟ ପାର୍କରେ ଥିବା ଇସ୍କନ୍ ମନ୍ଦିରରେ ଭଙ୍ଗାରୁଜା କରିବା ସହ ହିନ୍ଦୁସ୍ଥାନ ମୁର୍ଦ୍ଦାବାଦ ପୋଷ୍ଟର ଲଗାଇଥିଲେ। ଏହାର ସପ୍ତାହେ ପୂର୍ବରୁ ଭିକ୍ଟୋରିଆର କାରମ୍ ଡାଉନ୍ସରେ ଥିବା ଶ୍ରୀ ଶିବ ବିଷ୍ଣୁ ମନ୍ଦିରରେ ଅନୁରୂପ ଭାବେ ଭଙ୍ଗାରୁଜା କରାଯାଇଥିଲା। ଜାନୁୟାରୀ ୧୨ରେ ଭାରତ ବିରୋଧୀ ତତ୍ତ୍ୱମାନେ ମେଲବର୍ନରେ ଥିବା ସ୍ୱାମୀନାରାୟଣ ମନ୍ଦିରରେ ଭଙ୍ଗାରୁଜା କରିଥିଲେ।

## ଅମ୍ରିତପାଲ୍‌ଙ୍କ ସହଯୋଗୀ ଜେଲରୁ ମୁକ୍ତ

**ଅମୃତସର,୨୪।୨:** ପଞ୍ଜାବର ଏକ ଥାନାରେ ଖଲିସ୍ତାନୀ ସମର୍ଥକମାନଙ୍କ ହଙ୍ଗାମାର ଦିନକ ପରେ ଅମ୍ରିତପାଲ୍ ସିଂଙ୍କ ସହଯୋଗୀ ତଥା ଅପହରଣ ଅଭିଯୁକ୍ତ ଲଭପ୍ରୀତ୍ ସିଂ 'ତୁଫାନ'ଙ୍କୁ ଶୁକ୍ରବାର ଅମୃତସର କେନ୍ଦ୍ରୀୟ ଜେଲରୁ ମୁକ୍ତ କରିଦିଆଯାଇଛି। ଗୁରୁବାର ଖଲିସ୍ତାନୀ ନେତା ଅମ୍ରିତପାଲ୍‌ଙ୍କ ନେତୃତ୍ୱରେ ଶହ ଶହ ସମର୍ଥକ ଖଣ୍ଡା ଓ ବନ୍ଧୁକ ଧରି ଅମୃତସର ସହର ଉପକଣ୍ଠ ଅଜନାଲା ଥାନାରେ ଧସେଇ ପଶିବା ସହ ତୁମୁଳକାଣ୍ଡ ଘଟାଇଥିଲେ। ତୁଫାନଙ୍କୁ ଛାଡ଼ିଦିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ସେମାନେ ଫେରିଯାଇଥିଲେ। ଶୁକ୍ରବାର ପୋଲିସର ଆବେଦନକ୍ରମେ ସ୍ଥାନୀୟ ଅଦାଲତ ତୁଫାନଙ୍କୁ ଜେଲରୁ ମୁକ୍ତ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ଅମ୍ରିତପାଲ୍ ସିଂ

# ପାକିସ୍ତାନୀ ଏଜେଣ୍ଟଙ୍କୁ ତଥ୍ୟ ଦେଉଥିଲେ ବରିଷ୍ଠ ଅଧିକାରୀ

**ଚାନ୍ଦିପୁର ଆଇଟିଆରରୁ ପୁଣି ତଥ୍ୟ ଲିକ୍**

**ପୂର୍ବରୁ ୨ ମାମଲାରେ ଗିରଫ ହୋଇଛନ୍ତି ୬**

ବାଲେଶ୍ୱର ଅଫିସ, ୨୪।୨

ତଥ୍ୟ ଲିକ୍ ଅଭିଯୋଗରେ ପୁଣି ଥରେ ଚର୍ଚ୍ଚାର ପରିସର ମଧ୍ୟକୁ ଚାଲି ଆସିଛି ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍)। ପୂର୍ବରୁ ଏଠାରୁ ତଥ୍ୟ ଲିକ୍ ଅଭିଯୋଗରେ କେତେଜଣ ଠିକା କର୍ମଚାରୀ ଗିରଫ ହୋଇଥିବାବେଳେ ଏବେ ଜଣେ ବରିଷ୍ଠ ଅଧିକାରୀ ଗିରଫ ହେବା ଏଠାକାର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ହନିଟ୍ରାପ୍‌ରେ ଫସି ଆଇଟିଆରର ଜଣେ ବରିଷ୍ଠ ଅଧିକାରୀ ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଇଥିବା ଅଭିଯୋଗ ହୋଇଛି। ହ୍ୱାଟ୍‌ସଆପ୍‌ରେ ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ ପାକିସ୍ତାନ ରାୱଲପିଣ୍ଡିର ଜଣେ ମହିଳା ଏଜେଣ୍ଟ ଏହି ତଥ୍ୟ ହାସଲ କରିନେଇଥିବା କୁହାଯାଉଛି। ଏସମ୍ପର୍କରେ ପୋଲିସ ଓ ସେଣ୍ଟ୍ରାଲ ଏଜେନ୍ସି ଜାଣିବା ପରେ ଉକ୍ତ ଅଧିକାରୀ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଧିକାରୀ ଜଣକ ହେଲେ ବାବୁରାମ ଦେ(୫୧)। ସେ ଚାନ୍ଦିପୁର ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ବାଗପୁଞ୍ଜି ଗ୍ରାମରେ। ବାବୁରାମଙ୍କଠାରୁ ଏକ ମୋବାଇଲ ଫୋନ ଜବତ କରାଯାଇଛି। ତାଙ୍କ ବିରୋଧରେ ଚାନ୍ଦିପୁର ଥାନାରେ ଆଇପିସି ଦଫା ୧୨୦(ଏ)/୧୨୦(ବି)/୩୪ ଏବଂ ଅଫିସିଆଲ୍ ସିକ୍ରେଟ୍ ଆକ୍ଟର ଦଫା ୩, ୪, ୫ରେ ଏକ ମାମଲା(ନଂ. ୨୫/୨୩) ରୁଜୁ ହୋଇଛି। ଶୁକ୍ରବାର ବାବୁରାମ୍‌ଙ୍କୁ କୋର୍ଟଚାଲାଣ କରାଯାଇଥିବା ପୂର୍ବାଞ୍ଚଳ ଆଇଜିଙ୍କ ଅଫିସ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଜି ହିମାଂଶୁ ଲାଲ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ତଥ୍ୟ ଲିକ୍ ମାମଲାର ଅଭିଯୁକ୍ତ ତାଲିକାର ୨ୟ ନମ୍ବରରେ ପାକିସ୍ତାନ ରାୱଲପିଣ୍ଡିର ଜଣେ ଅଜଣା ବ୍ୟକ୍ତି ବୋଲି ଉଲ୍ଲେଖ କରାଯାଇଥିବାବେଳେ ତାଙ୍କ ପରିଚୟ ପାଇଁ ତଦନ୍ତ ଆରମ୍ଭ ହୋଇଥିବା ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ବାବୁରାମ ଡିଆର୍‌ଡିଓ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ଏଜେନ୍ସି ଦ୍ୱାରା ପ୍ରାୟ ସମସ୍ତ ମିଶାଇଲ୍, କ୍ଲଷ୍ଟର ବମ୍ ଆଦି ପରୀକ୍ଷା ସମୟରେ ଉପସ୍ଥିତ ରହିଥାନ୍ତି। ସେ ଡିଆର୍‌ଡିଓ କର୍ମଚାରୀ ଓ ବୈଜ୍ଞାନିକମାନଙ୍କ ସହିତ ଯୋଗାଯୋଗରେ ରହି ମିଶାଇଲ୍ ଲଞ୍ଚ ସମ୍ବନ୍ଧୀୟ ସମ୍ବେଦନଶୀଳ ବୈଷୟିକ ତଥ୍ୟର ସୂଚନା ସମ୍ପର୍କରେ ଅବଗତ ରୁହନ୍ତି। ଏହା ବ୍ୟତୀତ ମିଶାଇଲ୍ ପରୀକ୍ଷଣ ସମ୍ବନ୍ଧରେ ସେ ଅଗ୍ରିମ ସୂଚନା ପାଇଥାନ୍ତି। ଅଭିଯୁକ୍ତ ବାବୁରାମ ବର୍ଷେ ହେଲା ଭାରତର ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ପାକିସ୍ତାନକୁ ଯୋଗାଇ ଆସୁଥିବା ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି। ବାବୁରାମ୍ ଜଣେ ପାକିସ୍ତାନୀ ଏଜେଣ୍ଟଙ୍କ ସହ ହ୍ୱାଟ୍‌ସଆପ୍ ମୋବାଇଲ (ନଂ. ୯୧୭୨୦୭୪୫୮୮୨୮) ଜରିଆରେ ଯୋଗାଯୋଗରେ ରହୁଥିଲେ। ମିଶାଇଲ ପରୀକ୍ଷା ସମ୍ବନ୍ଧୀୟ ବର୍ଗୀକୃତ ପ୍ରତିରକ୍ଷା ସୂଚନା ମେସେଜ୍, ଫଟୋ ଓ ଭିଡ଼ିଓ ଇଣ୍ଟରନେଟ୍ ମାଧ୍ୟମରେ ମହିଳା ଏଜେଣ୍ଟଙ୍କୁ ପ୍ରତିରକ୍ଷା ସୂଚନା ଦେଉଥିଲେ। ଏହାର ପ୍ରତିବଦଳରେ, ବାବୁରାମ ଆର୍ଥିକ ଲାଭ ସହ ଅଶ୍ଳୀଳ ବାର୍ତ୍ତାଳାପ କରି ଅଶ୍ଳୀଳ ଫଟୋ ଏବଂ ଭିଡିଓ ଆଦାନପ୍ରଦାନ କରି ଆନନ୍ଦ ପାଉଥିଲେ। ଏହା ଜଣାପଡ଼ିବା ପରେ ବାଲେଶ୍ୱର ପୋଲିସ ଏବଂ ସେଣ୍ଟ୍ରାଲ ଏଜେନ୍ସି ମିଳିତ ଭାବେ ତଦନ୍ତ କରି ବାବୁରାମଙ୍କୁ ଗିରଫ କରିବା ସହ ତାଙ୍କର ମୋବାଇଲ ଜବତ କରିଥିଲେ। ପ୍ରାଥମିକ ତଦନ୍ତରୁ ବିଦେଶୀ ଏଜେଣ୍ଟ ଦ୍ୱାରା ବ୍ୟବହୃତ ହ୍ୱାଟସ୍‌ଆପ୍ ନମ୍ବରଟି ପାକିସ୍ତାନର ରାୱଲପିଣ୍ଡି ଅଞ୍ଚଳର ବୋଲି ଜଣାପଡ଼ିଛି। ପାକିସ୍ତାନୀ ଏଜେଣ୍ଟମାନଙ୍କୁ ଗୁପ୍ତ ପ୍ରତିରକ୍ଷା ସୂଚନା ଦେବା ଜାତୀୟ ପ୍ରତିରକ୍ଷା ସୁରକ୍ଷା ପାଇଁ ବଡ଼ ବିପଦ। ଏହା ଭାରତୀୟ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଏବଂ ଏହାର ଅସ୍ତ୍ରଶସ୍ତ୍ର ଯେପରିକି କ୍ଷେପଣାସ୍ତ୍ର, କ୍ଲଷ୍ଟର ବମ୍, ପରମାଣୁ ଶକ୍ତି ଇତ୍ୟାଦି ପାଇଁ ଗୁରୁତର କ୍ଷତି ଘଟାଇପାରେ। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ତଥ୍ୟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ନାଥ ପ୍ରକାଶ କରିଛନ୍ତି।

ସୂଚନା ଯେ, ୨୦୧୪ରେ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ଡିଆର୍‌ଡିଓର ଗୁପ୍ତ ତଥ୍ୟ ଲିକ୍ କରିବା ପ୍ରସଙ୍ଗରେ ଚାନ୍ଦିପୁର ପୋଲିସ ଠିକା ଫଟୋଗ୍ରାଫର ଭାବେ କାର୍ଯ୍ୟ କରୁଥିବା ଈଶ୍ୱର ବେହେରାଙ୍କୁ ଗିରଫ କରିଥିଲା। କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବରୁ ସବୁ ଘଟଣାକୁ ଈଶ୍ୱର ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଜଣେଇ ଦେଉଥିଲେ। ସେ ମିରଟର ଆଇଏସ୍‌ଆଇ ଗୋଇନ୍ଦା ଅସିଫ ଅଲ୍ଲୀଙ୍କ ଯୋଗାଯୋଗରେ ଥିଲେ। ଏହାର ପ୍ରତିବଦଳରେ ଈଶ୍ୱରଙ୍କ ଆକାଉଣ୍ଟକୁ ବିଭିନ୍ନ ସମୟରେ ବହୁତ ଟଙ୍କା ଆସିଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

ପରେ ୨୦୨୧ ସେପ୍ଟେମ୍ବରରେ ଡିଆରଡିଓର ଗୁପ୍ତଚରୀ ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦିପୁର ଥାନା ଝାଙ୍ଗୁରା ଗ୍ରାମର ବସନ୍ତ ବେହେରା (୫୨), ଆଇଟିଆର୍‌ରେ ଠିକା କର୍ମଚାରୀ ଡିଜି ଅପରେଟର ଭାବେ କାର୍ଯ୍ୟ କରୁଥିବା ସଦର ଥାନା ଅନ୍ତର୍ଗତ ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରୀ (୫୨), ଆଇଟିଆର୍‌ରେ ଠିକା କର୍ମଚାରୀ ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ଅନ୍ତର୍ଗତ ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ (୪୧), ଆଇଟିଆର୍‌ରେ ଠିକା କର୍ମଚାରୀ ଏସି ଅପରେଟର ଭାବେ କାର୍ଯ୍ୟ କରୁଥିବା ଚାନ୍ଦିପୁର ଥାନା ଶ୍ରୀକୋଣା ଗ୍ରାମର ଏସ୍‌କେ ମୁସାଫିର (୩୨) ଓ ଡିଆର୍‌ଡିଓର ସ୍ଥାୟୀ ଡ୍ରାଇଭର ଉତ୍ତରପ୍ରଦେଶ ଅଞ୍ଚଳର ସଚିନ ଛଥା (୪୨)। ହନିଟ୍ରାପ୍‌ର ଶିକାର ହୋଇ ଯୁବତୀଙ୍କ ପ୍ରେମ ଓ ଅର୍ଥ ଲୋଭରେ ଉକ୍ତ ୫ଜଣ ଅଭିଯୁକ୍ତ ଶତ୍ରୁ ଦେଶକୁ ଡିଆର୍‌ଡିଓର ଗୁପ୍ତ ତଥ୍ୟ ମହିଳାଙ୍କୁ ଜଣାଉଥିବା ଜଣାପଡ଼ିଥିଲା।



ଅଭିଯୁକ୍ତ ବାବୁରାମ ଦେ'ଙ୍କୁ କୋର୍ଟକୁ ନିଆଯାଉଛି।

# ୫ଦିନ ଯାଏ ୩ରୁ ୪ଡିଗ୍ରୀ ତାପମାତ୍ରା ବଢ଼ିବ

**ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ରେକର୍ଡ**



ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରାଜ୍ୟରେ ଏବେଠାରୁ ଅସମ୍ଭାଳ ହେଲାଣି ତାତି। ଫେବୃୟାରୀରେ ପାରଦ ୪୦ଡିଗ୍ରୀ ଛୁଇଁଯିବ ବୋଲି ପାଣିପାଗ ବିଭାଗ ଆକଳନ କରୁଥିବା ବେଳେ ଏବେ ରାଜ୍ୟରେ ବିଭିନ୍ନ ସ୍ଥାନରେ ତାପମାତ୍ରା ୩୭ ଡିଗ୍ରୀ ଉପରେ ରହୁଛି। ଅନ୍ୟପଟେ ରାଜଧାନୀ ଭୁବନେଶ୍ୱର ଗତ କିଛିଦିନ ହେବ ସବୁଠାରୁ ଉତ୍ତପ୍ତ ସହର ରହୁଛି। ଶୁକ୍ରବାର ଭୁବନେଶ୍ୱର ଓ ମାଲକାନଗିରିରେ ସର୍ବାଧିକ ୩୮ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ତାଳଚେରରେ ୩୭.୬, ବୌଦ୍ଧ ୩୭.୬, ଅନୁଗୋଳ ୩୭.୩, ସମ୍ବଲପୁର ୩୭.୩, ବଲାଙ୍ଗୀର ୩୭.୧, ବାରିପଦା ୩୬, ଝାରସୁଗୁଡ଼ା ୩୬.୮, ସୁନ୍ଦରଗଡ଼ ୩୬, ହୀରାକୁଦ ୩୬.୭, ଟିଟିଲାଗଡ଼ ୩୬.୬, ସୋନପୁର ୩୬.୩, ନୟାଗଡ଼ ୩୬, ଭଦ୍ରକ ୩୬, ଖୋର୍ଦ୍ଧାରେ ୩୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଏହି ତାପମାତ୍ରାକୁ ଦେଖିଲେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ଦିନ ତାପମାତ୍ରାରେ ଆହୁରି ୩ରୁ ୪ଡିଗ୍ରୀ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ତେବେ ଏହି ସମୟରେ ରାତ୍ରି ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷେ ଆସନ୍ତା ଦୁଇଦିନ ରାଜ୍ୟର କିଛି ସ୍ଥାନରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ମଧ୍ୟ ଜାରି କରାଯାଇଛି। ଶନିବାର ଅନୁଗୋଳ, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଘନ କୁହୁଡ଼ି ଦେଖାହେବ। ଏହାଛଡ଼ା ବାଲେଶ୍ୱର, ଭଦ୍ରକ, ଯାଜପୁର, ଗଞ୍ଜାମ, ଗଜପତି, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ ଓ ମୟୂରଭଞ୍ଜରେ ସ୍ୱଳ୍ପ ଧରଣର କୁହୁଡ଼ି ହେବ ବୋଲି ଆକଳନ କରାଯାଇଛି। ରବିବାର କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ଘନ କୁହୁଡ଼ି ହେବ ଏବଂ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, ଖୋର୍ଦ୍ଧା ଓ ପୁରୀରେ ମଧ୍ୟ ଅଳ୍ପ କୁହୁଡ଼ି ଅନୁଭୂତ ହେବ।

# ପୂରଣ ହେବ ୧,୫୪୩ ପୋଷ୍ଟ ଗ୍ରାଜୁଏଟ୍ ଟିଚର୍ସ ପଦବୀ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରାଜ୍ୟର ୨୨୬ଟି ବେସରକାରୀପୂର୍ଣ୍ଣ ଅନୁଦାନପ୍ରାପ୍ତ (୪୮ ବର୍ଗ) ଉଚ୍ଚ ମାଧ୍ୟମିକ ସ୍କୁଲରେ ୧,୫୪୩ ପୋଷ୍ଟ ଗ୍ରାଜୁଏଟ୍ ଟିଚର୍ସ ପଦବୀ ପୂରଣ ହେବ। ଏ ପଦବୀ ପୂରଣ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଚିଠି ଲେଖାଯାଇଛି। ଏହି ୧,୫୪୩ ପଦବୀ ମଧ୍ୟରେ ୩୪୫ଟି ଏସ୍‌ଟି, ୨୪୮ଟି ଏସ୍‌ସି, ୧୭୨ଟି ଏସ୍‌ଇବିସି ଏବଂ ୭୭୮ଟି ଅଣ୍ଡର ରିଜର୍ଭ ବର୍ଗ ପାଇଁ ରହିଛି। ୨୫ବିଷୟ ପାଇଁ ପୂରଣ ହେବାକୁ ଥିବା ଏହି ପଦବୀରେ ଓଡ଼ିଆରେ ସର୍ବାଧିକ ୨୫୪ ପଦବୀ ରହିଥିବା ବେଳେ ଇତିହାସରେ ୨୧୫, ରାଜନୀତି ବିଜ୍ଞାନରେ ୨୧୦, ଇଂଲିଶରେ ୧୯୫, ଅର୍ଥନୀତିରେ ୧୯୧, ଏଜୁକେଶନରେ ୭୭, ଲଜିକ/ଫିଲୋଶୋଫିରେ ୬୦, ସଂସ୍କୃତରେ ୫୩, ଉଦ୍ଭିଦ ବିଜ୍ଞାନରେ ୩୭, ରସାୟନ ବିଜ୍ଞାନରେ ୩୯, ଜୀବ ବିଜ୍ଞାନରେ ୩୪, ଗଣିତରେ ୪୪, ପଦାର୍ଥ ବିଜ୍ଞାନରେ ୩୯, ସୋସିଓଲୋଜିରେ ୨୪, ବାଣିଜ୍ୟରେ ୨୮, ଆନ୍ଥ୍ରୋପଲୋଜି ୧, ଭୂଗୋଳରେ ୬, ଜିଓଲୋଜିରେ ୩, ହିନ୍ଦୀରେ ୩, ହୋମ୍ ସାଇନ୍ସରେ ୧୨, ଆଇଆର୍‌ପିଏମ୍ ୩, ସାଇକୋଲୋଜି ୯, ଷ୍ଟାଟିଷ୍ଟିକ୍ସ ୧, ତେଲୁଗୁ ୩ ଏବଂ ଉର୍ଦ୍ଦୁ ବିଷୟ ପାଇଁ ୨ଟି ପଦବୀ ରହିଛି।

# ଏମ୍‌ସିଡି ହାଉସ୍ ରଣକ୍ଷେତ୍ର

**ଏଏପି-ଭାଜପା କାଉନ୍‌ସିଲରଙ୍କ ମଧ୍ୟରେ ସଂଘର୍ଷ**



ଏମ୍‌ସିଡି ହାଉସ୍‌ରେ ଭାଜପା ଏବଂ ଏଏପି କାଉନ୍‌ସିଲରଙ୍କ ମଧ୍ୟରେ ମାରପିଟ।

ନୂଆଦିଲ୍ଲୀ,୨୪।୨

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି)ର ଷ୍ଟାଣ୍ଡିଂ କମିଟି ସଦସ୍ୟ ନିର୍ବାଚନରେ ଭୋଟ ପୁନଃ ଗଣନାକୁ ଏଏପି କାଉନସିଲରମାନେ ବିରୋଧ କରିଥିଲେ। ଏମ୍‌ସିଡି ମେୟର ଶେଲି ଓବେରୟ ଶୁକ୍ରବାର ପୁନଃଗଣତିକୁ ବନ୍ଦ କରିବା ପରେ ଏହାକୁ ନେଇ ଗୃହରେ ତୁମୁଳ କାଣ୍ଡ ଘଟିଯାଇଛି। ଏଏପି ଏବଂ ଭାଜପା କାଉନସିଲରମାନେ ପରସ୍ପରକୁ ମୁଥ ଓ ଗୋଇଠା ମାରିବା ସହ ଚୁଟି ଘୋଷାଡୁଥିବା ଦେଖାଯାଇଥିଲା। କେତେଜଣଙ୍କ କୁର୍ତ୍ତା ଚିରିଯାଇଥିଲା। ସଂଘର୍ଷ ବେଳେ ଦୁଇଜଣ ସଦସ୍ୟ ତଳେ ପଡ଼ିଯାଇଥିଲେ। ଏଏପି କାଉନସିଲର ଅଶୋକ କୁମାର ମାନୁ ମୂର୍ଚ୍ଛା ଯାଇଥିଲେ। କାଉନସିଲରମାନେ ଏଭଳି ନିର୍ଲଜ ହୋଇଯାଇଥିଲେ ଯେ, ସେମାନେ ମହିଳା ସଦସ୍ୟମାନଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ମେୟର ଓବେରୟଙ୍କୁ ମଧ୍ୟ ଭାଜପା ଗୁଣ୍ଡାମାନେ ଆକ୍ରମଣ କରିଥିବା ଏଏପି ଅଭିଯୋଗ କରିଛି। ମହିଳା ସୁରକ୍ଷାକର୍ମୀମାନେ ତାଙ୍କୁ ଏସ୍‌କର୍ଟ କରି ନେଇଯାଇଥିଲେ।

ପୁନଃଗଣତି ପ୍ରକ୍ରିୟା ବନ୍ଦ ଲାଗି ମେୟରଙ୍କ ନିଷ୍ପତ୍ତି ବିରୋଧରେ ଭାଜପା କାଉନସିଲରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମାଇକ ଭାଙ୍ଗିବା ଏବଂ ବାଲଟ ପେପର ଚିରିବା ଆରମ୍ଭ କରିଦେଇଥିଲେ। ସେମାନେ ଗୃହରେ ସ୍ଲୋଗାନ ଦେବା ସହ ପୋଲିଂ ବୁଥ୍‌କୁ ଭାଙ୍ଗିଦେଇଥିଲେ। ପୁନଃଗଣତି ପାଇଁ ଗୋଟିଏ ଦଳ ଚାହୁଁଥିବାବେଳେ ଅନ୍ୟ ଦଳ ବିରୋଧ କରୁଥିବାରୁ ଏହାକୁ ସ୍ଥଗିତ ରଖାଗଲା ବୋଲି ମେୟର ଓବେରୟ କହିଥିଲେ। ପୂର୍ବରୁ ସବୁଠୁ ପ୍ରଭାବଶାଳୀ ଷ୍ଟାଣ୍ଡିଂ କମିଟି ସଦସ୍ୟ ନିର୍ବାଚନ ଲାଗି ଭୋଟଗ୍ରହଣ ପରେ ଗୋଟିଏ ଭୋଟକୁ ନେଇ କାଉନସିଲରମାନଙ୍କ ମଧ୍ୟରେ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ମେୟର ଉକ୍ତ ଭୋଟକୁ ଅବୈଧ ଘୋଷଣା କରିଥିଲେ।

ଭାଜପାର ଜଣେ କାଉନସିଲର କହିଛନ୍ତି, ଭୋଟ ବୈଧ ଥିଲା। ଏହାକୁ ଅବୈଧ ଘୋଷଣା କରାଯିବା ଦ୍ୱାରା ଏଏପି ପ୍ରାର୍ଥୀ ବିଜୟୀ ହୋଇଯିବେ। ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ଭୋଟ ଗଣନା ନିୟମାବଳୀକୁ ମେୟର ଉପେକ୍ଷା କରିଥିବା ଅନ୍ୟ ଜଣେ ଭାଜପା କାଉନସିଲର ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ମେୟର କହିଛନ୍ତି, ଭାଜପା ଏକ ଗୁଣ୍ଡା ଦଳ ବୋଲି ଏମ୍‌ସିଡି ହାଉସ୍‌ରେ ହଙ୍ଗାମା କରି ସାରା ଦେଶକୁ ଦେଖାଇ ଦେଇଛି। ସେମାନେ ଗୋଟିଏ ଭୋଟରେ ହାରିଯିବେ ଜାଣିବା ପରେ ଏଏପି ସଦସ୍ୟମାନଙ୍କୁ ଆକ୍ରମଣ ଆରମ୍ଭ କରିଥିଲେ। ସେମାନେ ଟେବୁଲ ଉପରେ ଚଢ଼ି ଧମକ ଦେଇଥିଲେ ବୋଲି ମେୟର କହିଛନ୍ତି।

# ପାଠ୍ୟକ୍ରମରେ ସାମିଲ ହେଲା ଆସ୍ପିରେଶନାଲ କମ୍ପୋନେଣ୍ଟ

**ଦଶମ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବେ ନୂଆ ବିଷୟ**

**ଏପ୍ରିଲରୁ ୨୦୨୩-୨୪ ଶିକ୍ଷାବର୍ଷ**

କଟକ ଅଫିସ,୨୪।୨

ଆସନ୍ତା ଏପ୍ରିଲରୁ ଆରମ୍ଭ ହେବାକୁ ଥିବା ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ନୂଆ ବିଷୟ ପଢ଼ିବେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପ୍ରକାଶିତ ଭୌତିକ ବିଜ୍ଞାନ ବହିରେ ଷ୍ଟାର ଚିହ୍ନ ଥିବା ବିଷୟଗୁଡ଼ିକ ୨୦୨୩-୨୪ ଶିକ୍ଷାବର୍ଷ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଏହି ବିଷୟଗୁଡିକରୁ ଆସେସମେଣ୍ଟ ପରୀକ୍ଷାରେ ପ୍ରଶ୍ନ ଆସିବ। ଉଭୟ ସବ୍‌ଜେକ୍ଟିଭ ଏବଂ ଅବଜେକ୍ଟିଭ ବିଷୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ସେହିଭଳି ଆସ୍ପିରେସନାଲ କମ୍ପୋନେଣ୍ଟ ଭାବେ ନୂତନ ବିଷୟକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଏହି ବିଷୟରେ ୪ଟି ବିଭାଗ ଯଥା- ବୁକ୍ ରିଭ୍ୟୁ, ପ୍ରୋଜେକ୍ଟ ୱାର୍କ, କୋ-କରିକୁଲାର ଆକ୍ଟିଭିଟିଜ୍ ଏବଂ ବେସିକ ଆଇଟି ସ୍କିଲ୍ସ ରହିଛି। ପ୍ରତି ବିଭାଗରେ ୨୫ ମାର୍କ ଲେଖାଏ ପରୀକ୍ଷା ଦେବେ। ପ୍ରତିବର୍ଷ ୪ଟି ପର୍ଯ୍ୟାୟରେ ଏହି ବିଷୟରେ ପରୀକ୍ଷା କରାଯିବ। ପ୍ରଥମ ତିନୋଟି ପର୍ଯ୍ୟାୟରେ ୫ ମାର୍କ ଲେଖାଏ ପରୀକ୍ଷା ହେବାକୁ ଥିବାବେଳେ ଶେଷ ପର୍ଯ୍ୟାୟରେ ୧୦ ମାର୍କରେ ପରୀକ୍ଷା ହେବ। ଏଭଳି ଭାବେ ଉକ୍ତ ୪ଟି ବିଷୟରେ ମୋଟ ୧୦୦ ମାର୍କର ପରୀକ୍ଷା ଛାତ୍ରୀଛାତ୍ରମାନେ ଦେବେ। କୌଣସି ଛାତ୍ରୀଛାତ୍ର ଫେଲ ହେବେ ନାହିଁ କି ସେମାନଙ୍କ କ୍ୟାରିୟର ମାର୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ମାର୍କ ଅନୁଯାୟୀ ଗ୍ରେଡ୍ ଦିଆଯିବ। ଏହି ଗ୍ରେଡ୍ ହାଇସ୍କୁଲ ସାର୍ଟିଫିକେଟରେ ରହିବ ବୋଲି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ୨୦୨୨-୨୩ ଶିକ୍ଷାବର୍ଷର ସିଲାବସ୍ ଅନୁଯାୟୀ ଚଳିତବର୍ଷ କ୍ଲାସ ହେବ। ୪ଟି ପର୍ଯ୍ୟାୟରେ ଏହି ଶିକ୍ଷାବର୍ଷକୁ ଭାଗ କରାଯାଇଛି। ପୂର୍ବଭଳି ମୂଲ୍ୟାୟନ ପଦ୍ଧତିରେ ମଧ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। ୨୦ ପ୍ରତିଶତ ମାର୍କର ଇଣ୍ଟରନାଲ ଆସେସ୍‌ମେଣ୍ଟ, ୪୦ ପ୍ରତିଶତ ମାର୍କର ସମ୍ମେଟିଭ ଆସେସମେଣ୍ଟ-୧ ଏବଂ ଅବଶିଷ୍ଟ ୪୦ ପ୍ରତିଶତ ମାର୍କ ନିମନ୍ତେ ଛାତ୍ରୀଛାତ୍ରମାନେ ସମ୍ମେଟିଭ ଆସେସମେଣ୍ଟ-୨ ପରୀକ୍ଷା ଦେବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ବୋର୍ଡ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ଫର୍ମେଟିଭ ଓ ସମ୍ମେଟିଭ ଆସେସମେଣ୍ଟରେ ଆସ୍ପିରେସନାଲ କମ୍ପୋନେଣ୍ଟ ବିଷୟକୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୨-୨୩ ଶିକ୍ଷାବର୍ଷରେ ନବମଶ୍ରେଣୀ ନିମନ୍ତେ ଏହି ବିଷୟକୁ ସାମିଲ କରାଯାଇଥିଲା। ତେଣୁ ଚଳିତ ଶିକ୍ଷାବର୍ଷଠାରୁ ଦଶମ ଶ୍ରେଣୀ ନିମନ୍ତେ ମଧ୍ୟ ଏହାକୁ ଲାଗୁ କରାଯାଇଛି। ଏହି ସମସ୍ତ ବିଷୟରେ ମୋଟ ୧୦୦ ମାର୍କରେ ପରୀକ୍ଷା ହେବ ଏବଂ ଏହାର ଆସେସମେଣ୍ଟକୁ ଗାଇଡ ଶିକ୍ଷକଙ୍କ ନିକଟରେ ଦାଖଲ କରିବାକୁ ହେବ। ଏହାପରେ ଛାତ୍ରୀଛାତ୍ରଙ୍କୁ ମାର୍କ ପ୍ରଦାନ କରାଯିବ। ୮୦ ପ୍ରତିଶତ ମାର୍କ ରଖିଥିବା ପିଲାଙ୍କୁ ଏ ଗ୍ରେଡ, ୬୦ରୁ ୮୦ ପ୍ରତିଶତ ମାର୍କ ମଧ୍ୟରେ ବି ଗ୍ରେଡ୍, ୪୦ରୁ ୬୦ ପ୍ରତିଶତ ମାର୍କ ପାଇଁ ସି ଗ୍ରେଡ୍ ଏବଂ ୪୦ ପ୍ରତିଶତରୁ କମ୍ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ଡି ଗ୍ରେଡ ମିଳିବ। ଏହି ଗ୍ରେଡ୍ ହାଇସ୍କୁଲ ସାର୍ଟିଫିକେଟରେ ରହିବ। ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀ ପରେ କୌଣସି କଲେଜରେ ନାମ ଲେଖାଇବା ପରେ ଏହି ସମସ୍ତ ଆକ୍ଟିଭିଟିଗୁଡିକ ସମ୍ପୃକ୍ତ କଲେଜରେ ଥିଲେ, ସେମାନେ ଏଥିରେ ଭାଗ ନେଇପାରିବେ।

# ବାପା ଛୁରା ମାଡ଼ରେ ପୁଅ ମୃତ

**ମଦପିଇ ବାପା-ପୁଅ ଗଣ୍ଡଗୋଳ**

ପାତ୍ରପୁର,୨୪।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଜରଡ଼ା ଥାନା ଆଦିବାସୀ ଇଲାକା ଧାଡ଼ିଆମ୍ବ ଗାଁରେ ଶୁକ୍ରବାର ନିଶାସକ୍ତ ବାପାର ଛୁରା ମାଡ଼ରେ ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ବାଉରୀ ଶବରଙ୍କ ପୁଅ ପ୍ରତାପ। ବାଉରୀ ସକାଳୁ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପରିବାରର ସମସ୍ତଙ୍କୁ ଗାଳି କରୁଥିଲେ। ଏହି ସମୟରେ ପ୍ରତାପ ପ୍ରତିଦିନ କାହିଁକି ଏଭଳି ଗାଳିଗୁଲଜ କରୁଛ ବୋଲି ବାପାଙ୍କୁ ପଚାରିଥିଲେ। ଏଥିରେ ରାଗିଯାଇ ବାଉରୀ ପୁଅକୁ ଛୁରା ଧରି ଗୋଡାଇଥିଲେ। ପରେ ନିଜ ଘର ଦାଣ୍ଡରେ ପୁଅର ଛାତିକୁ ଛୁରିରେ ଭୁସି ଦେବାରୁ ଘଟଣାସ୍ଥଳରେ ପ୍ରତାପଙ୍କ ମୃତ୍ୟୁ ଘଟିଥିଲା। ଜରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ. ୭୯/୨୩ ରେ ଏକ ମାମଲା ରୁଜୁ କରି ପୋଲିସ ବାଉରୀଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ସୁନୀଲ କୁମାର ବେହେରା କହିଛନ୍ତି।

# ମାର୍ଚ୍ଚ ୫ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**୯୨୯ କେନ୍ଦ୍ରରେ ପରୀକ୍ଷା ଦେବେ ୧,୭୩,୧୬୩ ପରୀକ୍ଷାର୍ଥୀ**

କଟକ ଅଫିସ,୨୪।୨

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ମାର୍ଚ୍ଚ ୫ରେ ଅନୁଷ୍ଠିତ ହେବ। ୯୨୯ଟି କେନ୍ଦ୍ରରେ ୧ଲକ୍ଷ ୭୩ ହଜାର ୧୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଥିମଧ୍ୟରୁ ଷଷ୍ଠ ଶ୍ରେଣୀରେ ୧୩,୬,୪୯୧, ସପ୍ତମ ଶ୍ରେଣୀରେ ୧୭,୧୫୪, ଅଷ୍ଟମରେ ୧୨,୪୫୬ ଏବଂ ନବମ ଶ୍ରେଣୀରେ ୫,୭୧୬ଜଣ ଛାତ୍ରୀଛାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଫର୍ମପୂରଣ କରିଛନ୍ତି। ସେହିଭଳି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀର ୧୩୪୬ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ବୋର୍ଡ ୱେବ୍‌ସାଇଟରୁ ପରୀକ୍ଷାର୍ଥୀମାନେ ଆଡ୍‌ମିଟ କାର୍ଡ ଡାଉନ୍‌ଲୋଡ କରିପାରିବେ ବୋଲି ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ୭ କୋଟିର ମନ୍ଦିର ଉପହାର ଦେଲେ ସ୍ୱାମୀ

ଯାଜପୁର ଟାଉନ,୨୪।୧(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଚିକଣା ଗ୍ରାମରେ ଶିଳ୍ପପତି କ୍ଷେତ୍ରବାସୀ ଲେଙ୍କା ୭ କୋଟି ଟଙ୍କାର ସନ୍ତୋଷୀ ମା' ମନ୍ଦିର ନିର୍ମାଣ କରି ତାଙ୍କ ସ୍ତ୍ରୀ ବୈଜୟନ୍ତୀ ଲେଙ୍କାଙ୍କୁ ଉପହାର ପ୍ରଦାନ କରିଛନ୍ତି। ସ୍ତ୍ରୀ ସନ୍ତୋଷୀ ମା'ଙ୍କ ଭକ୍ତ ହୋଇଥିବାରୁ ତାଙ୍କ ଗ୍ରାମରେ ମନ୍ଦିର ନିର୍ମାଣ କରି ତାଙ୍କୁ ଉପହାର ପ୍ରଦାନ କରିଥିବା କହିଛନ୍ତି କ୍ଷେତ୍ରବାସୀ। ଉଭୟ ଦମ୍ପତି ହାଇଦ୍ରାବାଦ୍‌ରେ ରହୁଥିବାବେଳେ ସ୍ତ୍ରୀଙ୍କୁ ତାଙ୍କ ଗ୍ରାମରେ ମନ୍ଦିର କରାଇଦେବାକୁ କ୍ଷେତ୍ରବାସୀ କହିଥିଲେ। ତେଣୁ ସେ ଏକ ବିଶାଳକାୟ ସନ୍ତୋଷୀ ମା' ମନ୍ଦିର ଦକ୍ଷିଣ ଭାରତ ଶୈଳୀରେ ନିର୍ମାଣ କରିଛନ୍ତି।

କ୍ଷେତ୍ରବାସୀ ଚିକଣା ଗ୍ରାମର ବୈଜୟନ୍ତୀଙ୍କୁ ବିବାହ କରିବା ସମୟରେ ଏକ ମନ୍ଦିର ନିର୍ମାଣ କରିଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୨୦୦୮ରୁ ଏହିଠାରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିବାବେଳେ ଏବେ ତାହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମନ୍ଦିରର ମୁଖଶାଳା ୪୬ଫୁଟ୍ ହୋଇଥିବାବେଳେ ଉଚ୍ଚତା ୬୫ ଫୁଟ୍ ରହିଛି। ସନ୍ତୋଷୀ ମା'ଙ୍କ ମନ୍ଦିର ସହ ଶିବ, ଗଣେଶ ଏବଂ ନବଗ୍ରହ ଏହି ମନ୍ଦିରରେ ନିର୍ମାଣ କରାଯାଇଛି। ୨୦୦୮ରେ ଏହି ମନ୍ଦିର ନିର୍ମାଣ ପାଇଁ ୩୦ ଲକ୍ଷ ଟଙ୍କା ବଜେଟ୍ ଥିବାବେଳେ ଦୀର୍ଘ ୧୫ ବର୍ଷ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାବେଳକୁ ତାହା ବଢ଼ି ୭କୋଟି ଟଙ୍କାରୁ ଉର୍ଦ୍ଧ୍ୱରେ ପହଞ୍ଚିଛି। ଆସନ୍ତା ୨୮ ତାରିଖରେ ମନ୍ଦିର ପ୍ରତିଷ୍ଠା କରାଯିବ। ପରେ ଏହା ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ଲାଗି ଉତ୍ସର୍ଗୀକୃତ ହେବ।



ସନ୍ତୋଷୀ ମା' ମନ୍ଦିର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ଫେବୃୟାରୀ, ୨୦୨୩

**ଆଜିର ମନ୍ତବ୍ୟ**
"ବିଶ୍ୱ ଅର୍ଥନୀତିରେ ଭାରତ ଏକ ଉଦୀୟମାନ ତାରକା, ଯାହାର ବିକାଶକୁ ରୋକାଯାଇପାରିବ ନାହିଁ। କୃଷି ଏବଂ କୃଷିଭିତ୍ତିକ ଶିଳ୍ପ ଯୋଗୁ ଏହା ସମ୍ଭବ ହୋଇଛି। **-ଜଗଦୀପ ଧନକର, ଉପରାଷ୍ଟ୍ରପତି**





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଡ଼ିକି ଯୋଗ !**
**କୁଣ୍ଡା ଖାଇକି ନରସିଂହ ଭୋଗ ।**

ଯୋଗ ବା ଦଶା ଭଲ ପଡ଼ିଲେ ମଣିଷର ଭାଗ୍ୟ ଫିଟିଯାଏ। ଭଲ ବେଳା ପଡ଼ିଲେ ଦୁସ୍ଥ ଜୀବନ ବିତାଉଥିବା ବ୍ୟକ୍ତି ରାଜ ସୁଖ ଲାଭ କରିବା ସହ ବହୁ ସୌଭାଗ୍ୟର ଅଧିକାରୀ ହୋଇଯାଏ। ସେହିପରି ଅତି ନିମ୍ନସ୍ତରର ବ୍ୟକ୍ତି ମଧ୍ୟ ଉଚ୍ଚାସନ ଲାଭ କରିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏ ଥରକ ଗାର,**
**ଆର ଥରକୁ ଧାର ।**

ବେପାର ବଣିଜରେ ବାକି ଦେଲେ ବେପାର ବୁଡ଼ିଯିବା ସମ୍ଭାବନା ରହିଥାଏ। ଆଜି ନଗଦ କାଲି ଉଧାର। ବେପାର ବଣିଜ କରୁଥିବା ବ୍ୟକ୍ତି ନଗଦ କାରବାର ଉପରେ ଜୋର ଦେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜିଲାପାଳଙ୍କ ବିରୋଧରେ ଅଭିଯୋଗ ଆଣିଲେ ସିଡିଏମ୍‌ଓ

**■ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ବଦଳି ଦାବି କଲେ**
**■ ଆମେ ପରିବାର ସଦସ୍ୟ, ସମାଧାନ ଶୀଘ୍ର କହିଲେ ଜିଲାପାଳ**

ବରଗଡ଼ ଅଫିସ୍, ୨୪।୨

ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଭଳି ଅଭିଯୋଗ ନେଇ ଗତ ମାସରେ ଯୋଗଦାନ କରିଥିବା ନୂତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଚାରୁବାଳା ରଥ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ବାନାର୍ଜୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଆସୁଥିବାରୁ ତାଙ୍କ (ଜିଲାପାଳ) ବଦଳି ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ୱାସ୍ଥ୍ୟ ସଚିବଙ୍କୁ ଦେଇଥିବା ଅଭିଯୋଗପତ୍ରରେ ସିଡିଏମ୍‌ଓ ରଥ ଉଲ୍ଲେଖ କରିଛନ୍ତି, ଗତ ୨୧ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେ (ସିଡିଏମ୍‌ଓ) ଭୀମ ଭୋଇ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନରେ ଯାଉଥିଲେ। ଏହି ସମୟରେ ଜିଲାପାଳ ବାନାର୍ଜୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ତାଙ୍କୁ ଫୋନ କରିଥିଲେ ଏବଂ ଜିଲାପାଳ କଥା ହେବାକୁ ଚାହୁଁଛନ୍ତି ବୋଲି କହିଥିଲେ। ଏହାପରେ ଜିଲାପାଳ ତାଙ୍କୁ ଟେକ୍ନୋମ୍ୟାନେଜେରିଆଲ ଟେଣ୍ଡର ବିଷୟରେ ପଚାରିଥିଲେ। ନୂଆ କରି ଯୋଗ ଦେଇଥିବାରୁ ପ୍ରୋସେସ୍ ଚାଲିଛି ଏବଂ ଡିପିଏମ୍‌ଙ୍କୁ ପଚାରି କହୁଛି ବୋଲି ସିଡିଏମ୍‌ଓ ଜିଲାପାଳଙ୍କୁ କହିଥିଲେ। ଏହାପରେ ଜିଲାପାଳ ବାନାର୍ଜୀ ବଡ଼ପାଟିରେ ସବୁବେଳେ ମୁ ତାହା ଶୁଣୁଛି, ଆପଣ କିଛି ଜାଣୁନାହାନ୍ତି, ଚେୟାର ଛାଡ଼ି ଦିଅନ୍ତୁ ବୋଲି କହିଥିବା ସିଡିଏମ୍‌ଓ ଅଭିଯୋଗ କରିଛନ୍ତି। ସିଡ଼ିଏମ୍‌ଓ ପ୍ରତ୍ୟୁତ୍ତରରେ ସେ ସ୍ୱେଚ୍ଛାରେ ଆସିନାହାନ୍ତି, ସରକାରଙ୍କ ଆଦେଶରେ ଏଠାରେ ଯୋଗଦାନ କରିଛନ୍ତି ବୋଲି କହିଥିଲେ। ଏହାପରେ ଜିଲାପାଳ ଆପଣ କିଛି ଜାଣି ନାହାନ୍ତି, ଲେଖି ଦିଅନ୍ତୁ ବୋଲି ତାଙ୍କୁ କହିଥିବା ଡା. ରଥ କହିଛନ୍ତି।

ସିଡିଏମ୍‌ଓ ରଥ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଝାରବନ୍ଧରେ ଜଣଙ୍କ ମୃତ୍ୟୁ ହୋଇଥିଲା। ପଦ୍ମପୁର ଉପଖଣ୍ଡ ଚିକିତ୍ସାଧିକାରୀ (ଏସ୍‌ଡିଏମ୍‌ଓ) ଡା. ସରୋଜ ସେଠଙ୍କ ସହାୟତାରେ ସେହି ଘଟଣାକୁ ଠିକ୍ ଭାବେ ପରିଚାଳନା କରାଯାଇଥିଲା। ସେଥିପାଇଁ କିଛି ପ୍ରଶଂସା ମିଳି ନ ଥିଲା। ବରଂ ଏହାର ୨ଦିନ ପରେ ଜିଲାପାଳଙ୍କ ସେଭଳି ବ୍ୟବହାର ତାଙ୍କୁ ବ୍ୟଥିତ କରିଛି ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ, ଜିଲାପାଳ ବାନାର୍ଜୀ ପୂର୍ବତନ ସିଡିଏମ୍‌ଓଙ୍କୁ ଏକ ଘରେ ବନ୍ଦ କରି ତାଲା ପକାଇ ଦେଇଥିବା ସେ ଶୁଣିଛନ୍ତି। ଏପରିକି କିଛି ବୁଝାସୁଝା ନ କରି ଜିଲାପାଳ କଥା କଥାରେ ଗାଳି କରୁଛନ୍ତି। ଜିଲାପାଳଙ୍କ ସେଭଳି ବ୍ୟବହାର ତାଙ୍କୁ ଅତିଷ୍ଠ କରିଥିବା ଡା. ରଥ କହିଛନ୍ତି। ଏଭଳି ସ୍ଥଳେ ଜିଲାପାଳ ବାନାର୍ଜୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସେ ସ୍ୱାସ୍ଥ୍ୟ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ଜିଲାପାଳ ବାନାର୍ଜୀଙ୍କୁ ପଚାରିବାରୁ ସେ କହିଥିଲେ, ସିଡିଏମ୍‌ଓ ଜିଲା ପ୍ରଶାସନ ତଥା ପ୍ରଶାସନିକ ପରିବାରର ଜଣେ। ବର୍ତ୍ତମାନର ସିଡ଼ିଏମ୍‌ଓ ଜଣେ ବରିଷ୍ଠ ଅଧିକାରୀ। ପରିବାରର ଜଣେ ସଦସ୍ୟ ଭାବେ ମୁ କେବେ ମଧ୍ୟ ତାଙ୍କ ବିରୋଧରେ କହିବି ନାହିଁ। ଯାହା ହୋଇଛି, ତାହା ଆମମାନଙ୍କ ମଧ୍ୟରେ ସମାଧାନ ହୋଇଯିବ ବୋଲି ବାନାର୍ଜୀ କହିଥିଲେ।


ମୋନିଷା ବାନାର୍ଜୀ


ଚାରୁବାଳା ରଥ


ପ୍ରାପ୍ତେଷୁ,

ମାନ୍ୟବର ସଚିବ,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା ସରକାର, ଭୁବନେଶ୍ୱର

ବିଷୟ- କାର୍ଯ୍ୟରତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ସମ୍ବନ୍ଧେ;

ମହାଶୟା,

ଲେଖି ଜଣାଇବାର ଅଭିପ୍ରାୟ ଏହି ଯେ, ତା.୨୧/୦୨/୨୦୨୨ରିଖ ପ୍ରାୟ ଦିନ ୧୨ ଟା ସମୟରେ ମୁଁ ଭୀମ ଭୋଇ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନରେ ଯାଉଥିବା ସମୟରେ ବର୍ତ୍ତମାନର କାର୍ଯ୍ୟରତ ଜିଲ୍ଲାପାଳ ମ୍ୟାଡ଼ାମଙ୍କ ପି.ଏ.ଠାରୁ ଫୋନ ଆସିଲା । ସେ କହିଲେ ମ୍ୟାଡ଼ାମ ଚାହୁଁଛନ୍ତି କଥା ହେବା ପାଇଁ । ମୁଁ ଗାଡି ଅଟକାଇ ସାଇଡ କରି ଫୋନ ଧରିଥାଏ । ସେତେବେଳେ ଜିଲ୍ଲାପାଳ ମ୍ୟାଡ଼ାମ ପଚାରିଲେ CDMO ମ୍ୟାଡ଼ାମ କହୁଛନ୍ତି ? ମୁଁ ନମସ୍କାର ଜଣାଇଲି । ସେ ମୋତେ ପଚାରିଲେ ସେ Technomanagerial Tender ବିଷୟରେ କଣ ହେଲା ? ମୁଁ ଏଠାରେ ନୂଆ ଆସିଥିବାରୁ ମୁଁ ସଂଗେ ସଂଗେ ଉତ୍ତର ଦେଇ କହିଲି, ମ୍ୟାଡ଼ାମ ଟେଣ୍ଡର process ଚାଲିଛି, ମୁଁ DPM କୁ ପଚାରି କହୁଛି । ତାପରେ ସେ high pitch ରେ ସବୁବେଳେ ପରି କହିଲେ, ଯେଉଁଠା ମୁଁ ଏଠିକି ଆସିଲା ପରେ ବାରମ୍ବାର ଶୁଣିଲିଣି । ଆପଣ କିଛି ଜାଣୁ ନାହାନ୍ତି, ସେ chair ରେ କାହିଁକି ବସିଛନ୍ତି । ମୁଁ କହିଲି ମ୍ୟାଡ଼ାମ ମୁଁ ନିଜ ଇଚ୍ଛାରେ ଆସିନାହିଁ, Govt Order ହୋଇଥିଲା ସେଥିପାଇଁ ଆସିଅଛି । ତାପରେ repeat କଲେ କିଛି ଜଣାନାହିଁ । ଲେଖି ଦିଅନ୍ତୁ କିଛି ଜାଣି ନାହିଁ । ମୁଁ କହିଲି ମ୍ୟାଡ଼ାମ ମୁଁ କାହିଁକି ଲେଖିବି, ଆପଣ ଲେଖିଦିଅନ୍ତୁ । ତାଙ୍କର ବ୍ୟବହାର ବହୁତ ଖରାପ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରେ ଜଣଙ୍କର ଝାରବନ୍ଧରେ ମୃତ୍ୟୁ ହେଲା । ତାକୁ SDMO ପଦ୍ମପୁର ଡ଼ ସରୋଜ ସେଠଙ୍କ ସହାୟତାରେ ଖୁବ ଭଲଭାବରେ ପରିଚାଳନା କରିଥିଲୁ । ସେଥିପାଇଁ କିଛି ପ୍ରସଂଶା ନ ଥିଲା । ତାର ଦୁଇ ଦିନ ପରେ ତାଙ୍କର ଏପରି ବ୍ୟବହାର ।

ମୁଁ ଶୁଣିଛି ଯେ, ପୂର୍ବତନ CDMO ଙ୍କୁ ବିନା କାରଣରେ ଏକ ଘରେ ବନ୍ଦ କରି ବାହାରୁ ତାଲା ପକେଇ ଦେଇଥିଲେ । ସମସ୍ତଙ୍କର ଅନୁଭବ ଓ ପୂର୍ବରୁ ଆଭାସ ପାଇଁ ଥିଲି ଯେ, ସେ ସମସ୍ତଙ୍କୁ ବହୁତ ଖରାପ ଭାଷାରେ କିଛି ନ ବୁଝି ନ ସୁଝି ଗାଳି ଦିଅନ୍ତି । ଏଥିରେ ଆମର ସ୍ୱାଭିମାନକୁ ବାଧା ଆସୁଛି । ଆମେ ସମସ୍ତେ ତାଙ୍କ ବ୍ୟବହାର ରେ ଅତିଷ୍ଠ । ତାଙ୍କର ଏପରି ଦୁର୍ବ୍ୟବହାର ଓ ଅସହଯୋଗ କଥାବାର୍ତ୍ତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାସ୍ଥ୍ୟ ସଚିବ ଓ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅନୁରୋଧ କରୁଅଛି ।

ସେ ତାଙ୍କର ଏହିପରି ରୁକ୍ଷ ବ୍ୟବହାର ପରିବର୍ତ୍ତନ ନ କଲେ ଆମ ସମସ୍ତଙ୍କର ସ୍ୱାସ୍ଥ୍ୟ କାର୍ଯ୍ୟ ସମ୍ପାଦନାରେ ପ୍ରତିବନ୍ଧକ ସାଜିବ । ଏଥିପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରୁଅଛି । ତତ ସହିତ ତାଙ୍କୁ ଅନ୍ୟତ୍ର ବଦଳି କରିବାପାଇଁ ଅନୁରୋଧ କରୁଛି ।

ଇତି
ଆପଣଙ୍କର ବିଶ୍ୱସ୍ତ
ଡ଼ ଚାରୁବାଳା ରଥ
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ
ବରଗଡ଼

ଏହାର ଏକକିତା ନକଲ ନିମ୍ନଲିଖିତ ଅଧିକାରୀଙ୍କ ଗୋଚରାର୍ଥେ ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରଦାନ କରାଗଲା ।

- ମାନନୀୟ ସଭାପତି, ଓମ୍ସା (OMSA), ବରଗଡ଼ ଶାଖା, ଓଡିଶା ।
- Director of Health Services, ଓଡିଶା ।

ଡ଼ ଚାରୁବାଳା ରଥ
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ
ବରଗଡ଼

ସ୍ୱାସ୍ଥ୍ୟ ସଚିବଙ୍କୁ ସିଡିଏମ୍‌ଓ ଦେଇଥିବା ଚିଠିର ନକଲ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାହୁଯୁକ୍ତ ଚନ୍ଦ୍ର ହେତୁ ହାତକୁ ନେଇଥିବା କାମକୁ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। ଅତି ନିକଟରେ ରହୁଥିବା ବନ୍ଧୁଟିର ସାହାଯ୍ୟ ଆଶା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି।

**ବୃଷ**
ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଅବସ୍ଥାନ କରି ମାନସିକ ସ୍ଥିତିକୁ ଦୁର୍ବଳ କରିବେ। ସମସ୍ୟା ବିଜଡ଼ିତ ମନର ଦୁଃଖ ସମସ୍ତଙ୍କୁ ଜଣାଇଲେ ମଧ୍ୟ କିଏ ବୁଝିବେ ନାହିଁ। କାମର ବାହାନା ଦେଖାଇ ସାଧାରଣ କଥାରେ ସହକର୍ମୀ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ଗବେଷଣା ଲେଖାପଢ଼ା, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ**
ପାରିବାରିକ ଅଶାନ୍ତି ସୃଷ୍ଟି କରିବା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟାଯୁକ୍ତ ରହିବ। କେତୁଙ୍କ କୁପ୍ରଭାବରୁ ଅସ୍ଥିରତା ଜନିତ ସଂଯମତା ହରାଇପାରନ୍ତି। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅପରାହ୍ନେ ବନ୍ଧୁଙ୍କ ସାହାଯ୍ୟରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**କର୍କଟ**
କର୍ମସ୍ଥ ପାପଗ୍ରହ ଯୋଗୁ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ବୁଝାମଣା ଅଭାବରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ଦୁଃଶ୍ଚିନ୍ତା ବଢ଼ିଯିବ। କୋର୍ଟ କଚେରି ମାମଲାର ରାୟ ନିଜ ସପକ୍ଷରେ ଯାଇପାରେ।

**ସିଂହ**
ଆଜିର କାମଟି ସାମଗ୍ରିକ ଦୃଷ୍ଟିକୋଣରୁ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଚତୁର୍ଥସ୍ଥ କେତୁ ଜନିତ ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ପୁରାତନ ରୋଗ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି।

**କନ୍ୟା**
କଠିନଶ୍ରମ ଓ ସମୟ ବିନିଯୋଗ କରିମଧ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହେବେ। ଆଜିର କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତ୍ତର ହେବ।

**ତୁଳା**
ରାହୁଙ୍କ କୁପ୍ରଭାବରୁ ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିବ କିନ୍ତୁ କୌଣସି ପ୍ରକାରର ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ନାହିଁ। ଆପଣଙ୍କ ଅଧିକାଂଶ ସମୟର ନୀରବତାକୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। କେତେକଙ୍କ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ର ଯଥା ପୂର୍ବଂ ତଥା ପର ରହିବ।

**ବିଛା**
ଆଜି ଏକାଧିକଗ୍ରହ ରାହୁ ଓ କେତୁଙ୍କ ମଧ୍ୟସ୍ଥ ଯୋଗୁ କୌଣସି କ୍ଷେତ୍ରରେ ଚଟାପଟ୍ ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ ଗ୍ରହଣ କରିବା ଠିକ୍ ହେବନି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିଲେ ପରୋକ୍ଷ ଶତ୍ରୁତା କାରଣରୁ ସହଯୋଗ ପାଇବେନାହିଁ। ଜ୍ୟେଷ୍ଠା ନକ୍ଷତ୍ର କାର୍ଯ୍ୟସିଦ୍ଧି କାରଣରୁ ଅପରାହ୍ନେ ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ଦୁଃସ୍ଥାନସ୍ଥ ମଙ୍ଗଳ ହେତୁ ମାନସିକ ଅସ୍ଥିରତା କାରଣରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହୋଇପାରିବ ନାହିଁ। ଅବଶ୍ୟ ଚେଷ୍ଟାକଲେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆନୁଷ୍ଠାନିକ କିମ୍ବା ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର**
ଚତୁର୍ଥରେ ରାହୁଜନିତ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ପରିଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା ବଢ଼ିଯିବ। ପଡ଼ୋଶୀ ମନ ଲୋଭନୀୟ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ କରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ କିନ୍ତୁ ସମସ୍ୟା ଲାଗି ରହିବ। ବୁଝାମଣା ଅଭାବରୁ ଆତ୍ମୀୟମାନଙ୍କ କଥାରେ ସହମତି ହୋଇପାରିବେ ନାହିଁ।

**କୁମ୍ଭ**
ଦ୍ୱିତୀୟସ୍ଥ ଶନି ଯୋଗୁ ନୀରବତା ଅବଲମ୍ବନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ ସହାୟତା ସମୁଦ୍ରକୁ ଶଙ୍ଖେ ଭଳି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯାତ୍ରାରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ**
ଦ୍ୱାଦଶସ୍ଥ ଶନି ପ୍ରଭାବରୁ ଅତୀତ ଘଟଣାର ବାରମ୍ବାର ପର୍ଯ୍ୟାଲୋଚନା ମାନସିକ ସ୍ଥିତିକୁ କଳୁଷିତ କରିବ। ସାମୟିକ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସଭାସମିତି, ଆଲୋଚନା, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଫାଲଗୁନ ଶୁକ୍ଳ ଷଷ୍ଠୀ, ଶନିବାର, ଫେବୃୟାରୀ ୨୫ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୩ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୬ ଗତେ ଘ.୧୦।୩୩ ମଧ୍ୟେ ରାହୁକାଳ।

# ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ

**ସୁରଟରେ ଓଡ଼ିଆ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା**

**■ ୨୩ ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ଭଞ୍ଜନଗର, ୨୪।୨(ଡି.ଏନ୍.ଏ)

ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ପଟାଧାର ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଡିସେମ୍ବର ୭ ତାରିଖରେ ସୁରଟରେ ତାଙ୍କ ପଡ଼ୋଶୀ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଏହି ମାମଲାର ଶୁଣାଣି କରି ସୁରଟ ଅତିରିକ୍ତ ଜିଲା ଦୌରାଜଜ୍ଙ୍କ କୋର୍ଟରେ ଶୁକ୍ରବାର ସନ୍ଧ୍ୟାରେ ରାୟ ପ୍ରକାଶ ପାଇଛି। ବିଚାରପତି ଅଭିଯୁକ୍ତ ମୁକେଶ ପାଞ୍ଚାଲଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ନାବାଳିକାଙ୍କ ପରିବାରକୁ ୨୩ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପଟାଧାର ଅଞ୍ଚଳର ଏକ ପରିବାର ସୁରଟରେ ବହୁ ବର୍ଷ ଧରି ରହିଆସୁଛନ୍ତି। ଗତ ଡିସେମ୍ବର ୭ରେ ନାବାଳିକାଙ୍କ ବାପା ବାହାରକୁ କାମ କରିବାକୁ ଯାଇଥିବା ବେଳେ ମା'ଙ୍କ ସହ ନାବାଳିକା ଘରେ ଥିଲେ। ଏହି ସମୟରେ ତାଙ୍କ ପଡ଼ୋଶୀ ମୁକେଶ ନାବାଳିକାଙ୍କୁ ତାଙ୍କ ମା'ଙ୍କ ଅଜାଣତରେ ଡାକି ନେଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଧରାପଡ଼ିଯିବା ଭୟରେ ନାବାଳିକାଙ୍କ ମୃତଦେହକୁ ଏକ ବସ୍ତାରେ ବାନ୍ଧି ଖଟ ତଳେ ରଖିଦେଇଥିଲେ। ମଧ୍ୟାହ୍ନରେ ନାବାଳିକାଙ୍କ ପିତା ଘରକୁ ଫେରି ଝିଅକୁ ଖୋଜିଥିଲେ। ଝିଅକୁ ନ ପାଇବାରୁ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭିକୁ ଆଧାର କରି ଅଭିଯୁକ୍ତଙ୍କୁ ସେହିଦିନ ଗିରଫ କରିବା ସହିତ ନାବାଳିକାଙ୍କ ମୃତଦେହ ଜବତ କରିଥିଲା।

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

**୨ ଏସ୍‌ପି ଓ ପୋଲିସ ଗୋଇନ୍ଦା ବିଭାଗକୁ ଦାୟୀକଲେ**

ରାଇଘର, ୨୪।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ଥାନା ଅନ୍ତର୍ଗତ ହାତୀଗାଁ ପଞ୍ଚାୟତର ଖାଲେପାରାଠାରେ ଗୁରୁବାର ରାତିରେ ମାଓବାଦୀମାନେ ଜଣେ ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ଚନ୍ଦନ ମଲ୍ଲିକ (୪୨)। ପୋଲିସ ଇନ୍‌ଫର୍ମର ସାଜିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ମୃତଦେହ ନିକଟରେ ମାଓବାଦୀମାନେ ଛାଡ଼ିଯାଇଥିବା ପୋଷ୍ଟରରେ ଜଣାଇଛନ୍ତି। ଏହି ହତ୍ୟାକାଣ୍ଡ ପାଇଁ ନବରଙ୍ଗପୁର ଓ ଛତିଶଗଡ଼ ରାଜ୍ୟ ଗାରିଆବନ୍ଧ ଏସ୍‌ପି ଏବଂ ପୋଲିସ ଗୋଇନ୍ଦା ବିଭାଗ ଦାୟୀ ବୋଲି ଉକ୍ତ ପୋଷ୍ଟରରେ ଉଦନ୍ତି ଏରିଆ କମିଟି ତରଫରୁ ଉଲ୍ଲେଖ କରାଯାଇଛି।

ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୯ଟାରେ ୨୫ରୁ ଉର୍ଦ୍ଧ୍ୱ ମାଓବାଦୀ ଛତିଶଗଡ଼ ସୀମାକୁ ଲାଗି ରହିଥିବା ଖାଲେପାରା ଗ୍ରାମକୁ ଆସିଥିଲେ। ସେମାନେ ଚନ୍ଦନଙ୍କୁ ଘରୁ ଡାକିନେଇ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର ପାଖକୁ ଯାଇଥିଲେ। ସେଠାକୁ ଗ୍ରାମବାସୀଙ୍କୁ ଡକାଇ ଏକ ବୈଠକ କରିଥିଲେ। ପରେ ସମସ୍ତଙ୍କୁ ଚାଲିଯିବାକୁ କହି ଚନ୍ଦନଙ୍କ ହାତରେ ଦଉଡ଼ି ବାନ୍ଧି ନିକଟସ୍ଥ ପଡ଼ିଆକୁ ନେଇ ପ୍ରବଳ ମାଡ଼ ମାରିଥିଲେ। ଶୁକ୍ରବାର ସକାଳେ ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚନ୍ଦନଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ବେକରେ ଚିହ୍ନ ଥିବାରୁ ତାଙ୍କୁ ଦଉଡ଼ିରେ ବାନ୍ଧି ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତଦେହ ନିକଟରେ ପଡ଼ିଥିବା ପୋଷ୍ଟରରେ ଆହୁରି ଲେଖାଅଛି ଯେ, ଚନ୍ଦନ ପୋଲିସକୁ ମାଓବାଦୀଙ୍କ ଗତିବିଧି ବିଷୟରେ ଖବର ଦେଉଥିବାରୁ ପୂର୍ବରୁ ତାଙ୍କୁ ଜନ ଅଦାଲତରେ ହାଜରକରି ଚେତାବନୀ ଦିଆଯାଇଥିଲା । ସେ ପୁଣି ପୋଲିସ ଇନ୍‌ଫର୍ମର ଭାବେ କାମ କରିବାରୁ ମୃତ୍ୟୁଦଣ୍ଡ ଦିଆଯାଇଛି। ତେବେ ଗ୍ରାମବାସୀ ଏ ନେଇ ମୁହଁ ଖୋଲୁ ନାହାନ୍ତି । ଅପରାହ୍ନରେ ରାଇଘର ଥାନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଇଘରକୁ ଆଣିଥିଲା। ମୃତକଙ୍କ ପରିବାର ଲୋକଙ୍କ ପ୍ରତି ବିପଦ ଥିବାରୁ ସେମାନଙ୍କୁ କଦଭାଟାରେ ଥିବା ଚନ୍ଦନଙ୍କ ଭଉଣୀ ଘରକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉପସ୍ଥିତିରେ ରାଇଘର ମୁଖ୍ୟ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରମୋଦ ନାଏକ କହିଛନ୍ତି।



ମାଓବାଦୀମାନେ ଛାଡ଼ିଯାଇଥିବା ପୋଷ୍ଟର।

# କବର ଖୋଳିବା ମନ୍ତବ୍ୟକୁ ନେଇ କଂଗ୍ରେସ ଉପରେ ବର୍ଷିଲେ ମୋଦି

ଶିଲଂ, ୨୪।୨

ମୋଦିଙ୍କ କବର ଖୋଳିବୁ ବୋଲି କହିଥିବା ବିରୋଧୀ ଦଳ କଂଗ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଡ଼ା ଜବାବ ଦେଇଛନ୍ତି। କବର ଖୋଳିବା ମନ୍ତବ୍ୟର ଜବାବର ଦେଶବାସୀ 'ମୋଦି ତେରା କମଲ ଖିଲେଗା' ବୋଲି କହୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଶୁକ୍ରବାର ମେଘାଳୟ ରାଜଧାନୀ ଶିଲଂରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ଯେଉଁମାନେ ଅପମାନଜନକ ଭାଷା ବ୍ୟବହାର କରୁଛନ୍ତି ବା ଚିନ୍ତା କରୁଛନ୍ତି, ସେମାନଙ୍କୁ ଦେଶବାସୀ ଉପଯୁକ୍ତ ଜବାବ ଦେବେ। ଯେଉଁମାନଙ୍କୁ ଦେଶ ପ୍ରତ୍ୟାଖ୍ୟାନ କରିଦେଇଛି, ସେମାନଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। ଗୁରୁବାର ଛତିଶଗଡ଼ ଯିବାକୁ ଥିବା ବରିଷ୍ଠ କଂଗ୍ରେସ ନେତା ପୱନ ଖେରାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ବିମାନରୁ ଓହ୍ଲାଇ ଦିଆଯିବା ପରେ କେତେକ ଦଳୀୟ ନେତା 'ମୋଦି ତେରି କବର ଖୁଦେଗି' ବୋଲି ସ୍ଲୋଗାନ ଦେଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ବାପାଙ୍କ ନାଁକୁ ନେଇ ଖେରା ଅପମାନିତ କରିଥିବାରୁ ଆସାମ ପୋଲିସ ତାଙ୍କୁ ଗିରଫ କରଥିଲା। କିଛି ସମୟ ପରେ ତାଙ୍କୁ ଜାମିନରେ ଛଡ଼ାଯାଇଥିଲା। ତେବେ ଉକ୍ତ ବିବାଦ ସମ୍ପର୍କରେ ମୋଦି କିଛି କହି ନ ଥିଲେ। ମେଘାଳୟରେ 'ପିପୁଲ୍ସ ଫାଷ୍ଟ' ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ମେଘାଳୟ ଲୋକେ ପରିବାର ପ୍ରଥମ ନୁହେଁ ଜନସାଧାରଣ ପ୍ରଥମ ସରକାର ଚାହାନ୍ତି। ତେଣୁ ଏଠାରେ ପଦ୍ମ ମେଘାଳୟର ଶକ୍ତି, ଶାନ୍ତି ଓ ସ୍ଥିରତାର ପ୍ରତୀକ ପାଲଟିଥିବା ମୋଦି କହିଥିଲେ।


ନରେନ୍ଦ୍ର ମୋଦି

# ଅଫିସ୍‌ରେ ରେଳ କର୍ମଚାରୀଙ୍କୁ ବାନ୍ଧି ଲୁଟ୍

**ନେଇଗଲେ ୭ ଲକ୍ଷ ଟଙ୍କାର ବିଦ୍ୟୁତ୍ ସାମଗ୍ରୀ**

ଭଦ୍ରକ ଅଫିସ, ୨୪।୨

ରେଳ କର୍ମଚାରୀଙ୍କୁ ଅଫିସ ଭିତରେ ବାନ୍ଧି ଦୁର୍ବୃତ୍ତମାନେ ଭଦ୍ରକ ରେଳ ଷ୍ଟେଶନ ୧୧୯ ନଂ. ଗେଟ୍ ନିକଟ ବିଦ୍ୟୁତ୍ ଅଫିସରୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ବୁଧବାର ରାତିରେ ଏହି ଘଟଣା ଘଟିଛି। ଅଫିସ୍‌ର ମ୍ୟାନେଜର ଲକ୍ଷ୍ମୀନାରାୟଣ ସିଂଙ୍କ ଏତଲା କ୍ରମେ ରେଲୱେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଭଦ୍ରକ ଚରମ୍ପାସ୍ଥିତ ପୂର୍ବତଟ ରେଲୱେ ବିଭାଗ କାର୍ଯ୍ୟାଳୟର କର୍ମଚାରୀ ବିହାର ଇସଲାମପୁର ଅଞ୍ଚଳର ମହମ୍ମଦ କୁର୍ବାନ ଅଫିସର ତଳ କୋଠରିରେ ଓ ବିଭାଗରେ କାର୍ଯ୍ୟ କରୁଥିବା ଠିକାଦାରଙ୍କ ଗାଡ଼ି ଡ୍ରାଇଭର ତିହିଡ଼ି ଥାନା ଅଞ୍ଚଳର ଅଶୋକ ମହାରାଜ ଉପର ତାଲାକୁ ଶୋଇବାକୁ ଯାଇଥିଲେ। ସେହି ସମୟରେ ପ୍ରାୟ ୬ରୁ ୭ଜଣ ଯୁବକ ମୁହଁରେ କପଡ଼ା ବାନ୍ଧି ପ୍ରଥମେ କୁରବାନଙ୍କୁ ମାଡ଼ି ବସି ତାଙ୍କୁ ମାଡ଼ ମାରିବା ସହ ହାତ ଗୋଡ଼ ବାନ୍ଧି ପକାଇଥିଲେ। ପାଟି ଶୁଣି ଅଶୋକ ତଳକୁ ଆସିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ ମାଡ଼ ମାରି ହାତଗୋଡ଼ ବାନ୍ଧି ଦେଇଥିଲେ। ପରେ ଅଫିସ୍‌ରେ ଥିବା ଜମ୍ପର ୱେୟାର, କ୍ରସ୍ ଫିଦର ୱେୟାର, ସ୍ମଲ ଜମ୍ପର, ଲାର୍ଜ ସ୍ପାନ ୱେୟାର, ବ୍ରିଡଲ ୱେୟାର, କେଟେନାରୀ ୱେୟାର, କଣ୍ଟାକ୍ଟ ୱେୟାର ଆଦି ସାମଗ୍ରୀ ସବୁ ଏକ ଟ୍ରକ୍‌ରେ ଲଦି ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ରେଲୱେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅଫିସ ଖୋଲାଥିବା ଦେଖି ଭିତରକୁ ଯାଇ ୨ କର୍ମଚାରୀ ବନ୍ଧା ହୋଇଥିବା ଦେଖିବାକୁ ପାଇଥିଲା। ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସନ୍ଧାନୀ କୁକୁର ଆଣି ଅଧିକ ଖାନ ତଲାସ ଚାଲିଥିବା ସରକାରୀ ରେଲୱେ ଥାନା ଭାରପ୍ରାପ୍ତ ଅଧିକାରୀ ଆର୍. ଶଙ୍କର ରାଓ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

# ମୌଳିକ ଭିତ୍ତିଭୂମିକୁ ...

କରିଛନ୍ତି। ସେଥିରେ ୯ଟି ମୁଖ୍ୟମନ୍ତ୍ରୀ ଯୋଜନା ରହିଛି। ଏ ସମସ୍ତ ଯୋଜନା ପାଇଁ ବଜେଟରେ ୭ ହଜାର ୩୦୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ବଜେଟରେ ପ୍ରଶାସନିକ ଖର୍ଚ୍ଚ ୯୪ ହଜାର କୋଟି ହୋଇଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ୧ ଲକ୍ଷ ୨୫ ହଜାର କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩,୬୦୦ କୋଟି, ସ୍ଥାନୀୟ ନିକାୟ ଓ ଉନ୍ନୟନ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର ବାବଦରେ ୭,୩୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୦୦୦-୦୧ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୩୫୩୮ କୋଟି ଟଙ୍କା ଥିଲା। ଗତ ୨୩ ବର୍ଷ ମଧ୍ୟରେ ଏହା ୩୫ ଗୁଣ ବୃଦ୍ଧି ପାଇଛି। ବଜେଟରେ କରାଯାଇଥିବା ପୁଞ୍ଜିବ୍ୟୟ ଅଟକଳ ୫୧ ହଜାର ୬୮୩ କୋଟି ଟଙ୍କା, ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ପ୍ରାୟ ୬ ପ୍ରତିଶତ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୪,୮୨୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଶିକ୍ଷା ଓ ଦକ୍ଷତା ବିକାଶ ସକାଶେ ୨୪,୮୨୯ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି ୧୬,୦୪୮ କୋଟି ବ୍ୟୟବରାଦ କରାଯାଇଛି। ଗତ ବର୍ଷ ତୁଳନାରେ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୭ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିପରି ଗ୍ରାମାଞ୍ଚଳର ପାନୀୟ ଜଳ ଯୋଗାଣ ପାଇଁ ୧୩,୨୧୫ କୋଟି, ଏସ୍‌ସି/ଏସ୍‌ଟି ବିକାଶ ପାଇଁ ୩୮,୪୩୭ କୋଟି ଏବଂ ସଡ଼କ, ସେତୁ, ବିମାନବନ୍ଦର ଓ ରେଳପଥ ବିକାଶ ପାଇଁ ୧୯,୪୫୨ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ବଜେଟରେ ନିଜସ୍ୱ ରାଜସ୍ୱ ଓ ଜିଏସ୍‌ଡିପିର ଅନୁପାତ ୧୨.୨୫ ପ୍ରତିଶତ ରହିବ। ବଜେଟରେ ରାଜ୍ୟ ସରକାର ୫୭% ନିଜସ୍ୱ ରାଜସ୍ୱରେ ଯୋଗଦାନ ନେଇ ଆକଳନ କରିଛନ୍ତି।

୨୦୨୩-୨୪ ଆର୍ଥିକ ବର୍ଷ ବଜେଟ ପାଇଁ ରାଜ୍ୟ ସରକାର ନିଜସ୍ୱ ଟିକସ ବାବଦରେ ୫୩ ହଜାର କୋଟି, ଅଣ ଟିକସରୁ ୫୨,୫୦୦(୪୨୨୫୧କୋଟି ଖଣି ରାଜସ୍ୱ) କୋଟି, କେନ୍ଦ୍ରୀୟ ଟିକସ ବାବଦରେ ୪୬୨୫୧.୧୮କୋଟି, କେନ୍ଦ୍ରୀୟ ଅନୁଦାନରୁ ୩୨,୭୪୮.୮୨କୋଟି, ଋଣ ଓ ଅଗ୍ରିମ ପରିଶୋଧରୁ ୮୭୦କୋଟି, ବିଭିନ୍ନ ମାଧ୍ୟମରୁ ଋଣ ବାବଦରେ ୩୩, ୬୩୦ କୋଟି ଟଙ୍କା ଓ ପ୍ରୋଭିଡେଣ୍ଟ ଫଣ୍ଡ ତଥା ଅନ୍ୟାନ୍ୟ ଡିପୋଜିଟରୁ ୧୧ହଜାର କୋଟି ଟଙ୍କା ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ କର୍ମଚାରୀଙ୍କ ଦରମା, ପେନ୍‌ସନ ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟ ବାବଦରେ ୧ ଲକ୍ଷ ୩୯ ହଜାର ୫୨୦କୋଟି ଟଙ୍କା, ପୁଞ୍ଜି କ୍ଷେତ୍ରରେ ବ୍ୟୟ ୫୧୬୮୨ କୋଟି, ସୁଧ ପରିଶୋଧରେ ୭୨୪୦କୋଟି, ଋଣ ପରିଶୋଧରେ ୧୮୭୮୬ କୋଟି ଟଙ୍କା, ଋଣ ପ୍ରଦାନ (ପ୍ରଶାସନିକ)ରେ ୧୭୭୦କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠିରେ ୩୭୦୦କୋଟି ଟଙ୍କା ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ଅନୁଦାନ ବାବଦରେ ୭୩୦୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ଜିଏସ୍‌ଡିପିର ଅଭିବୃଦ୍ଧି ହାର ୮.୫% ରହିବା ନେଇ ଆକଳନ କରାଯାଇଛି। ବଜେଟରେ ରାଜସ୍ୱ ବଳକା ଜିଏସ୍‌ଡିପିର ୩.୧ ପ୍ରତିଶତ ଓ ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତ ମଧ୍ୟରେ ରହିବା ନେଇ ଆକଳନ କରାଯାଇଛି। ତେବେ ରାଜ୍ୟର ଋଣଭାର ଆର୍ଥିକ ବର୍ଷ ଶେଷ ବେଳକୁ ୧ ଲକ୍ଷ ୧୨ ହଜାର କୋଟି ଛୁଇଁବା ନେଇ ଅନୁମାନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଜାନୁୟାରୀ ସୁଦ୍ଧା ରାଜ୍ୟ ସରକାର ୮୭ ହଜାର କୋଟି ଟଙ୍କାର ଋଣ କରିଛନ୍ତି, ଯାହାକି ଜିଏସ୍‌ଡିପିର ୭.୫%। ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା (ଏଫ୍‌ଆର୍‌ବିଏମ୍) ଆଇନ ଅନୁଯାୟୀ ୨୫% ପର୍ଯ୍ୟନ୍ତ ଋଣ କରିବା ବ୍ୟବସ୍ଥା ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଋଣ ଭାର ଜିଏସ୍‌ଡିପିର ୧୨ ପ୍ରତିଶତରେ ସୀମିତ ରହିବ ବୋଲି ରାଜ୍ୟ ସରକାର ଆକଳନ କରିଛନ୍ତି।

ବଜେଟରେ ୨୪ଟି ନୂଆ ଯୋଜନା ପାଇଁ ବ୍ୟୟବରାଦ କରାଯାଇଛି। ଯୁବଗୋଷ୍ଠୀଙ୍କୁ ଆକର୍ଷିତ କରିବା ସକାଶେ ରାଜ୍ୟ ସରକାର ନୂଆ ଓଡ଼ିଶା ଯୋଜନା ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ଯୋଜନାରେ ୧ ଲକ୍ଷ ଯୁବତୀଯୁବକଙ୍କୁ କ୍ଲାଉଡ୍ କମ୍ପ୍ୟୁଟିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡାଟା ସାଇନ୍ସ, ଥ୍ରୀ-ଡି ପ୍ରିଣ୍ଟିଂ ଆଦି କ୍ଷେତ୍ରରେ ଦକ୍ଷତା ବିକାଶ ତାଲିମ ଦିଆଯିବ। ଚାଷୀମାନଙ୍କୁ ଧାନ ସଂଗ୍ରହ ଟଙ୍କା ନିର୍ଦ୍ଧାରିତ ସମୟରେ ଦେବା ପାଇଁ ୨ ହଜାର କୋଟି ଟଙ୍କାର ରିଭଲଭିଂ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ସେହିପରି ବର୍ଷକ ମଧ୍ୟରେ ୧୪୭ଟି ହସ୍ପିଟାଲରେ ପରିବର୍ତ୍ତନ ଆଣିବା ପାଇଁ 'ଆମ ହସ୍ପିଟାଲ' ନୂଆ ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ୭୫୦ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜିଲା, ବ୍ଲକ, ସ୍କୁଲ, ପ୍ରଧାନ ଶିକ୍ଷକ, ଶିକ୍ଷକ, ନିର୍ବାଚିତ ପଞ୍ଚାୟତିରାଜ ସଂସ୍ଥା, ଏସ୍‌ଏମ୍‌ସି, ସିଆର୍‌ସିସି, ବ୍ଲକ ଓ ଜିଲା ଶିକ୍ଷାଧିକାରୀ, ପୁରାତନ ଛାତ୍ର ସଂଘ ଏବଂ ଡିଆଇଇଟିକୁ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ପ୍ରଦାନ ବାବଦରେ ମୋଟ ୧୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଛାତ୍ର ବୃତ୍ତି ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୮୧୧ କୋଟି, 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ' ପାଇଁ ୧୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ଆଦିବାସୀ ପରିବାରକୁ ଜୀବିକାର୍ଜନ ପାଇଁ ଆବଶ୍ୟକ ଭିତ୍ତିଭୂମି ଲାଗି ଅର୍ଥ ଯୋଗାଇ ଦିଆଯିବ। ସେହିପରି 'ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରତିରୋଧୀ ଲୁଣିବନ୍ଧ' ପ୍ରକଳ୍ପ ପାଇଁ ୧୬୦ କୋଟି, ଅନ୍ତର୍ଜାତୀୟ ବିମାନ ସେବା ପାଇଁ ୧୦୦ କୋଟି, ରାଜ୍ୟବାସୀଙ୍କୁ ସୁଲଭ ମୂଲ୍ୟରେ ପରିବହନ ସୁବିଧା ଯୋଗାଇ ଦେବାକୁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆମ ବସ୍ ଯୋଜନା ଲାଗି ୧୫୦ କୋଟି, କେନ୍ଦୁପତ୍ର ତୋଳାଳିଙ୍କୁ ଅତିରିକ୍ତ ବୋନସ ଦେବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ନିମନ୍ତେ ୫୦ କୋଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗ ପାଇଁ ୧୦୦ କୋଟି, କଫି ମିଶନ ପାଇଁ ୧୨୫ କୋଟି , କମ୍ ଶକ୍ତି ବ୍ୟୟ କରୁଥିବା ଘରୋଇ ଉପକରଣକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ସକାଶେ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ 'ମୁଖ୍ୟମନ୍ତ୍ରୀ ଶକ୍ତି ଉନ୍ନୟନ' କାର୍ଯ୍ୟକ୍ରମ ସକାଶେ ୧୪୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ସବୁଜ ଶକ୍ତି କରିଡର ପାଇଁ ୫୦ କୋଟି, ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ପାଣ୍ଠି ଲାଗି ୫୦ କୋଟି, 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ପାଇଁ ୨୧୦ କୋଟି, 'ମୁଖ୍ୟମନ୍ତ୍ରୀ ପୁଷ୍ଟି ଯୋଜନା' ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ମିଶନ ଶକ୍ତି ସ୍କୁଟର ଯୋଜନା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ କମ୍ୟୁନିଟି ସର୍ପୋଟ ଷ୍ଟାଫ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଇସି ସଦସ୍ୟାମାନଙ୍କୁ ଇଲେକ୍ଟ୍ରୋନିକ ସ୍କୁଟର ଲାଗି ସହାୟତା ଦିଆଯିବ। ଏହି ଯୋଜନାରେ ସ୍କୁଟର କ୍ରୟ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ସମ୍ପୂର୍ଣ୍ଣ ଛାଡ଼ କରାଯିବ।

# ଦୁର୍ବଳତାରୁ ପଡ଼ିଥିଲା ଡିଲରଶିପ୍‌ର ମୂଳଦୁଆ

**ଏକ ବ୍ୟବସାୟିକ ପରିବାରରେ ଜନ୍ମ ହୋଇଥିବାରୁ ବ୍ୟବସାୟ ପ୍ରତି ଦୁର୍ବଳତା ଥିଲା। ହେଲେ ଅନୁଗୋଳ କଲେଜରେ ବି.କମ୍ ପଢ଼ିବା ସମୟରେ ବଜାଜ୍‌ର ସୁପର ସ୍କୁଟର କିଣିବା ପରଠାରୁ କମ୍ପାନୀ ପ୍ରତି ଦୁର୍ବଳତା ଅଧିକ ବଢ଼ିଯାଇଥିଲା। ଏପରିକି ୧୯୯୨ରୁ ବଜାଜ୍ ଶୋ'ରୁମ୍ ଖୋଲିବା ସହ ଦୀର୍ଘ ୩୧ ବର୍ଷ ଧରି ଗ୍ରାହକଙ୍କୁ ସେବା ଯୋଗାଇ ଆସିଛୁ। ବହୁ ଘାତ ପ୍ରତିଘାତ ମଧ୍ୟରେ ଅନେକ ସଫଳତା ପାଇଥିବା ଯମୁନା ବଜାଜ୍‌ର ସ୍ୱତ୍ୱାଧିକାରୀ ଗିରିଜା ଶଙ୍କର ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର...**


ଗିରିଜା ଶଙ୍କର ଅଗ୍ରୱାଲ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର-୧: ଅଟୋ ମୋବାଇଲ ବ୍ୟବସାୟ ପ୍ରତି କାହିଁକି ମନ ବଳାଇଲେ?**

ଉତ୍ତର- ୧୯୮୮ରେ ଲୁନା ଗାଡ଼ିରୁ ହିଁ ଅଟୋମୋବାଇଲ ବ୍ୟବସାୟରେ ପାଦ ଥାପିଥିଲୁ। ଏହାପରେ ବଜାଜ୍ ସହ ରୀତିମତ ଯୋଗାଯୋଗରେ ରହିଥିଲୁ। ଏପରିକି ୧୯୯୧ରେ ବଜାଜ୍ ଶୋ' ରୁମ୍ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞାପନ ଦେଖିବା ପରେ ଆମେ ଆବେଦନ କରିଥିଲୁ। ୧୯୯୨ ଫେବୃୟାରୀ ୯ରେ ଆମେ ଅନୁଗୋଳରେ ପ୍ରଥମ କରି ବଜାଜ୍‌ର ଶୋ'ରୁମ୍ ଖୋଲିଥିଲୁ।

**ପ୍ର-୨: ଲୋକମାନେ ଏହାକୁ କିଭଳି ଗ୍ରହଣ କଲେ, ପ୍ରାଥମିକ ସ୍ତରରେ କ'ଣ ସମସ୍ୟା ଥିଲା?**

ଉତ୍ତର- ବଜାଜ୍ କହିଲେ ସେତେବେଳେ ମୁଖ୍ୟତଃ ସ୍କୁଟରକୁ ହିଁ ବୁଝାଉଥିଲା। ଆଉ ଗ୍ରାହକଙ୍କର ସ୍କୁଟର ପ୍ରତି ନାହିଁ ନ ଥିବା ଦୁର୍ବଳତା ଥିଲା। ତେବେ ପ୍ରାଥମିକ ସ୍ତରରେ ଗ୍ରାହକଙ୍କ ନିକଟରେ ଅଧିକ ପରିମାଣର ଗାଡ଼ି ପହଞ୍ଚାଇବାକୁ ଆମ ନିକଟରେ ପର୍ଯ୍ୟାପ୍ତ ଅର୍ଥ ନ ଥିଲା। ବ୍ୟାଙ୍କ ମଧ୍ୟ ଋଣ ପ୍ରଦାନ କରୁ ନ ଥିଲା। ତେବେ ପରବର୍ତ୍ତୀ ସମୟରେ ବ୍ୟାଙ୍କ କେସିସି (କି କ୍ୟାଶ୍ କ୍ରେଡିଟ୍) ଦେଇଥିଲା। ଫଳରେ ଧୀରେ ଧୀରେ ବ୍ୟବସାୟ ଭଲ ହୋଇଥିଲା। ହେଲେ ୧୯୯୭ରୁ ୨୦୦୦ ମସିହା ମଧ୍ୟରେ ଲୋକମାନେ ମୋଟରସାଇକେଲ ମୁହାଁ ହୋଇଥିଲେ। ଫଳରେ ବ୍ୟବସାୟ ମାନ୍ଦା ପଡ଼ିଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବଜାଜ୍‌ର ନୂଆ ନୂଆ ପ୍ରଡକ୍ଟ ବଜାରକୁ ଆସିବାରୁ ଗ୍ରାହକମାନେ ସେସବୁ ଗ୍ରହଣ କରିଛନ୍ତି।

**ପ୍ର-୩: କୋଭିଡ୍ ପରବର୍ତ୍ତୀ ସମସ୍ୟାକୁ କିଭଳି ସାମ୍ନା କରୁଛନ୍ତି?**

ଉତ୍ତର- କୋଭିଡ୍ ସବୁ ବର୍ଗର ବ୍ୟବସାୟୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ମହାମାରୀ ପୂର୍ବରୁ ଗ୍ରାହକମାନେ କିଣିଥିବା ଗାଡ଼ି ଓ ଏହାର ଉପକରଣ ଉପରେ ଗ୍ୟାରେଣ୍ଟିକୁ ବଢ଼ା ଯାଇଥିଲା। ଫଳରେ ଗ୍ରାହକମାନେ ଯେଉଁଭଳି ସମସ୍ୟାରେ ନ ପଡ଼ିବେ, ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଇଥିଲା। ଆଉ ଏଥିରେ କମ୍ପାନୀ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିଥିଲା। ବର୍ତ୍ତମାନ ସ୍ଥିତି ସୁଧୁରିବା ସହ ପୂର୍ବାବସ୍ଥାକୁ ବ୍ୟବସାୟ ଫେରୁଛି।

**ପ୍ର-୪: ଅଟୋମୋବାଇଲ ଇଣ୍ଡଷ୍ଟ୍ରିର କେଉଁ ସବୁ ପ୍ରମୁଖ ସମସ୍ୟା ରହିଛି?**

ଉତ୍ତର- ଭାରତୀୟ ଅଟୋମୋବାଇଲ ଶିଳ୍ପରେ ମୁଖ୍ୟତଃ କଞ୍ଚାମାଲ ଏବଂ ଚିପ୍ ସମସ୍ୟା ଲାଗି ରହିଛି। ଫଳରେ ଉତ୍ପାଦନ କମିବାର ମୂଳ ସମସ୍ୟା ହେଉଛି। କଞ୍ଚାମାଲ ଦର ବୃଦ୍ଧି କାରଣରୁ ଗାଡ଼ିର ମୂଲ୍ୟ ମଧ୍ୟ ବର୍ଷକୁ ୨ରୁ ୩ଥର ବୃଦ୍ଧି ପାଉଛି। ତା'ର ପ୍ରଭାବ ଅଟୋମୋବାଇଲ ଶିଳ୍ପରେ ପଡୁଛି।

**ପ୍ର-୫: ଅଟୋଶିଳ୍ପରେ ବିକ୍ରି କିମ୍ବା ସେବାରେ କେମିତି ଉନ୍ନତି କରିପାରିବା?**

ଉତ୍ତର- ଗ୍ରାହକଙ୍କର ୨ଟି ଜିନିଷ ପ୍ରଥମେ ଜିତିବାକୁ ପଡ଼ିବ। ପ୍ରଥମେ ତାଙ୍କ ନିକଟରେ ପହଞ୍ଚିବାକୁ ପଡ଼ିବ। ଆଉ ସେମାନଙ୍କର ବିଶ୍ୱାସଭାଜନ ହେବାକୁ ହେବ। ଏପରିକି ପଞ୍ଚାୟତସ୍ତରରୁ ସଦର ମହକୁମା ପର୍ଯ୍ୟନ୍ତ ଆବଶ୍ୟକ ସେବା ଯୋଗାଇଦେବାକୁ ପଡ଼ିବ। ଲୋକଙ୍କ ପାଖରେ ପହଞ୍ଚିଲେ ବିକ୍ରି ବଢ଼ିବ। ଏପରିକି ଆବଶ୍ୟକ ସେବା ମଧ୍ୟ ଯୋଗାଇଦେବାକୁ ହେବ ବୋଲି ସେ କହିଛନ୍ତି।

**ପ୍ର-୬: ବର୍ତ୍ତମାନ ସୁଦ୍ଧା ଯମୁନା ବଜାଜ୍‌ର ଯାତ୍ରା କିଭଳି ରହିଛି?**

ଉତ୍ତର- ଦୀର୍ଘ ୩୧ ବର୍ଷ ଧରି ଯାତ୍ରା ବହୁତ ଭଲ ରହିଛି। ମଟରସାଇକେଲରେ ଆମେ ଏବେ ପ୍ରିମିୟର ସେଗ୍‌ମେଣ୍ଟରେ ପହଞ୍ଚୁଛୁ। ହେଲେ ପରିବାର ଲୋକଙ୍କ ସହଭାଗିତା ଓ କର୍ମଚାରୀଙ୍କ ସହଯୋଗ ସବୁ ସମୟରେ ରହିଆସିଛି। ଶୋ'ରୁମ୍ ଆରମ୍ଭ ଦିନଠାରୁ କାର୍ଯ୍ୟ କରୁଥିବା କେତେଜଣ କର୍ମଚାରୀ ଏବେ ବି କାର୍ଯ୍ୟରତ ଅଛନ୍ତି। ଗ୍ରାହକଙ୍କୁ ସେବାରେ ସନ୍ତୁଷ୍ଟ ରହିଛି, ଯେଉଁଥିପାଇଁ ଗ୍ରାହକମାନେ ପୁନର୍ବାର ଶୋ ରୁମ୍‌କୁ ଗାଡ଼ି କିଣିବାକୁ ହେଉ ବା ଲୋକଙ୍କୁ ଧରି ଗାଡ଼ି ନେବାକୁ ଆସନ୍ତି। ସେଥିରୁ ହିଁ ସେମାନଙ୍କର ଭଲ ପାଇବା ଜଣା ପଡ଼ିଥାଏ।

**ପ୍ର-୭: ଆଗକୁ ବ୍ୟବସାୟ ବଢ଼ାଇବାକୁ କ'ଣ ଯୋଜନା ରହିଛି?**

ଉତ୍ତର- ଆଗାମୀ ପିଢ଼ି ପାଖରେ ସହରକୁ ଆସି ଗାଡ଼ି ନେବାକୁ ସମୟ ନାହିଁ। ତେଣୁ ପ୍ରତି ବ୍ଲକରେ ସବ୍‌ଡିଲର ଖୋଲିବାକୁ ଯୋଜନା କରାଯାଇଛି। ସେଠାରେ ବିକ୍ରି ଓ ସେବା ଯେଉଁ ଭଳି ଉଭୟ ଯୋଗାଇହେବ, ସେ ନେଇ ମଧ୍ୟ କାର୍ଯ୍ୟ ଚାଲିଛି। ଏଥିସହ ଢେଙ୍କାନାଳ ଜିଲାର ପରଜଙ୍ଗ ଓ କାମାକ୍ଷାନଗରରେ ମଧ୍ୟ ବ୍ୟବସାୟ ଚାଲିଛି।

**ପ୍ର-୮: ଅବସର ସମୟରେ କ'ଣ କରିବାକୁ ପସନ୍ଦ କରନ୍ତି?**

ଉତ୍ତର- ପ୍ରାତଃ ସମୟରେ ଯୋଗ ଓ ପ୍ରାଣାୟମ କରେ। ଏଭଳିକି ଘରେ ଟିଭି ଦେଖି ମନୋରଞ୍ଜନ କରେ। କିନ୍ତୁ ସପ୍ତାହକୁ ଥରେ ସାଙ୍ଗମାନଙ୍କୁ ସମୟ ଦେଇଥାଏ। ଗୁରୁବାର ପରିବାର ଲୋକ ଓ ବନ୍ଧୁଙ୍କ ସହ ମନ୍ଦିର ଯାଇଥାଏ।

# ଫୁଟବଲ୍ ବେଟିଂ ଆପ୍‌ରେ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଠକେଇ

**ପଶ୍ଚିମବଙ୍ଗରୁ ୨ ଗିରଫ, ଚାଇନାରେ ମାଷ୍ଟରମାଇଣ୍ଡ**
- ୧୫୦ ବ୍ୟାଙ୍କ୍ ଆକାଉଣ୍ଟକୁ ଯାଇଛି ଠକେଇ ଟଙ୍କା
- ୧୭ ଆକାଉଣ୍ଟରେ ହୋଇଛି ୧୦୮ କୋଟି ଟଙ୍କାର ଆର୍ଥିକ କାରବାର
- ଗଞ୍ଜାମରୁ ୮ ଶହରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ୨୦ କୋଟିରୁ ଊର୍ଦ୍ଧ୍ୱ ଠକେଇ
- ଲ' ଏନ୍‌ଫୋର୍ସମେଣ୍ଟ, ବିଦେଶୀ ଇଣ୍ଟରପୋଲ୍‌ର ସହାୟତା ଲୋଡ଼ିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଫୁଟ୍‌ବଲ୍ ବେଟିଂ/ଗେମିଂ ଆପ୍ (18football.com) ମାଧ୍ୟମରେ ଦେଶବ୍ୟାପୀ ୧ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଛି। ଓଡ଼ିଶାର କେବଳ ଗଞ୍ଜାମ ଜିଲାରୁ ୮୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଠକେଇର ଶିକାର ହୋଇ ୨୦ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି। ଏହି ଠକେଇରେ ସମ୍ପୃକ୍ତ ୨ ସହଯୋଗୀଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ପଶ୍ଚିମବଙ୍ଗର ହାୱଡାରୁ ଗିରଫ କରିବା ପରେ ର୍ୟାକେଟ ସମ୍ପର୍କରେ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରୁସ୍ତମ୍ ଖାନ୍ ଓ ଏମ୍‌ଡି. ହକିମ୍। ର୍ୟାକେଟର ମାଷ୍ଟରମାଇଣ୍ଡ ଚାଇନାର ହଂକଂରେ ରହି ଏହି ଠକେଇ ଆପ୍ ଚଳାଉଥିବା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜାଣିବା ପରେ ତଦନ୍ତକୁ ଜୋରଦାର କରିଛି। ମାଷ୍ଟରମାଇଣ୍ଡଙ୍କ ପରାମର୍ଶରେ ଅଭିଯୁକ୍ତଦ୍ୱୟ ହକିମ୍ ଏଣ୍ଡ ରୁସ୍ତମ୍ ଫାବ୍ରିକ୍ସ ପ୍ରାଇଭେଟ୍ ଲିଃ ନାମରେ ଏକ ସେଲ୍ କମ୍ପାନୀ ଖୋଲି ଉଭୟ ନିର୍ଦ୍ଦେଶକ ରହିବା ସହ ଏହା ମାଧ୍ୟମରେ ଠକେଇ ସାମ୍ରାଜ୍ୟକୁ ବଢ଼ାଇ ଚାଲିଥିଲେ। ତେବେ ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଗିରଫ କରାଯିବା ପରେ ଇଓଡବ୍ଲ୍ୟୁ ହାୱଡାସ୍ଥିତ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରିଥିଲା। ସେଠାରୁ ଉଭୟଙ୍କୁ ୫ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ଶୁକ୍ରବାର ବ୍ରହ୍ମପୁର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ତଦନ୍ତବେଳେ ୧୫୦ଟି ବ୍ୟାଙ୍କ୍ ଆକାଉଣ୍ଟକୁ ଠକେଇ ଟଙ୍କା ଯାଇଥିବା ଜଣାପଡିବା ପରେ ୧୭ଟି ଆକାଉଣ୍ଟକୁ ଇଓଡବ୍ଲ୍ୟୁ ଯାଞ୍ଚ କରିଛି। ସେଥିରେ ୧୦୮ କୋଟି ଟଙ୍କାର ଆର୍ଥିକ କାରବାର ହୋଇଥିବାବେଳେ ଠକେଇ ଟଙ୍କାର ପରିମାଣ ୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ଇଓଡବ୍ଲ୍ୟୁ ସୂଚନା ଦେଇଛି। ତେବେ ଏହି ର୍ୟାକେଟରେ ଭାରତ ସମେତ ଅନ୍ୟ ଦେଶରେ ବହୁ ସହଯୋଗୀ ଓ ଏଜେଣ୍ଟ ରହିଥିବାରୁ ସେମାନଙ୍କୁ ଧରିବାକୁ ଇଓଡବ୍ଲ୍ୟୁ କେନ୍ଦ୍ରୀୟ ତଥା ଅନ୍ୟ ରାଜ୍ୟର ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ବିଦେଶୀ ଇଣ୍ଟରପୋଲ୍‌ର ସହାୟତା ନେଇଥିବା ଜଣାପଡିଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ବଡ଼ ଏଜେଣ୍ଟମାନେ ଦୁବାଇ ସମେତ ଭାରତର ବିଭିନ୍ନ ରାଜ୍ୟରେ ସ୍ଥାନରେ ରହି ରାକେଟ୍ ଚଳାଉଛନ୍ତି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲୋଭ ଦେଖାଇ ସେମାନେ ପ୍ରାୟତଃ ଯୁବକଙ୍କୁ ଠକିଥାନ୍ତି। ଉକ୍ତ ଆପ୍‌ର ଲିଙ୍କ୍‌କୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ମାଧ୍ୟମରେ ସେମାନେ ଲୋକଙ୍କୁ ପଠାଇବା ପରେ ଏକ ଆକାଉଣ୍ଟ ଖୋଲିବାକୁ କହିଥାନ୍ତି। ପରେ ଉକ୍ତ ଆପ୍‌ରେ ହେଉଥିବା ଫୁଟ୍‌ବଲ୍ ମ୍ୟାଚ୍‌ରେ ଟଙ୍କା ଲଗାଇଲେ ବହୁଗୁଣା ଲାଭ ହେବାର ଲୋଭ ଦେଖାଇଥାନ୍ତି। ଏପରିକି ଆପ୍‌କୁ ଚଳାଇବାକୁ ବିଦେଶୀ ମେଣ୍ଟରମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥାଏ। ଆପ୍ ଦ୍ୱାରା ଟଙ୍କା ନିବେଶ କରିବା ପରେ ଦିନକୁ ୩% ରିଟର୍ନ ସହ ରିଚାର୍ଜ ବୋନସ୍, ରେଫରାଲ୍ ବୋନସ୍, ଏକ୍ସଟ୍ରା ବୋନସ୍, ସାଲାରି ବୋନସ୍ ଆଦି ମିଳିବ ବୋଲି କୁହାଯାଏ। ତେବେ ରେଫରାଲ୍ ବୋନସ୍ ପାଇବା ପାଇଁ ଅନ୍ୟ ଲୋକଙ୍କୁ ଏହି ଆପ୍ ସହ ଯୋଡ଼ିବାକୁ ପଡିଥାଏ। ଏବାବଦକୁ କମିଶନ ମିଳିବାର ଲୋଭ ଦିଆଯାଇଥାଏ। ଏଭଳି ଭାବରେ ଗଞ୍ଜାମର ଲୋକେ ୨୦୨୧ରୁ ଟଙ୍କା ନିବେଶ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କିଛି ଟଙ୍କା ସେମାନଙ୍କୁ ମିଳିବା ପରେ ଉକ୍ତ ଆପ୍ ବନ୍ଦ ହୋଇଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ଗତ ଫେବୃୟାରୀ ୧୭ରେ ମାମଲା (ନଂ.୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଏହା ଏକ ବଡ଼ ଠକେଇ ଓ ଚାଇନା ଠକଙ୍କ ଲିଙ୍କ୍ ରହିଥିବା ଜଣାପଡିଥିଲା। ଆହୁରି ମଧ୍ୟ ପୋଲିସଠୁ ବର୍ତ୍ତିବା ପାଇଁ ମାଷ୍ଟରମାଇଣ୍ଡ ଏକାଧିକ ସେଲ୍ କମ୍ପାନୀ ଖୋଲିଛନ୍ତି। ଏଥିପାଇଁ କମ୍ପାନୀର ନିର୍ଦ୍ଦେଶକମାନେ ମଧ୍ୟ କମିଶନ ପାଇଥାନ୍ତି। ତେବେ ଏଭଳି ଆପ୍‌କୁ ଡାଉନ୍‌ଲୋଡ ଓ ବେଟିଂରେ ଟଙ୍କା ନ ଲଗାଇବାକୁ ଇଓଡବ୍ଲ୍ୟୁ ପକ୍ଷରୁ ପରାମର୍ଶ ଦିଆଯାଇଛି।



ଗିରଫ ଦୁଇ ଅଭିଯୁକ୍ତ।

# ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କୁ ଆଶ୍ୱସ୍ତି

**ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲା**
- କୋର୍ଟରେ ଶେଷ ରିପୋର୍ଟ ଦାଖଲକଲା କମିଶନରେଟ ପୋଲିସ
- ଆନନ୍ଦ ଆତ୍ମହତ୍ୟା କରିଥିବା ତଦନ୍ତରୁ ସ୍ପଷ୍ଟ
- ବାନ୍ଧବୀ ମନ୍‌ଜିତ୍ ଟେଟେଙ୍କୁ ମଧ୍ୟ କ୍ଲିନ୍‌ଚିଟ୍

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ କମିଶନରେଟ ପୋଲିସ ତଦନ୍ତ କରିଛି। ଇନ୍‌ଫୋସିଟି ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ଙ୍କ କୋର୍ଟରେ ମାମଲା ସଂକ୍ରାନ୍ତ ଶେଷ ରିପୋର୍ଟ ଦାଖଲ କରାଯାଇଛି। ଏହି ମାମଲାରେ ସାକ୍ଷୀ, ସୂଚନାଦାତା, ପାରିପାର୍ଶ୍ୱିକ ପ୍ରମାଣ, ପୋଷ୍ଟମର୍ଟମ ରିପୋର୍ଟ, ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରୀ (ଏସ୍‌ଏଫ୍‌ଏସ୍‌ଏଲ୍)ର ଭିସେରା କେମିକାଲ ରିପୋର୍ଟ ଓ ସାଇଣ୍ଟିଫିକ୍ ଅଧିକାରୀଙ୍କ ରିପୋର୍ଟରୁ ଆନନ୍ଦ ଆତ୍ମହତ୍ୟା କରିଥିବା ଉକ୍ତ ରିପୋର୍ଟରେ ସ୍ପଷ୍ଟ କରାଇଛି। ଏପରିକି ଆନନ୍ଦଙ୍କୁ ବଳପୂର୍ବକ ମଦ କିମ୍ବା ନିଶା ଦିଆଯାଇ ନ ଥିବା ଭିସେରା ରିପୋର୍ଟରେ ଜଣାପଡ଼ିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଫଳରେ ଏହି ମାମଲାରେ ଅଭିଯୁକ୍ତ ଥିବା ଆନନ୍ଦଙ୍କ ପିଲାଦିନର ସାଙ୍ଗ ତଥା ଆନ୍ତର୍ଜାତିକ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ବାନ୍ଧବୀ ମନଜିତ୍ ଟେଟେଙ୍କୁ ଆଶ୍ୱସ୍ତି ମିଳିଛି।

ସୂଚନାଯୋଗ୍ୟ, ଆନନ୍ଦ ମୃତ୍ୟୁ ପୂର୍ବରୁ ପ୍ରାୟ ଦେଢ଼ ବର୍ଷ ଧରି ବାନ୍ଧବୀ ମନ୍‌ଜିତଙ୍କ ସହ ଲିଭ୍ ଇନ୍‌ରେ ଥିଲେ। ସେମାନେ ଇନ୍‌ଫୋସିଟି ଅଞ୍ଚଳରେ ଥିବା ଆୟୁଷ ରେଡିଅମ୍ ଆପାର୍ଟମେଣ୍ଟର ଏକ ଫ୍ଲାଟ୍‌ରେ ଏକାଠି ରହୁଥିଲେ। ସେଠାରେ ଆଉଏକ ରୁମରେ ବୀରେନ୍ଦ୍ର ରହୁଥିଲେ। ବିବାହର ୧୦ ଦିନପରେ ଅର୍ଥାତ୍ ୨୦୨୨ ଫେବୃୟାରୀ ୨୮ରେ ଆନନ୍ଦ ରାଉରକେଲାରୁ ଫେରି ପୂର୍ବାହ୍ନ ସାଢ଼େ ୧୦ଟାରେ ଉକ୍ତ ଫ୍ଲାଟ୍‌କୁ ଆସିଥିଲେ। ବାନ୍ଧବୀଙ୍କ ସହ ମତାନ୍ତର ହେବାରୁ ଆନନ୍ଦ ତାଙ୍କ ରୁମ୍‌ରେ ଶାଢ଼ୀ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ସେହି ସମୟରେ ମଧ୍ୟ ବୀରେନ୍ଦ୍ର ଅନ୍ୟ ଏକ ରୁମ୍‌ରେ ଥିଲେ। ଆନନ୍ଦଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପାଙ୍କୁ ବୀରେନ୍ଦ୍ର ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ଏନେଇ ବୀରେନ୍ଦ୍ର ଓ ମନ୍‌ଜିତ ଟେଟେଙ୍କ ନାଁରେ ଆନନ୍ଦଙ୍କ ବାପା ବନ୍ଧନ ହତ୍ୟା ଅଭିଯୋଗ ଆଣିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ପରିବାର ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ନଭେମ୍ବର ୨୪ରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୬/୨୦୨୨) ରୁଜୁ କରି ତଦନ୍ତକୁ ଆଗକୁ ବଢ଼ାଇଥିଲା। ତେବେ ଆନନ୍ଦଙ୍କ ମୃତ୍ୟୁ ପଛରେ ବୀରେନ୍ଦ୍ରଙ୍କ ହାତ ଥିବା ଚର୍ଚ୍ଚା ହୋଇଥିଲା। ଡିସେମ୍ବରରେ ପର୍ଯ୍ୟାୟକ୍ରମେ ବୀରେନ୍ଦ୍ର, ମନଜିତ୍, ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋ, ମାଆ, ସ୍ତ୍ରୀ ଓ ବଡ଼ ଭାଇଙ୍କୁ ପୋଲିସ ପଚରାଉଚରା କରି ବୟାନ ରେକର୍ଡ କରିଥିଲା।

# ପ୍ରଶ୍ନପତ୍ରରେ ଚିହ୍ନ ମାରିଲେ ଏମ୍‌ପି ହେବେ

**ଯୁକ୍ତ୨ ପରୀକ୍ଷା: କଡ଼ାକଡ଼ି ହେବ ନିୟମ**
- ପରୀକ୍ଷା ସରିବା ପୂର୍ବରୁ କେନ୍ଦ୍ର ଛାଡ଼ିଲେ ପ୍ରଶ୍ନପତ୍ର ନେଇପାରିବେନି
- ଉତ୍ତରଖାତାର ବଳକା ଫର୍ଦ୍ଦରେ କ୍ରସ୍ ମାର୍କ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହୋଇ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ପରୀକ୍ଷାକୁ କଡ଼ାକଡ଼ି କରିବା ପାଇଁ ପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନାଠାରୁ ଆରମ୍ଭ କରି ମୂଲ୍ୟାୟନ, ରେଜଲ୍ଟ ପ୍ରକାଶ ଆଦି ସବୁଥିରେ କଡ଼ାକଡ଼ି ନିୟମ କରାଯିବ। ଏଥର ପ୍ରଶ୍ନପତ୍ରରେ କୌଣସି ପରୀକ୍ଷାର୍ଥୀ ଚିହ୍ନ ମାରିପାରିବେ ନାହିଁ। କେବଳ ପ୍ରଶ୍ନ ପଢ଼ିବେ ଏବଂ ଉତ୍ତରଖାତାରେ ଯାହା ଉତ୍ତର ଲେଖିବେ। ଯଦି ଛାତ୍ରୀଛାତ୍ର ପ୍ରଶ୍ନପତ୍ରରେ କିଛି ଲେଖିଲେ ବା ଚିହ୍ନ ମାରିଲେ, ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ଏମ୍‌ପି କରାଯିବ। ଏଥିସହିତ ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷା କେନ୍ଦ୍ର ଛାଡ଼ିଲେ ପରୀକ୍ଷାର୍ଥୀମାନେ ପ୍ରଶ୍ନପତ୍ର ସାଙ୍ଗରେ ନେଇପାରିବେ ନାହିଁ ବୋଲି ନିୟମ କରାଯାଇଛି। ସକାଳ ୯ଟା ୩୦ସୁଦ୍ଧା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ୧୦ଟାରେ ପରୀକ୍ଷା ଆରମ୍ଭ ହେବ। ୩୦ମିନିଟ ପୂର୍ବରୁ ଛାତ୍ରୀଛାତ୍ର ହଲ୍‌ରେ ବସିବେ। ୧୦ଟାରେ ପ୍ରଶ୍ନପତ୍ର ବଣ୍ଟାଯିବ। ୧୫ ମିନଟ୍ ମଧ୍ୟରେ ବଳକା ପ୍ରଶ୍ନପତ୍ର ସିଲ୍ କରାଯିବ। ୧୦ଟା ୩୦ ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ଅନୁମତି ମିଳିବ ନାହିଁ। ଉତ୍ତରଖାତାର ବଳକା ଫର୍ଦ୍ଦରେ କ୍ରସ୍ ମାର୍କ କରିବାକୁ ନିର୍ଦ୍ଦେଶ ରହିଛି।

ଚଳିତବର୍ଷ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପରୀକ୍ଷା ଦାୟିତ୍ୱରେ ଥିବା ଅଧ୍ୟାପକମାନେ ମଧ୍ୟ ମୋବାଇଲ ବ୍ୟବହାର କରିପାରିବେ ନାହିଁ। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ସମସ୍ତ ଅଧିକାରୀ, ଅବଜର୍ଭର, ସ୍କ୍ୱାଡ୍ ମେମ୍ବର, ଜିଲା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ମୋବାଇଲ ଫୋନ ଦାଖଲ କରିବେ। ପ୍ରଶ୍ନପତ୍ର ଓ ଉତ୍ତରଖାତା ଲାଗି ୨୦୨ଟି ହବ୍ କେନ୍ଦ୍ର ହୋଇଛି। ପରୀକ୍ଷା ସରିବା ପରେ ସନ୍ଧ୍ୟା ସୁଦ୍ଧା ପରୀକ୍ଷା କେନ୍ଦ୍ରରୁ ଉତ୍ତରଖାତା ସୁରକ୍ଷିତ ଭାବେ ନିଆଯାଇ ହବ୍ କେନ୍ଦ୍ରରେ ରଖାଯିବ। ଯେଉଁ ପରୀକ୍ଷାକେନ୍ଦ୍ର ହବ୍ ସେଣ୍ଟରଠାରୁ ୧୦୦କିମିରୁ ଦୂରରେ ରହିଥିବ କିମ୍ବା ସେପରି କିଛି ପରିସ୍ଥିତି ସୃଷ୍ଟି ହେଲା, ତାହା ହେଲେ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବଳୟରେ ସମସ୍ତ ଉତ୍ତର ଖାତା ରଖାଯିବ। ୨୪ଘଣ୍ଟା ମଧ୍ୟରେ ହବ୍‌ରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସାପଧରାଳିଙ୍କୁ ଭେଟିବାକୁ ୟୁକେରୁ ଭଦ୍ରକ

**ୟୁଟ୍ୟୁବ୍‌ରେ ମିର୍ଜାଙ୍କ କୌଶଳରେ ପ୍ରଭାବିତ ବିଦେଶୀ ଦମ୍ପତି**

ଭଦ୍ରକ ଅଫିସ,୨୪।୨

ୟୁଟ୍ୟୁବ୍‌ରେ ତାଙ୍କର ସାପ ଧରିବା କୌଶଳ ଦେଖି ବ୍ରିଟେନ୍(ୟୁକେ) ଦମ୍ପତି ଭଦ୍ରକ ଆସି ସାପଧରାଳି ମିର୍ଜା ଆରିଫଙ୍କୁ ଭେଟିଛନ୍ତି। ଜୀବଜନ୍ତୁଙ୍କୁ ଭଲ ପାଉଥିବା ଏହି ବିଦେଶୀ ଦମ୍ପତି ଭଦ୍ରକରେ ପହଞ୍ଚି ଶୁକ୍ରବାର ମିର୍ଜାଙ୍କୁ ଭେଟି ତାଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ୟୁକେର ପୁଲ୍ ଓ ସ୍ତ୍ରୀ ସାରା ମିର୍ଜାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ସାପ ଧରିବାର କଳା କୌଶଳ ଦେଖିବା ପରେ ଭଦ୍ରକ ଆସି ତାଙ୍କୁ ଦେଖା କରିବା ପାଇଁ ସ୍ଥିର କରିଥିଲେ। ଗୁରୁବାର ସେମାନେ ଭଦ୍ରକରେ ପହଞ୍ଚି ଏକ ହୋଟେଲରେ ରାତ୍ରିଯାପନ କରିବା ପରେ ଶୁକ୍ରବାର ମିର୍ଜାଙ୍କୁ ସାକ୍ଷାତ୍ କରିଥିଲେ। ସେମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ପରିବାରର ଜଣେ ସଦସ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କ ସହ ୪/୫ ଦିନ ରହି ବିଭିନ୍ନ ସ୍ଥାନକୁ ଯାଇ ସାପ ଧରିବାର କୌଶଳ ଦେଖିବେ ବୋଲି ପୁଲ୍ କହିଛନ୍ତି। ମିର୍ଜାଙ୍କୁ ଦେଖା କରିବା ପାଇଁ ଏତେ ବାଟ ଆସିଥିଲୁ। ତାଙ୍କ ସହ ଦେଖା ହୋଇ ମିଶିବା ପରେ ସ୍ୱପ୍ନ ପୂରଣ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

ଭଦ୍ରକର ପୁରୁଣାବଜାର ଅଞ୍ଚଳରେ ମିର୍ଜାଙ୍କ ଘର। ସ୍ତ୍ରୀ, ଦୁଇପୁଅ ଓ ଗୋଟିଏ ଝିଅଙ୍କୁ ନେଇ ତାଙ୍କ ପରିବାର। ଦୀର୍ଘଦିନ ଧରି ବିଭିନ୍ନ ଅଞ୍ଚଳରୁ ଖବର ପାଇ ନିଜ ଜୀବନକୁ ବାଜି ଲଗାଇ ବିଷଧର ସାପ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିବା ତାଙ୍କର ନିତିଦିନିଆ କାମ। ଜଙ୍ଗଲ ବିଭାଗ ଅପେକ୍ଷା ଭଦ୍ରକ ଜିଲାରେ ସାପଧରାଳି ଭାବେ ତାଙ୍କୁ ଅଧିକ ଲୋକେ ଫୋନ କଲ୍ କରି ଡାକିଥାନ୍ତି। ଏତେଦିନ ଧରି ଲୋକଙ୍କୁ ସେବା ଯୋଗାଉଥିବା ବେଳେ ବନ ବିଭାଗ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବା ସେ କହିଛନ୍ତି।


ସାପଧରାଳି ମିର୍ଜା ଆରିଫଙ୍କ ସହ ୟୁକେ ଦମ୍ପତି।

सूक्ष्म, लघु और मध्यम उद्यम मंत्रालय
MINISTRY OF MICRO, SMALL & MEDIUM ENTERPRISES
खादी और ग्रामोद्योग आयोग
KHADI & VILLAGE INDUSTRIES COMMISSION
Khadi... The Pride of India.
Khadi India
CELEBRATING
KHADI MAHOTSAV-2023
A STATE LEVEL EXHIBITION
21st Feb - 2nd Mar, 2023
TIME: 2 PM to 10 PM
Venue
IDCO Exhibition Ground Unit-III, Bhubaneswar
KHADI FOR NATION
KHADI FOR FASHION
Please visit the Exhibition and encourage rural artisans by purchasing Khadi and Village Industries products and enjoy Cultural shows in the evening
www.khadiindia.gov.in Follow us on : /kvicindia

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

MARKETING PERSON
wanted, preferably having experience in marketing of building materials, for a Paint and Hardware Shop at Bhubaneswar.
Contact: 6371440992

REQUIRED
GENERAL MANAGER for Real Estate Company. 5-10 Yrs. Exp. Selected few applicants will be invited for Interview.
Salary: 40,000/- p.m.
Facilities: Free Four Wheeler Vehicle with Driver, Mobile Recharge, House Rent, EPF & ESI. Call: 7008432414.
Mail us: estgmbbsr@gmail.com

APPOINTMENT
We require a PHARMACIST for our organization.
AGRAHA FOUNDATION
Plot No.- GA 80, Gayatri Bhaban, GA Colony, Bharatpur, Bhubaneswar
e-mail: contact@aagrahafoundation.org
Ph.-9861140807, 9556633763

ଶିକ୍ଷକ ଆବଶ୍ୟକ
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜି.ଜି.ପି., ରସୁଲଗଡ଼ ପାଇଁ B.A/ M.A. B.Ed ଇଂରାଜୀ ଶିକ୍ଷକ ନବମ, ଦଶମ ଶ୍ରେଣୀ ପାଇଁ ଆବଶ୍ୟକ ।
ଯୋଗାଯୋଗ-୮୭୬୩୧୨୩୭୮୨
୯୯୩୭୬୧୯୪୯୭

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati
Free Training on all products
Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

DELHI PUBLIC SCHOOL
JANJGIR-CHAMPA
Vacancy 2023-24
Walk-In-Interview
Date - 26th February, 2023, (Sunday), Time - 10:00 am to 05:00 pm
1. Head Mistress (3-5 Yrs. Exp.)
2. PGT (3-5 Yrs. Exp.) - Chemistry, Physics, Commerce, English
3. TGT (3-5 Yrs. Exp.) - Science, S.St., English
4. PRT (2-3 Yrs. Exp.) - Maths, Computer
5. Others (2-3 Yrs. Exp.) - Music Teacher
6. Pre-Primary Coordinators (3-5 Yrs. Exp.) - 2 Posts
7. Pre-Primary Teachers (2-3 Yrs. Exp.) - 3 Posts
8. Computer Teacher (Robotics & AI) (2-3 Yrs. Exp.)
- Those who cannot attend may share the profile at jobs@dpschampa.com
- Candidates are requested to bring one recent colour passport size photograph
- Interested Candidates can attend a walk-in-Interview at:
Venue - Hotel Sagar Royale, SCR-90, Unit-3, Kharavela Nagar, Housing Board Square, Bhubaneswar - 01, Odisha
Work Location - Champa, Chhattisgarh | Call & Whatsapp ! 8435304007
/www.dpschampa.com | /dpschampa | linkedin.com/school/dpschampa

"ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। –ଶ୍ରୀମା

# କାର୍ଯ୍ୟକାଳ ବୃଦ୍ଧି ସମସ୍ୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ନ୍ୟାଶନାଲ ମାଇନିଂ ଡେଭଲପମେଣ୍ଟ କର୍ପୋରେସନ (ଏନ୍ଏମ୍ଡିସି)ର ସିଏମ୍ଡି ସୁମିତ ଦେବଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ କେନ୍ଦ୍ର ଇସ୍ପାତ ମନ୍ତ୍ରାଳୟ ପ୍ରସ୍ତାବ ଦେଇଛି। ଉକ୍ତ ପ୍ରସ୍ତାବ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍(ସିପିଏସ୍ଇ)ର ବୋର୍ଡ ସ୍ତରରେ ଦାୟିତ୍ୱ ନିର୍ବାହ କରୁଥିବା ଅଧିକାରୀମାନଙ୍କ ଚାକିରି କାର୍ଯ୍ୟକାଳ ବୃଦ୍ଧିଜନିତ ସମସ୍ୟାକୁ ସାମ୍ନାକୁ ଆଣିଛି। ଅବସର ପରେ ଦେବଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ବଢ଼ାଇବା ପ୍ରସ୍ତାବର ବୈଧତା ଏବଂ ଯୁକ୍ତିଯୁକ୍ତତାକୁ ନେଇ କାର୍ମିକ ମନ୍ତ୍ରାଳୟ ଚିନ୍ତାପ୍ରକଟ କରିଛି। କାର୍ମିକ ମନ୍ତ୍ରାଳୟ ସ୍ପଷ୍ଟ କରିଛି ଯେ, ଆଇନଗୁଡ଼ିକ ସାଧାରଣତଃ କାର୍ଯ୍ୟକାଳ ବଢ଼ାଇବା ଲାଗି ଅନୁମତି ଦେଇ ନ ଥାଏ ଏବଂ କେବଳ ରୁଗ୍ଣ ସିପିଏସ୍ଇର ସୁଧାର ପାଇଁ ଅତ୍ୟନ୍ତ ଭଲ କାମ କରୁଥିବା କାର୍ଯ୍ୟରତ ବୋର୍ଡ ସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥାଏ। ଯେହେତୁ ଏନ୍ଏମ୍ଡିସି ଏକ ରୁଗ୍ଣ ସିପିଏସ୍ଇ ନୁହେଁ, ସେଥିପାଇଁ ଦେବଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାରେ ଇସ୍ପାତ ମନ୍ତ୍ରାଳୟର ପ୍ରସ୍ତାବର ବୈଧତା ଉପରେ ପ୍ରଶ୍ନ ଉଠିଛି। ଏହାସହ ଏନ୍ଏମ୍ଡିସି ପାଇଁ ଖାଲିଥିବା ସିଏମ୍ଡି ପଦବୀ ପୂରଣ କରିବା ଲାଗି ବିଜ୍ଞାପନ ବୋର୍ଡରେ ବିଳମ୍ବକୁ ନେଇ କାର୍ମିକ ମନ୍ତ୍ରାଳୟ ଚିନ୍ତାପ୍ରକଟ କରିଛି। ତେବେ ଦେବଙ୍କ କାର୍ଯ୍ୟକାଳ ବୃଦ୍ଧିର ପ୍ରସ୍ତାବ ସିଏମ୍ଡି ପଦବୀ ଲାଗି ଚୟନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାକୁ ଏକ ପ୍ରୟାସ ହୋଇପାରେ କି? କାର୍ମିକ ମନ୍ତ୍ରାଳୟର ଦୃଷ୍ଟିକୋଣ ଏହି ଦିଗକୁ ସୂଚିତ କରୁଥିବା ମନେହେଉଛି। କାରଣ, ଆପଏଣ୍ଟମେଣ୍ଟ କମିଟି ଅଫ୍ କ୍ୟାବିନେଟ୍ (ଏସିସି) ଦ୍ୱାରା ବିଜ୍ଞାପନ ଦେବା ଓ ଖାଲି ପଦବୀ ପୂରଣ କରିବା ପାଇଁ ନିର୍ଦ୍ଧାରିତ ତଥା ସ୍ୱୀକୃତ ସମୟସୀମାକୁ ଅନୁସରଣ କରିବାରେ ଇସ୍ପାତ ମନ୍ତ୍ରାଳୟ ବିଫଳ ହୋଇଛି। ତେବେ ଉକ୍ତ ସମସ୍ୟା ସମାଧାନ କରିବା ଲାଗି ଇସ୍ପାତ ମନ୍ତ୍ରାଳୟ ନିଷ୍ପତ୍ତି ନେଇପାରିବ। କାରଣ ଦେବ ଏନ୍ଏମ୍ଡିସିର ସିଏମ୍ଡି ପଦବୀରୁ ଅବସର ନେବା ପୂର୍ବରୁ ମନ୍ତ୍ରାଳୟ ହାତରେ ଆଉ ବେଶ୍ ସମୟ ଅଛି।

### ରାଜନୀତିରେ ଅଭିଳାଷ

ଭାରତରେ ଅବସରପ୍ରାପ୍ତ ଅମଲାତନ୍ତ୍ରୀମାନେ ଦୀର୍ଘବର୍ଷ ଧରି ରାଜନୀତିରେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିଆସିଛନ୍ତି। ଏହି ଧାରା ଆଗାମୀ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଚାଲୁରହିବ ବୋଲି ଜଣାପଡ଼ୁଛି। ଏହି ନିର୍ବାଚନ ପାଇଁ ଅନେକ ଅବସରପ୍ରାପ୍ତ ବାବୁମାନେ ଭାଜପା, କଂଗ୍ରେସ ଓ ଆପ୍ ସମେତ ସବୁ ପ୍ରମୁଖ ରାଜନୈତିକ ଦଳରୁ ଟିକେଟ ପାଇବାକୁ ଚାହୁଁଛନ୍ତି। ସୂତ୍ରରୁ ପ୍ରକାଶ, ପୂର୍ବତନ ଆଇଏଏସ୍ ଅଧିକାରୀ ଭାସ୍କର ରାଓ ଖାକି ଛାଡ଼ି ଖଦିକୁ ଆପଣାଇଛନ୍ତି। ସେ ଆମ୍ ଆଦମୀ ପାର୍ଟିରେ ଯୋଗ ଦେଇଛନ୍ତି ଓ ବାସଭାନଗୁଡ଼ି ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ଅଛି। ଅବସରପ୍ରାପ୍ତ ସୂଚନା କମିଶନର ତଥା ଆଇଆରଏସ୍ ଅଧିକାରୀ ସୁଦାମ ଦାସ ମଧ୍ୟ ଇସ୍ତଫା ଦେଇଛନ୍ତି ଏବଂ ସେ ନିଜଙ୍ଗଲ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରେ ଲଢ଼ିବାକୁ ଚାହୁଁଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ତାଙ୍କ ପୂର୍ବରୁ କମିଶନର ଥିବା ଅଧିକାରୀ ଏଲ୍.କ୍ରିଷ୍ଣମୂର୍ତ୍ତି ସେହି ନିର୍ବାଚନମଣ୍ଡଳୀରୁ ଟିକେଟ ପାଇବାକୁ ଆଶାୟୀ ଅଛନ୍ତି। ଜଣାପଡ଼ିଛି, ନିର୍ବାଚନ ପାଖେଇ ଆସୁଥିବାରୁ ଅଧିକ ସଂଖ୍ୟକ ବାବୁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପାଖରେ ପହଞ୍ଚୁଛନ୍ତି ଏବଂ ଦଳଗୁଡ଼ିକ ଟିକେଟ ନିଶ୍ଚିତ କଲେ ସେମାନେ ଚାକିରିରୁ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛନ୍ତି। ଦେଖିବାକୁ ଗଲେ ପ୍ରଶାସନରେ ସଫଳତା ପାଇଥିବା ବାବୁମାନେ ମଧ୍ୟ ସମସ୍ତେ ନୁହନ୍ତି, ବରଂ କେତେଜଣ ଅବସର ପରେ ରାଜନୀତି କ୍ୟାରିୟରରେ ସଫଳ ହୋଇଛନ୍ତି। ରାଜନୀତିରେ ସଫଳତା ପାଇବାକୁ ହେଲେ ପ୍ରଶାସନିକ ଅଭିଜ୍ଞତାଠାରୁ ଅଧିକ କିଛି ଆବଶ୍ୟକ। ଏଥିପାଇଁ ରାଜନୀତିକୁ ଲମ୍ଫ ଦେଇ ନେତା ହେବାର ଦୃଢ଼ ଅଭିଳାଷ ରଖୁଥିବା ବାବୁମାନେ ମନେରଖିବା ଉଚିତ ଯେ, ଭୋଟରମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଲାଗି ଏକ ଦୃଢ ରାଜନୈତିକ ବିଚକ୍ଷଣ ବିଚାର ଓ ଦକ୍ଷତାର ଗୁରୁତ୍ୱ ରହିଛି।

### ନୂଆ ବିବାଦର ସମ୍ଭାବନା

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ତାଙ୍କ ପ୍ରମୁଖ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ଦାୟିତ୍ୱ ମୁକ୍ତ କରିଛନ୍ତି । ବିଶେଷକରି ରାଜ୍ୟର ରାଜ୍ୟପାଳମାନେ ବାବୁମାନଙ୍କୁ ନେଇ ସେମାନଙ୍କର ପସନ୍ଦର ଟିମ୍ ଗଢିଥାନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନ୍କଡ(ଏବେ ଭାରତର ଉପରାଷ୍ଟ୍ରପତି ଅଛନ୍ତି)ଙ୍କର ମମତା ବାନାର୍ଜୀ ସରକାର ସହ ଅନେକ ଘଟଣାକୁ ନେଇ ବହୁ ବିବାଦ ଦେଖାଦେଇଥିଲା ଓ ତାହା ତାଙ୍କ କାର୍ଯ୍ୟକାଳକୁ କ୍ଷତି ପହଞ୍ଚାଇଥିଲା । ସେ ବି ରାଜଭବନରେ ତାଙ୍କ ପସନ୍ଦର ଟିମ୍ ଗଠନ କରିଥିଲେ। ସୂତ୍ରରୁ ଜଣାପଡ଼ିଛି, ରାଜ୍ୟ ଭାଜପା ମୁଖ୍ୟ ଚକ୍ରବର୍ତ୍ତୀଙ୍କୁ ବାହାରକରିବା ପାଇଁ ବୋଷଙ୍କ ଉପରେ ଚାପ ପକାଇ ଆସୁଥିଲେ । ରାଜ୍ୟ ସରକାରଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବା ପାଇଁ ବରିଷ୍ଠ ବାବୁମାନେ ରାଜ୍ୟପାଳଙ୍କୁ ଭୁଲ୍ ବାଟରେ ନେଉଛନ୍ତି ବୋଲି ତାଙ୍କର ଅଭିଯୋଗ ଥିଲା । ତେବେ ଏପର୍ଯ୍ୟନ୍ତ ବୋଷଙ୍କ ସହ ମମତାଙ୍କ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଅଛି। ଯଦି ସେ ବିଶ୍ୱାସ କରନ୍ତି ଯେ, ରାଜଭବନର କାର୍ଯ୍ୟକଳାପକୁ ନିୟନ୍ତ୍ରଣକୁ ନେବା ଲାଗି ଭାଜପା ଚେଷ୍ଟାକରୁଛି, ତେବେ ଏହି ସମ୍ପର୍କ ବିଗିଡ଼ି ଯାଇପାରେ। ଏହାସହ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ଚକ୍ରବର୍ତ୍ତୀଙ୍କୁ ବିଦାକରିବା ଦ୍ୱାରା ଲଢ଼େଇ ଆରମ୍ଭ ହେବାର ବହୁ ସମ୍ଭାବନା ଅଛି। ଟିଏମ୍ସି ସରକାରର ନିକଟ ଇତିହାସକୁ ଦେଖିଲେ ପୁନର୍ବାର ବିବାଦ ଯେ ପ୍ରକାଶ ନ ପାଇବ ତାହା ଆଶା କରିବା ବୃଥା । ଗତବର୍ଷ ଅଗଷ୍ଟରେ ୧୯୯୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଚକ୍ରବର୍ତ୍ତୀ ରାଜ୍ୟପାଳ ଲା ଗଣେଶନଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଥିଲେ। ଗଣେଶନଙ୍କ ସ୍ଥାନରେ ଆନନ୍ଦ ବୋଷ ଅବସ୍ଥାପିତ ହେବା ପରେ ବି ଚକ୍ରବର୍ତ୍ତୀ ସେହି ପଦବୀରେ ରହିଥିଲେ।

Email: dilipcherian@gmail.com

# ତରଳୁଛି ବରଫ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜାତିସଂଘ ସୁରକ୍ଷା ପରିଷଦରେ ସମୁଦ୍ର ପତ୍ତନ ବୃଦ୍ଧି ଉପରେ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ କହିଛନ୍ତି ଯେ, ସମୁଦ୍ର ଜଳ ପତ୍ତନ ବୃଦ୍ଧି ସମଗ୍ର ବିଶ୍ୱରେ କୋଟି କୋଟି ଲୋକଙ୍କ ନିମନ୍ତେ 'ଅବାଞ୍ଛିତ' ବିପଦ ସୃଷ୍ଟିର କାରଣ ପାଲଟିଛି। ବିଶ୍ୱ ଅର୍ଥନୈତିକ ଫୋରମ 'ପ୍ରକୃତି ଏବଂ ଜଳବାୟୁ କେନ୍ଦ୍ର' ପୂର୍ବାନୁମାନ କରିଛି ଯେ, ୨୧୦୦ ମସିହା ସୁଦ୍ଧା ସମୁଦ୍ର ପତ୍ତନରେ ବୃଦ୍ଧି ହେତୁ ଉପକୂଳବର୍ତ୍ତୀ ନିମ୍ନାଞ୍ଚଳରେ ଲୁଣିଜଳର ପ୍ରବେଶ ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ୪୧ କୋଟିରୁ ଅଧିକ ଲୋକ ବିପନ୍ନ ହେବେ। ଏପରି ଅନେକ ପ୍ରାକୃତିକ ବିପର୍ଯ୍ୟୟର ପ୍ରମୁଖ କାରଣ ହେଉଛି ବିଶ୍ୱତାପନ ପ୍ରଭାବରେ ମେରୁ ଅଞ୍ଚଳୀୟ ବରଫ ସିଟ୍ ଓ ପର୍ବତ ଶୃଙ୍ଗସ୍ଥ ହିମବାହ ସବୁ ତରଳିବାର ପରିଣାମ ଏବଂ ଉଷ୍ମତା ବୃଦ୍ଧି ଯୋଗୁ ସମୁଦ୍ର ଜଳର ବିସ୍ତାରଣ। ତାପମାତ୍ରା ବୃଦ୍ଧି ସମ୍ପ୍ରତି ଆଣ୍ଟାର୍କଟିକା ସମୁଦ୍ରରେ ରେକର୍ଡ ପରିମାଣରେ ବରଫାବୃତ ଅଞ୍ଚଳର ହ୍ରାସ ଘଟାଇଛି। ୟୁରୋପୀୟ ସ୍ପେସ୍ ଏଜେନ୍ସି ପ୍ରକାଶ କରିଛି, ଏବେ ଆଣ୍ଟାର୍କଟିକାର ବରଫାଞ୍ଚଳ ଧାରରୁ ଏକ ବିଶାଳ ବରଫଖଣ୍ଡ ୱେଡେଲ ସାଗରରୁ ପୃଥକ୍ ହୋଇ ୧୭୫ କି.ମି. ଲମ୍ବ, ୨୫ କି.ମି. ପ୍ରସ୍ଥର ପୃଥିବୀର ସର୍ବବୃହତ ଭାସମାନ ବରଫଖଣ୍ଡର ସୃଷ୍ଟି ହୋଇଛି। ଏପରି ଅନେକ ବୃହତ ଆଣ୍ଟାର୍କଟିକା ବରଫଖଣ୍ଡ ସୃଷ୍ଟି ବିଷୟରେ ବୈଜ୍ଞାନିକମାନେ ଉପଗ୍ରହ ଚିତ୍ରରୁ ଚିହ୍ନଟ କରୁଛନ୍ତି। ଅନ୍ୟ ଏକ ଆତଙ୍କ ସଞ୍ଚାରକାରୀ ରିପୋର୍ଟ ହେଉଛି , ଜର୍ମାନୀର ବରଫ ଆଚ୍ଛାଦିତ ଆଲ୍ପସ ପର୍ବତର ହିମବାହ ସବୁ ଏବେ ଆଶାତୀତ ଭାବରେ ତରଳୁଛି। ସର୍ବଶେଷ ତଥ୍ୟ ଦର୍ଶାଏ ଯେ ପୃଥିବୀର ଅନ୍ୟ ସ୍ଥାନ ତୁଳନାରେ ଉତ୍ତର ମେରୁସ୍ଥ ଆର୍କଟିକ ଅଞ୍ଚଳ ତିନି ଗୁଣ ଦ୍ରୁତ ବେଗରେ ଉତ୍ତପ୍ତ ହେଉଛି, ଯାହା ଆଗାମୀ ଦିନରେ ସମ୍ପୂର୍ଣ୍ଣ ବରଫ ଶୂନ୍ୟ ହେବାର ଆଶଙ୍କା ସୃଷ୍ଟି କରୁଛି।

ପୃଥିବୀର ପ୍ରାୟ ୨,୨୦,୦୦୦ ସଂଖ୍ୟାର ସମସ୍ତ ପାର୍ବତ୍ୟାଞ୍ଚଳସ୍ଥ ହିମବାହ ଉପରେ ଉପଲବ୍ଧ ଉପଗ୍ରହ ତଥ୍ୟକୁ ନେଇ ନେଚର୍ ପତ୍ରିକା ଏକ ଗବେଷଣା ନିବନ୍ଧ ପ୍ରକାଶ କରିଛି । ଏଥିରେ ଦର୍ଶାଇଛି ଯେ,୧୫ ବର୍ଷ ପୂର୍ବ ତୁଳନାରେ ଏବେ ପ୍ରତିବର୍ଷ ୩୧ ପ୍ରତିଶତ ଅଧିକ ହାରରେ ହିମବାହ ଏବଂ ବରଫସବୁ ତରଳି ଯାଉଛନ୍ତି। ବିଶ୍ୱରେ ତରଳୁଥିବା ବରଫର ଅର୍ଦ୍ଧେକ ହିଁ ଆମେରିକା ଓ କାନାଡାରେ ଘଟୁଛି, ଏବଂ ଆଲାସ୍କାର ତରଳିବା ହାର ହେଉଛି ସର୍ବାଧିକ। ବରଫ ତରଳି ଜଳରେ ପରିଣତ ହେବା ପରିଣାମରେ ୧୯୯୩ ପରଠାରୁ ବିଶ୍ୱର ହାରାହାରି ସମୁଦ୍ର ପତ୍ତନ ପ୍ରତିବର୍ଷ ପ୍ରାୟ ୩ ମିମିରୁ କିଛି ଅଧିକ ହାରରେ ବୃଦ୍ଧିପାଇ ଏପର୍ଯ୍ୟନ୍ତ ଦ୍ୱିଗୁଣିତ ହେଲାଣି। ବିଶ୍ୱ ପାଣିପାଗ ସଂଗଠନର '୨୦୨୨ରେ ବିଶ୍ୱ ଜଳବାୟୁର ପରିସ୍ଥିତି' ଉପରେ ପ୍ରସ୍ତୁତ ଅସ୍ଥାୟୀ ରିପୋର୍ଟ ଅନୁଯାୟୀ ଜାନୁୟାରୀ ୨୦୨୦ ଠାରୁ ଏହା ପ୍ରାୟ ୧୦ ମିମି ହାରରେ ବୃଦ୍ଧି ପାଇ ୨୦୨୨ରେ ଏକ ନୂତନ ରେକର୍ଡ ସ୍ତରକୁ ଆସିଛି। ୧୮୮୦ରେ ରେକର୍ଡ ହେବା ଆରମ୍ଭ ପରଠାରୁ ବିଶ୍ୱ ସମୁଦ୍ର ପତ୍ତନରେ ଏପର୍ଯ୍ୟନ୍ତ ପ୍ରାୟ ୨୧ ସେମି ବୃଦ୍ଧି ଘଟିଛି। ଯେଉଁ ଦ୍ରୁତ ଗତିରେ ଗ୍ରୀନ୍ଲାଣ୍ଡ ବରଫ ସିଟ୍ ତରଳୁଛି, ତାହା ବର୍ତ୍ତମାନର ସମୁଦ୍ର ପତ୍ତନର ୨୦% ବୃଦ୍ଧିର କାରଣ ବୋଲି ଉଡ୍ସ ହୋଲ ଓସେନୋଗ୍ରାଫିକ ଅନୁଷ୍ଠାନ ବ୍ୟକ୍ତ କରିଛି। ବିଶ୍ୱ ଜଳବାୟୁ ଢାଞ୍ଚାର ଏପରି ନକାରାତ୍ମକ ପରିବର୍ତ୍ତନ ପ୍ରାକୃତିକ ପରିସଂସ୍ଥା ଏବଂ ଜୀବଜଗତ ଉପରେ ପ୍ରଭାବ ବିସ୍ତାର କରୁଛି।



ତାପମାତ୍ରା ବୃଦ୍ଧି ଏବଂ ବରଫ ତରଳିବା ପୃଷ୍ଠଭୂମିରେ ଥିବା ପ୍ରମୁଖ କାରଣ ହେଉଛି ବିସ୍ଫୋରିତ ଜନସଂଖ୍ୟାର ବର୍ଦ୍ଧିତ ଆବଶ୍ୟକତା ପୂରଣ ତଥା ଶିଳ୍ପ ପ୍ରସାର, ଅର୍ଥନୈତିକ ପ୍ରଗତି ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଦୃଷ୍ଟିରୁ ଶକ୍ତି ବ୍ୟବହାରରେ ଯଥେଷ୍ଟ ବୃଦ୍ଧି ଘଟିବା। ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ନିମନ୍ତେ କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନ ଉତ୍ସ ମୁଖ୍ୟ ଭୂମିକା ନିର୍ବାହ କରୁଛି। ଜୀବାଶ୍ମ ଇନ୍ଧନର ଦହନରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହେଉଛି, ଯାହା ବାୟୁମଣ୍ଡଳରେ ଜମିରହି ପୃଥିବୀର ତାପମାତ୍ରା ବୃଦ୍ଧିକରୁଛି। ୨୦୧୮ରେ ବିଶ୍ୱ ଅଙ୍ଗାରକାମ୍ଳ ନିର୍ଗମନର ୮୯% ଜୀବାଶ୍ମ ଇନ୍ଧନ ଏବଂ ଶିଳ୍ପ ଉତ୍ସରୁ ହିଁ ଉତ୍ପନ୍ନ ହୋଇଥିଲା। ଏପରି ଅପ୍ରାକୃତିକ, ମାନବୀୟ ପ୍ରକ୍ରିୟା ଦ୍ୱାରା ଉତ୍ତାପ ବୃଦ୍ଧି ଘଟି ପ୍ରାକ୍–ଶିଳ୍ପବିପ୍ଳବ ତୁଳନାରେ ସମ୍ପ୍ରତି ତାପମାତ୍ରା ହାରାହାରି ୧.୨ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଲାଣି, ଯାହାର ପରିଣାମରେ ବିଶ୍ୱ ଜଳବାୟୁରେ ବିନାଶକାରୀ ବିପର୍ଯ୍ୟୟ ସଂଘଟିତ ହେଉଛି। ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟରତ ଆନ୍ତଃ ସରକାରୀ ଗୋଷ୍ଠୀ (ଆଇପିସିସି)ର ଅନୁସନ୍ଧାନ ବ୍ୟକ୍ତ କରେ ଯେ ଜୀବାଶ୍ମ ଇନ୍ଧନରୁ ଉତ୍ସର୍ଜନ ହେଉଥିବା ବାଷ୍ପସବୁ ହିଁ ବିଶ୍ୱତାପନର କାରଣ। ଏହି କ୍ରମରେ ଏକ ଗମ୍ଭୀର ଘଟଣା ହେଉଛି ମହାସାଗର ଓ ସମୁଦ୍ର ଜଳ ପତ୍ତନର କ୍ରମବୃଦ୍ଧି, ଯାହା ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ରଗୁଡ଼ିକରେ ଆଗାମୀ ସମୟରେ ପ୍ରଳୟଙ୍କରୀ ପରିସ୍ଥିତି ସୃଷ୍ଟିର ସମ୍ଭାବନା ବହନ କରେ। ଭାରତ, ବାଂଲାଦେଶ, ଚାଇନା, ଇଜିପ୍ଟ, ନେଦରଲାଣ୍ଡ, ଆମେରିକା, ବ୍ରାଜିଲ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ, ଯେପରିକି ଟୋଙ୍ଗା, ଟୁଭାଲୁ ଏବଂ ଫିଜି, ଅଧିକ ବିପଦପୂର୍ଣ୍ଣ ଦେଶଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ।

ସମୁଦ୍ର ପତ୍ତନ ବୃଦ୍ଧି ଉପକୂଳ ଆର୍ଦ୍ରଭୂମି ଓ ନିମ୍ନାଞ୍ଚଳକୁ ଜଳମଗ୍ନ ତଥା ଉପକୂଳ ଅବକ୍ଷୟକୁ ତ୍ୱରାନ୍ୱିତ କରୁଛି ଏବଂ ବନ୍ୟା ସୃଷ୍ଟିରେ ସହାୟକ ହେଉଛି ; ଏହାଦ୍ୱାରା ସମୁଦ୍ର ତଟବର୍ତ୍ତୀ ସ୍ଥଳଭାଗ ଓ ନିକଟସ୍ଥ ଭୂତଳ ଜଳ ମଧ୍ୟକୁ ଲୁଣି ଜଳର ପ୍ରବାହରେ ବୃଦ୍ଧି ଘଟୁଛି। ଗୁଟେରସ ସତର୍କ କରିଛନ୍ତି ଯେ, ବଢ଼ୁଥିବା ସମୁଦ୍ର ପତ୍ତନର ପ୍ରଭାବ କ୍ରମଶଃ ଅଧିକ ଅସ୍ଥିରତା ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଆଗକୁ ସମଗ୍ର ଜନସଂଖ୍ୟାର ଏକ ବିଶାଳ ଭାଗ ଉପକୂଳରୁ ସ୍ଥାନାନ୍ତରିତ ହେବା ପରି ଦୃଶ୍ୟର ଆମେ ମୂକସାକ୍ଷୀ ରହିବୁ ତଥା ମଧୁର ଜଳ, ଜମି ଏବଂ ଅନ୍ୟାନ୍ୟ ସମ୍ବଳ ଉପଲବ୍ଧି ନିମନ୍ତେ ତୀବ୍ର ପ୍ରତିଯୋଗିତା ମଧ୍ୟ ଦେଖିବୁ। ଏହା ଉପକୂଳରେ ଜଳ, ଖାଦ୍ୟ ଏବଂ ସ୍ୱାସ୍ଥ୍ୟସେବାର ଉପଲବ୍ଧିକୁ ବିପଥଗାମୀ କରିବା ସହିତ ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ବନ୍ଦର, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାନୁଷ୍ଠାନ ପରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ କ୍ଷତିଗ୍ରସ୍ତ କିମ୍ବା ସମ୍ପୂର୍ଣ୍ଣ ନଷ୍ଟ କରିପାରେ। ଲବଣାକ୍ତ ଜଳର ଅନୁପ୍ରବେଶ କୃଷି, ମତ୍ସ୍ୟଚାଷ ଏବଂ ପର୍ଯ୍ୟଟନ ଶିଳ୍ପଗୁଡ଼ିକର ସମଗ୍ର ଅର୍ଥନୀତିରେ ଅବନତି ଘଟାଇ ଏସବୁ କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ ସଂକୁଚିତ ଏବଂ ଜୀବନଜୀବିକାକୁ ବିପନ୍ନ କରିବ। ହେନ୍ତାଳ ବନ ପରି ଉପକୂଳ ପରିସଂସ୍ଥା ଓ ଏହାର ଜୈବବିବିଧତା କ୍ଷତିଗ୍ରସ୍ତ ହେବ। ପ୍ୟାରିସ ଚୁକ୍ତିନାମା (୨୦୧୫) ଅନୁଯାୟୀ ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀରେ ଯଦି ସୀମିତ ହୋଇରହେ ତେବେ ମଧ୍ୟ ସମୁଦ୍ର ପତ୍ତନର ଏପରି ବୃଦ୍ଧି ଯଥେଷ୍ଟ କ୍ଷୟକ୍ଷତି ସାଧନ କରିବ।।

ଜୀବଜଗତ ଇତିହାସର ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ ନିମନ୍ତେ ବିଶ୍ୱ ରାଜନୈତିକ ନେତୃବର୍ଗଙ୍କର ଦୃଢ଼ ପ୍ରତିବଦ୍ଧତା ଏକାନ୍ତ ଅପରିହାର୍ଯ୍ୟ। ବରଫ ଓ ହିମବାହ ତରଳିବା ସହିତ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଏହା ସହ ଜଡ଼ିତ ବିବିଧ ବିପର୍ଯ୍ୟୟ ଅଧିକ ଉଗ୍ର ହେବା ପୂର୍ବରୁ ଜୀବାଶ୍ମ ଇନ୍ଧନର ବ୍ୟବହାର ଏବଂ ଏଥିରୁ ନିର୍ଗତ ସବୁଜଗୃହ ବାଷ୍ପର ସର୍ବାଧିକ ହ୍ରାସ ଆମର ଈପ୍ସିତ ଲକ୍ଷ୍ୟ ହେବା ବାଞ୍ଛନୀୟ। ସ୍ୱଚ୍ଛ, ଅକ୍ଷୟ ଶକ୍ତି ବ୍ୟବହାରକୁ ତ୍ୱରାନ୍ୱିତ କରିବା ସହିତ ସବୁଜିମାର ବୃଦ୍ଧି ନିମନ୍ତେ ବୃକ୍ଷରୋପଣ ଏବଂ ବୈଷୟିକ 'ଅଙ୍ଗାରକାମ୍ଳ ଅପସାରଣ' କୌଶଳ ପରି ପ୍ରତ୍ୟକ୍ଷ ହ୍ରାସ ପଦ୍ଧତି ସବୁର ନିୟୋଜନ ଦୃଶ୍ୟପଟ୍ଟ ପରିବର୍ତ୍ତନରେ ସହାୟକ ହେବ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ–୯୪୩୭୦୭୬୧୦୦**

# ଏବେକୁ ଏତେ, ଆଗକୁ କେତେ



ଦ୍ୱିତୀ ଚନ୍ଦ୍ର ସାହୁ

ସକାଳର ପାଗ ସ୍ଥାୟୀ ରହେନି। କ୍ରମଶଃ ବଦଳିଯାଏ। ଆଜିକାଲି ପାଗ ସହ ମଣିଷର ଅବସ୍ଥା ବି ସେମିତି। ପାଗ ସହ ମଣିଷକୁ ତୁଳନା କରିବାର ଯଥେଷ୍ଟ କାରଣ ଅଛି। ପାଣିପାଗ ଓ ମଣିଷର ମାନସିକ ଅବସ୍ଥା ସ୍ଥିର ନ ଥାଏ। ସମୟାନ୍ତରରେ ବଦଳିଥାଏ। ଆମେ କଥା କଥାକେ ଓଳିଆରୁ ଗଜା ବୋଲି କହି ପିଲାଟିକୁ ମୂଲ୍ୟାୟନ କରୁ। ପିଲାଟି ବିଗିଡିଗଲା। ଆଉ ଜମା ସୁଧୁରିବନି। ତିନି ପାଞ୍ଚିରୁ ଗଲା। ଚାରି ଦଉଡିକଟା ହୋଇଗଲା। ଫୁଲ୍ ବାଲୁଙ୍ଗା ହୋଇଗଲା। ମାଟି କରିଦେଲା ନିଜର ଭବିଷ୍ୟତ। ବିଛୁଆଟି ଦୁଇ ପତ୍ରରୁ କୁଣ୍ଡାଇ ହୁଏ। ଥରେ ହୁଗୁଳା ହୋଇଗଲେ ଆଉ କ'ଣ ସୁଧୁରିବ ପିଲା। ଏବେକୁ ଏତେ ତ, ଆଗକୁ କେତେ ? ନାହିଁ ନ ଥିବା କାମରେ ହାତ ଦେଲା ମାନେ ପିଲାଟା ବିଗିଡି ଗଲା। ପିଲାଦିନର ଦୁଷ୍ଟାମିକୁ ନେଇ ଅଜସ୍ର ମତାମତ ଦେଉ। ତାକୁ ବଳେଇ ବଳେଇ ଶୁଣେଇ ଦେଉ ମଧ୍ୟ। ଏମିତି ନାକରା କଥା ଶୁଣିଶୁଣି ବଡ଼ ହୋଇଥିବା ପିଲାଟି ବି କରିସ୍ମା କରିପାରେ। ଦଣ୍ଡାବାଲୁଙ୍ଗା ହୋଇ ବୁଲୁଥିବା ପିଲାଟିକୁ ଲୋକେ ଭୋଟ ନାଦି ଦିଅନ୍ତି। ସେ ରାତାରାତି ନେତା ହୋଇଯାଏ। ମନ୍ତ୍ରୀ ପଦ ଯୋଗାଡ଼ ହୋଇଗଲେ ତେଣିକି ସମାଜ ତାକୁ ସଲାମ କରେ। କେବଳ ସେତିକି ନୁହଁ ଦିନରାତି ଚୋରିନାରୀ କରି ବଢିଥିବା ଲୋକଟି ଅମାପ ସମ୍ପତ୍ତିର ମାଲିକ ହୋଇଗଲା ପରେ ଖୁବ୍ ସମାଜ ସେବାରେ ମନ ବଳାଏ। ଡାକି ଡାକି ଲୋକଙ୍କୁ ସେବା କରେ। ବିଭିନ୍ନ ଧର୍ମ କାର୍ଯ୍ୟରେ ଯୋଗ ଦିଏ। ମନ୍ଦିର ତୋଳେ। ଦୁଇ ହାତ ଖୋଲି ଦାନ କରେ। ତା' ପରେ ସେହି ସମାଜ ହିଁ ଗତକାଲିର ଲୁଟେରାକୁ ଭଗବାନ ଭଳି ସମ୍ମାନ ଦିଏ। କି ଚମତ୍କାର ଦେଖ। ଦସ୍ୟୁ ରତ୍ନାକରରୁ ବାଲ୍ମୀକି ପାଲଟିଗଲା ଲୋକଟି। କେତେ ଭକ୍ତି ଓ ସମ୍ମାନ। ଏମିତି ତିନିତୁଣ୍ଡରେ ଛେଳି କୁକୁର ପାଲଟିଯାଏ।

ଭାରତୀୟ ଗଣତନ୍ତ୍ର ହେଉ କି ସମାଜତନ୍ତ୍ରରେ ଏମିତି ଚିତ୍ର କିଛି ନୂଆ ନୁହେଁ। ଅପରପକ୍ଷେ ମଣିଷର ପାଣିପାଗ ବି ଦେଖିଲେ ଅଜବ ଲାଗେ। ତୁଳସୀ ଦୁଇପତ୍ରରୁ ବାସେ ପରା। କେଡ଼େ ସୁଧାର ପିଲା। ଖାଣ୍ଟି ସୁନା ମୁଣ୍ଡାଟା। କେତେ ଶାନ୍ତଶିଷ୍ଟ। ମାଛିକୁ ମ' କହିବାର ନାହିଁ। କାହା ସଙ୍ଗେ ବସାଉଠା ନାହିଁ। ପାଠ ଓ ଘର ପରିବାର ଭଲ ତ ସେ ଭଲ। ବଡ଼ମାନଙ୍କ ପ୍ରତି ଅଗାଢ଼ ଭକ୍ତି। କିନ୍ତୁ ବଡ଼ ହେଲେ ଅନେକଙ୍କ ବଦଳିଯାଏ ଚରିତ୍ର। ନିଜେ ଭଲ ତ ସବୁ ଭଲ। ଆଗ ପଇସା ପଛେ ସମ୍ପର୍କ। ଆଉ କାହାରି ଚିନ୍ତା ନ ଥାଏ। ପାର୍ଥିବ ସମ୍ପତ୍ତିର ଲୋଭରେ ସେ ମାଡ଼ିଚାଲେ ଆଗକୁ ଆଗକୁ। ମା'ବାପାଙ୍କୁ ବି ଏଡେଇ ଦେଇ ଚାଲିଯାଏ। ଜନ୍ମମାଟି କଥା ଭୁଲିଯାଏ। ଏମିତି ବି ପରିସ୍ଥିତି ହୁଏ ଗଣ୍ଡମୂର୍ଖ ଓ ହୁଣ୍ଡା ନାମରେ ପରିଚିତ ପୁଅଟି ହିଁ ମା'ବାପାଙ୍କ ଯତ୍ନ କରେ। ନିଦାବିଷ୍ଣୁ ସାଜିଥିବା ପୁଅର ଆଉ ଦେଖା ମିଳେନି। ଏବେକା ସମାଜରେ ଏମିତି କିଛି ବିକଳ ଚିତ୍ର। ଯିଏ ପଢିଲା ସେ ବଢିଲା। ଶ୍ରେଷ୍ଠ ବି ହେଲା। ଅଥଚ ହୃଦୟହୀନ ପାଲଟିଗଲା। ଏକୋଇରବଳା ବିଶିକେଶନ ବୋଲି ଯାହାକୁ ମା'ବାପା ଖୁଆଇପିଆଇ ବଡ଼ କରିଥାଏ ବଡ଼ହେଲା ପରେ ସେ ଯାବତୀୟ ମିଛ ସୁଖର



ଭ୍ରମରେ ପର ପାଲଟିଯାଏ। ଭବିଷ୍ୟତ ସେଇଆ କେବେ ହୋଇପାରେନା ଯେଉଁଥିରେ ଆତ୍ମୀୟଙ୍କ ଦୁଃଖର ଲହଡି ଭାଙ୍ଗୁଥାଏ। ନିଜସ୍ୱ ସମୃଦ୍ଧିର ଗ୍ରାଫ୍ ଉପରକୁ ଉଠିପାରେ ଅକ୍ଳେଶରେ ଅଥଚ ନକ୍ସା ତିଆରି ପଛର ଅନୁଭବୀଙ୍କ ବେଦନାରେ ଗ୍ରାଫ୍ର ରେଖା ଅଙ୍କାବଙ୍କା ବି ହୋଇପାରେ କାଳର କରାଳ ଗତିରେ। ଭାଗ୍ୟକୁ ହାତରେ ଧରି ଫୁତ୍କାର କରୁଥିବା ସଫଳ କର୍ମକାରମାନେ ବି ସମୟ ନିକଟରେ ବୋଲ ମାନନ୍ତି। ହୃଦୟହୀନ ସନ୍ତାନଙ୍କ ଭାଗ୍ୟରେଖାରେ ବି ମାର୍କଦଶା ଆସିଯାଏ। ସେତେବେଳେ ଭାଗ୍ୟଧାରୀମାନେ ଭାଗ୍ୟ ଅପେକ୍ଷା ଆପଣାର ଲୋକଙ୍କୁ ଖୋଜିବସନ୍ତି।

ଭଲର ପରିଭାଷା ଖୋଜିବାକୁ କୌଣସି ଅଭିଧାନ ଆବଶ୍ୟକ ନାହିଁ। ହୃଦୟବାନ୍ ବ୍ୟକ୍ତି ସମସ୍ତଙ୍କ ହୃଦୟରେ ଘର କରି ରହିପାରେ। ଅଚିରେ ଆପଣାପଣର ରଜ୍ଜୁରେ ବାନ୍ଧିପାରେ। ସବୁ ସଫଳ ମଣିଷ ଭଲ ମଣିଷ ହୋଇ ନ ପାରନ୍ତି। ଅନେକ ସଫଳ ମଣିଷଙ୍କ ନିକଟରେ ଗୁଣଚିହ୍ନା ହୃଦୟଟି ଥାଇପାରେ କିନ୍ତୁ ବେଦନାଚିହ୍ନା ହୃଦୟଟି ନ ଥାଇପାରେ। ଏହି କ୍ରମରେ ଯାବତୀୟ କର୍ମ, ଯୋଜନା ଓ ଲକ୍ଷ୍ୟରେ ଆମର ତତ୍କାଳିକ ମୂଲ୍ୟାୟନ ଅଧିକାଂଶ ସମୟରେ ଠିକ୍ ହୋଇ ନ ଥାଏ। ଭଲ ଖରାପ ହୋଇଯାଏ। ଖରାପ ବି ଭଲ ହୋଇପାରେ। ବେଳେବେଳେ ଗୋଟେ ମୁହୂର୍ତ୍ତରେ ଜୀବନର ମୋଡ଼ ବୁଲିଯାଏ। ଗୋଟେ ଘଟଣା, ଗୋଟେ ଚରିତ୍ର ଓ ଗୋଟେ ଜୀବନ୍ତ ଉଦାହରଣ ମଣିଷକୁ କୋଉଠିରୁ କୋଉଠିକୁ ନେଇ ପହଞ୍ଚାଇ ଦେଇପାରେ। ନିଜେ ମଣିଷ ଜାଣିପାରେନା ତା'ର ସ୍ଥିତି କ'ଣ ହୋଇପାରେ। ନିଜର ଭାଗ୍ୟକୁ କାଗଜକଲମରେ ସଜାଡି ସୁନ୍ଦର ନକ୍ସା କରିବା ଭିତରେ ସମୟର ମାପ ଖଇଚା କରିଦେଇପାରେ। ମଣିଷ ଜାଣେ ସେ ନିଜେ ସବୁକିଛି ନୁହେଁ। ସବୁକିଛି ହେବା ପାଇଁ ପରିଶ୍ରମ, ବୁଦ୍ଧି, ଭାଗ୍ୟ ଓ ଚାରିପାଖର ମଣିଷମାନଙ୍କ କୃପା ବି ଲୋଡା ପଡିଥାଏ। ଏତେସବୁ ପରେ ବି ଖେଳ ବିଗିଡିଯାଏ। ସମୟ ସହ ତାଳ ଦେଇ ଆଗକୁ ବଢିଲେ ବି କେଉଁ ଏକ ମୁହୂର୍ତ୍ତରେ ଭାଗ୍ୟର ଗତିପଥ ବଦଳିଯାଏ। ବାସ୍ତବରେ ଅଧିକ ସମ୍ବେଦନଶୀଳତା ହିଁ ସନ୍ତାନ, ପରିସ୍ଥିତି ଓ ଲକ୍ଷ୍ୟପଥକୁ ବିଗାଡି ଦେଇଥାଏ। ସବୁ କ୍ଷେତ୍ରରେ ଗୋଟେ ଧୈର୍ଯ୍ୟ ଆବଶ୍ୟକ। ଆଗକୁ ବଢିବାକୁ ହେଲେ ଅସୀମ ଧୈର୍ଯ୍ୟ ଲୋଡ଼ା। ଗୋଟେ ଭଲ ସମ୍ପର୍କ ରଖିବାକୁ ହେଲେ ଧନସମ୍ପତ୍ତିର ଆବଶ୍ୟକତା ନ ଥାଏ। କେବଳ ଲୋଡ଼ା ଥାଏ ଭଲ ପାଇବା, ବିଶ୍ୱାସ ଓ ଅସୀମ ଧୈର୍ଯ୍ୟ। ସଫଳତା ବିଳମ୍ବ ହୋଇପାରେ ଅସମ୍ଭବ ନୁହେଁ। ସାମ୍ପ୍ରତିକ ସ୍ଥିତିକୁ ନେଇ ସାମଗ୍ରିକ ଆକଳନ କରି ଶେଷ ରାୟ ଶୁଣାଉ – ଏବେକୁ ଏତେ, ଆଗକୁ କେତେ ! ଏଭଳି ମାନସିକତା ଅପେକ୍ଷା ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଉପରେ ଅଧିକ ଦୃଢ଼ ଆଶାବାଦୀ ରହିବା ଆବଶ୍ୟକ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,**
**ମୋ –୯୪୩୭୯୦୯୬୭୧**

## ଏଇ ଭାରତରେ

କୁହାଯାଏ ହନୁମାନ ହେଉଛନ୍ତି କଳି ଯୁଗର ଏକମାତ୍ର ଜୀବିତ ଦେବତା। ତାଙ୍କ ଆରାଧନା ଓ ହନୁମାନ ଚାଳିଶା ପଢ଼ିଲେ ବିପତ୍ତି ଟଳିଯାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ସାରା ଦେଶରେ ହନୁମାନଙ୍କ ପୂଜା କରାଯାଉଛି। କିନ୍ତୁ ଉତ୍ତରାଖଣ୍ଡର ଏମିତି ଏକ ଗାଁ ରହିଛି ଯେଉଁଠି ହନୁମାନଙ୍କ ପୂଜା ତ ଦୂରର କଥା, ତାଙ୍କ ନାମ ନେବା ଅପରାଧ ବୋଲି ବିବେଚନା କରାଯାଏ। ଏହି ଗାଁର ନାମ ଦ୍ରୁନାଗିରି। ଏହାକୁ ମଧ୍ୟ ଦ୍ରୋଣଗିରି କୁହାଯାଏ। ଉକ୍ତ ଗାଁରେ ଥିବା ଏଭଳି ଅଜବ ବିଶ୍ୱାସକୁ ନେଇ ଏକ ଲୋକକଥା ରହିଛି। ରାମ–ରାବଣ ଯୁଦ୍ଧ ସମୟରେ ମେଘନାଦଙ୍କ ବାଣରେ ଲକ୍ଷ୍ମଣ ଚେତାଶୂନ୍ୟ ହେବା ପରେ ତାଙ୍କ ପାଇଁ ଚେରମୂଳି ଖୋଜିବା ଲାଗି ହନୁମାନ ଏହି ଗାଁରେ ପହଞ୍ଚିଥିଲେ। ସେଠାରେ ଜଣେ ମହିଳା ତାଙ୍କୁ ଗାଁରେ ଥିବା ପର୍ବତ ଦେଖାଇ ଦେଇ ଆବଶ୍ୟକ ଚେରମୂଳି ଥିବା କହିଥିଲେ। ହେଲେ ହନୁମାନ ତାହା ଚିହ୍ନି ନ ପାରି ପୂରା ପର୍ବତକୁ ଉଠାଇ ନେଇଗଲେ। ସେବେଠାରୁ ଗାଁ ଲୋକ ହନୁମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ତାଙ୍କ ପୂଜା ବାରଣ କରିବା ସହ ତାଙ୍କ ନାମ ନେବାକୁ ଅପରାଧ ବୋଲି ଗ୍ରହଣ କରିନେଇଛନ୍ତି। ଗାଁ ଲୋକେ ଯିଏ ଯେଉଁଠି ଥିଲେ ବି ଯଦି ଏହା କରନ୍ତି ସେମାନଙ୍କୁ ସମାଜରୁ ଅଲଗା କରିଦିଆଯାଏ,ଏପରି କି ହନୁମାନ ପୂଜା କରିବା ଜଣାପଡ଼ିଲେ ଗାଁରୁ ବାହାର କରିଦିଆଯାଏ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଫେବୃୟାରୀ ୧୯୯୮

- ଅସ୍ତ୍ରଶସ୍ତ୍ର ତଦାରଖ ନେଇ ସୃଷ୍ଟି ହୋଇଥିବା ସଙ୍କଟର ଅବସାନ ଲାଗି ଇରାକ ଏବଂ ଜାତିସଂଘ ମଧ୍ୟରେ ସ୍ୱାକ୍ଷରିତ ଐତିହାସିକ ଚୁକ୍ତିକୁ ଆମେରିକାର ରାଷ୍ଟ୍ରପତି ବିଲ କ୍ଲିଣ୍ଟନ ଗ୍ରହଣ କରିଛନ୍ତି।
- ଉତ୍ତର ପ୍ରଦେଶର ବିବାଦୀୟ ରାଜ୍ୟପାଳ ରୋମେଶ ଭଣ୍ଡାରୀଙ୍କୁ ବହିଷ୍କାର ପାଇଁ ଆଲ୍ଲାହାବାଦ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଆଗତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | | | 8 |
| 2 | | | | 4 | 8 | 9 | | |
| | | 8 | | | | 5 | 3 | |
| | | | | 9 | | | | 5 |
| | 4 | 1 | 2 | | | 7 | | |
| | 8 | | | | 3 | 4 | | |
| | | | | | | 2 | | |
| | 6 | | 1 | 8 | | | 5 | |
| | | 5 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 1 | 6 | 3 | 4 | 5 | 2 | 8 |
| 4 | 8 | 5 | 7 | 2 | 9 | 3 | 6 | 1 |
| 3 | 6 | 2 | 8 | 1 | 5 | 7 | 9 | 4 |
| 6 | 1 | 8 | 9 | 5 | 2 | 4 | 3 | 7 |
| 9 | 3 | 7 | 1 | 4 | 6 | 2 | 8 | 5 |
| 5 | 2 | 4 | 3 | 7 | 8 | 6 | 1 | 9 |
| 1 | 5 | 6 | 2 | 9 | 7 | 8 | 4 | 3 |
| 2 | 7 | 3 | 4 | 8 | 1 | 9 | 5 | 6 |
| 8 | 4 | 9 | 5 | 6 | 3 | 1 | 7 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରଚାରରେ ଅଯଥା ବ୍ୟୟ

ମହାଶୟ,

ରାଜ୍ୟ ସରକାର ବିକାଶ ପାଇଁ ବିଭିନ୍ନ ଉନ୍ନତିମୂଳକ ଯୋଜନା ପ୍ରଣୟନ କରୁଛନ୍ତି ତନ୍ମଧ୍ୟରୁ କେତେକ ପ୍ରକଳ୍ପର କାର୍ଯ୍ୟ ସମାହିତ ହୋଇ କାର୍ଯ୍ୟକାରୀ ହେଉଛି, ଆଉ କିଛି ପ୍ରକଳ୍ପ ନିର୍ମାଣ ଅବସ୍ଥାରେ ଅଧାପନ୍ତରିଆ ରହିଯାଉଛି । ଏହାଦ୍ୱାରା ଲକ୍ଷ୍ୟ ପୂରଣ ନ ହୋଇ ରାଜ୍ୟ ପ୍ରଗତିରେ ବାଧା ସୃଷ୍ଟି ହେଉଛି। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ପ୍ରକଳ୍ପ ନୂତନ ଭାବେ ଆରମ୍ଭ କାଳରେ ଶୁଭ ଉଦ୍‌ଘାଟନ ଉତ୍ସବ ପାଳିତ ହୁଏ । ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ହେବା ପରେ ଏହାର ଉଦ୍‌ଘାଟନ ଉତ୍ସବ ମନାଇବା କାର୍ଯ୍ୟ ମଧ୍ୟ ପାଳନ କରାଯାଏ। ଏହି ସବୁ ଉତ୍ସବ ବହୁ ଆଡମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଥାଏ । ଏଥିପାଇଁ ଅତିଥିମାନଙ୍କୁ ନିମନ୍ତ୍ରଣ ଓ ଅଭ୍ୟର୍ଥନା କରିବାର ବ୍ୟବସ୍ଥା ହୁଏ । ବାଜା ଓ ବାଣ ବ୍ୟବସ୍ଥା କରାଯାଏ। ଫୁଲ ଓ ରଙ୍ଗିନ ଆଲୋକମାଳାରେ ମଣ୍ଡପଟି ସଜାଯାଏ । ବାଉଁଶ ଓ କପଡା ଦ୍ୱାରା ମଣ୍ଡପ ଏବଂ ସୁନ୍ଦର ତୋରଣ ନିର୍ମାଣ କରାଯାଇ ପ୍ରକଳ୍ପ ସ୍ଥାନଟିକୁ ଆକର୍ଷଣୀୟ କରାଯାଏ । ମାଇକ ଶବ୍ଦରେ ସେ ସ୍ଥାନଟି ପ୍ରକମ୍ପିତ ହୋଇଥାଏ । ଲୋକମାନଙ୍କୁ ବିଭିନ୍ନ ସ୍ଥାନରୁ ଗାଡ଼ିରେ ଅଣାଯାଏ। ଉପରୋକ୍ତ ଉତ୍ସବ ପାଇଁ ରାଜକୋଷରୁ ବହୁ ଅର୍ଥ ବ୍ୟୟ ହୁଏ । ଉକ୍ତ ପରିପ୍ରେକ୍ଷୀରେ ନିରାଡ଼ମ୍ବର ପରିବେଶରେ ଉତ୍ସବ ମନାଇ ଅଯଥା ଖର୍ଚ୍ଚ ନ କରିବା ଉଚିତ । ବରଂ ଉକ୍ତ ଧନ ପ୍ରକଳ୍ପ କାର୍ଯ୍ୟରେ ଲାଗିଲେ ରାଜ୍ୟର ଅଧିକ ବିକାଶ ହୁଅନ୍ତା।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ସ୍କନ୍ଦେ କର ଭିଡ଼ି ନିବିଡ଼େ
ତନୁରେ ତନୁ ବଜାଇ ଧୀରେ
ନ ଚାହିଁ ଫେରି ଯା'ନ୍ତି ଚଳି
କାନନ ପଥ ଛୁଇଁ,
ଜୀବିତ କରି ନିଦାଘ ବନଭୂଇଁ!
–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପିଏମ୍ଏୱାଇ: ବିରୋଧୀ-ଶାସକ ମୁହାଁମୁହିଁ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

- ବିରୋଧୀ ଦଳ ସମର୍ଥକଙ୍କ ନାଁ ଜାଣିଶୁଣି କଟାଯାଇଛି: ମୋହନ
- ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ପୂରଣ ହେଇପାରୁନି:ଜୟନ୍ତ
- ଆଖିରେ ଲୁହ ନାହିଁ, କୋହ ଉଠୁଛି ଘାଇଁଘାଇଁ:ଅରୁଣ
- ଗୃହତ୍ୟାଗ କଲେ ବିରୋଧୀ, ମନ୍ତ୍ରୀ କହିଲେ ମୁଲତବୀ ପ୍ରସ୍ତାବ ଭିତ୍ତିହୀନ

ବିଧାନସଭାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ) ବଣ୍ଟନ ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ହୋଇଥିଲା। ଉଭୟ ବିରୋଧୀ ଓ ଶାସକ ପକ୍କାଘର ବଣ୍ଟନ ପ୍ରସଙ୍ଗରେ ପରସ୍ପର ଉପରେ ଦୋଷ ଲଦିଥିଲେ। ଭାଜପା ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବ "ପ୍ରଧାନମନ୍ତ୍ରୀ ଆବାସ ପ୍ରିୟାପ୍ରିତି ଓଡିଶା ସରକାର କରୁଛି ରାଜନୀତି" ଉପରେ ଦୀର୍ଘ ଦେଢ ଘଣ୍ଟା ଧରି ଆଲୋଚନା ହୋଇଥିଲା। ମୁଲତବି ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିବା ପରେ ଗୃହ ସରଗରମ ହୋଇଥିଲା। କେନ୍ଦ୍ର ସରକାର ରାଜ୍ୟର ଗରିବ ଲୋକଙ୍କ ପାଇଁ ପକ୍କାଘର ଯୋଗାଇ ଦେଉଥିବାବେଳେ ରାଜ୍ୟ ସରକାର ଦଳୀୟ ଭିତ୍ତିରେ ଏହାକୁ ବଣ୍ଟନ କରୁଥିବା ଭାଜପା ଅଭିଯୋଗ କରିଥିଲା। ଶାସକ ଦଳ ସଦସ୍ୟ କିନ୍ତୁ ପଲଟା ଅଭିଯୋଗ କରିଥିଲେ ଯେ, କେମିତି ଘର ବଣ୍ଟନ ହୋଇ ନ ପାରିଲେ ଏହାକୁ ନେଇ ରାଜନୀତି କରିବେ ଏବଂ ସରକାରକୁ ପଳେଇ ଆସିବେ ବୋଲି ଭାଜପା ମନେ ମନେ ସ୍ୱପ୍ନ ଦେଖୁଛି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଆଲୋଚନାରେ ଭାଗନେଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଛି। ରାଜ୍ୟର ପ୍ରଶାସନିକ ଅଧିକାରୀମାନଙ୍କ ଲାଗି ଘର ବଣ୍ଟନର ଲକ୍ଷ୍ୟ ପୂରଣ ହୋଇପାରୁନି। ଠିକ୍ ତାଲିକା ପ୍ରକାଶରେ ଚଞ୍ଚକତା କରାଯାଇଛି। ଶାସକ ଦଳ ନେତାଙ୍କ ପ୍ରରୋଚନାରେ ଯୋଗ୍ୟ ହିତାଧିକାରୀ ଏବଂ ଯେଉଁମାନେ ବିରୋଧୀ ଦଳ ସପକ୍ଷରେ ଭୋଟ୍ ଦେଇଛନ୍ତି ସେମାନଙ୍କ ନାଁ ତାଲିକାରୁ ବାଦ୍ ଦିଆଯାଇଛି। ଜାଣିଶୁଣି ବିରୋଧୀ ସମର୍ଥକଙ୍କ ନାଁ କାଟି ଏକାଧିକ ଶାସକ ଦଳ କର୍ମୀଙ୍କୁ ଘର ବଣ୍ଟନ କରାଯାଇଛି। ସଠିକ୍ ଭାବେ କେଉଁଠି ଗ୍ରାମସଭା କରାଯାଇ ନାହିଁ। ମନଇଚ୍ଛା ଶାସକ ଦଳ କର୍ମୀଙ୍କୁ ଲଗାଇ ଅଭିଯୋଗ କରି ବିରୋଧୀ ଦଳ କର୍ମୀଙ୍କ ନାଁକୁ ବାଦ୍ ଦିଆଯାଇଥିବା ସେ ସମାଲୋଚନା କରିଛନ୍ତି।

ଏହାସହ ପଶ୍ଚିମ ଓଡିଶା ପ୍ରତି ମଧ୍ୟ ଘର ଆବଣ୍ଟନରେ ଅବହେଳା କରାଯାଇଥିବା ସେ କହିଛନ୍ତି। ଏହାପରେ ନବ ଚରଣ ମାଝୀ କହିଥିଲେ ଯେ, ବହୁ ଯୋଗ୍ୟ ଲୋକମାନେ ପକ୍କାଘର ପାଇବାରୁ ବଞ୍ଚିତ ହୋଇ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ପ୍ରାୟ ଦେଢ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି ବୋଲି ସେ କହିଛନ୍ତି। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ କହିଥିଲେ, ଫନୀ ବାତ୍ୟାରେ ପୁରୀ ଜିଲା ଲୋକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ହେଲେ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଘର ଯୋଗାଇ ଦେବାପରେ ଶାସକ ଦଳ ପକ୍ଷରୁ ଚଞ୍ଚକତା କରି ବିରୋଧୀ ଦଳ କର୍ମୀଙ୍କ ନାଁ ତାଲିକାରୁ କାଟି ଦିଆଯାଉଛି। ଅନେକ ସ୍ଥାନରେ ଗ୍ରାମସଭା ନ କରାଯାଇ ମନଇଚ୍ଛା ତାଲିକା ଚୂଡାନ୍ତ କରିଦିଆଯାଉଛି। ଗ୍ରାମସଭାରେ ମଧ୍ୟ ଫର୍ଜରୀ ଚାଲିଛି। ଏବେ ବି ବହୁ ହିତାଧିକାରୀ ପାଲ ଘରେ ଥିବାବେଳେ ଅଯୋଗ୍ୟ ଗୋଟିଏ ପରେ ଗୋଟିଏ ହାତେଇବାରେ ସଫଳ ହେଉଛନ୍ତି। ପଞ୍ଚାୟତସ୍ତରର ଅଧିକାରୀ ଏଭଳି ଦୁର୍ନୀତି କରିବାରେ ଲାଗିଛନ୍ତି। ସବୁ ପଞ୍ଚାୟତସ୍ତରର ଅଧିକାରୀ ଖରାପ ନୁହନ୍ତି। କେତେଜଣ ଦୁର୍ନୀତିଖୋର ଅଫିସରଙ୍କ ଲାଗି ଏଭଳି ସ୍ଥିତି ଉପୁଜୁଛି। ଏହାଦ୍ୱାରା ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ସାଧନ ହେଉନାହିଁ। ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ ଅଭିଯୋଗ କରିବା ପରେ ମଧ୍ୟ ସେମାନଙ୍କ ନାମ ପୁଣିଥରେ ତାଲିକାରେ ରହୁଛି। ମନ୍ତ୍ରୀ ଆଉଥରେ ତଦନ୍ତ କରି କେତେଜଣ ଅଯୋଗ୍ୟ ତାଲିକାରେ ସ୍ଥାନ ପାଇଛନ୍ତି ସେକଥା ଦେଖନ୍ତୁ। ନଚେତ୍ ମନ୍ତ୍ରୀ ନିଜେ ଚାଲନ୍ତୁ ୧୦ଟି ଦେଖାଇବି ଯାହା ଦେଖିବା ପରେ ସବୁ କଥା ବୁଝିଯିବେ। କେବଳ ଶାସକ ଦଳ କର୍ମୀଙ୍କୁ ଘର ମିଳୁଚି ବୋଲି ସେ କହିଛନ୍ତି।

ଶାସକ ଦଳ ବିଧାୟକ ଅରୁଣ କୁମାର ସାହୁ କହିଥିଲେ ଯେ, ଓଡିଶା ଲୋକମାନଙ୍କୁ ପକ୍କାଘରଟିଏ ଯୋଗାଇ ଦେବାକୁ ଅକଥନୀୟ ନିର୍ଯ୍ୟାତନା ଦେଇଛନ୍ତି। ବିରୋଧୀ ଅଭିଯୋଗ କରୁଛନ୍ତି ଭାଜପା ଲୋକଙ୍କ ଜାଣିକି କାଟି ଦିଆଯାଉଛି, ଏହାଠାରୁ ବଳି ବଡ ମିଛ କିଛି ନାହିଁ। ପ୍ରଥମେ ସେମାନେ କୁହନ୍ତୁ ଶେଷ ୩ ବର୍ଷ କାଳ କାହିଁକି କେନ୍ଦ୍ର ସରକାର ଘର ଦେବା ବନ୍ଦ କରିଥିଲେ। ଯଦି ୩ ବର୍ଷ ତଳୁ ଆବଶ୍ୟକତା ଅନୁଯାୟୀ ଘର ଦେଇଥାଆନ୍ତେ ତେବେ ବହୁ ହିତାଧିକାରୀ କଭର ହେଇସାରନ୍ତେଣି। ଏମାନେ ହେଉଛନ୍ତି ପେଞ୍ଚୁଆ ଦଳ। କେମିତି ରାଜ୍ୟରେ ହିତାଧିକାରୀ ଘର ନ ପାଇଲେ ଏ ସରକାରଠାରୁ ମୁହଁ ଫେରାଇବେ ସେମାନେ କେମିତି ସରକାରକୁ ପଳେଇ ଆସିବେ ସେହି କଥା ଭାବୁଛନ୍ତି। ଏମାନେ ଦିଲ୍ଲୀ ଯାଇ ବସିଥିଲେ ଓଡିଶାକୁ କେମତି ଘର ନ ମିଳିବ। ଉପା ସରକାର ସମୟରେ ଏହି ଘର ବାବଦକୁ କେନ୍ଦ୍ର ୭୫% ରାଜ୍ୟ ୨୫% ଅର୍ଥ ବହନ କରୁଥିଲା। ଭାଜପା ନେତୃତ୍ୱାଧିନ ଏନ୍‌ଡିଏ ସରକାର ଆସିବା ପରେ ଏହି ଅନୁପାତ ୬୦:୪୦ କରିଦେଲେ। ପ୍ରଶାସନିକ ଖର୍ଚ୍ଚ ଏବଂ ଇନସେନଟିଭ ବାବଦକୁ ରାଜ୍ୟ ଯାହା ଦେଉଛି ଅଧା ଅଧା ଟଙ୍କା ଉଭୟ ସରକାର ଦେଉଛନ୍ତି। ଏଥିରେ ଏମାନେ କହିବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲୋଗୋ ଲାଗିବ। ଏମାନଙ୍କ ଆଖିରେ ଲୁହ ନାହିଁ, କୋହ ଉଠୁଛି ଘାଇଁଘାଇଁ ବୋଲି ଅରୁଣ କହିଛନ୍ତି। ବିଜେଡି ସଦସ୍ୟ ଚନ୍ଦ୍ର ସାରଥୀ ବେହେରା ବିଗତ ଦିନରେ କଟକ ମେୟର ରାଶନକାର୍ଡ ହାତେଇ ପଦରୁ ହଟିଥିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ କଥା କହିଥିଲେ। ସେହିପରି ବିଜେଡି ସଦସ୍ୟ ଉମାକାନ୍ତ ସାମନ୍ତରାୟ ମଧ୍ୟ କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ଶେଷରେ ମନ୍ତ୍ରୀ ତାଙ୍କ ଉତ୍ତର ଦେବା ସମୟରେ ବିରୋଧୀ ଗୃହ ତ୍ୟାଗ କରିଥିଲେ। ତେଣୁ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର କରିଥିବା ଗାଇଡ୍‌ଲାଇନ କଥା ଉଲ୍ଲେଖ କରିବା ସହ ମୁଲତବୀ ପ୍ରସ୍ତାବ ଭିତ୍ତିହୀନ ବୋଲି କହିଥିଲେ।

# ଚାଷୀ ଆତ୍ମହତ୍ୟାକୁ ନେଇ ବିଧାନସଭା ଘଣ୍ଟାଏ ଅଚଳ

**ଭୁବନେଶ୍ୱର,୨୪।୨(ବ୍ୟୁରୋ):** ଚାଷୀ ଆତ୍ମହତ୍ୟା କରୁଛନ୍ତି। ରାଜ୍ୟରେ ଚାଷୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍ଗିନ। ବୌଦ୍ଧ ଜିଲାର ମଣ୍ଡିରେ ଧାନ ବିକି ନ ପାରି ଜଣେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଚାଷୀ ଆତ୍ମହତ୍ୟା କରୁଛନ୍ତି। ସରକାର ଚାଷୀଙ୍କ ପାଇଁ ସମ୍ବେଦନଶୀଳନ ନୁହନ୍ତି। ଏହି ପ୍ରସଙ୍ଗ ଉପରେ ଆଲୋଚନା ଦାବି କରି ବିରୋଧୀ ଦଳ ସଦସ୍ୟମାନେ ବିଧାନସଭା ପ୍ରଶ୍ନକାଳରେ ହଟ୍ଟଗୋଳ କରିଛନ୍ତି । ଏଥିଯୋଗୁ ବିଧାନସଭାର ଶୂନ୍ୟକାଳ ବାଏଁ ବାଏଁ ଉଡ଼ି ଯାଇଥିଲା। ପ୍ରବଳ ହଟ୍ଟଗୋଳ ହେବାରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଧ ହୋଇ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଶୁକ୍ରବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ଧାନ ବିକ୍ରି କରି ନ ପାରି ଚାଷୀ ଆତ୍ମହତ୍ୟା କରୁଥିବା ଅଭିଯୋଗ କରି ପ୍ରବଳ ହଟ୍ଟଗୋଳ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ମାତ୍ର ବିରୋଧୀ ସଦସ୍ୟମାନେ ଚାଷୀ ପ୍ରସଙ୍ଗ ଆଲୋଚନାକୁ ନେଇ ଅଡ଼ିବସିବା ସହ ହୋହଲ୍ଲା କରିଥିଲେ। ବାଚସ୍ପତି ବାଧ ହୋଇ ଗୃହକୁ ମାତ୍ର ୨ ମିନିଟ ପରେ ଅର୍ଥାତ୍ ୧୦ଟା ୩୨ ମିନିଟରେ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ପୁଣି ଗୃହ କାର୍ଯ୍ୟ ପୂର୍ବାହ୍ନ ୧୧ଟା ୩୦ରେ ଆରମ୍ଭ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ଛତିଶଗଡ଼ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚାଲିଯାଇଥିବାରୁ କେବଳ ଭାଜପା ସଦସ୍ୟମାନଙ୍କୁ ନେଇ ଗୃହ ଚାଲିଥିଲା।

# ଗଣମାଧ୍ୟମ ସଂସ୍ଥା ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ବିଜେଡି ବିଧାୟକ ଅମର ଶତପଥୀ ୨ ଗଣମାଧ୍ୟମ ସଂସ୍ଥା ବିରୋଧରେ ଶୁକ୍ରବାର ବିଧାନସଭାରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। 'ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ୍'ରେ ପ୍ରକାଶ ପାଇଥିବା ଖବର ନେଇ ଶୂନ୍ୟକାଳରେ ସେ ଆପତ୍ତି ଉଠାଇଥିଲେ । ସେ କହିଥିଲେ, ଯେଉଁ ବିଷୟକୁ ଗୃହର ବିବରଣୀରୁ ବାଦ୍ ଦେବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ ତାହା କେମିତି ପ୍ରକାଶ ପାଇଲା। ସେହିପରି 'ଓଟିଭି' କିପରି ଖବର ପ୍ରସାରଣ କଲା ବୋଲି ସେ ପ୍ରଶ୍ନ କରିଥିଲେ । ଏ ନେଇ ପ୍ରକାଶିତ ଖବରର ପୃଷ୍ଠା ଓ ଓ ଟିଭି କ୍ଲିପିଂ ବିଧାନସଭା ସଚିବଙ୍କ ପାଖରେ ଦାଖଲ କରିଛନ୍ତି ବୋଲି ବାଚସ୍ପତିଙ୍କୁ ଅବଗତ କରିଥିଲେ । ଏହି ଖବର ଗୃହର ସମ୍ମାନ ହାନି କରିଛି। ଗୃହର ମର୍ଯ୍ୟାଦା ପାଇଁ ସ୍ୱାଧିକାର ଭଙ୍ଗ ନୋଟିସ ଆଣିବାକୁ ସେ ଦାବି କରିଥିଲେ। ବିଜେଡି ସଭ୍ୟ ଶଶିଭୂଷଣ ବେହେରା ମଧ୍ୟ ଏହାକୁ ସମର୍ଥନ କରିଥିଲେ। ସେ କହିଥିଲେ, ଗତକାଲି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବେଳେ ଆପଣ ଏହାକୁ ବିବରଣୀରୁ ବାଦ୍ ଦେବାକୁ କହିଥିଲେ। ଏହା ସତ୍ତ୍ୱେ ଖବର ପ୍ରକାଶ ପାଇଛି। ଗୃହର ସମ୍ମାନ ପାଇଁ ଏହି ନୋଟିସକୁ ସ୍ୱାଧିକାର କମିଟିକୁ ପଠାଇ ଆଲୋଚନା କରିବାକୁ ସେ ଦାବି କରିଥିଲେ। ବାଚସ୍ପତି ଏହା ଉପରେ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିଲେ।

# ବଜେଟର ବିଭିନ୍ନ ଦିଗ ନେଇ ନିର୍ବାଚନମଣ୍ଡଳୀ ଲୋକଙ୍କୁ ବୁଝାଅ

## ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ସାଧାରଣ ନିର୍ବାଚନ ପୂର୍ବରୁ ଶୁକ୍ରବାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨.୩୦ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନସଭାରେ ଉପସ୍ଥାପିତ ହୋଇଛି। ବଜେଟ୍ ଉପସ୍ଥାପିତ ହେବାର ପ୍ରାୟ ଘଣ୍ଟାଏ ପରେ ନବୀନ ନିବାସରେ ବିଜେଡି ବିଧାୟକମାନଙ୍କୁ ଦେଖିବାକୁ ମିଳିଛି। କେବଳ ବିଧାୟକ ନୁହନ୍ତି ବହୁ ଏମ୍‌ପି ମଧ୍ୟ ନବୀନ ନିବାସରେ ପହଞ୍ଚିଥିଲେ। ନିଜ ଏରିଆକୁ ଯାଇ ଲୋକଙ୍କୁ ବଜେଟର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇବା ସହ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଅବଗତ ନିମନ୍ତେ ନବୀନ ନିବାସରେ ତାଗିଦ୍ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ବିଧାନସଭାରେ ବଜେଟ୍ ଉପସ୍ଥାପନ ହେବା ପରେ ପ୍ରାୟ ସାଢେ ୭ଟା ସୁଦ୍ଧା ସମସ୍ତ ବିଜେଡି ବିଧାୟକଙ୍କୁ ନବୀନ ନିବାସ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସବୁ ଦଳୀୟ ବିଧାୟକଙ୍କୁ ଏଭଳି ଅଚାନକ ଡାକରାକୁ ନେଇ କେହି କିଛି ଆଗୁଆ ସୂଚନା ପାଇ ନ ଥିବାବେଳେ ନବୀନ ନିବାସରେ ସେମାନଙ୍କୁ ଚଳିତବର୍ଷର ରାଜ୍ୟ ବଜେଟ୍ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ପ୍ରଶାସନିକ ଟିମ୍ କିଛି କଥା ବୁଝାଇଛନ୍ତି। ଏହା ଲୋକାଭିମୁଖୀ ବଜେଟ୍ ଓ ଓଡ଼ିଶାକୁ ଶୀର୍ଷକୁ ନେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ କହିଥିବା କେତେଜଣ ସେଠାରୁ ବାହାରିବା ପରେ କହିଛନ୍ତି। ଏହାସହ ବଜେଟ୍ ସମ୍ପର୍କରେ ନିଜ ଅଞ୍ଚଳକୁ ଯାଇ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଛି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହା ଶେଷ ବଜେଟ୍ ହୋଇଥିବାରୁ ଏହାର ଲୋକାଭିମୁଖୀ ଦିଗ ସମ୍ପର୍କରେ ନିର୍ବାଚନମଣ୍ଡଳୀର ସାଧାରଣ ଲୋକଙ୍କଠୁ ଆରମ୍ଭ କରି ବୁଦ୍ଧିଜୀବୀ ବର୍ଗଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବୁଝାଇବାକୁ ପରାମର୍ଶ ଦିଆଯାଇଛି। ଏପରିକି ନିଜ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ଡକାଇ ସେମାନଙ୍କ ସହ ଚଳିତବର୍ଷ ବଜେଟର ବିଭିନ୍ନ ଦିଗ ସମ୍ପର୍କରେ ସୂଚିତ କରିବାକୁ କୁହାଯାଇଛି। ମାର୍ଚ୍ଚ ୧ରୁ ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଶେଷ ହେଉଥିବାରୁ ଏହା ପରେ ନିଜ ଅଞ୍ଚଳର ବୁଦ୍ଧିଜୀବୀ,ଯୁବବର୍ଗ ଓ ବିଭିନ୍ନ ବର୍ଗର ଲୋକଙ୍କୁ ଅବଗତ କରାଇବାକୁ ବିଧାୟକମାନେ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି। ବିଶେଷକରି ମହିଳା, ଚାଷୀ, ଯୁବ ବର୍ଗ, ଏମଏସଏମଇ ଉଦ୍ୟୋଗୀ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ପାଇଁ ବଜେଟରେ ଆବଶ୍ୟକ ବ୍ୟବସ୍ଥା ହୋଇଛି।

# ରାଜ୍ୟ ବିକାଶରେ ଗବେଷକଙ୍କ ପ୍ରଭାବୀ ଯୋଗଦାନ ଉପରେ ଗୁରୁତ୍ୱ

## ଆକ୍ଷ୍ଟିକାଲ ସୋସାଇଟି ଅଫ୍ ଇଣ୍ଡିଆର ରାଷ୍ଟ୍ରୀୟ ମହା ଅଧିବେଶନ



ସମ୍ବଲପୁର ଭିସୁଟ୍‌ରେ ଆୟୋଜିତ ଅଧିବେଶନରେ ଅତିଥି ଓ ଆୟୋଜକ ।

**ସମ୍ବଲପୁର,୨୪।୨(ବ୍ୟୁରୋ)**

ଦେଶ ଓ ପ୍ରଦେଶରେ ସାଂପ୍ରତିକ ଗବେଷଣାର ଦିଗ ଓ ଦିଗନ୍ତ ବିଷୟରେ ବିସ୍ତାର ଭାବେ ଆଲୋଚନା ହେବାର ଆବଶ୍ୟକତା ରହିଛି । ରାଜ୍ୟର ବିକାଶରେ ଶିକ୍ଷାବିତ୍ ଓ ଗବେଷକମାନେ ପ୍ରଭାବୀ ଯୋଗଦାନ ଦେଇପାରିଲେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଓୟୁଟିଆରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ କହିଛନ୍ତି । ଶୁକ୍ରବାର ସମ୍ବଲପୁର ବୁର୍ଲା ଭିସୁଟରେ ଆକଷ୍ଟିକାଲ ସୋସାଇଟି ଅଫ ଇଣ୍ଡିଆର ୫୦ ତମ ଜାତୀୟ ମହାଧିବେଶନର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ସେ ଏହା କହିଥିଲେ । ଭିସୁଟ କୁଳପତି ଓ ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ବଂଶୀଧର ମାଝି ବୈଜ୍ଞାନିକ ଓ ଶିକ୍ଷାବିତ୍‌ମାନଙ୍କୁ ସ୍ୱାଗତ କରିଥିଲେ । ଭିସୁଟ ଆଧୁନିକ ଓଡିଶା ନିର୍ମାଣର ପ୍ରମୁଖ ପୁରୋଧା ଓ ସୋସାଇଟିର ଗବେଷଣାତ୍ମକ ଆଭିମୁଖ୍ୟରେ ସହଭାଗୀ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ସୋସାଇଟିର ସାଧାରଣ ସଂପାଦକ ଡ. ମହାବୀର ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଧ୍ୱନିବିଜ୍ଞାନରେ ଶିକ୍ଷା ଓ ଗବେଷଣାକୁ ମହତ୍ତର ଯୋଗଦାନ ପାଇଁ ପ୍ରଫେସର ରୀତା ପାଇକରାଏଙ୍କୁ ସୋସାଇଟିର ସର୍ବୋଚ୍ଚ ବିଶେଷ ସେବା ସମ୍ମାନ ଓ ଭିସୁଟର ଛାତ୍ରୀ ପ୍ରିୟଙ୍କା ସିଂହ, ସି.ଏସ.ଆଇ.ଆର.-ଆମ୍ପ୍ରିର ଗବେଷକ ନିଶାନ୍ତ କୁମାରଙ୍କୁ ସୋସାଇଟିର ଯୁବ ବୈଜ୍ଞାନିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଗଣେଶ୍ୱର ନାଥ ସୋସାଇଟି ଓ ଆୟୋଜିତ ମହାଅଧିବେଶନ ବିଷୟରେ ସୂଚନା ଦେଇ କହିଥିଲେ ଯେ, ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଶବ୍ଦ ବିଜ୍ଞାନ ଆଧାରରେ ପ୍ରାଣୀ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ସ୍ଥାପତ୍ୟ ଶାସ୍ତ୍ର, ଶବ୍ଦ ପ୍ରଦୂଷଣ, ଭେଷଜ ବିଜ୍ଞାନ, ଅଭି ଯାନ୍ତ୍ରିକୀ, ପରିବେଶ ଶାସ୍ତ୍ର, ଧ୍ୱନିବିଜ୍ଞାନ, ମନସ୍ତତ୍ତ୍ୱ, ଖଣିଜ ଶାସ୍ତ୍ର ଆଦିବିଷୟରେ ଗବେଷଣାକୁ କର୍ମଶାଳା ଓ ଆଲୋଚନାଚକ୍ର ମାଧ୍ୟମରେ ପରିପୋଷଣ କରିଆସୁଛି ବୋଲି କହିଥିଲେ । ପ୍ରାୟ ୨୨ ଜଣ ବିଶେଷ ଆମନ୍ତ୍ରିତ ଅତିଥି ବକ୍ତବ୍ୟ ପ୍ରଦାନ କରିବେ। ୯୮ ଜଣ ମୌଖିକ ସନ୍ଦର୍ଭ ପ୍ରଦାନ କରିବାର ରହିଛି । ଏହାଛଡା ଶତାଧିକ ସନ୍ଦର୍ଭ ପୋଷ୍ଟର ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ ବୋଲି ସେ ସୂଚନା ଦେଇଥିଲେ ।

ଆକ୍ଷ୍ଟିକାଲସୋସାଇଟିଅଫ୍‌ଇଣ୍ଡିଆରଉପସଭାପତି ପ୍ରଫେସର ଅଜିସ ଆବ୍ରାହମ ବକ୍ତବ୍ୟରେ ସୋସାଇଟିର ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ସୂଚନା ଦେଇଥିଲେ ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2023008, ତା.22.02.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ରାଜଆଠଗଡ଼-2x85 କି.ମି. ମାର୍ଗରେ ବୁଢ଼ାପଙ୍କ-ସାଳଗାଁ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ପରିସୀମା ଅଧୀନସ୍ଥ ବିଭିନ୍ନ ନିର୍ମାଣ ସ୍ଥଳ/ସେକ୍ସନଗୁଡ଼ିକ ଠାରେ ପ୍ରକଳ୍ପ ନିରୀକ୍ଷଣ ସେବା (PSS) ପ୍ରଦାନ ନିମନ୍ତେ ପ୍ରକଳ୍ପ ନିରୀକ୍ଷଣ ସେବା ଏଜେନ୍ସି (PSSA)ଙ୍କ ନିଯୁକ୍ତି ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (RFP) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 375.81 ଲକ୍ଷ

EMD (ଟଙ୍କାରେ): 3,37,900/-

କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.03.2023 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-174/CF/22-23



**ଶ୍ରୀଯୁକ୍ତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ, କଟକଙ୍କ ଅଦାଲତ**
**ଧା୪୧ରା ଅନୁଯାୟୀ**
**ଓ.ଏ.ନଂ. ୦୪/୨୦୨୨**

ଶ୍ରୀ ଭାଗବତ ଗୋସାଇଁ ବିଜେ ବର୍ଚ୍ଛିଖୁଣ୍ଟା ମାର୍ଫତଦାର ଶ୍ରୀ କୈଳାସ ଚନ୍ଦ୍ର ଜେନା ଓ ଅନ୍ୟମାନେ ଏବଂ ସେମାନଙ୍କ ଉତ୍ତରଦାୟଦଗଣ ... ... ଦରଖାସ୍ତକାରୀମାନେ

ବନାମ

ହିନ୍ଦୁ ସର୍ବସାଧାରଣ ... ... ଅପରପକ୍ଷ

**ବିଜ୍ଞାପନ**

ଏତଦ୍ୱାରା ହିନ୍ଦୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ଜିଲ୍ଲା- ବାଲେଶ୍ୱର, ଥାନା- ବାଲେଶ୍ୱର (ଶିଳ୍ପାଞ୍ଚଳ), ମୌଜା- ବର୍ଚ୍ଛିଖୁଣ୍ଟା, ଶ୍ରୀ ଭାଗବତ ଗୋସାଇଁ ବିଜେ ବର୍ଚ୍ଛିଖୁଣ୍ଟା ନିଜର ଘରୋଇ ଠାକୁର ଓ ଏହାର ପରିଚାଳନାର ସମସ୍ତ ଦାୟିତ୍ୱ କୈଳାସ ଚନ୍ଦ୍ର ଜେନା ଓ ଅନ୍ୟମାନେ ଏବଂ ସେମାନଙ୍କ ଉତ୍ତରଦାୟଦଗଣ ସା.- ବର୍ଚ୍ଛିଖୁଣ୍ଟା ଗ୍ରାମ ନିବାସୀ ଉପରୋକ୍ତ ଦେବ ମଉସୁଫଙ୍କର ସମସ୍ତ ଦାୟିତ୍ୱ ବହନ କରୁଥିବାର ଦାବିକରି ହିନ୍ଦୁ ସର୍ବସାଧାରଣଙ୍କୁ ପକ୍ଷକରି ଏବଂ ଶ୍ରୀ ରବୀନ୍ଦ୍ର ଜେନାଙ୍କୁ ହିନ୍ଦୁ ସର୍ବସାଧାରଣଙ୍କ ପାଇଁ ପକ୍ଷକରି ବାଲେଶ୍ୱର ଦେବୋତ୍ତର ନିରୀକ୍ଷକ, ବାଲେଶ୍ୱର ଆଦିଙ୍କୁ ଅପରପକ୍ଷ କରି ନିଜସ୍ୱ ସମ୍ପତ୍ତି ବୋଲି ଦାବିକରି ଏବଂ ତଫସିଲ ସମ୍ପତ୍ତିକୁ ନିଜ ଘରୋଇ ଠାକୁରଙ୍କ ସମ୍ପତ୍ତି ବୋଲି ଦାବି କରି ଏହି ଅଦାଲତରେ ଉପରୋକ୍ତ ମକଦ୍ଦମା ଦାଖଲ କରିଛନ୍ତି। ଏଥିରେ କାହାର କିଛି ଆପତ୍ତି ଥିଲେ ସେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଆସନ୍ତା ୧୧।୪।୨୦୨୩ ଦିବା ଘ୧୧ରେ ହାଜର ହୋଇ ଆପତ୍ତି ଦର୍ଶାଇବେ। ଉପରୋକ୍ତ ତାରିଖାନ୍ତେ କୌଣସି ଆପତ୍ତି ଗ୍ରହଣୀୟ ନୁହେଁ।

**ତଫସିଲ ସମ୍ପତ୍ତି**

ଜିଲ୍ଲା- ବାଲେଶ୍ୱର, ତହସିଲ- ରେମୁଣା ପୂର୍ବରୁ ବାଲେଶ୍ୱର ତହସିଲ ଥିଲା। ଥାନା- ରେମୁଣା ନଂ. ୧୮୪, ମୌଜା- ବର୍ଚ୍ଛିଖୁଣ୍ଟା, ସାବିକ ଖାତା ନଂ.-୧୬, ସାବି ଖସଡ଼ା ନଂ.- ୩୫୧, ଜମିର ପରିମାଣ- ଏ୦.୮୮ ଡେସିମିଲ। ହାଲ୍ ଖାତା ନଂ.୪୭, ହାଲ୍ ଖସଡ଼ା ନଂ.- ୫୪୧, ଜମିର ପରିମାଣ- ଏ୦.୮୩ ଡେସିମିଲ ।

ଆମର ସ୍ୱାକ୍ଷର ଓ ଅଦାଲତରେ ଏହି ମୋହର ସହ ଦିଆଗଲା।

ସ୍ୱା./- ଶ୍ରୀ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ, ଓ.ଜେ.ଏସ୍.(୧)
ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ, କଟକ



**ଶ୍ରୀଯୁକ୍ତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ, କଟକଙ୍କ ଅଦାଲତ**
**ଧା୪୧ରା ଅନୁଯାୟୀ**
**ଓ.ଏ.ନଂ. ୦୫/୨୦୨୨**

ଶ୍ରୀ ଭାଗବତ ଗୋସାଇଁ ବିଜେ ବର୍ଚ୍ଛିଖୁଣ୍ଟା ମାର୍ଫତଦାର ଶ୍ରୀ କୈଳାସ ଚନ୍ଦ୍ର ଜେନା ଓ ଅନ୍ୟମାନେ ଏବଂ ସେମାନଙ୍କ ଉତ୍ତରଦାୟଦଗଣ ... ... ଦରଖାସ୍ତକାରୀମାନେ

ବନାମ

ହିନ୍ଦୁ ସର୍ବସାଧାରଣ ... ... ଅପରପକ୍ଷ

**ବିଜ୍ଞାପନ**

ଏତଦ୍ୱାରା ହିନ୍ଦୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ଜିଲ୍ଲା- ବାଲେଶ୍ୱର, ଥାନା- ବାଲେଶ୍ୱର (ଶିଳ୍ପାଞ୍ଚଳ), ମୌଜା- ବର୍ଚ୍ଛିଖୁଣ୍ଟା, ଶ୍ରୀ ଭାଗବତ ଗୋସାଇଁ ବିଜେ କୁଗିଲାଲପାଟଣା ନିଜର ଘରୋଇ ଠାକୁର ଓ ଏହାର ପରିଚାଳନାର ସମସ୍ତ ଦାୟିତ୍ୱ କୈଳାସ ଚନ୍ଦ୍ର ଜେନା ଓ ଅନ୍ୟମାନେ ଏବଂ ସେମାନଙ୍କ ଉତ୍ତରଦାୟଦଗଣ ସା.- କୁଗିଲାଲପାଟଣା ଗ୍ରାମ ନିବାସୀ ଉପରୋକ୍ତ ଦେବ ମଉସୁଫଙ୍କର ସମସ୍ତ ଦାୟିତ୍ୱ ବହନ କରୁଥିବାର ଦାବିକରି ହିନ୍ଦୁ ସର୍ବସାଧାରଣଙ୍କୁ ପକ୍ଷକରି ଏବଂ ଶ୍ରୀ ରବୀନ୍ଦ୍ର ଜେନାଙ୍କୁ ହିନ୍ଦୁ ସର୍ବସାଧାରଣଙ୍କ ପାଇଁ ପକ୍ଷକରି ବାଲେଶ୍ୱର ଦେବୋତ୍ତର ନିରୀକ୍ଷକ, ବାଲେଶ୍ୱର ଆଦିଙ୍କୁ ଅପରପକ୍ଷ କରି ନିଜସ୍ୱ ସମ୍ପତ୍ତି ବୋଲି ଦାବିକରି ଏବଂ ତଫସିଲ ସମ୍ପତ୍ତିକୁ ନିଜ ଘରୋଇ ଠାକୁରଙ୍କ ସମ୍ପତ୍ତି ବୋଲି ଦାବି କରି ଏହି ଅଦାଲତରେ ଉପରୋକ୍ତ ମକଦ୍ଦମା ଦାଖଲ କରିଛନ୍ତି। ଏଥିରେ କାହାର କିଛି ଆପତ୍ତି ଥିଲେ ସେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଆସନ୍ତା ୧୧।୪।୨୦୨୩ ଦିବା ଘ୧୧ରେ ହାଜର ହୋଇ ଆପତ୍ତି ଦର୍ଶାଇବେ। ଉପରୋକ୍ତ ତାରିଖାନ୍ତେ କୌଣସି ଆପତ୍ତି ଗ୍ରହଣୀୟ ନୁହେଁ।

**ତଫସିଲ ସମ୍ପତ୍ତି**

ଜିଲ୍ଲା- ବାଲେଶ୍ୱର, ତହସିଲ- ରେମୁଣା ପୂର୍ବରୁ ବାଲେଶ୍ୱର ତହସିଲ ଥିଲା। ଥାନା- ରେମୁଣା ନଂ. ୧୮୪, ମୌଜା- ରାମଚଣ୍ଡୀ, ସାବିକ ଖାତା ନଂ.-୦୨, ସାବି ଖସଡ଼ା ନଂ.- ୧୦, ଜମିର ପରିମାଣ- ଏ୦.୦୫ ଡେସିମିଲ। ହାଲ ଖାତା ନଂ.୦୯, ହାଲ୍ ଖସଡ଼ା ନଂ.- ୨୬, ଜମିର ପରିମାଣ- ଏ୦.୫ ଡେସିମିଲ, ହାଲ୍ ଖସଡ଼ା ନଂ.-୩୦, ଜମିର ପରିମାଣ- ଏ୦.୨୩ ଡେସିମିଲ, ମୋଟ ଜମିର ପରିମାଣ ଏ୦.୨୮ ଡେସିମିଲ ( ୨ଗୋଟି ଖସଡ଼ା)।

ଆମର ସ୍ୱାକ୍ଷର ଓ ଅଦାଲତରେ ଏହି ମୋହର ସହ ଦିଆଗଲା।

ସ୍ୱା./- ଶ୍ରୀ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ, ଓ.ଜେ.ଏସ୍.(୧)
ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ, କଟକ



**झारखण्ड सरकार**
**ग्रामीण कार्य विभाग, मुख्य अभियंता का कार्यालय,**
**102, द्वितीय तल्ला, अभियंत्रण भवन, कचहरी रोड, राँची**

पत्रांक– दिनांक–

**निविदा स्थगित संबंधित सूचना**

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, **जमशेदपुर** के निविदा आमंत्रण संख्या– **253/2022-23/RWD/JAMSHEDPUR,** दिनांक– 04.02.2023, **PR NO.- 289280** के द्वारा प्रकाशित निविदा में आईडेन्टीफिकेशन संख्या– **RWD/JAMSHEDPUR/26/SRPKG-02/2022-23** एवं **RWD/JAMSHEDPUR/27/SRPKG-03/2022-23** द्वारा निविदा को अपरिहार्य कारणवश स्थगित किया जाता है।

नोडल पदाधिकारी
ई–प्रोक्युर्मन्ट सेल

PR 291150 (Rural Work Department) 22-23 (D)



**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल,झुमरीतिलैया**

**सूचना**

इस कार्यालय के निविदा संख्या 29/JMT/2022-23, पीआर नं0 **290525** के द्वारा Proposed Construction of Guest House (IB) at Urwan near old IB Jhumritelaiya से संबंधित प्रकाशित निविदा को अपरिहार्य कारणवश रद्द किया जाता है।

(ई0 चन्द्रशेखर)
कार्यपालक अभियंता,
पेयजल एवं स्वच्छता प्रमंडल,
झुमरीतिलैया

PR 291202 Drinking Water and Sanitation(22-23).D



**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୧୨/୧୩/୧୪/୧୫ ତାରିଖ: ୨୩।୦୨।୨୦୨୩

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ ।

(୧) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୩-୧୨ । ନିଲାମ ତାରିଖ: ୨୮।୦୨।୨୦୨୩ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୭.୧୦ ଘଟିକା ।

(୨) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୩-୧୩ । ନିଲାମ ତାରିଖ: ୦୩।୦୩।୨୦୨୩ । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୩.୦୦ ଘଟିକା ।

(୩) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୩-୧୪ । ନିଲାମ ତାରିଖ: ୦୯।୦୩।୨୦୨୩ । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୩.୨୦ ଘଟିକା ।

(୪) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୩-୧୫ । ନିଲାମ ତାରିଖ: ୧୦।୦୩।୨୦୨୩ । ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୪.୫୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ:** ଖଡ଼ଗପୁର **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର,**
**ତାରିଖ:** ୨୩।୦୨।୨୦୨୩ **ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ** (PR-1154)
ଆମେ ହର୍ଷର ସହ ସେବା କରୁ



See Career Appointment on every Wednesday & Saturday



**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ)**
**ବାଙ୍ଗିରିପୋଷି, ଓଡ଼ିଶାଠାରେ ଆଂଶିକ ଭାବେ ରେଳପଥ ଏବଂ ଅଣ-ରେଳପଥ ଜମିରେ ଗତି ଶକ୍ତି ମଲ୍ଟି ମୋଡାଲ କାର୍ଗୋ ଟର୍ମିନାଲ (ଜିସିଟି)ର ନିର୍ମାଣ ନିମନ୍ତେ**

ନଂ. ସିଓଏମ୍/ଜି.୨୭/ଜିସିଟି/ବିଜିୱାଇ ତାରିଖ: ୨୦।୦୨।୨୦୨୩

• **ଆବେଦନକାରୀଙ୍କ ବର୍ଗ:** ବ୍ୟକ୍ତିବିଶେଷ/ଏକକ ସ୍ୱତ୍ୱାଧିକାର ସଂସ୍ଥା, ହିନ୍ଦୁ ଅବିଭାଜିତ ପରିବାର (ଏଚ୍‌ୟୁଏଫ୍), ଭାଗୀଦାରି ପ୍ରତିଷ୍ଠାନ, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ପଞ୍ଜୀକୃତ କମ୍ପାନୀ, ସୀମିତ ଉତ୍ତରଦାୟିତା ଭାଗୀଦାରି (ଏଲ୍ଏଲ୍‌ପି), ପଞ୍ଜୀକୃତ ସୋସାଇଟି/ପଞ୍ଜୀକୃତ ନ୍ୟାସ, ଯୌଥ ଉଦ୍ୟୋଗ (ଜେଭି)/କନ୍‌ସୋର୍ଟିୟମ୍, ସରକାରୀ/ଅର୍ଦ୍ଧ-ସରକାରୀ ଏଜେନ୍ସି ଏବଂ ରାଜ୍ୟ/କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବୈଧାନିକ ନିକାୟ (ବିକାଶ କର୍ତ୍ତୃପକ୍ଷ ଏବଂ ପୌର ନିକାୟ ସମେତ) । • **ଇଓଆଇର ବିବରଣୀ:** ଅପ୍‌ଲୋଡ୍ ହୋଇସାରିଛି: **www.ser.indianrailways.gov.in** • **ଯୋଗ୍ୟତା:** ବିନିର୍ମାଣ, ପରିବହନ କିମ୍ବା ଲଜିଷ୍ଟିକ୍ସ ଏବଂ ତତ୍-ସମ୍ପର୍କିତ ବ୍ୟବସାୟରେ ଅତି କମ୍‌ରେ ଦୁଇ ବର୍ଷର ଅଭିଜ୍ଞତା । ନେଟ୍ ସମ୍ପତ୍ତି ନିର୍ମାଣର ଅଟକଳ ପରିବ୍ୟୟ ଅତିକମ୍‌ରେ ୫୦% ହୋଇଥିବା ଆବଶ୍ୟକ । • **ସ୍ଥାନ:** ବାଙ୍ଗିରିପୋଷି ରେଳ ଷ୍ଟେଶନ/ଡେଡ୍ ଏଣ୍ଡ ପାର୍ଶ୍ୱବର୍ତ୍ତୀ ଖାଲି ଅନାବଶ୍ୟକ ରେଳପଥ ଜମି ଏବଂ ପ୍ରସ୍ତାବିତ ସାଇଟ୍‌ର ପାର୍ଶ୍ୱବର୍ତ୍ତୀ ତଥା ସଂଲଗ୍ନ ପର୍ଯ୍ୟାପ୍ତ ଅଣ-ରେଳପଥ ଜମି । • **କାର୍ଯ୍ୟର ପରିସର:** ପକ୍ଷ/ପ୍ରତିଷ୍ଠାନ (ଯାହାଙ୍କୁ ଗତି ଶକ୍ତି ମଲ୍ଟି ମୋଡାଲ କାର୍ଗୋ ଅପରେଟର/ଜିସିଟିଓ କୁହାଯିବ)ଙ୍କୁ ଆଂଶିକ ଭାବେ ରେଳପଥ ଜମିରେ ଏବଂ ଆଂଶିକ ଭାବେ ପ୍ରସ୍ତାବିତ ରେଳପଥ ଜମି ପାର୍ସଲ ସହିତ ସଂଲଗ୍ନ ପର୍ଯ୍ୟାପ୍ତ ଆକାରର ଅଣ-ରେଳପଥ ଜମିରେ ଏକ ନୂଆ ଗତି ଶକ୍ତି କାର୍ଗୋ ଟର୍ମିନାଲ ନିର୍ମାଣ ତଥା ବିକଶିତ କରିବାକୁ ହେବ । ସଂଯୋଗ ପାଇଁ ଉଦ୍ଦିଷ୍ଟ ଅଂଶକୁ ଛାଡ଼ି, ରେଳପଥ ଜମି ପାଇଁ ବାର୍ଷିକ ଜମି ଲାଇସେନ୍ସ ଦେୟ ରେଳପଥର ବଳବତ୍ତର ଜମି ନୀତି ଅନୁଯାୟୀ ପ୍ରଯୁଜ୍ୟ ହେବ, ଅନ୍ୟପକ୍ଷରେ ଅଣ-ରେଳପଥ ଜମି କ୍ଷେତ୍ରରେ, ଆଗ୍ରହୀ ପକ୍ଷମାନଙ୍କୁ ମାଲିକାନା, ପ୍ରକୃତ ଜମି ମାଲିକଙ୍କଠାରୁ ଲିଜ୍ ମାଧ୍ୟମରେ କିମ୍ବା ସମ୍ମତି-ପତ୍ର ମାଧ୍ୟମରେ ଅଣ-ରେଳପଥ ଜମିର ଅଧିକାର ହାସଲ କରିବାକୁ ହେବ । ପ୍ରସ୍ତାବିତ ଟର୍ମିନାଲ ପାଇଁ ସର୍ବାଧିକ କେତେ ପରିମାଣର ରେଳପଥ ଜମି ଏବଂ/କିମ୍ବା ଅଣ-ରେଳପଥ ଜମି ଆବଶ୍ୟକ ତଥା ପ୍ରାସଙ୍ଗିକ ହେବ ସେ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ଜିସିଟିଓମାନେ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ରହିବେ । ଏପରି ପ୍ରସ୍ତାବିତ ଟର୍ମିନାଲ ପାଇଁ ରୈଖିକ ସଂଯୋଗ ନିମନ୍ତେ ଆବଶ୍ୟକ ଅଣ-ରେଳପଥ ଜମିକୁ ଆବେଦନକାରୀଙ୍କ ବିଶେଷ ଅନୁରୋଧକ୍ରମେ ଆବେଦନକାରୀ/ଜିସିଟିଓଙ୍କ ଖର୍ଚ୍ଚରେ ରେଳପଥ ପ୍ରଶାସନ ଦ୍ୱାରା ଅଧିଗ୍ରହଣ କରାଯାଇପାରେ । ଜିସିଟିଓ ସାଇଡିଂ/ସାଇଡିଂଗୁଡ଼ିକ ସମେତ ନ୍ୟୂନତମ ଅତ୍ୟାବଶ୍ୟକ ଭିତ୍ତିଭୂମିଗତ ସୁବିଧା ଯେପରିକି ଟ୍ରାକ୍, ସିଗ୍‌ନାଲିଂ, ଓଏଚ୍‌ଇ ଇତ୍ୟାଦି ସହିତ ପୂର୍ଣ୍ଣ ଦୈର୍ଘ୍ୟ ଲୋଡିଂ/ଅନ୍‌ଲୋଡିଂ ଲାଇନ୍, ହ୍ୱାର୍ଫ, ଶେଡ୍, ଆପ୍ରୋଚ୍ ରୋଡ୍ ସଂଯୋଗ ଏବଂ ବିଭିନ୍ନ ମୂଲ୍ୟ ସମ୍ବର୍ଦ୍ଧିତ ସେବା ତଥା ଅନ୍ୟାନ୍ୟ ସମ୍ବନ୍ଧୀୟ ଟ୍ରାଫିକ୍ ସୁବିଧା ଓ ଭିତ୍ତିଭୂମି ଯେପରିକି ପଣ୍ୟାଗାର, ପ୍ରକ୍ରିୟାକରଣ, ପ୍ୟାକେଜିଂ, ପାର୍କିଂ ଏରିଆ ଇତ୍ୟାଦି ପକ୍ଷ/ଜିସିଟିଓଙ୍କ ଖର୍ଚ୍ଚରେ ନିର୍ମାଣ ଏବଂ ବିକଶିତ କରିବେ । ସୁବିଧା ଏବଂ ଭିତ୍ତିଭୂମି ସମେତ ସଂଯୋଗ ଅଂଶ ରେଳପଥର ବିଦ୍ୟମାନ ଚଳାଚଳ ଉପରେ ପ୍ରତିକୂଳ ପ୍ରଭାବ ପକାଉ ନ ଥିବା ଆବଶ୍ୟକ । • **ଚୁକ୍ତିର ଅବଧି:** ୩୫ ବର୍ଷ । • **ଲାଭ:** ପକ୍ଷ ଟେଣ୍ଡରିଂ ମାଧ୍ୟମରେ ମନୋନୟନ ସମୟରେ ସେମାନେ କୋଟ୍ କରିଥିବା ବିଡ୍ ଅନୁଯାୟୀ ଟର୍ମିନାଲରେ ଯା'ଆସ କରୁଥିବା ସମସ୍ତ ଅନ୍ତର୍ଗାମୀ ଓ ବହିର୍ଗାମୀ ରେକ୍‌ର ଟର୍ମିନାଲ୍ ଶୁଳ୍କ ତଥା ଟର୍ମିନାଲ୍ ଆକ୍ସେସ୍ ଶୁଳ୍କରେ ଭାଗକୁ ଉପଭୋଗ କରିବେ । • **ଅନ୍ୟ ବ୍ୟବସାୟର ପରିସର:** ଜିସିଟିଓଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ମୂଲ୍ୟ ସମ୍ବର୍ଦ୍ଧିତ ସେବା ନିମନ୍ତେ ୟୁଜର ଚାର୍ଜ/ଦେୟରେ ରେଳପଥ କୌଣସି ହସ୍ତକ୍ଷେପ କରିବ ନାହିଁ । • **ମନୋନୟନ ପଦ୍ଧତି:** ପକ୍ଷ/ଏଜେନ୍ସିର ମନୋନୟନ ଦୁଇ ପ୍ୟାକେଟ୍ ଏକକ ପର୍ଯ୍ୟାୟ ପ୍ରଣାଳୀ ଅଧୀନରେ ଏକ ସ୍ୱଚ୍ଛ ମୁକ୍ତ ଏବଂ ପ୍ରତିଯୋଗିତାମୂଳକ ଟେଣ୍ଡରିଂ ମାଧ୍ୟମରେ କରାଯିବ । • **ରେଳପଥ ପରିଷଦର ନୀତି ପାଇଁ:** ନୀତିର ଅଧିକ ବିବରଣୀ ପାଇଁ, "ଗତି ଶକ୍ତି ମଲ୍ଟି-ମୋଡାଲ କାର୍ଗୋ ଟର୍ମିନାଲ୍ (ଜିସିଟି)-୨୦୨୨ ତାରିଖ ୦୬।୧୨।୨୦୨୨ ଉପରେ **www.indianrailways.gov.in**ରେ ଉପଲବ୍ଧ ରେଳପଥ ପରିଷଦର ମାଷ୍ଟର ସର୍କୁଲାର ଦେଖାଯାଇପାରେ । • **ଦାଖଲର ଶେଷ ତାରିଖ: ତା୨୦।୦୩।୨୦୨୩ରିଖ ମଧ୍ୟରେ । ତା୨୦।୦୩।୨୦୨୩ରିଖ ପରେ କୌଣସି ଅଫରକୁ ଗ୍ରହଣ କରାଯିବ ନାହିଁ ।** • **ଇଓଆଇ ଦାଖଲ:** ବ୍ୟକ୍ତିଗତ ପ୍ରସ୍ତାବ ସମେତ ବିବରଣୀ ୱେବ୍‌ସାଇଟ୍: **www.ser.indianrailways.gov.in** ରେ ଅପ୍‌ଲୋଡ୍ ହୋଇସାରିଛି, ଯାହାକୁ ଏକ ଜଉମୁଦଦିଆ ଲଫାପାରେ **ତା୨୦।୦୩।୨୦୨୩ରିଖ ମଧ୍ୟରେ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନଜରଙ୍କ କାର୍ଯ୍ୟାଳୟ, ଡିଆର୍‌ଏମ୍ ବିଲ୍ଡିଂ, ପୋଷ୍ଟ ଓ ଥାନା: ଖଡ଼ଗପୁର, ଜିଲ୍ଲା: ପଶ୍ଚିମ ମେଦିନାପୁର, ପିନ୍-୭୨୧୩୦୧ରେ** ଦାଖଲ କରାଯାଇପାରିବ । • **ଅନ୍ୟ କୌଣସି ଅନୁସନ୍ଧାନ ପାଇଁ:** ଫ୍ରେଟ୍ ସେଲ୍/ଖଡ଼ଗପୁର ଡିଭିଜନ ସହିତ ମୋବାଇଲ ନଂ.**୯୦୦୨୦୮୧୯୫୦/୯୦୦୨୦୮୧୯୧୬**ରେ କେବଳ କାର୍ଯ୍ୟାଳୟ ନିର୍ଘଣ୍ଟ ସମୟରେ ଯୋଗାଯୋଗ କରନ୍ତୁ । ଅଫର ଦାଖଲ କରିବା ପୂର୍ବରୁ ସ୍ଥାନ, ନୀତି ମାର୍ଗଦର୍ଶିକା ଏବଂ ୱେବ୍‌ସାଇଟ୍: **www.ser.indianrailways.gov.in** ପରିଦର୍ଶନ କରିବା ଲାଗି ଆଗ୍ରହୀ ପକ୍ଷମାନଙ୍କୁ ଅନୁରୋଧ କରାଯାଉଛି । *ଇଓଆଇ ଦାଖଲ ଯାଞ୍ଚ/ମନୋନୟନ/କାର୍ଯ୍ୟ/ପ୍ରକଳ୍ପ ପ୍ରଦାନର କୌଣସି ଅଧିକାର କିମ୍ବା ବାଧ୍ୟତାକୁ ଆକର୍ଷିତ କରି ନ ଥାଏ ।*

(PR-1157) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**ସଂକ୍ଷେପରେ**

## ୧୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ବାଲୁଗାଁ,୨୪।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲୁଗାଁ ରେଲୱେ ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଶୁକ୍ରବାର ସକାଳେ ଚଢ଼ାଉ କରି ଷ୍ଟେଶନ ପରିସରରୁ ୧୨କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଧୀନ ଖରିଡା ଗ୍ରାମର ବବୁଲ ବାରିକ(୨୦)। ସୂଚନା ମୁତାବକ, ଶୁକ୍ରବାର ସକାଳ ୬ଟାରେ ବାଲୁଗାଁ ଷ୍ଟେଶନରୁ ଟ୍ରେନରେ ବିପୁଳ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେନ ସଦଳବଳ ଏବଂ ଆରପିଏଫ ଟିମ୍ ମିଳିତଭାବେ ଚଢ଼ାଉ କରି ବବୁଲଙ୍କୁ ଧରିବା ସହ ଏକ ବ୍ୟାଗ ଭର୍ତ୍ତି ୧୨କେଜି ଗଞ୍ଜେଇ ଜବତ କରିଥିଲେ। ଏନେଇ ଅବକାରୀ ବିଭାଗରେ ଏକ ମାମଲା (ନଂ.୧୬୯/୨୦୨୨-୨୩) ରୁଜୁ ପରେ ଅଭିଯୁକ୍ତ ବବୁଲଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ, ଏଏସ୍ଆଇ ଅର୍ଜୁନ ପାତ୍ର, ରତ୍ନାକର ଜାଲି, ଲିପନ ପ୍ରଧାନ, ଚିନ୍ମୟୀ ଦାସ ପ୍ରମୁଖ ସାମିଲ ଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଜଟଣୀ,୨୪।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଧୀନ ମୋଟରୀ ଗ୍ରାମର ପ୍ରଭାସ ବେହେରା। ସୂଚନା ମୁତାବକ, ସକାଳେ ପ୍ରଭାସ କୌଣସି କାର୍ଯ୍ୟରେ ବାଇକ୍‌ରେ ଭୁବନେଶ୍ୱର ଯାଉଥିଲେ। ଭୁବନେଶ୍ୱର-ତଳଖେତା ପଟୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ତାଙ୍କୁ ଜଟଣୀ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧକ୍କା ଦେଇ ପଳାଇଥିଲା। ଫଳରେ ସେ ଛିଟିକି ରାସ୍ତାରେ ପଡ଼ିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ବଡ଼ଭାଇ ସୁବାସ ବେହେରାଙ୍କ ଅଭିଯୋଗକ୍ରମେ ଜଟଣୀ ଥାନା ପୋଲିସ ଏକ ମାମଲା (ନଂ.୭୦/୨୩) ରୁଜୁ କରି ତଦନ୍ତ ଚଳାଇଛି।

## ୧୮ ୟୁନିଟ୍ ରକ୍ତ ସଂଗ୍ରହ

ବୋଲଗଡ଼,୨୪।୨(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ନୂଆଗାଁ ଗ୍ରାମର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିସରରେ ଶକ୍ତି ମିଶନ ଓ ଗ୍ରାମବାସୀଙ୍କ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଓଡ଼ିଶା ରକ୍ତ ଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟ ଅଧିକାରୀ ଡା. ସୌରଭ ରାୟ, ଲାବ୍‌ଟେକ୍ନିସିଆନ ଅରୁଣ କୁମାର ସାହୁ ଓ ବିଚିସ୍ମିତା ପୁହାଣ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତର ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ହରପ୍ରିୟା ଧଳ, ଫାର୍ମାସିଷ୍ଟ ବିଭୁଦତ୍ତ ଛୋଟରାୟ, ବେଗୁନିଆ ଶ୍ରୀକେୟାର ହସ୍ପିଟାଲର ଅଧକ୍ଷ ବିଭୂତି ଭୂଷଣ ପଣ୍ଡା ଯୋଗଦେଇଥିଲେ। ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ଶିବିର ପରିଚାଳନା କରିଥିଲେ।

# ପଲ୍ଲିଶ୍ରୀ ମେଳାରେ ଗୋପପୁର ପରିବେଶ

**ଖୋର୍ଦ୍ଧା ଅଫିସ,୨୪।୨:**



ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଖୋର୍ଦ୍ଧା ଜିଲା ପ୍ରଶାସନ, ଓରମାସ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ହାବେଳି ପଡିଆରେ ଚାଲିଥିବା ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାର ଶୁକ୍ରବାର ଥିଲା ଚତୁର୍ଥ ଦିବସ। ତେବେ ମେଳାର ୩ୟ ଦିନ ସୁଦ୍ଧା ୧ କୋଟି ୧୧ଲକ୍ଷ ୨୫ହଜାର ୯୩୨ ଟଙ୍କା ବ୍ରିକି ହୋଇଥିବା ଓରମାସ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ମେଳାରେ ଗ୍ରାହକଙ୍କ ପ୍ରବଳ ଭିଡ଼ ରହିଥିଲା। ବିଶେଷକରି ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ହସ୍ତତନ୍ତ, ହସ୍ତ ଶିଳ୍ପର ବେଶ ଚାହିଦା ରହିଛି। ସମ୍ବଲପୁରୀ ଶାଢୀ, ବସ୍ତ୍ର, ଘରୋଇ ସାଜସଜ୍ଜା, ଷ୍ଟେଶନାରୀ ସାମଗ୍ରୀ ଷ୍ଟଲରେ ଭିଡ ଜମୁଛି। ସେହିପରି ପୁସ୍ତକ ଷ୍ଟଲ ନିକଟରେ ଛାତ୍ରୀଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କ ଗହଳି ରହିଥିଲା। ମେଳା ବୁଲାବୁଲି କରିବା ସହ ଖାଦ୍ୟ ଷ୍ଟଲରେ ଚଟପଟି ଖାଦ୍ୟ ଗ୍ରାହକଙ୍କ ବେଶ ରୁଚି ରହିଛି। ଜଳଛାୟା ମିଶନ, ଉଦ୍ୟାନ ବିଭାଗ, କୃଷି, ମତ୍ସ ଓ ପଶୁପାଳନ ବିଭାଗ ନିକଟରେ ଚାଷୀଙ୍କ ଭିଡ଼ ଜମୁଥିବା ବେଳେ କୃଷି ଯନ୍ତ୍ରପାତି ଷ୍ଟଲରେ ଚାଷୀ ସଙ୍ଗଠନଙ୍କ ଭିଡ ଜମୁଛି। ପଲ୍ଲିଶ୍ରୀ ମେଳାର ୪ର୍ଥ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲା ଢେଙ୍କାନାଳର ଶ୍ରୀରାଧାକୃଷ୍ଣ ଲଉଡି ସଂଘର ଲଉଡ଼ି ଖେଳ। ମେଳା ପାଲଟିଥିଲା ଗୋପପୁର। ବାଳଶ୍ରୀକୃଷ୍ଣ ସଖାଙ୍କ ସହ ଦାଣ୍ଡିଆ ଖେଳିବା ଓ ଦହିହାଣ୍ଡି ଭାଙ୍ଗିବା ନୃତ୍ୟାଭିନୟରେ ଚିତ୍ରଣ କରିଥିଲେ କଳାକାର। ସେହିପରି ମଞ୍ଚର ଅନ୍ୟତମ ଆକର୍ଷଣ ରହିଥିଲା ଗଞ୍ଜାମର ପ୍ରସିଦ୍ଧ ଲୋକନୃତ୍ୟ ଭାରତଲୀଳା। ମା'ଦେବୀ ନାଟ୍ୟକଳା ସଂସଦର କଳାକାର ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଖୋର୍ଦ୍ଧା ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନର କୁନିକୁନି କଳାକାର ଓଡ଼ିଶୀରେ ମଙ୍ଗଳାଚରଣ, ଆହେ ନୀଳଶୈଳ ଏବଂ ସମ୍ବଲପୁରର ଲୋକନୃତ୍ୟ ଡାଲଖାଇ ପରିବେଷଣ କରିଥିଲେ। ବେଗୁନିଆର ସୌରୀବନ୍ଧୁ ଜେନା ଓ ସାଥି ଘୋଡନାଚ ମାଧ୍ୟମରେ ପାରମ୍ପରିକ ଲୋକକଳା ପରିବେଷଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏବଂ ଓରମାସ ଉପନିର୍ଦ୍ଦେଶକ ଗୁଣ୍ଡିଚା ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମେଳାରେ ବଢୁଛି ଅଗରବତୀର ଚାହିଦା




ଜଗତ୍‌ସିଂହପୁର ଜିଲା କୁଆମୁଣ୍ଡା ରଘୁନାଥପୁରରୁ ଆସିଥିବା ମା'ରାଧାରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଅଗତବତୀ ବାସ୍ନା ମେଳାରେ ମହକୁଛି। ଏହାର ବାସ୍ନା ଗ୍ରାହକଙ୍କୁ ଟାଣି ଆଣୁଛି। ମହୀଶୂର ସାଣ୍ଡାଲ, ଗ୍ରୀନ ଚମ୍ପା, ତୁଳସୀ, ଗୁଲାବ, ବ୍ଲାକ ଲାଭେଣ୍ଡେର, ଚନ୍ଦନ ଆଦି ୭ପ୍ରକାର ଅଗରବତୀ ଗ୍ରାହକଙ୍କ ବେଶ ଚାହିଦା ରହିଛି। ୩୦ରୁ ଶହେ ଟଙ୍କା ପର୍ଯ୍ୟନ୍ତ ଦାମ ରହିଛି। ଏହି ଗ୍ରୁପର ଦମ୍ପତି ରଜନୀକାନ୍ତ ଓ ବିଜୟଲକ୍ଷ୍ମୀ ମହାପାତ୍ର ଉପରୋକ୍ତ ଗ୍ରୁପ ମାଧ୍ୟମରେ ଗଢିଛନ୍ତି ଉତ୍ପାଦକ ଗୋଷ୍ଠି। ମା ରାଧାରାଣୀ ଏସଏଚଜିର ସହାୟତାରେ ଏହି ପ୍ରଡକ୍ସନ ଆରମ୍ଭ କରିଥିବା ବେଳେ ଆଗକୁ ବିଭିନ୍ନ ସେଣ୍ଟେଡ ଅଗରବତୀ ବାହାର କରିବାକୁ ଯୋଜନା ରଖିଛନ୍ତି। ସୋସିଆଲ ମିଡିଆରୁ ଅଗରବତୀ ପ୍ରସ୍ତୁତ କରିବାର ଶିକ୍ଷା ଗ୍ରହଣ କରିଥିବା କହିଛନ୍ତି ବିଜୟଲକ୍ଷ୍ମୀ। ଲକ୍ଷେ ଟଙ୍କାର ଆରମ୍ଭ ହୋଇଥିବା ଏହି ବେପାର ଏବେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟପିଲାଣି। ଓରମାସ ସହ ଯୋଡି ହେବା ପରେ ଓଡ଼ିଶାର ବିଭିନ୍ନ ଜିଲା, ବାହାର ରାଜ୍ୟକୁ ଯିବାର ସୁଯୋଗ ମିଳିଛି। ବଜାର ନାମୀଦାମୀ ଅଗରବତୀ ସମତୁଲ୍ୟ ଆମ ଗ୍ରୁପ ଦ୍ୱାରା ପ୍ରସ୍ତୁତ ଅଗରବତୀ ପ୍ରତିଯୋଗିତାରେ ସାମିଲ ହୋଇଛି।

## କାର୍ଡରେ ମିଳୁଛି ଗୋଦୁଗ୍ଧ




ଏଟିଏମ କାର୍ଡ ପୁସ କଲେ ମିଳୁଛି ଦେଶୀ ଗାଈର ଦୁଗ୍ଧ। ଜଟଣୀ ଖୁଦୁପୁରର ଶ୍ରୀମାଧବ ଗୋଶାଳା ପକ୍ଷରୁ ରହିଛି ମୋବାଇଲ ମିଲ୍କ ଏଟିଏମ ଭ୍ୟାନ। ଏଥିରେ ବ୍ୟାଙ୍କର ଏଟିଏମ ମେଶିନ ଖଞ୍ଜା ଯାଇଛି। କାର୍ଡ ପୁସ କରି ଟଙ୍କା ଲେଖି ସୁଇଚ ଟିପିଲେ ଆପେ ଆପେ ଆସୁଛି ଦୁଗ୍ଧ। ମେଳାକୁ ଆସୁଥିବା ଲୋକେ ଏବେ ଏଠାରୁ ଦେଶୀ ଗାଈର ଦୁଗ୍ଧ ଘରକୁ କିଣି ନେଉଛନ୍ତି। ଏହି ଗୋଶାଳାର ଆବାହକ ପ୍ରଦୀପ ସ୍ୱାଇଁ କୁହନ୍ତି, ଗୋବର ଓ ଗୋମୁତ୍ରକୁ ବ୍ୟବହାର କରି ଇକୋ ଫେଣ୍ଡଲି ବିଭିନ୍ନ ଜୈବିକ ପଦାର୍ଥ ପ୍ରସ୍ତୁତ କରାଯାଉଛି। ଜୈବିକ ଖତ, ଶୁଦ୍ଧ ଗୋବର କଣ୍ଡି, ଦୀପ, ବିଭିନ୍ନ ଦେବାଦେବୀ, ପଶୁପକ୍ଷୀଙ୍କ ପ୍ରତିମୂର୍ତ୍ତି ପ୍ରସ୍ତୁତ କରାଯାଉଛି। ବିବାହ, ବ୍ରତ ତଥା ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ହୋମ ଯଜ୍ଞ ଲାଗି କାଠ ପରିବର୍ତ୍ତେ ସେ ଗୋବର ଛୋଟ ହୋମକାଠ ପ୍ରସ୍ତୁତ କରୁଛନ୍ତି। ଶବଦାହ ସମୟରେ ପ୍ରାୟ ୧.୫ କୁଇଣ୍ଟାଲ କାଠ ଆବଶ୍ୟକ ପଡୁଛି। ଏହାକୁ ଏଡାଇବା ଲାଗି ସେ ଇକୋ ଫେଣ୍ଡଲି ଗୋବର ୩ରୁ ୪ଫୁଟ କାଠ ମଧ୍ୟ ପ୍ରସ୍ତୁତ କରାଯାଉଛି। ଏଥିସହିତ ଗୋବର, ଗୋମୁତ୍ରରୁ ପଞ୍ଚଗବ୍ୟ ଔଷଧ ପ୍ରସ୍ତୁତ କରୁଥିବା ସେ କହିଛନ୍ତି। ମେଳାରେ ଗୋ ଆଧାରିତ ଜୈବିକ ପ୍ରଡକ୍ଟ ଗ୍ରାହକଙ୍କୁ ବେଶ ଆକର୍ଷିତ କରିବା ସହ ଏହାର ଚାହିଦା ମଧ୍ୟ ବଢିଛି।

## ଝୋଟ ସାମଗ୍ରୀ ଆତ୍ମନିର୍ଭରତା ବଢ଼ାଇଛି



ମେଳାରେ ବାଲେଶ୍ୱର ଜିଲା ପଣପଣା ପଞ୍ଚାୟତର ମାଲଦାପଡାର ଈଶ୍ୱର ଉତ୍ପାଦକ ଗୋଷ୍ଠୀର ଝୋଟ ତିଆରି ସାମଗ୍ରୀ ବେଶ ଚାହିଦା ରହିଛି। ବିଭିନ୍ନ ବ୍ୟାଗ, ପାଣିବୋତଲ, ସ୍କୁଲ ବ୍ୟାଗ, ମନିପର୍ସ, ଭ୍ୟାନିଟି, ୱାଲ ହେଙ୍ଗିଙ୍ଗ, ଫାଇଲ ଓ ପାସବୁକ ବ୍ୟାଗ ସମେତ ଝୋଟ ନିର୍ମିତ ପଶୁପକ୍ଷୀ, ମଠ, ମନ୍ଦିର ୱାଲ ସିନେରି ଆଦି ୪୦ପ୍ରକାର ସାମଗ୍ରୀ ରହିଛି। ବିଶେଷକରି ଝୋଟର କଣ୍ଢେଇ, ପଶୁପକ୍ଷୀ, ଘରୋଇ ସାଜସଜ୍ଜା ବିଶେଷ ଆକର୍ଷଣ ସାଜିଛି। ଏହି ଗ୍ରୁପରେ ଆସିଥିବା ସଦସ୍ୟ କୁହନ୍ତି, ବଜାରରେ ବିଭିନ୍ନ ଘରୋଇ ସାଜସଜ୍ଜା ବିକ୍ରି ହେଉଥିଲେ ମଧ୍ୟ ଝୋଟ ପ୍ରତି ଲୋକଙ୍କ ମଧ୍ୟରେ ରହିଥିବା ଆଗ୍ରହ, ଭଲପାଇବା, ଆମକୁ ଆଗକୁ ବଢିବାକୁ ପ୍ରେରଣା ଦେଇଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ବୁଲିବାର ସୌଭାଗ୍ୟ ମିଳିବା ସହ ଏହାର ଆତ୍ମନିର୍ଭରତା ଏବଂ ବିଶ୍ୱାସକୁ ଦ୍ୱିଗଣିତ କରିଛି। ଆଗକୁ ଆହୁରି ନୂଆ ଶୈଳୀରେ ସାମଗ୍ରୀ ପ୍ରସ୍ତୁତ କରିବାକୁ ଯୋଜନା ରହିଥିବା କହିଛନ୍ତି। ଦିନେ ୧୦ହଜାର ଟଙ୍କାରୁ ଆରମ୍ଭ କରିଥିବା ଏହି ଗ୍ରୁପ୍ ଏବେ ବେପାର ବର୍ଷକୁ ୩ରୁ ୫ଲକ୍ଷ ଟଙ୍କାରେ ପହଞ୍ଚିଛି ।

## ଗ୍ରାହକଙ୍କ ପସନ୍ଦ ମାଣ୍ଡିଆ ବରା, ଚପ

ପଲୀଶ୍ରୀ ମେଳାରେ ଗଞ୍ଜାମ ସାନଖେମୁଣ୍ଡି ବ୍ଲକ ପାଟପୁରରୁ ଆସିଥିବା ମିଲେଟ ମିଶନର ଖାଦ୍ୟ ପସରା ଗ୍ରାହକଙ୍କ ବେଶ ପସନ୍ଦ ପାଲଟିଛି। ସଞ୍ଜ ନଇଁଲେ ଏଠାରେ ଲୋକଙ୍କ ଭିଡ଼ ଜମୁଛି। ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ମାଣ୍ଡିଆ ବରା, ଚପ, ପାକୁଡି, ସିଙ୍ଗଡା, କାକରା, ଆରିସା ବିକ୍ରି ହେଉଛି। ଗୋଟିକର ଦାମ ୫ଟଙ୍କା ରହିଥିବା ବେଳେ ଗ୍ରାହକଙ୍କ ମନ ଜିଣିଛି ମାଣ୍ଡିଆ ଖାଦ୍ୟ। ଏହାର ମାଲିକ ମନୋଜ ମହାନ୍ତି କୁହନ୍ତି ମିଲେଟ ମିଶନରେ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଉଥିବା ଜାଣିବା ପରେ ଏଥିପ୍ରତି ମୋର ଆଗ୍ରହ ହୋଇଥିଲା। ୨ବର୍ଷ ତଳେ ଏହି ବେପାର ଆରମ୍ଭ କରିଛି। ଓରମାସ ପକ୍ଷରୁ ଆୟୋଜିତ ହେଉଥିବା ପଲ୍ଲିଶ୍ରୀ ମେଳାର ଯିବାର ସୁଯୋଗ ମିଳୁଛି। ଏବେ ଲୋକଙ୍କ ଚାହିଦା ଅନୁସାରେ ବିଭିନ୍ନ ଖାଦ୍ୟ ଯୋଗାଯାଉଛି।

# ପାଇକ ଆଖଡ଼ା କ୍ରୀଡ଼ା ବିଭାଗରେ ସାମିଲ କରାଯାଉ

**ପାଠ୍ୟ ପୁସ୍ତକରେ ଶହୀଦଙ୍କ ଜୀବନୀ ସାମିଲ ହେଉ**

**ଖୋର୍ଦ୍ଧା ଅଫିସ,୨୪।୨:**



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

ଖୋର୍ଦ୍ଧା ପଲ୍ଲିଶ୍ରୀ ମେଳାର ଚତୁର୍ଥ ଦିବସରେ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ପାଇକ ବିଦ୍ରୋହ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଭୀମସେନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଐତିହାସିକ, ଗବେଷକ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାର ଦ୍ୱିଶତ ବାର୍ଷିକୀ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ କେନ୍ଦ୍ର ସରକାର ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ଏଥିରେ ଖୋର୍ଦ୍ଧାର ଅବଦାନ ଅତୁଳନୀୟ। ଇଂରେଜ ବିରୋଧରେ ପାଇକ ବୀରଙ୍କ ଏହି ବିଦ୍ରୋହ ଥିଲା ଦୀର୍ଘତମ ଓ ପ୍ରତ୍ୟେକ ବର୍ଗର ଲୋକ ଯୋଗଦେଇଥିବାରୁ ଏହାକୁ ଗଣବିପ୍ଳବ ବୋଲି କୁହାଯାଏ। ପୂର୍ବରୁ ଯେତେ ଇଂରେଜ ବିରୋଧୀ ବିଦ୍ରୋହ ହୋଇଛି, ସେଥିରେ ସାମରିକ ଆଇନ ଲାଗୁ କରିନଥିବା ବେଳେ ଏହି ୧୮୧୭ ବିପ୍ଳବରେ ପ୍ରଥମ କରି ସାମରିକ ଆଇନ ଜାରି ହୋଇଥିଲା ବୋଲି ଅତିଥିମାନେ କହିଥିଲେ।

ଐତିହାସିକ ସତ୍ୟବାଦୀ ବଳିୟାରସିଂହ କହିଥିଲେ, ପାଇକ ଆଖଡ଼ାକୁ ରାଜ୍ୟ ସରକାର କ୍ରୀଡ଼ା ବିଭାଗରେ ସ୍ଥାନ ଦେବା ସହ ବିକାଶ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଐତିହ୍ୟ ଗବେଷକ ପ୍ରାଧାପକ ଗୋପାଳକୃଷ୍ଣ ଦାସ କେନ୍ଦ୍ର ସରକାର ଏନ୍‌ସିଇଆରଟି ୮ମ ଶ୍ରେଣୀ ପାଠ୍ୟ ପୁସ୍ତକରେ ପାଇକ ବିଦ୍ରୋହକୁ ସ୍ଥାନ ଦେଇଥିବା ବେଳେ ରାଜ୍ୟ ସରକାର ପାଠ୍ୟ ପୁସ୍ତକରେ ବକ୍ସି ଜଗବନ୍ଧୁଙ୍କ ଭଳି ଶହୀଦଙ୍କ ସମେତ ଓଡ଼ିଶାର ବହୁ ଶହୀଦ, ସଂଗ୍ରାମୀଙ୍କ ଜୀବନୀକୁ ପାଠ୍ୟ ପୁସ୍ତକରେ ସ୍ଥାନିତ କରିବାକୁ କହିଥିଲେ। ଗବେଷକ ଶକ୍ତିଧର ମହାପାତ୍ର ପାଇକ ପରମ୍ପରା ଉପରେ ଆଲୋକପାତ କରିଥିଲେ। କଳିଙ୍ଗ ପାଇକ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଗତିକୃଷ୍ଣ ଉତ୍ତରକବାଟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଦିବ୍ୟଲୋଚନ ଭାରିମଲ୍ଲ, ରଶ୍ମିତା ନାୟକ, ଗୋବିନ୍ଦ ଚନ୍ଦ୍ର ମହାରଣା, ବିକ୍ରମ ଚମ୍ପତି, ଡ. ରଶ୍ମି ମିଶ୍ର ପ୍ରମୁଖ କବିତା ମାଧ୍ୟମରେ ପାଇକ ବିଦ୍ରୋହର ସ୍ତୁତିଚାରଣ କରିଥିଲେ। ସଙ୍ଗଠନ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ଦେଇଥିଲେ। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ବରୁଣେଇ ପାଇକ ସ୍ମାରକୀ ସ୍ଥଳ କାର୍ଯ୍ୟ ତ୍ୱରାନ୍ୱିତ ଦାବି କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଖବରଦାତା ପ୍ରଭାତ କୁମାର ପାଣିଗ୍ରାହୀ ଭାରତ ଇତିହାସରେ ପାଇକ ବିଦ୍ରୋହ ଯଥାର୍ଥ ସ୍ଥାନ ପାଇବା ଉଚିତ ବୋଲି ମତ ଦେବା ସହିତ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ରେଡ୍‌କ୍ରସ ବୈଠକ

**ଖୋର୍ଦ୍ଧା ଅଫିସ,୨୪।୨:**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ରେଡ୍‌କ୍ରସ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୦୨୨-୨୩ରେ ରେଡ୍‌କ୍ରସ ପକ୍ଷରୁ ଖର୍ଚ୍ଚ କରାଯାଇଥିବା ଅର୍ଥ, ଜମାରାଶି ସମୀକ୍ଷା କରାଯାଇଛି। ପୁରୁଣା ରସିଦ ବହି ପରିବର୍ତ୍ତେ ନୂତନ ବହି ବ୍ୟବହାର କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ରେଡ୍‌କ୍ରସ ଲୋକଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଜନସ୍ୱାର୍ଥ ଦୃଷ୍ଟିରୁ ଏଥିପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି, ସଚେତନତା ତଥା ଜୋରଜବରଦସ୍ତ ନ ଆଦାୟ କରିବାକୁ ଜିଲାପାଳ କହିଥିଲେ। ପୋଲିସ ବିଭାଗକୁ ରସିଦ ବହି ଯୋଗାଇ ଦେବାକୁ ଆଗ୍ରହ କରାଯାଇଛି। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ ।

# 'ଉଚିତ ଶିକ୍ଷା ଗ୍ରହଣ ବିଦ୍ୟାର୍ଥୀଙ୍କ ମୂଳମନ୍ତ୍ର ହେଉ'

**ଆଶା ପ୍ଲେ ସ୍କୁଲର ବାର୍ଷିକୋତ୍ସବ**

**ଜଟଣୀ,୨୪।୨(ଡି.ଏନ୍.ଏ.):**

ଜଟଣୀ ପୌରାଞ୍ଚଳ ଅଧୀନ ରାମଚନ୍ଦ୍ରପୁର ବଜାରସ୍ଥିତ ଆଶା ପ୍ଲେ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ଶତପଥୀଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ. କୃଷ୍ଣ କୁମାର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ସମ୍ମାନିତ ଅତିଥି ଶ୍ରମିକ ନେତା ନିରଞ୍ଜନ ବେହେରା, ଜଗନ୍ନାଥ ଦାଶ, ଖବରଦାତା ପ୍ରଦୀପ ମାର୍ଥା, ସନ୍ତୋଷ ବାରିକ, ରବୀନ୍ଦ୍ରନାଥ ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଷ୍ଠାତା ସ୍ୱର୍ଗତ ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା ପାଳନ ଅବସରରେ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାର୍ଥୀଙ୍କ ମୂଳମନ୍ତ୍ର ଶିକ୍ଷାଗ୍ରହଣ କରିବା। ଶିକ୍ଷା ବିନା ଜୀବନ ଅନ୍ଧକାର। ବିଦ୍ୟାର୍ଥୀଙ୍କୁ ଉଚିତ ଶିକ୍ଷା ପ୍ରଦାନ କରିବା ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା। ବିଦ୍ୟାଳୟର ସହସଂସ୍ଥାପକ ପ୍ରଦୀପ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଇଲା ସାମନ୍ତରାୟ, ଜୟଲକ୍ଷ୍ମୀ କାନୁନ୍‌ଗୋ, ଦୀପ୍ତିମୟୀ ମଙ୍ଗରାଜ, ପୂଜା ସାମନ୍ତରାୟଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ଅଧକ୍ଷା ବିଜୟିନୀ ଦାଶ ଧନ୍ୟବାଦ ଦେଇଥିଲେ।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# ମହିଳା ଏସ୍ଆଇଙ୍କ ନିଲମ୍ବନ ଦାବି କଲା ଓକିଲ ସଂଘ

**ଖୋର୍ଦ୍ଧା ଅଫିସ,୨୪।୨:**



ଖୋର୍ଦ୍ଧାର କଂଗ୍ରେସ ନେତା ତଥା ଆଇନଜୀବୀ ଶିଳାଦିତ୍ୟ ପଟ୍ଟନାୟକଙ୍କୁ ଆଦର୍ଶ ଥାନାର ମହିଳା ଏସ୍ଆଇଙ୍କ ଦୁର୍ବ୍ୟବହାର ଏବଂ ହାତ ଉଠାଇବା ଘଟଣାକୁ ଭୁବନେଶ୍ୱର ଓକିଲ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ଘଟଣାକୁ ଦୁଇ ସପ୍ତାହ ବିତିଥିବା ବେଳେ ପୋଲିସର ନୀରବତା, ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ସଂଘର ଏକ ଦଶଜଣିଆ ପ୍ରତିନିଧିମଣ୍ଡଳୀ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ନିଲମ୍ବନ ଦାବି କରିଥିଲେ। ଓକିଲ ସଂଘର ଅଭିଯୋଗକୁ ଏସ୍‌ପି ଗୁରୁତର ସହିତ ନେବା ସହ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଓକିଲ ସଂଘ ସଭାପତି ରବି ନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧକ୍ଷ ଦିବାକର ମିଶ୍ର ଓ ଅନ୍ୟ ଆଇନଜୀବୀ ସାମିଲ ଥିଲେ।

ଅଭିଯୋଗ ମୁତାବକ, ଗତ ୭ ତାରିଖରେ ଆଦର୍ଶ ଥାନାର ସମ୍ପୃକ୍ତ ମହିଳା ଏସ୍ଆଇଙ୍କ ନେତୃତ୍ୱରେ ଏକ ଟିମ୍ ନୂଆ ବସ୍‌ଷ୍ଟାଣ୍ଡ ପଟୁ ରାସ୍ତା ଉପରେ ପାର୍କିଂ କରିଥିବା ବାଇକ୍ ଚାଳକଙ୍କଠାରୁ ଜରିମାନା ଆଦାୟ କରୁଥିଲେ। ଏହି ସମୟରେ ଶିଳାଦିତ୍ୟ କୌଣସି କାମରେ ନୂଆ ବସ୍‌ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସରୁ ବାହାରୁଥିଲେ। ମହିଳା ଏସ୍ଆଇ ଜରିମାନା କାଟୁଥିଲେ। ତେବେ ନିକଟରେ ଥିବା ଶପିଂ ମଲ୍ ସମ୍ମୁଖ ରାସ୍ତା

**ଆଇନଜୀବୀଙ୍କୁ ଦୁର୍ବ୍ୟବହାର ଘଟଣା**

ଉପରେ ବାଇକ୍ ପାର୍କିଂ ହୋଇଥିବା ବେଳେ କାହିଁକି ସେଠାରୁ ଜରିମାନା କାଟୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ ଶିଳାଦିତ୍ୟ। ପ୍ରଶାସନ ପକ୍ଷରୁ ପାର୍କିଂସ୍ଥଳ ବ୍ୟବସ୍ଥା ନ ଥିବା ଏବଂ ଆଗୁଆ ସୂଚନା ନ ଦେଇ କାହିଁକି ଜରିମାନା ଆଦାୟ କରୁଛନ୍ତି ବୋଲି ପ୍ରଶ୍ନରେ ଏସ୍ଆଇ ହଠାତ୍ ଉତ୍‌କ୍ଷିପ୍ତ ହୋଇ ତୁମେ କିଏ ମୋତେ ପଚାରିବାକୁ କହି ଅଶାଳୀନ ବ୍ୟବହାର ସହ ପାଟିତୁଣ୍ଡ କରିଥିଲେ। ପରେ ଏସ୍ଆଇ ଗାଡ଼ିରେ ବସି ଶିଳାଦିତ୍ୟଙ୍କୁ ଡାକି ତାଙ୍କ ମୋବାଇଲ ଛଡ଼ାଇ ନେବା ସହ ଚାପୁଡ଼ା ମାରିଥିଲେ ବୋଲି ଶିଳାଦିତ୍ୟ ଅଭିଯୋଗ କରିଛନ୍ତି। ଏନେଇ ଜିଲା କଂଗ୍ରେସ ପକ୍ଷରୁ ଗତ ୧୦ ତାରିଖରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ଚକା ବାହାରିଯିବାରୁ ବିଦ୍ୟୁତ୍‌ଖୁଣ୍ଟକୁ ପିଟି ହେଲା କାର୍

ବାରଙ୍ଗ,୨୪।୨(ଡି.ଏନ୍.ଏ.)- ନରାଜ ବ୍ୟାରେଜ ଉପରେ ଶୁକ୍ରବାର ଏକ ଦ୍ରୁତ ଗତିରେ କାର୍ ଆସୁଥିବା ବେଳେ ହଠାତ୍ ଚକଟି ବାହାରିପଡ଼ିବାରୁ ଏକ ବିଦ୍ୟୁତ୍‌ଖୁଣ୍ଟ ଓ ପାଚେରିକୁ ପିଟିଥିଲା। ଏହି ଦୁର୍ଘଟଣାରେ ସୌଭାଗ୍ୟବଶତଃ କାର୍ ଚାଳକ ବର୍ତ୍ତିଯାଇଥିଲେ। ସୂଚନା ଅନୁଯାୟୀ, କଟକ ସାଆନ୍ତସାହି ଅଞ୍ଚଳର ଶୁଭମ ମିଶ୍ର ଶୁକ୍ରବାର ଓଡି ୦୫ଏୟାଇ ୦୧୧୭ ନମ୍ବର କାର୍ ଯୋଗେ କଟକ ଯାଉଥିଲେ। ହେଲେ ନରାଜ ବ୍ୟାରେଜ ନିକଟରେ ପହଞ୍ଚିଥିବା ବେଳେ ଅଚାନକ କାର୍‌ଟିର ପଛଚକା ବାହାରି ଯାଇଥିଲା। ଫଳରେ ଶୁଭମ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍‌ଖୁଣ୍ଟ ଓ ଏକ ପାଚେରି ମଧ୍ୟରେ କାର୍‌ଟି ପିଟି ହୋଇଯାଇଥିଲା। ଫଳରେ ଶୁଭମ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌ଟିକୁ ଜବତ କରିଥିଲା।

### ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବାରଙ୍ଗ,୨୪।୨(ଡି.ଏନ୍.ଏ.): ଶ୍ରୀ ଶ୍ରୀ ସଂକଟମୋଚନ ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ରତାଗଡ଼ ନୂଆସାହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମମାନ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ଏହା ଉଦ୍‌ଯାପିତ ହୋଇଛି। ମଙ୍ଗଳବାର ମହାଯଜ୍ଞ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ୪ଦିନଧରି ରାତିରେ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟର ପ୍ରତିଷ୍ଠିତ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରଯାଇଥିଲା। ପ୍ରତିଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଏହି ଉପଲକ୍ଷେ ଶନିବାର ମୁଣ୍ଡମୁହାଣଗାଁର ମା' କନକଦୁର୍ଗା ପ୍ରଚାର ସମିତି ପକ୍ଷରୁ ଲକ୍ଷ୍ମଣ ଶକ୍ତିଭେଦ ଓ ରବିବାର ମଧୁପୁର ଗାଁର ଶ୍ରୀ ଶ୍ରୀ ସୀତାକାନ୍ତ ରାମଲୀଳା ପ୍ରଚାର ଓ ପ୍ରସାର ସମିତି ପକ୍ଷରୁ ଇନ୍ଦ୍ରଜିତ ବଧ ଶୀର୍ଷକ ରାମଲୀ ପରିବେଶଣ ହେବ ବୋଲି ଆୟୋଜକ କହିଛନ୍ତି।

### ୨ ଭାଇଙ୍କୁ ପନିକିରେ ଆକ୍ରମଣ

ଭୁବନେଶ୍ୱର,୨୪।୨(ବ୍ୟୁରୋ): ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ସାମନ୍ତରାପୁର ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ୨ ଭାଇଙ୍କୁ କେତେଜଣ ଦୁର୍ବୃତ୍ତ ପନିକିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ବଡ଼ଭାଇ ଗୋବିନ୍ଦ ରେଡ୍ଡିଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ସାନ କେଶବ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ମୋବାଇଲ ଚୋରିକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ କେତେଜଣ ଯୁବକଙ୍କ ସହ ଉକ୍ତ ୨ ଭାଇଙ୍କ ଝଗଡ଼ା ହୋଇଥିଲା। ସନ୍ଧ୍ୟାରେ ଦୁଇ ଭାଇ ଓ ଉକ୍ତ ଯୁବକମାନଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଯୁବକମାନଙ୍କ ମଧ୍ୟରେ ଉତ୍ତ୍ୟକ୍ତ ହୋଇ କେତେଜଣ ଗୋଟିଏ ପନିକି ଆଣି ୨ ଭାଇଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଆହତ ୨ଭାଇଙ୍କୁ ମେଡିକାଲ ପଠାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଥାନାଧିକାରୀ ଶରତ ପାତ୍ର କହିଛନ୍ତି, ମୋବାଇଲ ଚୋରିକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ମାମଲାରେ ସମ୍ପୃକ୍ତ ୨ରୁ ଅଧିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ସେ କହିଛନ୍ତି।

# ବଳାତ୍କାର, ହତ୍ୟା ଅଭିଯୋଗରେ ପ୍ରେମିକ ଗିରଫ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

**ମହିଳାଙ୍କ ମୃତଦେହ ଜବତ ଘଟଣା**
- ୭ ମାସ ହେଲା ଉଭୟଙ୍କ ମଧ୍ୟରେ ସମ୍ପର୍କ ଥିଲା
- ବଚସା ପରେ ଓଢ଼ଣିରେ ତଣ୍ଟିଚିପି ହତ୍ୟା କରିଥିଲେ



ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟ ନିକଟ ପଡ଼ିଆରୁ ଜଣେ ମହିଳାଙ୍କ ମୃତଦେହ ଜବତ ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉକ୍ତ ମହିଳାଙ୍କୁ ବଳାତ୍କାର ପରେ ଓଢ଼ଣିରେ ତଣ୍ଟିଚିପି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ପରେ ତାଙ୍କ ପ୍ରେମିକଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଲୋକନାଥ ପୃଷ୍ଟି ଓରଫ ବଳିଆ। ଅଭିଯୁକ୍ତ ଲୋକନାଥଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମୃତା ମହିଳା ଜଣଙ୍କ ଘର ପୁରୀ ଜିଲାରେ ହୋଇଥିବା ବେଳେ ସେ ରଘୁନାଥପୁର ଅଞ୍ଚଳରେ ଭଡ଼ାଘରେ ରହି ବିଭିନ୍ନ ଆପାର୍ଟମେଣ୍ଟରେ ଘରୋଇ କାମ କରୁଥିଲେ। ଅଭିଯୁକ୍ତ ଲୋକନାଥ ମଧ୍ୟ ସେହି ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିଲେ। ତେବେ ଉଭୟ ୭ ମାସ ହେଲା ପରସ୍ପରକୁ ଚିହ୍ନିଥିଲେ ଏବଂ ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ରହିଥିଲା। ଫେବୃୟାରୀ ୧୭ ଭୋର ପ୍ରାୟ ୫ଟା ୩୦ ବେଳେ ଉଭୟ ଘଟଣାସ୍ଥଳକୁ ଯାଇଥିଲେ। ତେବେ ସେଠାରେ କୌଣସି କାରଣକୁ ନେଇ ବଚସା ହେବା ପରେ ଲୋକନାଥ ଉକ୍ତ ମହିଳାଙ୍କ ଏକ ଓଢ଼ଣିରେ ତଣ୍ଟି ଚିପି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ମୃତଦେହକୁ ଲୋକନାଥ ନିକଟସ୍ଥ ପାଚେରି କଡ଼ରେ ଫୋପାଡ଼ି ଦେଇ ପଳାଇଥିଲେ। ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଅଞ୍ଚଳର କୃଷ୍ଣଚନ୍ଦ୍ର ମାଝି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ପୋଷ୍ଟମର୍ଟମ ଓ ସାଇଣ୍ଟିଫିକ୍ ରିପୋର୍ଟରେ ମହିଳାଙ୍କୁ ବଳାତ୍କାର କରି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଏ ନେଇ ପୋଲିସ ଆଇପିସି ଦଫା ୩୭୬, ୩୦୨ରେ ଏକ ହତ୍ୟା ମାମଲା (ନଂ. ୪୬/୨୦୨୩) ରୁଜୁ କରି ତଦନ୍ତ ଚଳାଇ ଲୋକନାଥ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଶୁକ୍ରବାର ନନ୍ଦନକାନନ ଅଞ୍ଚଳରେ ସେ ବୁଲୁଥିବା ବେଳେ ପୋଲିସ ଧରିଥିଲା।

# ଇଂ ବସନ୍ତ ପରିଡ଼ା ଆଇଡବ୍ଲ୍ୟୁଡବ୍ଲ୍ୟୁଏର ପ୍ରଥମ ଓଡ଼ିଆ ମହାସଚିବ ନିର୍ବାଚିତ



ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ଦେଶ ବିଦେଶର ୧୨ଶହରୁ ଅଧିକ ଇଞ୍ଜିନିୟର ଏବଂ ଦକ୍ଷ ବିଶେଷଜ୍ଞଙ୍କୁ ନେଇ ଜଳ ଓ ବର୍ଜ୍ୟଜଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଖିଳ ଭାରତୀୟ ସଂସ୍ଥା ଇଣ୍ଡିଆନ ୱାଟର ୱାର୍କସ୍ ଆସୋସିଏଶନ (ଆଇଡବ୍ଲ୍ୟୁଡବ୍ଲ୍ୟୁଏ)ର ମହାସଚିବ ଭାବେ ଇଞ୍ଜିନିୟର ବସନ୍ତ ପରିଡ଼ା ନିର୍ବାଚିତ ହୋଇଛନ୍ତି। ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ଦେଶବ୍ୟାପୀ ଏହି ସମ୍ମାନଜନକ ଫୋରମ୍‌ର ନେତୃତ୍ୱ ନେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଇଞ୍ଜିନିୟର। ମହାରାଷ୍ଟ୍ରର ପୁଣେଠାରେ ସଂସ୍ଥାର ୫୬ତମ ବାର୍ଷିକ ସମ୍ମିଳନୀରେ ପରିଡ଼ାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଛି। ଏଥିପାଇଁ ସେ ଆଇଡବ୍ଲ୍ୟୁଡବ୍ଲ୍ୟୁଏ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ୧୯୬୮ରେ ପ୍ରତିଷ୍ଠିତ ଆଇଡବ୍ଲ୍ୟୁଡବ୍ଲ୍ୟୁଏର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ ଥିବାବେଳେ ସବୁ ରାଜ୍ୟରେ ୩୫ଟି କେନ୍ଦ୍ର ରହିଛି। ଗ୍ରାମାଞ୍ଚଳ, ପୌରପାଳିକା, ଶିଳ୍ପ, କୃଷି ଆଦି କାର୍ଯ୍ୟରେ ବ୍ୟବହୃତ ଜଳର ପରିଚାଳନା ତଥା ବର୍ଜ୍ୟଜଳ ନିଷ୍କାସନ କ୍ଷେତ୍ର ସହ ଜଡିତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି, ପରିବେଶ ଏବଂ ସାମାଜିକ ବିଜ୍ଞାନର ବିକାଶକୁ ପ୍ରୋତ୍ସାହିତ କରିବା ହେଉଛି ଏହି ସଙ୍ଗଠନର ଲକ୍ଷ୍ୟ।



ବୁଦ୍ଧ ଆର୍ଟ ଗ୍ୟାଲେରୀରେ ଶୁକ୍ରବାର କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ଏକ ଚିତ୍ରକଳା ପ୍ରଦର୍ଶନୀକୁ ଯୁବତୀ ଦେଖୁଛନ୍ତି।

## ଲାପ୍‌ଟପ୍ ଚୋରି ଘଟଣା, ୨ ଯୁବକ ଅଟକ

ବାରଙ୍ଗ,୨୪।୨(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନିକଟ ଦୁଇ ମହଲା କୋଠାଘରୁ ବୁଧବାର ସକାଳେ ଏକ ଲାପ୍‌ଟପ୍ ଚୋରି ହୋଇଥିବା ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଓ ବାଙ୍କୀ ଅଞ୍ଚଳର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଥାଉକି, ନନ୍ଦନକାନନ ବହୁତଳ ରହଣିସ୍ଥଳକୁ କର୍ତ୍ତୃପକ୍ଷ ଟେଣ୍ଡର ଜରିଆରେ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରିଛନ୍ତି। ଗତ ବୁଧବାର ଜଣେ ଅଚିହ୍ନା ଯୁବକ ନନ୍ଦନକାନନ ଉଚ୍ଚବିଦ୍ୟାଳୟ ପାଚେରି ଡେଇଁ ବହୁତଳ ରହଣିସ୍ଥଳ ଭିତରକୁ ପଶିଥିଲା। ସେଠାରେ ହାତରେ ଏକ କପଡା ବ୍ୟାଗ ଧରି କିଛି ସମୟ ପାଇଁ ବୁଲାବୁଲି କରି ଜଣେ ମହିଳା ଓ ଯୁବକ କର୍ମଚାରୀଙ୍କ ସହ କଥାବାର୍ତ୍ତା ହୋଇଥିଲା। ଏହାପରେ ଯୁବକ ଜଣକ ରହଣିସ୍ଥଳର ଦୁଇ ମହଲା କୋଠାରେ ଚଢି କୌଣସି କର୍ମଚାରୀ ନଥିବା ସୁଯୋଗ ନେଇ କପଡା ବ୍ୟାଗରେ ଲାପଟପ ପୂରାଇ ଖସିପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ଜଣେ ମହିଳା କର୍ମଚାରୀଙ୍କ ହାବୁଡରେ ପଡିଯିବାରୁ ନିଜକୁ ନନ୍ଦନକାନନ ବ୍ୟାଟେରିଚାଳିତ ଗାଡି ଚାଳକ ପରିଚୟ ଦେବା ସହିତ ଫୋନ ନମ୍ବର ଦେଇ ପଳାଇଥିଲେ। ଏ ନେଇ ସଂସ୍ଥାର ସୁପରଭାଇଜର ଅଶୋକ ବିଶ୍ୱାଳ ଘଟଣା ସମ୍ପର୍କରେ ଜାଣିବା ପରେ ସିସିଟିଭି ଯାଞ୍ଚ କରିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ମୀରା ନୃତ୍ୟ ମହୋତ୍ସବ ଆରମ୍ଭ

- ଗୀତା ମହାଲିକଙ୍କୁ 'ଗୁରୁଶ୍ରୀ ଦୁର୍ଗାଚରଣ ରଣବୀର ଜୀବନବ୍ୟାପୀ ସାଧନା'
- ପବିତ୍ର କ୍ରିଷ୍ଣା ଭଟ୍ଟଙ୍କୁ 'ଗୁରୁଶ୍ରୀ ଦୁର୍ଗାଚରଣ ରଣବୀର ଯୁବ ପୁରସ୍କାର'

ଭୁବନେଶ୍ୱର,୨୪।୨(ବ୍ୟୁରୋ)



ନୃତ୍ୟାନୁଷ୍ଠାନ ନୃତ୍ୟାୟନ ପକ୍ଷରୁ ମୀରା ନୃତ୍ୟ ମହୋତ୍ସବ ଆରମ୍ଭ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ୨ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରର ଉଦ୍‌ଘାଟନୀ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ରାଧାଶ୍ୟାମ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ତଥା ଭାସ୍କର ଗୁରୁ ସୁଦର୍ଶନ ସାହୁ, ସମ୍ମାନିତ ଅତିଥି ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶିକା ଦୀପ୍ତି ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଡେପୁଟି ମ୍ୟାନେଜର ମନୀଷା ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗୀତା ମହାଲିକଙ୍କୁ 'ଗୁରୁଶ୍ରୀ ଦୁର୍ଗାଚରଣ ରଣବୀର ଜୀବନବ୍ୟାପୀ ସାଧନା' ଏବଂ ଭାରତ ନାଟ୍ୟମ ଶିଳ୍ପୀ ପବିତ୍ର କ୍ରିଷ୍ଣା ଭଟ୍ଟଙ୍କୁ 'ଗୁରୁଶ୍ରୀ ଦୁର୍ଗାଚରଣ ରଣବୀର ଯୁବ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁଶ୍ରୀ ଦୁର୍ଗାଚରଣ ବୀର ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରୁଥିବା ଶିଳ୍ପୀମାନଙ୍କୁ ପ୍ରଶଂସା କରିଥିଲେ। ସଭା କାର୍ଯ୍ୟ ପରେ ନୃତ୍ୟ ପର୍ବର ପ୍ରଥମ ପର୍ଯ୍ୟାୟରେ ଶିଳ୍ପୀ ସଙ୍ଗୀତା ଦାଶଙ୍କ ଏକକ ଓଡ଼ିଶୀ ନୃତ୍ୟ, ଶିଳ୍ପୀ ଭଟ୍ଟଙ୍କ ଏକକ ନୃତ୍ୟ ପରିବେଷିତ ହୋଇଥିଲା। ପରେ ନୂପୁର ଅନୁଷ୍ଠାନର ଶିଳ୍ପୀ ଜଗଜ୍ଜିତ ଦାସ ଓ ବିଶ୍ୱଭୂଷଣ ଚମ୍ପତିରାୟଙ୍କ ଓଡ଼ିଶୀ ଯୁଗଳ ନୃତ୍ୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ବରିଷ୍ଠ ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ନାଟିକା 'ବୁଦ୍ଧ' ଅତ୍ୟନ୍ତ ନିଖୁଣ ଏବଂ ବାସ୍ତବ ଭାବେ ପରିବେଷଣ ହୋଇଥିଲା। ଯାହାକି ଦର୍ଶକମାନଙ୍କ ଭାବାବେଗ ଭଗବାନ ବୁଦ୍ଧଙ୍କ ସହ କିଛି ସମୟ ଧରି ଯୋଡ଼ି ହୋଇଯାଇଥିଲା। ଏସବୁ ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟକୁ ଦର୍ଶକମାନେ ମନ ଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଧୀରେନ୍ଦ୍ର ପଟ୍ଟନାୟକ, ଗାୟତ୍ରୀ ରଣୀର, ଦୀପ୍ତି ରାଉତରାୟ, ଶ୍ରଦ୍ଧାଞ୍ଜଳି ରାହୁଲ, ରାଜଶ୍ରୀ ଚିନ୍ତକ, ଅସିତ ବସୁମଲ୍ଲିକ ପ୍ରଶଂସିତ କରାଯାଇଥିଲା। କାର୍ଯ୍ୟକ୍ରମ ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ ସଞ୍ଚାଳନ କରିଥିଲେ।

# 'କଳା ବିନା ସମାଜ ରଙ୍ଗହୀନ'

**କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର,୨୪।୨(ବ୍ୟୁରୋ)



କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ଶୁକ୍ରବାର ବୁଦ୍ଧ ଆର୍ଟ ଗ୍ୟାଲେରୀଠାରେ ପାଳିତ ହୋଇଯାଇଛି। ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ କୃଷି ବିଭାଗ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇ କହିଲେ, ଚିତ୍ରକଳା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। କଳା ବିନା ସମାଜ ରଙ୍ଗହୀନ ଓ ସ୍ୱାଦହୀନ। ଓଡ଼ିଶା ହେଉଛି ବିଶ୍ୱ କଳାର ଗନ୍ତାଘର ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ଆଧୁନିକ ଚିତ୍ରକଳା ସମ୍ପର୍କରେ ମତ ରଖିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳସଚିବ ଅନାମିକା ଅଧିକାରୀ ଓଡ଼ିଶାର ସମସାମୟିକ ଚିତ୍ରକଳା ଓ ଚିତ୍ର ଶିଳ୍ପଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ରଙ୍କୁ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର' ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ୧୦ଜଣଙ୍କୁ ହରିଶଚନ୍ଦ୍ର ସିଂହ ବାବୁ ମେମୋରିଆଲ, ସୋମନାଥ ନୀଳିମା ମେମୋରିଆଲ, ସୌମ୍ୟ ମେମୋରିଆଲ, ଶିବ ପାଣିଗ୍ରାହୀ ମେମୋରିଆଲ ଓ ନମିତା କୁମାରୀ ମେମୋରିଆଲ ପୁରସ୍କାର ସହ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ସଭ୍ୟ ବିକାଶ ଚୌଧୁରୀ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା ସ୍ୱାଗତ ଅଭିଭାଷଣ ରଖିଥିଲେ। ଡ. ଶ୍ରୀବନିବାସ ଘଟୁଆରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଚିତ୍ରଶିଳ୍ପୀ ଓ ଚିତ୍ରପ୍ରେମୀ ଉପସ୍ଥିତ ରହିଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ଯୁଗ୍ମ ସମ୍ପାଦକ ଡ. ଆଶିଷ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିବା ସହ ପ୍ରଶଂସା କରିଥିଲେ।

# ବୈତାଳେଶ୍ୱର ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ହଟାଯାଉ

ପୁରୁଣା ଭୁବନେଶ୍ୱର,୨୪।୨(ଡି.ଏନ୍.ଏ.)



ଏକାମ୍ର କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ତେବେ ଜବରଦଖଲ, ଜନବସତି ବୃଦ୍ଧି ଯୋଗୁ କେତେକ ଐତିହ୍ୟ କୀର୍ତ୍ତିରାଜି ଆଢୁଆଳରେ ରହିଯାଇଛି। ଏହିକ୍ରମରେ ରଥରୋଡ୍‌ରେ ଥିବା ବୈତାଳେଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ଜବରଦଖଲ ଯୋଗୁ ସଙ୍କୁଚିତ ହେବା ସହ ପର୍ଯ୍ୟଟନଠାରୁ ଦୂରେଇ ଯାଉଛି। ଆମସାର ଆକ୍ଟ ଅନୁଯାୟୀ ୧୦୦ ମିଟର ପରିଧି ମଧ୍ୟରେ କୌଣସି ଅବୈଧ ନିର୍ମାଣ କରାଯିବାକୁ କଟକଣା ଥିବାବେଳେ ମନ୍ଦିରକୁ ଲାଗି ବିଭିନ୍ନ ନିର୍ମାଣ କରାଯାଇଛି। ତେବେ ଜବରଦଖଲ ହଟାଇବା ନେଇ ବିଭିନ୍ନ ସମୟରେ ଦାବି ହୋଇଆସୁଥିବାବେଳେ ଶୁକ୍ରବାର କପିଳେଶ୍ୱର ମନ୍ଦିରର ମଳିଆ ସେବାୟତମାନେ ଅଭିଯୋଗ କରିଛନ୍ତି। ଭାରତୀୟ ପତ୍ନତତ୍ତ୍ୱ ବିଭାଗ, ରାଜ୍ୟ ଅଧିକ୍ଷଣ ପ୍ରାଧିକାରୀ, ମୁଖ୍ୟ ଶାସନ ସଚିବ, ପୋଲିସ ଆୟୁକ୍ତ, ଭୁବନେଶ୍ୱର ମହାନଗର ଆୟୁକ୍ତ ଏବଂ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଜବରଦଖଲ ଯୋଗୁ ମନ୍ଦିର ସୌନ୍ଦର୍ଯ୍ୟ ହରାଇବା ସହ ଏଠାରେ ଠାକୁରଙ୍କ ଜାନିଯାତ୍ରା ସମୟରେ ଟ୍ରାଫିକ୍ ପରିଚାଳନାରେ ବ୍ୟାହତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ମନ୍ଦିରର ଚର୍ତୁପାର୍ଶ୍ୱରୁ ଜବରଦଖଲ ହଟାଯିବାକୁ ସେବାୟତମାନେ ଦାବି କରିଛନ୍ତି।



ମନ୍ଦାଳଯୋଗ ଉତ୍ସବରେ ଅକ୍ଷର ଯୋଗ ଗବେଷଣା ଏବଂ ବିକାଶ କେନ୍ଦ୍ର ୩ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛି । ଏହି ସଫଳତାକୁ ବିଶ୍ୱର ସମସ୍ତ ଯୋଗ ଅଭ୍ୟାସକାରୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଛି।

# କାନ୍ତକବିଙ୍କ ନାମରେ ମାର୍ଗ, ମଣ୍ଡପ କରାଯାଉ

ଭୁବନେଶ୍ୱର,୨୪।୨(ବ୍ୟୁରୋ)



ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୧ତମ ଶ୍ରାଦ୍ଧବାର୍ଷିକୀ**

କାନ୍ତକବି ସ୍ମୃତି ପରିଷଦ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୧ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଛି। ଉତ୍ସବରେ ପରିଷଦ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ଡ. ରବି ନାରାୟଣ ସେନାପତି ଅଧ୍ୟକ୍ଷତା କରିଥିଲେ। ରାଜଧାନୀ ଭୁବନେଶ୍ୱରରେ ଅନ୍ୟ ବରପୁତ୍ରଙ୍କ ପରି କାନ୍ତାକବିଙ୍କ ନାମରେ ଗୋଟିଏ ମାର୍ଗ କରାଯାଉ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା। ସେହିଭଳି ରବୀନ୍ଦ୍ର ମଣ୍ଡପ ବା ଭଞ୍ଜ ମଣ୍ଡପ ପରି ଏକ ମଣ୍ଡପ କାନ୍ତକବିଙ୍କ ନାମରେ ନାମିତ କରାଯିବାକୁ ସଭାପତି ଡ. ସେନାପତି ପ୍ରସ୍ତାବ ରଖିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ କହିଲେ, ଜାତୀୟ ସଙ୍ଗୀତ ସହିତ ଲକ୍ଷ୍ମୀକାନ୍ତଙ୍କ ଭକ୍ତି ସଂଗୀତରେ ଯେଉଁ ସମର୍ପଣ ଭାବ ରହିଛି ତାହା ଅଦ୍ୱିତୀୟ। ମୁଖ୍ୟବକ୍ତା ଭାବେ କଥାଶିଳ୍ପୀ ମନୋଜ ମହାପାତ୍ର କାନ୍ତକବିଙ୍କ ରଚିତ ଏକମାତ୍ର ଉପନ୍ୟାସ 'କଣାମାମୁଁ' ପ୍ରାକ୍ ସ୍ୱାଧୀନତା କାଳର ସର୍ବଶ୍ରେଷ୍ଠ ଓଡ଼ିଆ ଉପନ୍ୟାସ ବୋଲି ପ୍ରତିପାଦିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ସଚ୍ଚିଦାନନ୍ଦ ମହାନ୍ତି କାନ୍ତ ସାହିତ୍ୟ ଉପରେ ଉଚ୍ଚକୋଟୀର ବକ୍ତବ୍ୟ ପ୍ରଦାନ କରିଥିଲେ। ଲକ୍ଷ୍ମୀକାନ୍ତଙ୍କ ଦାୟାଦ ତଥା ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଗ୍ରନ୍ଥକାର ତଥା ଓଡ଼ିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗର ପୂର୍ବତନ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଉପସ୍ଥିତ ଥିଲେ।

## ରାସ୍ତାରେ ଟଳି ପଡ଼ିଲେ ବୃଦ୍ଧ

ଚୌଦ୍ୱାର,(ଡି.ଏନ୍.ଏ.): ୫୫ ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ସମ୍ମୁଖରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଜଣେ ବୃଦ୍ଧ ରାସ୍ତାରେ ଟଳି ପଡ଼ିଥିଲେ। ସେ ହେଲେ ଚୌଦ୍ୱାର ପୌରପାଳିକା ୪ନଂ. ୱାର୍ଡ ଅଧୀନ ଶବର ସାହିର ପ୍ରଫୁଲ୍ଲ ଦେହୁରୀ। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବାନୁଯାୟୀ, ପ୍ରଫୁଲ୍ଲ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ପ୍ରଚଣ୍ଡ ଖରା ସହି ନ ପାରି ହଠାତ୍ ଟଳି ପଡ଼ିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚେତା ନ ଫେରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।



### ସଂକ୍ଷେପରେ

## ସିଏନ୍‌ବିଟି ପରିଦର୍ଶନ କଲେ ଆର୍‌ଡିସି, ଜିଲାପାଳ

**କଟକ ଅଫିସ,୨୪।୨:** ଖାନ୍‌ନଗରସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଶୁକ୍ରବାର ଅପରାହ୍ନରେ ସିଏନ୍‌ବିଟି ପରିଦର୍ଶନ କରିଥିଲେ। ଖାନ୍‌ନଗର ମଲାଚଣ୍ଡିଆ ଛକରୁ ପ୍ରେସ୍‌ଛକ ନିକଟ ମାଛ ମାର୍କେଟ ସମ୍ମୁଖ ପର୍ଯ୍ୟନ୍ତ ରାସ୍ତା ଓ ତା'ର ଉଭୟ ପାର୍ଶ୍ୱ ଅନୁଧ୍ୟାନ କରିଛନ୍ତି। ସିଏନ୍‌ବିଟିର ପ୍ରସ୍ଥାନ ଦ୍ୱାରରୁ ଯେପରି ସୁରୁଖୁରୁରେ ବସ୍ ଚଳାଚଳ କରିପାରିବ ସେଥିପାଇଁ ୩ ଜଣ ଅଧିକାରୀ ତଦାରଖ କରିଥିଲେ। ବିଶେଷକରି ଖାନ୍‌ନଗରଠାରେ ହେବାକୁ ଥିବା ଚକ୍ରାକୃତି ପଥର ନକ୍ସା ଦେଖିବା ସହ ସୂଚାରୁରୂପେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଶେଷ କରିବା ପାଇଁ ଉପସ୍ଥିତ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ଆଜିଠୁ ୟୁଥ୍‌ଫାର୍ମା ଫେଷ୍ଟିଭାଲ

**କଣ୍ଟାପଡା, ୨୪।୨(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅଧୀନ ସୁନ୍ଦରଗ୍ରାମସ୍ଥିତ ଦଧିଚି ଫାର୍ମାସୀ କଲେଜର ସେଣ୍ଟ୍ରାଲ ପଡିଆରେ ଶନିବାରଠାରୁ ୨ ଦିନିଆ ୟୁଥ୍‌ଫାର୍ମା ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଦେଶ ଗଠନରେ ଯୁବ ଫାର୍ମାସିଷ୍ଟଙ୍କ ଭୂମିକାକୁ ନେଇ ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଏହି ଫେଷ୍ଟିଭାଲରେ ରାଜ୍ୟ ତଥା ରାଜ୍ୟବାହାରର ବହୁ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦେଇ ଆଲୋଚନାଚକ୍ରରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଫାର୍ମାସୀ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଫେଷ୍ଟିଭାଲରେ ଥ୍ରିଡି ମଡେଲ, ଫାର୍ମା କୁଇଜ୍, ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଫଟୋଗ୍ରାଫି ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ଜଣାପଡିଛି। ଏଭଳି କାର୍ଯ୍ୟକ୍ରମକୁ ଆୟୋଜନ କରିବାର ସୁଯୋଗ ମିଳିଥିବାରୁ ଏହା ଅନୁଷ୍ଠାନ ପାଇଁ ଗର୍ବର ବିଷୟ ବୋଲି ଦଧିଚି ଶିକ୍ଷା ସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ ଦାଶ କହିଛନ୍ତି।

## ଚୋରି କରି ଯୁବକ ଗିରଫ

**କଟକ ଅଫିସ,୨୪।୨:** ରେଲୱେ ସମ୍ପତ୍ତି ଚୋରି ଅଭିଯୋଗରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଜଣେ ଯୁବକଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ରାମେଶ୍ୱର ପାଟଣାର ରଞ୍ଜନ ଶତପଥୀ। ଗୁରୁବାର ରାତିରେ ଆରପିଏଫ୍ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ଚାଲିଥିଲା। ଅଭିଯୁକ୍ତ ଜଣକ ରେଳଯାତ୍ରୀଙ୍କ ସମ୍ପର୍କୀୟଙ୍କଠାରୁ ଚୋରି କରିବା ସହିତ ରେଲୱେ ସମ୍ପତ୍ତି ଚୋରି କରୁଥିବା ଆର୍‌ପିଏଫ୍ ଜାଣିବାକୁ ପାଇଥିଲା। କେନ୍ଦ୍ରାପଡ଼ା ରୋଡ୍ ରେଳଷ୍ଟେଶନ ମହାନଦୀ ପୋଲ ନିକଟରେ ଚଢାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏନେଇ କଟକ ଆରପିଏଫ୍ ଥାନାରେ ଏକ ମାମଲା(ନଂ.୪/୨୩) ରୁଜୁ ହୋଇଛି।

# ସିଏମ୍‌ସି କାର୍ଯ୍ୟାଳୟ ଆଗରେ ଧୂଳି, ବାଲି ଗଦାକରି ପ୍ରତିବାଦ






ରାସ୍ତାରେ ଜମି ରହିଥିବା ଧୂଳିବାଲିକୁ ସୁଭାଷ ସଙ୍ଗଠନର କର୍ମକର୍ତ୍ତାମାନେ ସଫା କରି ସିଏମ୍‌ସି କାର୍ଯ୍ୟାଳୟ ଅଭିମୁଖେ ବାହାରିଛନ୍ତି। ବାଲି ଢାଳିବାବେଳେ ପୋଲିସ ଅଟକାଉଛି।

କଟକ ଅଫିସ,୨୪।୨

### ପ୍ରଦୂଷଣ ବିରୋଧରେ ସୁଭାଷ ସଙ୍ଗଠନ ନାରା

ଧୂଳିମୟ ହେଲା କଟକ ମହାନଗର ନିଗମ(ସିଏମ୍‌ସି)। କଟକ ସହରର ରିଂରୋଡ ପାର୍ଶ୍ୱରେ ଜମି ରହିଥିବା ଧୂଳିବାଲିକୁ କରେଇରେ ଭର୍ତ୍ତି କରି ମୁଣ୍ଡରେ ବୋହି ଶୁକ୍ରବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୁଭାଷ ସଙ୍ଗଠନର କର୍ମକର୍ତ୍ତାମାନେ ଢାଳିଥିଲେ। ସିଏମ୍‌ସିର ଅପାରଗତା ବିରୋଧରେ କରାଯାଇଥିବା ଏଭଳି ଆନ୍ଦୋଳନ କଟକରେ ଚର୍ଚ୍ଚାର ବିଷୟ ପାଲଟିଛି। ସଙ୍ଗଠନର କର୍ମକର୍ତ୍ତାମାନେ ମଙ୍ଗଳାବାଗଠାରୁ ରିଂବନ୍ଧରେ ଦୀର୍ଘଦିନ ଧରି ଜମି ରହିଥିବା ଧୂଳି, ବାଲିକୁ କୋଡ଼ି ଓ କୋଦାଳରେ କାଢି କରେଇରେ ରଖିଥିଲେ। ପରେ ତାହାକୁ ନେଇ ସିଏମ୍‌ସି ମୁଖ୍ୟ ଫାଟକରେ ପକାଇଥିଲେ। ଫଳରେ ଉକ୍ତ ସ୍ଥାନ କିଛି ସମୟ ପାଇଁ ଧୂଳିମୟ ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଅଟକାଇବା ସହ ବୁଝାଶୁଝା କରି ସିଏମ୍‌ସି କାର୍ଯ୍ୟାଳୟ ପରିସରରୁ ବାହାରକୁ ଆଣିଥିଲେ। ଆନ୍ଦୋଳନକାରୀଙ୍କ କହିବାନୁଯାୟୀ, ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପାଇଁ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। କିନ୍ତୁ ରିଂ ବନ୍ଧ ଦେଇ ଆସୁଥିବା ଅଧିକାଂଶ ଟ୍ରକ୍‌ରୁ ବାଲି ଖସି ରାସ୍ତାରେ ଜମୁଛି। ହେଲେ ଏହାକୁ ସଫା କରାଯାଉ ନାହିଁ। କିଛିଦିନ ତଳେ କ୍ୟାନ୍‌ସର ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ସ୍ତ୍ରୀ କିଛି କାମ ପାଇଁ ରାସ୍ତା ପାର ହେଉଥିବାବେଳେ ବାଲି ଯୋଗୁ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ଘଟିଥିଲା। ସିଏମ୍‌ସି ହିଁ ଏହି ବାଲିମୟ ରାସ୍ତା ପାଇଁ ଦାୟୀ। ଯଦି ରାସ୍ତାରୁ ବାଲି କଢା ନ ଯିବ, ତେବେ ଆଗାମୀ ଦିନରେ ଦୁର୍ଘଟଣା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଧୂଳି ଓ ବାଲି ଯୋଗୁ ସହରର ଅଧିକାଂଶ ଲୋକ କାଶ ଓ ଛିଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିବା ସଙ୍ଗଠନର ସଭାପତି ଆଶୁତୋଷ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସାଧାରଣ ସମ୍ପାଦକ ସୁରେଶ ମହାନ୍ତି, ଗୁରୁପ୍ରସାଦ ସାହୁ, ବାପୁଜୀ କର, ଜଗମୋହନ ଜେନା, ଲୋକନାଥ ସାହୁ, ରାକେଶ ବସ୍ତିଆ, ମନୋଜ ବେହେରା, ବିରଞ୍ଚ ସାମଲ, ଅଭିଶେକ ନନ୍ଦ, ସରୋଜ ମହାକୁଳ, ସତ୍ୟରଞ୍ଜନ ପଣ୍ଡା ସାମିଲ ହୋଇଥିଲେ।

## ପୌର କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣା: ତଦନ୍ତ କଲେ ଏସିପି

ଚୌଦ୍ୱାର,୨୪।୨(ଡି.ଏନ୍.ଏ.)

ଚୌଦ୍ୱାର ପୌର କାର୍ଯ୍ୟାଳୟ ପରିସରରେ ଗୁରୁବାର ମଧ୍ୟାହ୍ନରେ କୌଣସି କାରଣକୁ ନେଇ କାଉନସିଲର ଓ ସୂଚନା ଅଧିକାର କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏ ନେଇ ଉଭୟ ପକ୍ଷରୁ ଚୌଦ୍ୱାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା(ନଂ.୮୧,୮୨/୨୩) ରୁଜୁ ହୋଇଥିଲା। ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ଓ ଏସ୍‌ଆଇ ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ପୌର କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଅଭିଯୋଗକାରୀ କାଉନସିଲର ଅଜୟ କୁମାର ବେହେରା ଓ ସୂଚନା ଅଧିକାର କର୍ମୀ ମନୋରଞ୍ଜନ ସାହୁଙ୍କୁ ପଚରାଉଚରା କରିଥିଲେ। ଏପରି କି ଗଣ୍ଡଗୋଳ ଘଟିଥିବା ସ୍ଥାନକୁ ଯାଇ ତଦନ୍ତ କରିଥିଲେ। ପୌରପାଳିକା କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଉପସ୍ଥିତ କାଉନସିଲର ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏଥିସହ ଘଟଣା ସମ୍ପର୍କରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।




ବିଭିନ୍ନ ଦାବି ନେଇ ବନ୍ଧୁପୁର ଗଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

## ଏଣ୍ଡାଓମେଣ୍ଟ ଜରିଆରେ ତଦନ୍ତ ଦାବିରେ ବିକ୍ଷୋଭ

କଟକ ଅଫିସ, ୨୪।୨

### ରଘୁନାଥଜୀଉ ମଠର ଆର୍ଥିକ ଅନିୟମିତତା

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବନ୍ଧୁପୁର ପଞ୍ଚାୟତସ୍ଥିତ ରଘୁନାଥଜୀଉ ମଠ ସମ୍ପତ୍ତି ବାଟମାରଣା ସହ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଣୁ ଏଣ୍ଡାଓମେଣ୍ଟ ଜରିଆରେ ଉକ୍ତ ମଠ ସମ୍ପତ୍ତିର ତଦନ୍ତ, ଆୟବ୍ୟୟର ହିସାବ ସର୍ବସାଧାରଣରେ ପ୍ରକାଶ କରିବା, ଗଣତାନ୍ତ୍ରିକ ପଦ୍ଧତିରେ ମଠର ଟ୍ରଷ୍ଟ ଗଠନ ଓ ଉନ୍ନତୀକରଣ କରିବା ଦାବିରେ ବନ୍ଧୁପୁର ଗଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ବହୁ ପୁରାତନ ଏହି ମଠର ଅଚଳାଚଳ ସମ୍ପତ୍ତି ରହିଛି। ହେଲେ ଉକ୍ତ ସମ୍ପତ୍ତି ଜନହିତକର କିମ୍ବା ମଠ କାର୍ଯ୍ୟରେ ବ୍ୟବହାର ହୋଇପାରୁନାହିଁ। ମରାମତି କରା ନ ଯିବା ଦ୍ୱାରା ମଠ ଜରାଜୀର୍ଣ୍ଣ ହୋଇପଡିଛି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା ମଠ ସମ୍ପତ୍ତି ବାଟମାରଣା ହେଉଛି। ଅନ୍ୟପକ୍ଷରେ ଗଣତାନ୍ତ୍ରିକ ପଦ୍ଧତିରେ ମଠର ଟ୍ରଷ୍ଟ ଗଠନ କରାଯାଉ ନାହିଁ କିମ୍ବା ଆୟବ୍ୟୟର ହିସାବ ସର୍ବସାଧାରଣରେ ପ୍ରକାଶ କରାଯାଉ ନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ପରମାନନ୍ଦ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଶ୍ରମିକନେତା ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ଶରତ ଦାସ, ପ୍ରଶାନ୍ତ ଦାସ, ଏକାଦଶୀ ବେହେରା, କୈଳାସ ଓଝା, ବବିତା ମଲ୍ଲିକ, ବିଚିତ୍ରାନନ୍ଦ ବାରିକ, ଦେବ ମଲ୍ଲିକ, ଭଗବାନ କାଣ୍ଡିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ

ମଙ୍ଗୁଳି-ଜଗତପୁର,୨୪।୨(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଭଟିମୁଣ୍ଡା ଗ୍ରାମର ଏକ ମଠ ସମ୍ପତ୍ତି ବିବାଦକୁ କେନ୍ଦ୍ର କରି ଟାଙ୍ଗୀ ଅଞ୍ଚଳର ସୂଚନା ଅଧିକାର କର୍ମୀ ନବ କିଶୋର ଦାସଙ୍କୁ ଆକ୍ରମଣ କରାଯାଇଛି। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ସାଢେ ୧୧ଟାରେ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଏକ ଶୁଣାଣି ପାଇଁ ନବ ବାଇକରେ ବିଡିଓ ଆଶୁତୋଷ ମିଶ୍ରଙ୍କ ନିକଟକୁ ଯାଉଥିଲେ। ଟାଙ୍ଗୀ ରେଲୱେ ଓଭର ବ୍ରିଜ୍ ନିକଟରେ ସରଙ୍ଗା ଗ୍ରାମର ୨ ଜଣ ବ୍ୟକ୍ତି ତାଙ୍କ ଗାଡିକୁ ଅଟକାଇ ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏହାକୁ ସେ ବିରୋଧ କରିବାରୁ ସେମାନେ ତାଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଟାଙ୍ଗୀ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ନବଙ୍କ ତରଫରୁ କୌଣସି ଏଫ୍‌ଆଇଆର ଦିଆଯାଇନାହିଁ। ସ୍ଥାନୀୟ ଲୋକ ତାଙ୍କୁ ଥାନାକୁ ଆଣିଥିଲେ। ହେଲେ ଅପରାହ୍ନରେ ପ୍ରଜ୍ଞାନନ୍ଦ ଦାସ ନାମକ ବ୍ୟକ୍ତି ଏକ ଏଫ୍‌ଆଇଆର୍ ଦେଇ ନବ ତାଙ୍କୁ ମାରି ମୁଣ୍ଡ ଫଟେଇ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩୮/୨୩)ରୁଜୁ କରି ତଦନ୍ତ ଚଳାଇଛି।

## ପରିମଳ ବ୍ୟବସ୍ଥା ଯାଞ୍ଚ କଲେ ମେୟର

କଟକ ଅଫିସ,୨୪।୨

### ମୋ ୱାର୍ଡ ଅଭିଯାନର ଦ୍ୱିତୀୟ ଦିବସ

■ ଅଟୋ ଚାଳକଙ୍କ ଘରେ ରାତ୍ରିଯାପନ କଲେ

ମୋ ୱାର୍ଡ ଅଭିଯାନର ଶୁକ୍ରବାର ଦ୍ୱିତୀୟ ଦିବସରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ୧ନଂ. ୱାର୍ଡରେ ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହି ସମୟରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନର ସଞ୍ଜୀବିତା ରାୟ, ଅଜୟ ମହାନ୍ତି, ୱାର୍ଡ ସଭାପତି ବୀରେନ ବେହେରା ଓ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପୂର୍ବାହ୍ନ ୧୦ଟାରେ ମେୟରଙ୍କ ସହିତ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ମୁଖ୍ୟଯନ୍ତ୍ରୀ ନନ୍ଦ କିଶୋର ପାଲ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, ୱାଟ୍‌କୋର ସହକାରୀ ଯନ୍ତ୍ରୀ ଜଗନ୍ନାଥ ସାହୁ, ଡେପୁଟି ମେୟର ଦମୟନ୍ତୀ ମାଝୀ ଓ ୱାର୍ଡର ଜନସାଧାରଣ ଏକତ୍ରିତ ହୋଇ ୱାର୍ଡରେ ଥିବା ସମସ୍ତ ସ୍କୁଲ, ଖେଳପଡିଆ, ଡାକ୍ତରଖାନା, ପାର୍କ, ନୂତନ ଭାବରେ ନିର୍ମାଣ ହେଉଥିବା ଡ୍ରେନ୍‌ର ତଦାରଖ କରିଥିଲେ। ଏହାପରେ ଅପରାହ୍ନ ୪ଟାରେ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟରଙ୍କ ସହିତ ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ତପତି ଦାସ, ସୁବ୍ରତ ଦାସ, ସୁରଜ ମିଶ୍ର, କର୍ପୋରେଟର ପୁଷ୍ପିତା ମହାନ୍ତି, ମହାସଂଘ ସଭାପତି ତପସ୍ୱିନୀ ମହାପାତ୍ର, ସମ୍ପାଦକ ସନ୍ତୋଷୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମେୟର ବିଭିନ୍ନ ଅଭିଯୋଗ ଗ୍ରହଣ କରି ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ମେୟର ସିଂ ଲକ୍ଷ୍ମୀନଗର ଲେନ୍-୨ରେ ରହୁଥିବା ଅଟୋ ଚାଳକ ଆୟୁଷକାନ୍ତ ନାୟକଙ୍କ ଘରେ ରାତ୍ରିଯାପନ କରିଥିଲେ।



## ୯ ସ୍ୱର୍ଣ୍ଣ, ୧୦ ରୌପ୍ୟ, ୩ ବ୍ରୋଞ୍ଜ ପଦକ ଜିତିଲେ

କଟକ ଅଫିସ,୨୪।୨

### ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କ୍ରୀଡ଼ାବିତ୍‌ଙ୍କ କୃତିତ୍ୱ

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୯୧ ଜଣ କ୍ରୀଡ଼ାବିତ୍ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଫେବୃୟାରୀ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଜୁଡିସିଆଲ ସାଇନ୍‌ସେସ୍‌ର ବାର୍ଷିକ ସ୍ପୋର୍ଟ୍ସ ଫେଷ୍ଟ ଇନ୍‌ଭିକ୍ଟାରେ ବିଶ୍ୱବିଦ୍ୟାଳୟର ୩୩ ଜଣ ମହିଳା ଓ ୫୮ ଜଣ ପୁରୁଷ କ୍ରୀଡ଼ାବିତ୍ ଯୋଗଦେଇଥିଲେ। ୩ ଦିନ ଧରି ଦେଶର ବିଭିନ୍ନ ଆଇନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଯୋଗଦେଇଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଆଥ୍‌ଲେଟିକ୍ସ ମହିଳା ଦଳ ରୌପ୍ୟ ଓ ବ୍ୟାଡମିଣ୍ଟନ ମହିଳା ଦଳ ସ୍ୱର୍ଣ୍ଣ ମେଡାଲ ଜିତିବାରେ ସଫଳ ହୋଇଥିଲେ। ଏଥିସହ ମହିଳା ବାସ୍କେଟ ବଲ୍, ମହିଳା ଥ୍ରୋବଲ୍, ମହିଳା ଭଲିବଲ, ପୁରୁଷ ଫୁଟ୍‌ବଲ ସମେତ ଅନ୍ୟାନ୍ୟ କ୍ରୀଡ଼ାରେ ମୋଟ ୯ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ଙ୍କୁ ମିଳିପାରିଛି। କ୍ରୀଡ଼ାବିତ୍‌ମାନଙ୍କ ଏପରି ସଫଳତାରେ କୁଳପତି ପ୍ରଫେସର ବେଦ୍ କୁମାରୀ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କମିଟିର ଆବାହକ ଅର୍ଣ୍ଣବ ଚକ୍ରବର୍ତ୍ତୀ, ବରିଷ୍ଠ ସଦସ୍ୟ ପୀୟୂଷ କାତ୍ୟାଲ, ସହ ଆବାହକ ଆସ୍ଥା ସିଂହ ଓ ଆୟୁଷ୍ମାନ ଆଶ୍ୱସ୍ତି ଉପସ୍ଥିତ ଥିଲେ।



ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ କୃତୀ କ୍ରୀଡ଼ାବିତ୍ ଓ ଅନ୍ୟମାନେ।

## 'ତମାଖୁଠାରୁ ଦୂରେଇ ରୁହନ୍ତୁ ଯୁବବର୍ଗ'

କଟକ ଅଫିସ,୨୪।୨

ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଓରାଲ ଆଣ୍ଡ୍ ମାକ୍ସିଲୋଫାସିଆଲ ସର୍ଜରୀ ବିଭାଗ ପକ୍ଷରୁ ୩ ଦିନିଆ କର୍ମଶାଳା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ୭ମ ଓରାଲ କ୍ୟାନ୍‌ସର ଆଣ୍ଡ୍ ମାଇକ୍ରୋଭାସ୍‌କୁଲାର ରିକନ୍‌ଷ୍ଟ୍ରକସନ ଶୀର୍ଷକରେ ବକ୍ତାମାନେ ଆଲୋଚନା କରିଥିଲେ। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଥିଲେ, ମୁଖ ଗହ୍ୱର କର୍କଟ ଚିହ୍ନଟ କରାଯାଇ ଅପରେସନ ମାଧ୍ୟମରେ ଉକ୍ତ ଅଂଶକୁ କାଟି ବାହାର କରାଯାଏ। ସେହି ସ୍ଥାନରେ ଶରୀରର ଅନ୍ୟ ଅଂଶରୁ ମାଂସ ଓ ହାଡ଼ ଆଣି ରୋପଣ କରାଯାଇଥାଏ। ମୁହଁ ସ୍ୱାଭାବିକ ଭାବେ ଦେଖାଯିବାକୁ ଚେଷ୍ଟା କରାଯାଇଥାଏ। ବେଳେବେଳେ କର୍କଟ ରୋଗାକ୍ରାନ୍ତ ଅଂଶକୁ ସମ୍ପୂର୍ଣ୍ଣ ଭାବେ ବାହାର କରିବା କଷ୍ଟକର ହୋଇଥାଏ। ତେଣୁ ସବୁଠାରୁ ଉତ୍ତମ ହେଉଛି ପ୍ରାଥମିକ ଅବସ୍ଥାରେ ପ୍ରତିକାର। ତମାଖୁ ଜାତୀୟ ନିକୋଟିନ୍‌ଯୁକ୍ତ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ବର୍ଜନୀୟ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ପ୍ରମାଣ କରିସାରିଛି। ଯୁବବର୍ଗ ବେଶି ଆକ୍ରାନ୍ତ ହେଉଛନ୍ତି। ଏହା ଅତି ବିପଜ୍ଜନକ ଭାବେ ବଢ଼ିଚାଲିଛି। ତମାଖୁ ସେବନଠାରୁ ଯୁବବର୍ଗ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ। ଲୋକମାନେ ଏହାକୁ ଅଭ୍ୟାସ ନ କରନ୍ତୁ। ରୋଗମୁକ୍ତ ଜୀବନ ବିତାଇ ଖୁସିରେ ରୁହନ୍ତୁ ବୋଲି ସେ କହିଥିଲେ।



ଏସ୍‌ସିବି ଡେଣ୍ଟାଲ କଲେଜ ଆଣ୍ଡ୍ ହସ୍ପିଟାଲ ସଭାଗୃହରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

### ଓରାଲ କ୍ୟାନ୍‌ସର ଆଣ୍ଡ୍ ମାଇକ୍ରୋଭାସ୍‌କୁଲାର ରିକନ୍‌ଷ୍ଟ୍ରକଶନ କର୍ମଶାଳା ଉଦ୍‌ଘାଟିତ

ପଶ୍ଚିମବଙ୍ଗସ୍ଥିତ ମେଡିକା କ୍ୟାନ୍‌ସର ହସ୍ପିଟାଲର ହେଡ୍ ଆଣ୍ଡ୍ ନେକ୍ ଅଙ୍କୋଲୋଜି ସର୍ଜନ ଡା. ସଇଦୁଲ ଇସ୍‌ଲାମ କହିଥିଲେ, ଅନେକଙ୍କର ଭୁଲ୍ ଧାରଣା ରହିଛି ବାୟୋପ୍ସି ପରୀକ୍ଷଣ ପାଇଁ ଛୁଞ୍ଚି ସ୍ପର୍ଶ କରିବା ଦ୍ୱାରା କର୍କଟ ରୋଗ ଶରୀରର ଅନ୍ୟ ଅଂଶକୁ ବ୍ୟାପିଥାଏ। ମାତ୍ର ଏହା ଆଦୌ ଠିକ୍ ନୁହେଁ। ବାୟୋପ୍ସି ଦ୍ୱାରା କେବେ କର୍କଟ ରୋଗ ବ୍ୟାପେ ନାହିଁ, ବରଂ ଏହା ଦ୍ୱାରା ରୋଗ ଚିହ୍ନଟ ହୋଇଥାଏ। ଯଦ୍ୱାରା ଠିକଣା ସମୟରେ ରୋଗୀକୁ କର୍କଟ ରୋଗମୁକ୍ତ କରାଇବା ନିମନ୍ତେ ଚିକିତ୍ସା କରାଯାଇଥାଏ। ମୁଖଗହ୍ୱରକୁ ପ୍ରତ୍ୟେକ ବ୍ୟକ୍ତି ନିଜେ ପରଖି ପାରିବେ। ପାଟିରେ କୌଣସି ଅସ୍ୱାଭାବିକତା ଦେଖାଦେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବେ।

ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧ୍ୟକ୍ଷ ତଥା ଓରାଲ ଆଣ୍ଡ୍ ମାକ୍ସିଲୋଫାସିଆଲ ସର୍ଜରୀ ବିଭାଗର ଇନ୍‌ଚାର୍ଜ ଡା. ଜୟନ୍ତ କୁମାର ଦାଶ ଅଧ୍ୟକ୍ଷତା କରି କହିଥିଲେ, ଦେଶରେ ପ୍ରତି ୧ ଲକ୍ଷ କର୍କଟ ରୋଗୀଙ୍କ ମଧ୍ୟରେ ୨୦ ହଜାର ହେଉଛନ୍ତି ମୁଖଗହ୍ୱର କର୍କଟାକ୍ରାନ୍ତ। ଏଭଳି ରୋଗୀଙ୍କ ଚିକିତ୍ସା ପାଇଁ ସର୍ଜରୀ ଏକ ପ୍ରମୁଖ ପଦ୍ଧତି। ଏହାକୁ ଦୃଷ୍ଟିରେ ରଖି ଏଭଳି ଏକ କର୍ମଶାଳା ୬ ବର୍ଷ ତଳେ ପ୍ରଫେସର ଇନ୍ଦୁଭୂଷଣ କରଙ୍କ ଦ୍ୱାରା ହୋଇଆସୁଛି। ଉଦ୍‌ଘାଟନୀ ଉତ୍ସବରେ ଡା. ନିରଞ୍ଜନ ମିଶ୍ର, ଡା. ଲକ୍ଷ୍ମୀଧର ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବାଲୁଗାଁ,୨୪।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲୁଗାଁ ରେଲୱେ ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଶୁକ୍ରବାର ସକାଳେ ଚଢ଼ାଉ କରି ଷ୍ଟେଶନ ପରିସରରୁ ୧୨କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଧୀନ ଖରିଡା ଗ୍ରାମର ବବୁଲ ବାରିକ(୨୦)। ସୂଚନା ମୁତାବକ, ଶୁକ୍ରବାର ସକାଳ ୬ଟାରେ ବାଲୁଗାଁ ଷ୍ଟେଶନରୁ ଟ୍ରେନରେ ବିପୁଳ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେନ ସଦଳବଳ ଏବଂ ଆରପିଏଫ ଟିମ୍ ମିଳିତ ଭାବେ ଚଢ଼ାଉ କରି ବବୁଲଙ୍କୁ ଧରିଥିଲେ।

### ଶିଶୁଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିବା ମାତାପିତାଙ୍କ ଦାୟିତ୍ୱ

ଡେଲାଙ୍ଗ,୨୪।୨(ଡି.ଏନ୍.ଏ): ଶିଶୁଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳିବାକୁ ହେଲେ ଉତ୍ତମ ପରିବେଶର ଆବଶ୍ୟକତା ରହିଛି। ଏଥିସହ ପ୍ରାଥମିକ ଶିକ୍ଷା ଦିଗରେ ମାତା ଓ ପିତା ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଶୁକ୍ରବାର ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ପୁରୀ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିପିଓ ଜାପାନୀ କୁମାରୀ ମିତ୍ର ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ଅତିରିକ୍ତ ବିଡିଓ ପ୍ରଦୀପ୍ତ କୁମାର ନାୟକ, ଶିଶୁ ଅଧିକାର ଆଇନ ପରାମର୍ଶଦାତା ସନ୍ତୋଷ କୁମାର ସାହୁ, ଏବିଇଓ ଯୁଧିଷ୍ଠିର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ନାଗରିକଙ୍କର ଶିଶୁଙ୍କ ପ୍ରତି କର୍ତ୍ତବ୍ୟ ରହିଥିବା ବେଳେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଚାଲାଣ, ଯୌନ ନିର୍ଯାତନା ରୋକିବା ଆବଶ୍ୟକ। ପାଖପଡ଼ିଶାଙ୍କୁ ଏନେଇ ସଚେତନ କରିବା ମଧ ଜରୁରୀ। ଶିଶୁର ଉପଯୁକ୍ତ ଯତ୍ନ ନେବା ଓ ପୁଷ୍ଟିକର ଖାଦ୍ୟ ଦିଗରେ ପରିବାର ଲୋକେ ଗୁରୁତ୍ୱ ଦେବା ଆବଶ୍ୟକ। ଦଳିତ, ନିଷ୍ପେଷିତ, ଅବହେଳିତଙ୍କୁ ଶିଶୁ ଆଇନ, ଶିଶୁ ଯତ୍ନ ଦିଗରେ ଯୁବପିଢ଼ି ସଚେତନ କରାଇବା ପାଇଁ ସିଡିପିଓ ଆହ୍ୱାନ ଦେଇଥିଲେ।

### ଗାନ୍ଧୀ ଶିଳ୍ପ ବଜାରରେ ଜମୁଛି ଭିଡ଼

ପୁରୀ ଅଫିସ,୨୪।୨: ଶ୍ରୀ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ କେନ୍ଦ୍ର ହସ୍ତଶିଳ୍ପ ଆୟୁକ୍ତ ଏବଂ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ମିଳିତ ସହଯୋଗରେ ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଗାନ୍ଧୀ ଶିଳ୍ପ ବଜାର ଆୟୋଜିତ ହୋଇଛି। ଏହା ମାର୍ଚ୍ଚ ୧ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେଉଛି। ଏହି ଜାତୀୟ ପ୍ରଦର୍ଶନୀରେ ଓଡ଼ିଶା ସମେତ ୨୨ଟି ରାଜ୍ୟର ହସ୍ତକଳା ଓ ହସ୍ତଶିଳ୍ପ ଷ୍ଟଲ ଖୋଲା ଯାଇଛି। ଶୁକ୍ରବାର ପଞ୍ଚମ ଦିବସରେ ବହୁସଂଖ୍ୟକ ପର୍ଯ୍ୟଟକ ଗାନ୍ଧୀ ଶିଳ୍ପ ବଜାରରେ ହସ୍ତଶିଳ୍ପ ସାମଗ୍ରୀ କ୍ରୟ କରୁଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୮ ପୋଲିସଙ୍କୁ ଅଟକ ରଖିଲେ ଗ୍ରାମବାସୀ

**କୋଠଜାଗାରୁ ନଡ଼ିଆ ତୋଳାକୁ ନେଇ ବିବାଦ**

ନିମାପଡ଼ା,୨୪।୨(ଡି.ଏନ୍.ଏ.)



ଭଗବାନସୁନ୍ଦରା ଗ୍ରାମରେ ଉତ୍ୟକ୍ତ ଲୋକେ ପୋଲିସ ଗାଡ଼ି ଓ କର୍ମଚାରୀଙ୍କୁ ଅଟକ ରଖିଛନ୍ତି।

ନିମାପଡ଼ା ଥାନା ଅନ୍ତର୍ଗତ ବଡ଼ଶିରିବିଲା ପଞ୍ଚାୟତର ବଡ଼ଶିରିବିଲା ଗ୍ରାମରେ ଅଷ୍ଟପ୍ରହର ଚାଲୁଥିଲା। ଏଥିପାଇଁ ଉକ୍ତ ଗ୍ରାମର କେତେଜଣ ଶୁକ୍ରବାର କୋଠ ଜାଗାରୁ ପୋଲିସ ଉପସ୍ଥିତିରେ ଏକ ଗଛରୁ ନଡ଼ିଆ ତୋଳୁଥିଲେ। ହେଲେ ନଡ଼ିଆ ତୋଳି ଭଗବାନସୁନ୍ଦରା ଗ୍ରାମ ରାସ୍ତା ଦେଇ ଫେରୁଥିବା ବେଳେ ୨ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା। କାରଣ କୋଠ ଜାଗାଟି ଭଗବାନସୁନ୍ଦରା ଗ୍ରାମ ସହ ଲାଗିଥିବା ବେଳେ ପୁଣି ପୋଲିସ ଉପସ୍ଥିତିରେ ନଡ଼ିଆ ତୋଳାଯାଇଥିବାରୁ ଭଗବାନସୁନ୍ଦରା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭଗବାନସୁନ୍ଦରା ଗ୍ରାମବାସୀଙ୍କୁ ନ ପଚାରି ନଡ଼ିଆ ତୋଳାରେ ପୋଲିସ ସହାୟତାକୁ ଦାୟୀ କରି ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀ ଗାଳିଗୁଲଜ କରିଥିଲେ। ଏପରିକି ଗ୍ରାମର ବହୁ ମହିଳାଙ୍କ ସମେତ ଶତାଧିକ ଲୋକ ଉତ୍ୟକ୍ତ ହୋଇ ଗ୍ରାମଦାଣ୍ଡରେ ପୋଲିସ ଗାଡ଼ି ସହ ଜଣେ ପୋଲିସ ଏସ୍ଆଇ, ଜଣେ ଏଏସ୍ଆଇ, ୨ ହାବିଲଦାର, ଜଣେ କନଷ୍ଟେବଲ୍ ସମେତ ମୋଟ ୮ ପୋଲିସ କର୍ମଚାରୀଙ୍କୁ ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଉତ୍ତେଜନା ପରିସ୍ଥିତିକୁ ଦେଖି ଅଟକ ଥିବା ପୋଲିସ କର୍ମଚାରୀମାନେ କେବଳ ନୀରବଦ୍ରଷ୍ଟା ସାଜିଥିଲେ। ଅନ୍ୟପଟେ ଅଟକ ସମୟ ମଧ୍ୟରେ ପୋଲିସର କୌଣସି ଉଚ୍ଚପଦସ୍ଥ ଅଧିକାରୀ ତତ୍‌କ୍ଷଣାତ ନ ଆସି ପ୍ରାୟ ୧୦ ଘଣ୍ଟା ପରେ ଆସିଥିଲେ। ଖବରପାଇ ସନ୍ଧ୍ୟାବେଳେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରି ଅଟକ ପୋଲିସଙ୍କୁ ଉଦ୍ଧାର କରିବା ସହ ଘଟଣାର ସମାଧାନ ପାଇଁ ଉଦ୍ୟମ ଚଳାଇଛନ୍ତି। ରିପୋର୍ଟ ଲେଖାଯିବା ମଧ୍ୟରେ ପୋଲିସ ଅଧିକାରୀମାନେ ୨ଗ୍ରାମର ମୁରବୀ ଲୋକଙ୍କୁ ଡକାଇ ଆଲୋଚନା ଜାରି ରହିଛି। ଉଲ୍ଲେଖଯୋଗ୍ୟ, ଏକ ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ କେନ୍ଦ୍ର କରି ଉଭୟ ବଡ଼ଶିରିବିଲା ଓ ଭଗବାନସୁନ୍ଦରା ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିବାଦ ଲାଗି ରହିଛି। ଏହି ବିବାଦକୁ ନେଇ ଶୁକ୍ରବାର ପୁଣି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମର କେତେଜଣ ମତ ରଖିଛନ୍ତି।

# ହାଇୱା ଧକ୍କାରେ ୨ବାଇକ୍ ଆରୋହୀ ଗୁରୁତର

ନିମାପଡ଼ା,୨୪।୨(ଡି.ଏନ୍.ଏ)

ନିମାପଡ଼ା ଟ୍ରକ ଆସୋସିଏଶନ ନିକଟସ୍ଥ ଏକ ବାର୍ ପାଖରେ ଏକ ହାଇୱା ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ଗୋପ ଥାନା ଅନ୍ତର୍ଗତ ବଣିଆ ସାହି ଗ୍ରାମର ଉପେନ୍ଦ୍ର ପୃଷ୍ଟି ଓ ପ୍ରସନ୍ନଜିତ ପରମାଣିକ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତ ୨ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ମେଡିକାଲ ପଠାଇଥିଲେ। ହେଲେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଓଡି ୦୨ ଏଏଚ୍ ୨୯୨୦ନଂ. ବିଶିଷ୍ଟ ହାଇୱାଟି ପିପିଲି ପଟୁ ନିମାପଡ଼ା ଅଭିମୁଖେ ଆସୁଥିଲା। ଏହି ସମୟରେ ୨ଜଣ ଯୁବକ ଓଡି ୦୨ ଜେ ୫୮୬୮ ନଂ. ବିଶିଷ୍ଟ ଏକ ବାଇକ୍ ଯୋଗେ ବିପରୀତ ଦିଗରୁ ଆସୁଥିବା ବେଳେ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା।

# ମୋଟର ଦୁର୍ଘଟଣା କ୍ଷତିପୂରଣ ସଚେତନତା କର୍ମଶାଳା

ପୁରୀ ଅଫିସ, ୨୪।୨

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶୁକ୍ରବାର ମୋଟର ଦୁର୍ଘଟଣା କ୍ଷତିପୂରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧକ୍ଷ ଶିତିକଣ୍ଠ ସାମଲଙ୍କ ନିର୍ଦ୍ଦେଶକ୍ରମେ ଏହା ଆୟୋଜିତ ହୋଇଥିଲା। ପ୍ରାଧିକରଣ ସଚିବ ଅମିତ କୁମାର ବାରିକ୍‌ଙ୍କ ଅଧକ୍ଷତାରେ ସଡ଼କ ସୁରକ୍ଷା, ମୋଟର ଦୁର୍ଘଟଣା, ଏମ୍ଏସିଟି ଏମ୍‌ଭି ଆକ୍ଟ ମୋଡିଫାଏଡ କ୍ଲେମ୍ସ ଟ୍ରିବ୍ୟୁନାଲ ଏଗ୍ରିଡ ପ୍ରୋସିଡିଓର ସମ୍ବନ୍ଧିତ ଆଇନ ବିଧି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିବିରରେ ଉପସ୍ଥିତ ଥିବା ବୀମା କମ୍ପାନୀ ଅଧିକାରୀ, ଆଇନଜୀବୀ ଏବଂ ବିଭିନ୍ନ ଥାନାର ଭାରପ୍ରାପ୍ତ ଅଧିକାରୀ, ଏମ୍‌ଭିଆଇ ବିଚାରବିଭାଗୀୟ ଅଧିକାରୀମାନଙ୍କୁ ଦୁର୍ଘଟଣାଜନିତ କ୍ଷତିପୂରଣ ଦାବି ସମ୍ପର୍କରେ ଅବଗତ କରାଯାଇଥିଲା। ପୋକ୍ସୋ ଜଜ୍ ନିରଞ୍ଜନ କୁମାର ଜେନା, ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା, ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଅମୀୟ ରଞ୍ଜନ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରୀତିଶ୍ କୁମାର ରାଉତରାୟ, ରେଜିଷ୍ଟ୍ରାର ନିଖିଲ ଭରତ ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ, ଶ୍ରୁତିକୃତି ଆଚାର୍ଯ୍ୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପଲ୍ଲବୀ ଦାସ ଏବଂ ଡି. ଐଶ୍ୱର୍ଯ୍ୟା ଯୋଗଦେଇ ମୋଟର ଯାନ ଓ ସଡ଼କ ସୁରକ୍ଷା ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅମିତ କୁମାର ବାରିକ୍ ଶିବିର ପରିଚାଳନା କରିବା ସହ ଲୋକ ଅଦାଲତ ଏବଂ ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲା ଶୀଘ୍ର ଫଇସଲା ହୋଇପାରୁଛି ବୋଲି କହିଥିଲେ। ମୋଟର ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ ଓ ଆହତ ବ୍ୟକ୍ତିମାନେ କ୍ଷତିପୂରଣ ପାଇବାକୁ ହକ୍‌ଦାର ଏବଂ ଏଥିପାଇଁ ରହିଥିବା ଆଇନ ସହାୟତା ଓ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ ଧନ୍ୟବାଦ ଦେଇଥିଲେ।

# 'ଆଧୁନିକ ସମାଜ ପାଇଁ ଆୟୁର୍ବେଦ, ଯୋଗ ଆବଶ୍ୟକ'



ଆଲୋଚନାଚକ୍ର ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ପୁରୀ ଅଫିସ, ୨୪।୨

ସରକାରୀ ମହିଳା ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଓ କେନ୍ଦ୍ରୀୟ ସଂସ୍କୃତ ସଂସ୍ଥାନର ମିଳିତ ସହଯୋଗରେ 'ବର୍ତ୍ତମାନ ପରିପ୍ରେକ୍ଷୀରେ ଆୟୁର୍ବେଦ ଯୋଗ ଓ ସଂସ୍କୃତର ଆବଶ୍ୟକତା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ସିଟି ରୋଡସ୍ଥିତ ସଂସ୍କୃତ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ. ନିବେଦିତା ମିଶ୍ର ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଭଳି ଜାତୀୟସ୍ତରୀୟ ଆଲୋଚନା ଚକ୍ର ଉଭୟ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ସମାଜ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ହେବ ବୋଲି ସେ ମତ ରଖିଥିଲେ। କେନ୍ଦ୍ରୀୟ ସଂସ୍କୃତ ସଂସ୍ଥାନ ପୁରୀର ନିର୍ଦ୍ଦେଶକ ପ୍ରଫେସର ଡ. ଖଗେଶ୍ୱର ମିଶ୍ର ସ୍ୱାଗତ ଭାଷଣରେ ସଂସ୍କୃତ ଆୟୁର୍ବେଦ ଓ ଯୋଗର ଆବଶ୍ୟକତା ଆଧୁନିକ ସମାଜ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି ପ୍ରକାଶ କରିଥିଲେ। ସେମିନାରର ମୁଖ୍ୟ ବକ୍ତା ଭାବେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ପ୍ରଫେସର ରବି ପ୍ରକାଶ ଆର୍ଯ୍ୟ ଯୋଗଦେଇ ଆଧୁନିକ ସମାଜରେ ବ୍ୟାବହାରିକ ଆବଶ୍ୟକତା ଭାବେ ଏକ ଆୟୁର୍ବେଦ ଯୋଗ ଓ ସଂସ୍କୃତ ହିଁ ବିକଳ୍ପ ବୋଲି ମତ ଦେଇଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡି.ଏନ ପାଣ୍ଡେ ଯୋଗଦେଇ କହିଥିଲେ, ଏଭଳି ଏକ ସଂପାନର ପରିକଳ୍ପନା ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଓ ସେମିନାର କମିଟି ଧନ୍ୟବାଦର ପାତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ସଂସ୍କୃତର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ପ୍ରଫେସର, ଗବେଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଫେସର ରାକେଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ନିହାର ରଞ୍ଜନ ମିଶ୍ର, କିଶୋର ମିଶ୍ର, ସଙ୍ଗୀତା ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ଅଧାପକ, ଅଧାପିକା ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

# ମହିଳା ଏସ୍ଆଇଙ୍କ ନିଲମ୍ବନ ଦାବି କଲା ଓକିଲ ସଂଘ

**ଆଇନଜୀବୀଙ୍କୁ ଦୁର୍ବ୍ୟବହାର ଘଟଣା**

ଖୋର୍ଦ୍ଧା ଅଫିସ,୨୪।୨

କଂଗ୍ରେସ ନେତା ତଥା ଆଇନଜୀବୀ ଶିଳାଦିତ୍ୟ ପଟ୍ଟନାୟକଙ୍କୁ ଆଦର୍ଶ ଥାନାର ମହିଳା ଏସ୍ଆଇଙ୍କ ଦୁର୍ବ୍ୟବହାର ଏବଂ ହାତ ଉଠାଇବା ଘଟଣା ନେଇ ଭୁବନେଶ୍ୱର ଓକିଲ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ଘଟଣାକୁ ଦୁଇ ସପ୍ତାହ ବିତିଥିବା ବେଳେ ପୋଲିସର ନୀରବତା, ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି। ଏହା ପ୍ରତିବାଦରେ ଶୁକ୍ରବାର ସଂଘର ଏକ ଦଶଜଣିଆ ପ୍ରତିନିଧିମଣ୍ଡଳୀ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ନିଲମ୍ବନ ଦାବି କରିଛନ୍ତି। ଅଭିଯୋଗୁ ଏସ୍‌ପି ଗୁରୁତ୍ୱର ସହ ନେଇ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଓକିଲ ସଂଘ ସଭାପତି ରବି ନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧକ୍ଷ ଦିବାକର ମିଶ୍ର ଓ ଅନ୍ୟ ଆଇନଜୀବୀ ସାମିଲ ଥିଲେ। ଅଭିଯୋଗ ମୁତାବକ, ଗତ ୭ ତାରିଖରେ ଆଦର୍ଶ ଥାନାର ସମ୍ପୃକ୍ତ ମହିଳା ଏସ୍ଆଇଙ୍କ ନେତୃତ୍ୱରେ ଏକ ଟିମ୍ ନୂଆ ବସ୍‌ଷ୍ଟାଣ୍ଡ ପଟୁ ରାସ୍ତା ଉପରେ ପାର୍କିଂ କରିଥିବା ବାଇକ୍ ଚାଳକଙ୍କଠାରୁ ଜରିମାନା ଆଦାୟ କରୁଥିଲେ। ଏହି ସମୟରେ ଶିଳାଦିତ୍ୟ ନୂଆ ବସ୍‌ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସରୁ ବାହାରୁଥିଲେ। ମହିଳା ଏସ୍ଆଇ ଜରିମାନା କାଟୁଥିଲେ। ତେବେ ନିକଟରେ ଥିବା ଶପିଂ ମଲ୍ ସମ୍ମୁଖ ରାସ୍ତା ଉପରେ ବାଇକ୍ ପାର୍କିଂ ହୋଇଥିବା ବେଳେ କାହିଁକି ସେଠାରୁ ଜରିମାନା କାଟୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ ଶିଳାଦିତ୍ୟ। ଏହି ପ୍ରଶ୍ନରେ ଏସ୍ଆଇ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଅଶାଳୀନ ବ୍ୟବହାର ସହ ପାଟିତୁଣ୍ଡ କରିଥିଲେ। ପରେ ଏସ୍ଆଇ ଶିଳାଦିତ୍ୟଙ୍କୁ ଡାକି ତାଙ୍କ ମୋବାଇଲ ଛଡ଼ାଇ ନେଇ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଥିଲା।

# ମନମୋହିଲା 'ଶ୍ରୀସାକ୍ଷୀଗୋପାଳ' ନାଟକ



ଇସ୍କନ ତରଫରୁ 'ଶ୍ରୀସାକ୍ଷୀଗୋପାଳ' ନାଟକ ପରିବେଷଣ କରାଯାଉଛି।

ସାକ୍ଷୀଗୋପାଳ,୨୪।୨(ଡି.ଏନ୍.ଏ./ସ୍ୱ.ପ୍ର.)

ଇସ୍କନ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ଦୁଇ ଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହରେକୃଷ୍ଣ ଉତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସମାଜରେ ଆଧ୍ୟାତ୍ମିକ ସଚେତନତା ଜାଗରଣ କରିବା ନିମନ୍ତେ ଭୁବନେଶ୍ୱର ଇସ୍କନ, ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରି ବ୍ୟସ୍ତବହୁଳ ଜୀବନରେ ପରମ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ବିସ୍ମୃତ ହୋଇ ପଡୁଥିବା ଅପାର୍ଥିବ ମାନବ ସମାଜକୁ ଆଧ୍ୟାତ୍ମିକ ମାର୍ଗରେ ସାମିଲ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

**ହରେକୃଷ୍ଣ ଉତ୍ସବ ଉଦ୍‌ଯାପିତ**

ଭୁବନେଶ୍ୱର ଇସ୍କନ ତରଫରୁ ବରିଷ୍ଠ ଭକ୍ତ ମଦନମୋହନ ଦାସ ଏବଂ ଜୟ ଜଗଦୀଶ ଦାସଙ୍କ ନେତୃତ୍ୱରେ ଭଜନ, କୀର୍ତ୍ତନ, ପ୍ରବଚନ, ଆଧ୍ୟାତ୍ମିକ ନାଟକ ପରିବେଷଣ ଓ ପ୍ରସାଦ ବିତରଣ କରାଯାଇଥିଲା। ପ୍ରାରମ୍ଭରେ ନଗର କୀର୍ତ୍ତନକରି ଇସ୍କନ ଭକ୍ତମଣ୍ଡଳୀ ସାକ୍ଷୀଗୋପାଳ ବଜାର ପରିକ୍ରମା କରିଥିଲେ। ମଞ୍ଚରେ ଭଜନ ଓ ହରିନାମ କୀର୍ତ୍ତନ ସହ ଅକ୍ଷୟ ହରିଦାସ ଭଗତ ପ୍ରବଚନ ଦେଇଥିଲେ। ଅନୁଷ୍ଠାନର କଳାକାର ଭକ୍ତବୃନ୍ଦ ପ୍ରଭୁଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ଲୀଳାମୃତ ନାଟକ ପରିଷେଣ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା।

# ଜଗନ୍ନାଥ ବଲ୍ଲଭ ନିକଟରୁ ଦୋକାନ ଉଚ୍ଛେଦ

ପୁରୀ ଅଫିସ, ୨୪।୨

ପୁରୀ ପୌରସଂସ୍ଥା ପକ୍ଷରୁ ଶୁକ୍ରବାର ଜଗନ୍ନାଥ ବଲ୍ଲଭ ନିକଟ ଅଞ୍ଚଳରୁ ଉଠାଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଏହି ଦୋକାନଗୁଡ଼ିକ ଯୋଗୁ ଜଗନ୍ନାଥବଲ୍ଲଭଠାରେ ଅପରିଷ୍କାର ପରିବେଶ ସୃଷ୍ଟି ହେଉଥିଲା। ଉଚ୍ଛେଦ ପୂର୍ବରୁ ଦୋକାନ ଖାଲି କରିବା ପାଇଁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯାଇଥିଲା। ତେଣୁ ଅନେକ ଦୋକାନୀ ନିଜ ଦୋକାନ ଖାଲି କରୁଥିବା ଦେଖିବାକୁ ମିଳିଥିଲା। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଡ୍ରୋଜର ନିୟୋଜିତ ଥିଲା। ପୌରସଂସ୍ଥାର ଅଧିକାରୀ ଓ କର୍ମଚାରୀ, ଟାଉନ ଥାନା ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ନିୟୋଜିତ ଥିଲେ। ଆସନ୍ତା ସୋମବାର ପୌରସଂସ୍ଥା କାର୍ଯ୍ୟାଳୟକୁ ଯାଇ ଉପଯୁକ୍ତ କାଗଜପତ୍ର ଦେଖାଇବା ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଦୋକାନ ବନ୍ଦ ରଖିବାକୁ ପୌରସଂସ୍ଥା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# କୋଣାର୍କ ପାରିପାର୍ଶ୍ୱିକ ବିକାଶ, ବିସ୍ଥାପିତଙ୍କ ଥଇଥାନ ପାଇଁ ଶିବିର

କୋଣାର୍କ,୨୪।୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ କୋଣାର୍କ ପାରିପାର୍ଶ୍ୱିକ ବିକାଶ ଓ ବିସ୍ଥାପିତମାନଙ୍କ ଥଇଥାନ ନିମନ୍ତେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ କୋଣାର୍କ ଏନ୍ଏସି ୯ନଂ. ୱାର୍ଡ ମେଡିକାଲ ଛକଠାରୁ କୋଣାର୍କ ପୂର୍ତ୍ତ ବିଭାଗ ଛକ ପରିସରରେ ଥିବା ବ୍ୟବସାୟିକ ଅନୁଷ୍ଠାନ ଓ ବାସଗୃହ ଉଚ୍ଛେଦ କରି ପାରିପାର୍ଶ୍ୱିକ ବିକାଶ ନିମନ୍ତେ ବିସ୍ଥାପିତଙ୍କୁ ନେଇ ଜନଶୁଣାଣି ମାଧ୍ୟମରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହି ଉନ୍ନୟନ ପ୍ରକଳ୍ପ ନିମନ୍ତେ ୧୧୬ ହୋଟେଲ ବ୍ୟବସାୟୀ ଓ ବାସଗୃହ ବିସ୍ଥାପିତ ହେବେ। ଏଥିଲାଗି ସେମାନଙ୍କୁ ଥଇଥାନ ବାବଦ ଅର୍ଥ ରାଶି ପ୍ରଦାନ କରିବା ନିମନ୍ତେ ପୂର୍ବରୁ ରାଜସ୍ୱ ଓ ଓବିସିସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସର୍ଭେ କାମ ସମ୍ପନ୍ନ ହୋଇଥିବା କୁହାଯାଇଛି। ଶିବିରରେ ୧୧୬ ବିସ୍ଥାପିତଙ୍କ ବ୍ୟତୀତ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କଠାରୁ ମଧ ଅଭିଯୋଗ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋଣାର୍କ ଓକିଲ ସଂଘ ପକ୍ଷରୁ ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଙ୍କୁ ପ୍ରଦାନ କରିଥିଲେ। ଏହି ଜନ ଶୁଣାଣି ଶିବିରରେ ପୁରୀ ଜିଲା ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ ଜେନା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ନିରଞ୍ଜନ ବାରିକ, ଗୋପ ତହସିଲଦାର ଏସ୍.କେ. ସାଗିର, ଗୋପ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡା, ସୌମେନ୍ଦ୍ର ତେଜ ଓ କୋଣାର୍କ ଏନ୍ଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ଜନଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

# ମାର୍ଚ୍ଚ ୧୨ରୁ ହରିରାଜପୁର ପଞ୍ଚୁଦୋଳ ମେଳଣ

**୪ଦିନ ପର୍ଯ୍ୟନ୍ତ ଚାଲିବ**

- ପ୍ରସ୍ତୁତି ନେଇ ଆଲୋଚନା
- ୮୦ ଏକର ଜାଗାରେ ହେବ

ଡେଲାଙ୍ଗ,୨୪।୨(ଡି.ଏନ୍.ଏ)



ପ୍ରସ୍ତୁତି ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଏବଂ ଅନ୍ୟମାନେ।

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣର ସୁପରିଚାଳନା ପାଇଁ ତହସିଲଦାର ନିବେଦିତା ପରିଡ଼ାଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଭବତାରଣ ସାହୁ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ଥାନା ଆଇଆଇସି ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମେଳଣ କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ୧୯୩୭ ମସିହାରୁ ପ୍ରତିବର୍ଷ ୮୦ ଏକର ପରିମିତ ଜାଗାରେ ଏହି ମେଳଣ ହୋଇଆସୁଛି। ଆସନ୍ତା ମାର୍ଚ୍ଚ ୧୨ ତାରିଖରୁ ୪ଦିନ ଧରି ମେଳଣ ଅନୁଷ୍ଠିତ ହେବ। ମେଳଣ ପଡ଼ିଆ ସଫେଇ, ଜଟଣୀ–ପିପିଲି ରାସ୍ତାର ବୃଷଭ ଛକଠାରୁ ମନ୍ଦିର ପର୍ଯ୍ୟନ୍ତ ଆର୍‌ଡି ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ କରି ଯାତାୟାତ ସୁବିଧା କରିବା, ଶ୍ରଦ୍ଧାଳୁଙ୍କ ପାଇଁ ୨୦ଟି ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ୧୦ଟି ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା, ବିଦ୍ୟୁତ ବ୍ୟବସ୍ଥା, ଜନଗହଳି ନିୟନ୍ତ୍ରଣ ପାଇଁ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ, ପର୍ଯ୍ୟାପ୍ତ ପରିମାଣର ଔଷଧ ସହିତ ଡାକ୍ତରୀ ଦଳ ଓ ଆମ୍ବୁଲାନ୍ସ ମହଜୁଦ ରଖିବା, ଅଗ୍ନିଶମ, ବିଦ୍ୟୁତ, ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ସେବା ଦେବା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ଓରେଡା, ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରଦର୍ଶନୀ ମଣ୍ଡପ ଖୋଲିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ନିରବଚ୍ଛିନ୍ନ ଭାବେ ପାନୀୟଜଳ ଯୋଗାଣ ନିମନ୍ତେ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର କାକୁଡ଼ିଆ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ହରିରାଜପୁରକୁ ଜଳ ଯୋଗାଇବା ପାଇଁ ନିବେଦନ କରାଯାଇଥିଲା। ମେଳଣ କମିଟି ସଦସ୍ୟ ପ୍ରସନ୍ନ ମହାରଥୀ, ମାନସ ରଞ୍ଜନ ମଙ୍ଗରାଜ, ଅଭିମନ୍ୟୁ ବଳିୟାରସିଂହ, ଶିବ ପ୍ରସାଦ ଚମ୍ପତି, ବିଜୟ କୁମାର ଜେନା, ଅଶୋକ କୁମାର ସାମନ୍ତରାୟ, କେଦାରନାଥ ପାଟ୍ଟଶାଣୀ, ଗୋବିନ୍ଦ ବଳବନ୍ତରାୟ, ବାସୁଦେବ ସାହୁ, ମହାଦେବ ରାଉତରାୟ, ବିଷ୍ଣୁ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଡେଲାଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ ଚନ୍ଦ୍ରଶେଖର ଜେନା, ବିଦ୍ୟୁତ ବିଭାଗ ଏସ୍‌ଡିଓ ପ୍ରଦୀପ କୁମାର ସାବତ, କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ କେଶ, ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ, ଆର୍‌ଡି ପକ୍ଷରୁ ଏସ୍.କେ. ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# କୃଷି କ୍ଷେତ୍ରକୁ ଅଗ୍ରାଧିକାର



## ୨୪,୮୨୯ କୋଟିର ବରାଦ

କୃଷିଭିତ୍ତିକ ରାଜ୍ୟ ଓଡ଼ିଶାର ବିକାଶ କ୍ଷେତ୍ରରେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ୨୦୧୩-୧୪ ଆର୍ଥିକ ବର୍ଷରୁ ରାଜ୍ୟ ସରକାର ଏକ ପୃଥକ୍ କୃଷି ବଜେଟ ମାଧ୍ୟମରେ ରାଜ୍ୟ ସମ୍ବଳର ଏକ ବିଶେଷ ଅଂଶ ବିନିଯୋଗ କରି ପ୍ରୋତ୍ସାହନ ଦେଇ ଆସୁଛନ୍ତି। କୃଷି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ୨୪ ହଜାର ୮୨୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଗତବର୍ଷ ତୁଳନାରେ ଏହା ୨୦% ଅଧିକ। ୨୦୧୬-୧୭ ଆର୍ଥିକ ବର୍ଷ ବଜେଟ ଆକଳନଠାରୁ ୩ ଗୁଣା ଅଧିକ। ଧାନ ସଂଗ୍ରହ କ୍ଷେତ୍ରରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ଓଡ଼ିଶା ଷ୍ଟେଟ୍ ସିଭିଲ୍ ସପ୍ଲାଇଜ୍ କର୍ପୋରେଶନ ଲିମିଟେଡ୍ (ଓଏସ୍‌ସିଏସ୍‌ସି) ଦ୍ୱାରା ଋଣ ବ୍ୟତୀତ ୨୦୦୦ କୋଟି ଟଙ୍କାର ରିଭଲଭିଂ ଫଣ୍ଡର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ରାଜ୍ୟର ୩୦ ଜିଲାର ଚାଷୀ ଉପକୃତ ହୋଇପାରିବେ।

### ଓୟୁଏଟିରେ ଗବେଷଣା ଓ ବିକାଶ ପାଇଁ ୧୬୬ କୋଟି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ କୃଷି ଗବେଷଣା, ଶିକ୍ଷା ଓ ଭିତ୍ତିଭୂମିର ବିକାଶ ପାଇଁ ସରକାର ୧୬୬ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି, ଯାହା ୨୦୧୯-୨୦ ବର୍ଷ ପାଇଁ ବ୍ୟୟବରାଦର ୫ ଗୁଣ। ଏହି ଅର୍ଥ ଓୟୁଏଟିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଲାଗି ସହାୟକ ହେବ।

### ଉଦ୍ୟାନ କୃଷିକୁ ୩୮୧ କୋଟି



ରାଜ୍ୟର କୃଷି ଅର୍ଥନୀତିରେ ଉଦ୍ୟାନ କୃଷିର ଯୋଗଦାନ ଅନସ୍ୱୀକାର୍ଯ୍ୟ। ଏହା ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ସହ ସେମାନଙ୍କ ପୋଷଣ ନିରାପତ୍ତାରେ ଉନ୍ନତି ଆଣିଥାଏ। ଉଦ୍ୟାନ କୃଷି କ୍ଷେତ୍ରରେ ସାମଗ୍ରିକ ବିକାଶ ଲାଗି 'ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ' ଅଧୀନରେ ରାଜ୍ୟ ସରକାର ୩୮୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଅନୁରୂପ ଭାବେ ଉଦ୍ୟାନ କୃଷିର ସମନ୍ୱିତ ବିକାଶ ପାଇଁ ଜାତୀୟ ଉଦ୍ୟାନ କୃଷି ଅଧୀନରେ ୧୨୧ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ପ୍ରସ୍ତାବ ରହିଛି। ସେହିପରି ୫ ବର୍ଷ ମଧ୍ୟରେ ୨ ଲକ୍ଷ ହେକ୍ଟର ଜମିରେ ଜୈବିକ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

### କୃଷି ଯାନ୍ତ୍ରିକୀକରଣ ପାଇଁ ୩୮୮ କୋଟି

ରାଜ୍ୟରେ ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠା ଏବଂ କୃଷି ଉପକରଣକୁ ଲୋକପ୍ରିୟ କରିବା ନିମନ୍ତେ ଆବଶ୍ୟକ ପୁଞ୍ଜି ନିବେଶ ପାଇଁ ରିହାତି ବାବଦରେ ୩୮୮ କୋଟି ଟଙ୍କା ବ୍ୟୟବରାଦ କରିବା ଲାଗି ୨୦୨୩-୨୪ ବଜେଟରେ ପ୍ରସ୍ତାବ ରହିଛି।

### ସୌର ଜଳନିଧି ପାଇଁ ୨୫୦ କୋଟି

ରାଜ୍ୟ ସରକାର 'ଜଳନିଧି ଯୋଜନା'କୁ 'ସୌର ଜଳନିଧି ଯୋଜନା' ନାମରେ ରୂପାନ୍ତରିତ କରିଛନ୍ତି। ଦୁର୍ଗମ ତଥା ବିଦ୍ୟୁତ୍ ଶକ୍ତି ଅପହଞ୍ଚ ଇଲାକାରେ ଅକ୍ଷୟ ଶକ୍ତି ଉତ୍ସକୁ ଉପଯୋଗ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ଅଦ୍ୟାବଧି ରାଜ୍ୟରେ ୨୯୦୨ ସୌରଚାଳିତ ଘରୋଇ ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରାଯାଇଛି। ୨୦୨୩-୨୪ରେ ଏହି ଯୋଜନାରେ ୨୫୦ କୋଟି ଟଙ୍କାର ବ୍ୟୟବରାଦ ରହିଛି। ଏଥିସହ ଜମିରେ ସମୁଚିତ ଜଳସେଚନ ପରିଚାଳନାକୁ ପ୍ରୋତ୍ସାହିତ କରିବା ଲାଗି କ୍ଷୁଦ୍ର ଜଳସେଚନକୁ ୪୫ କୋଟି ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ରହିଛି। ଏଥିସହ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ) ଅଧୀନରେ ୩୦୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

### ୩୦ ନଦୀରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର

ଜଳଚାହିଦା ପୂରଣ ଏବଂ ଜଳ ସଂରକ୍ଷଣ ଉଦ୍ଦେଶ୍ୟରେ ୨୦୨୦ରୁ ରାଜ୍ୟରେ ଆରମ୍ଭ ହୋଇଛି 'ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର' (ଆଇଏସ୍‌ଏସ୍)। ରାଜ୍ୟର ୩୦ ନଦୀରେ ଏହାର କାର୍ଯ୍ୟ ହାତକୁ ନିଆଯାଇଛି। ଚଳିତବର୍ଷ ଯାଜପୁର ସପ୍ତମାତୃକାସ୍ଥିତ ଆଇଏସ୍‌ଏସ୍ କାର୍ଯ୍ୟ ଶେଷ ହେବ। ଚଳିତବର୍ଷ ୧୬ଟି ଏବଂ ଆସନ୍ତା ବର୍ଷ ୨୦ଟି ଆଇଏସ୍‌ଏସ୍ ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ଏଥିଲାଗି ବଜେଟରେ ୮୫୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



### ପାର୍ବତୀ ଗିରି ବୃହତ୍ ଉଠା ସେଚ ପ୍ରକଳ୍ପ ପାଇଁ ୫୦୦ କୋଟି

ଜଳସେଚନ ସୁବିଧା ନ ଥିବା ଉଚ୍ଚ ସ୍ଥାନରେ ଜଳ ଆବଶ୍ୟକତା ପୂରଣ କରିବା ଲାଗି ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ଯୋଜନା ଆରମ୍ଭ ହୋଇଛି। ଅଦ୍ୟାବଧି ରାଜ୍ୟରେ ଏହି ଯୋଜନାରେ ୨୦୮ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଗାମୀ ୫ବର୍ଷ ମଧ୍ୟରେ ୧୦,୭୫୯ କୋଟି ଟଙ୍କା ବ୍ୟୟ ଅଟକଳରେ ୧୭୦ ପ୍ରକଳ୍ପ ହାତକୁ ନିଆଯାଇଛି। ଏହା ଅତିରିକ୍ତ ୨ ଲକ୍ଷ ୬୩ ହଜାର ହେକ୍ଟରକୁ ଜଳ ଯୋଗାଇବ। ଏହି ଯୋଜନାରେ ୫୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି।

### କାଳିଆ ସୁଧ ରିହାତି ପାଇଁ ୮୩୬ କୋଟି

କାଳିଆ ଯୋଜନାରେ ଚାଷୀଙ୍କୁ ୫୦ ହଜାରରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ଶତକଡ଼ା ୨% ରିହାତି ସୁଧରେ ମିଳୁଛି। ଚାଷୀଙ୍କ ସୁଧ ରିହାତି ପାଇଁ ୮୩୬ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି। ଅନୁରୂପ ଭାବେ ସମବାୟ ସଂସ୍ଥାଙ୍କୁ ଆର୍ଥିକ ସହାୟତା ନିମନ୍ତେ ୩୦ କୋଟି ଏବଂ ସମବାୟ ବ୍ୟାଙ୍କଗୁଡ଼ିକୁ ସାଧାରଣ ଅଂଶ ସହାୟତା ପାଇଁ ୧୫୦ କୋଟି ଟଙ୍କା ପ୍ରସ୍ତାବ ରଖାଯାଇଛି। ଅଣଧାନ ଶସ୍ୟ କ୍ରୟ ନିମନ୍ତେ ଓଡ଼ିଶା ରାଜ୍ୟ ସମବାୟ ମାର୍କେଟିଂ ଫେଡେରେଶନ ଲିମିଟେଡ୍‌କୁ ୧୦୦ କୋଟି ଟଙ୍କାର କର୍ପସ ଫଣ୍ଡ ପ୍ରଦାନ କରାଯାଇଛି। ବିହନ କିଣା ପାଇଁ ସୁଧମୁକ୍ତ ଋଣ ପ୍ରଦାନ ବାବଦକୁ ୨୦୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାଲାଗି ୨୦୨୩-୨୪ ବଜେଟରେ ୬୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

### ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ୧୮୧ କୋଟି

ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ବିଭିନ୍ନ ଛୋଟ ନଦୀ ଓ ନାଳରେ ୧୫ ହଜାରରୁ ଅଧିକ ଆଡ଼ିବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏହି ଯୋଜନାର ଦ୍ୱିତୀୟ ସଂସ୍କରଣରେ ୧୨୮୦ଟି ଚେକ୍‌ଡ୍ୟାମ ନିର୍ମାଣ ପ୍ରସ୍ତାବ ରହିଛି। ସେଥିରୁ ଚଳିବର୍ଷ ୪୫୦ଟି ଏବଂ ଆସନ୍ତା ବର୍ଷ ୪୫୦ଟି ଚେକ୍‌ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହେବ। ଏଥିଲାଗି ୧୮୧ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ବାତ୍ୟା ପ୍ରତିରୋଧୀ ଲୁଣି ବନ୍ଧ ପ୍ରକଳ୍ପକୁ ସରକାର ଅନୁମୋଦନ କରିଛନ୍ତି। ଚେନ୍ନାଇସ୍ଥିତ ଜାତୀୟ ମହାସାଗର ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଓଟି)ର ବୈଷୟିକ ସହାୟତାରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ପୁରୀ ଜିଲାରେ ୨୦୦ କିମି ଲୁଣି ବନ୍ଧର ସୁଦୃଢ଼ୀକରଣ କରାଯିବ। ଏଥିଲାଗି ୨୦୨୩-୨୪ ବଜେଟରେ ୯୬୧ କୋଟି ଟଙ୍କାର ପ୍ରସ୍ତାବ ରହିଛି।



### ଜଳସେଚନ

କଳାହାଣ୍ଡିର ଉପର ଇନ୍ଦ୍ରାବତୀ, ନୂଆପଡ଼ା ଓ ବଲାଙ୍ଗୀର ଜିଲାର ଲୋୟର ଇନ୍ଦ୍ର ବୃହତ୍ ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ପାଇଁ ଦେଓ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦ୍ୱାରା ଦୁଇବର୍ଷ ମଧ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ଅତିରିକ୍ତ ୩୨ ହଜାର ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ଏହି ପ୍ରକଳ୍ପର ଜଳସେଚନ କ୍ଷମତା ୪୨ ହଜାରକୁ ବୃଦ୍ଧି ପାଇବ। ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲାର ବିଜେପୁର, ସୋହେଲା, ବରପାଲିର ଚାଷୀଙ୍କ ଲାଗି ୨୦୨୨ରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହା କାର୍ଯ୍ୟକ୍ଷମ ହେଲେ ୨୫ ହଜାର ୬୦୦ ହେକ୍ଟର ଜମିକୁ ଜଳ ପହଞ୍ଚିବ। ଚଳିତବର୍ଷ ବୈତରଣୀ ନଦୀର ଆନନ୍ଦପୁର ବ୍ୟାରେଜରୁ ସାଳନ୍ଦୀ ନଦୀର ବିଦ୍ୟାଧରପୁର ବ୍ୟାରେଜକୁ ସଂଯୋଗ କରୁଥିବା ଲିଙ୍କ କେନାଲ ଚଳିତବର୍ଷ ଲୋକାର୍ପିତ ହେବ। ଏହାଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲାର ଚାଷୀ ଉପକୃତ ହେବେ। ସେହିପରି ୨୦୨୩ ଶେଷ ସୁଦ୍ଧା ଗଞ୍ଜାମର ଘଟକେଶ୍ୱର, ଅନୁଗୋଳର ମାନଜୋର ଏବଂ ନୟାଗଡ଼ର କୁସୁମୀ ବ୍ୟାରେଜ ନିର୍ମାଣ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।



### ମତ୍ସ୍ୟ, ପ୍ରାଣୀସମ୍ପଦ ପାଇଁ ୧,୭୬୯ କୋଟି

ମତ୍ସ୍ୟ ଓ ପ୍ରାଣୀସମ୍ପଦ ରାଜ୍ୟର କୃଷକଙ୍କ ଆୟବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୨୩-୨୪ ବଜେଟରେ ଏହି କ୍ଷେତ୍ର ଲାଗି ୧ ହଜାର ୭୬୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସଘନ ଓ ଆଭ୍ୟନ୍ତରୀଣ ମାଛଚାଷର ଉନ୍ନତି ନିମନ୍ତେ ୧୪୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ମୋଟ ୨୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ପ୍ରସ୍ତାବ ରହିଛି। ଏହାଦ୍ୱାରା ୧୧ ହଜାର ମହିଳା ଏସ୍‌ଏଚ୍‌ଜି ଏବଂ ୫୦ ହଜାର ମତ୍ସ୍ୟଚାଷୀ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ।

### 'କାଳିଆ' ଲାଗି ୧,୮୭୯ କୋଟି

ରାଜ୍ୟର କୃଷି କ୍ଷେତ୍ରର ସମୃଦ୍ଧି ନେଇ ୨୦୧୮-୧୯ ଆର୍ଥିକ ବର୍ଷଠାରୁ ସରକାର କୃଷକ ଆସିଷ୍ଟାନ୍ସ ଫର ଲାଇଭ୍‌ଲିହୁଡ୍ ଆଣ୍ଡ ଇନ୍‌କମ୍ ଅଗ୍‌ମେଣ୍ଟେଶନ (କାଳିଆ) ଯୋଜନା ପ୍ରଚଳନ କରିଛନ୍ତି। ଏହା ମାଧ୍ୟମରେ ପ୍ରାୟ ୪୨ ଲକ୍ଷ ୮୦୦୦ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୮ ଲକ୍ଷ ୬୯ ହଜାର ଭୂମିହୀନ ଚାଷୀ ପରିବାରକୁ ସହାୟତା ମିଳିସାରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ କାଳିଆ ଯୋଜନା ନିମନ୍ତେ ୧,୮୭୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

### ଛତୁ ମିଶନ୍, ଫୁଲ ମିଶନ ପାଇଁ ୧୦୦ କୋଟି

କୃଷି କ୍ଷେତ୍ରରେ ମହିଳା ସଶକ୍ତୀକରଣ-ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚ୍‌ଜି) ଉଦ୍ୟୋଗକୁ ପ୍ରୋତ୍ସାହନ କରିବା ଲାଗି ଆସନ୍ତା ୫ ବର୍ଷରେ ୩୬୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଛତୁ ମିଶନ ଏବଂ ଫୁଲ ଚାଷ ମିଶନକୁ ତ୍ୱରାନ୍ୱିତ କରିବା ପାଇଁ ବଜେଟରେ ୧୦୦ କୋଟି ବ୍ୟୟବରାଦ ରହିଛି। ସେହିପରି ୯ ଜିଲାର ୫୦ ବ୍ଲକରେ ପଣସ ମିଶନ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିଲାଗି ବଜେଟରେ ୯ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦିଆଯାଇଛି।

### ମିଲେଟ୍ ମିଶନରେ ଖର୍ଚ୍ଚ ହେବ ୪୯୭ କୋଟି

୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ୩୦ ଜିଲାର ୧୭୭ ବ୍ଲକରେ ମିଶନ ମୋଡ୍‌ରେ ମିଲେଟ ମିଶନ କାର୍ଯ୍ୟକାରୀ କରାଯିବ। ଏଥିଲାଗି ୪୯୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବଜେଟରେ ବ୍ୟୟବରାଦ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟର ୧୯ ଜିଲାର ୧୪୩ ବ୍ଲକରେ ଏହି ସ୍ୱତନ୍ତ୍ର ମିଶନ ପ୍ରଚଳନ କରାଯାଇଥିଲା।




### ମିଶନ ଶକ୍ତି ସ୍କୁଟର ଯୋଜନା

ରାଜ୍ୟ ସରକାର 'ମିଶନ ଶକ୍ତି ସ୍କୁଟର ଯୋଜନା' ନାମରେ ଏକ ଯୋଜନା କରିଛନ୍ତି। ଏହାଦ୍ୱାରା କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ଇସି ସଦସ୍ୟାଙ୍କ ପାଇଁ ବୈଦ୍ୟୁତିକ ସ୍କୁଟର ନିମନ୍ତେ ସହାୟତା ଦିଆଯାଇପାରିବ। ଏହି ଯୋଜନାରେ ସ୍କୁଟର କ୍ରୟ ପାଇଁ ନିଆଯାଉଥିବା ବ୍ୟାଙ୍କ ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ରିହାତି ଦିଆଯିବ। ଏ ବାବଦରେ ବଜେଟରେ ୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

### ହସ୍ତତନ୍ତ, ହସ୍ତଶିଳ୍ପ ଓ ଶିଳ୍ପ: ୨୧୯ କୋଟି

ବୁଣାକାର, କାରିଗରଙ୍କ ଉଚ୍ଚକୋଟିର ଦକ୍ଷତା ଏବଂ ରୋଜଗାର ସୃଷ୍ଟି ସମ୍ଭାବନାକୁ ଦୃଷ୍ଟିରେ ରଖି ହସ୍ତତନ୍ତ, ହସ୍ତଶିଳ୍ପ, ରେଶମ ଏବଂ ବୟନଶିଳ୍ପ କ୍ଷେତ୍ର ପାଇଁ ୨୧୯ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ଏଥିରେ ଡିଜାଇନରେ ଉନ୍ନତି ଆଣିବା, ଉତ୍ପାଦକତା ବୃଦ୍ଧି, ମାର୍କେଟିଂ ଏବଂ କ୍ରେଡିଟ୍ ଲିଙ୍କେଜ୍‌ରେ ସହାୟତା ପ୍ରଦାନ, ବୁଣାକାର ଓ କାରିଗରଙ୍କ ଦକ୍ଷତା ବୃଦ୍ଧି ଏବଂ ସାମାଜିକ ନିରାପତ୍ତା ପ୍ରଦାନକୁ ଗୁରୁତ୍ୱ ଦିଆଯିବ।

## ମିଶନ ଶକ୍ତି: ୨୫୫୪ କୋଟି



ମହିଳାଙ୍କ ସଶକ୍ତୀକରଣ ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଅଗ୍ରଗତି କରିପାରିନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱାସ କରନ୍ତି ଯେ, ମହିଳାମାନେ ସାମାଜିକ ପରିବର୍ତ୍ତନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ କରାଯାଇ ମିଶନ ଶକ୍ତି ମାଧ୍ୟମରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଜରିଆରେ ସଶକ୍ତ କରାଯାଇଛି। ଏହାଦ୍ୱାରା ସେମାନଙ୍କ ଜୀବନରେ ପରିବର୍ତ୍ତନ ଅଣାଯାଇପାରିଛି। ସରକାର ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗରେ ପରିଣତ କରିବାକୁ ପଦକ୍ଷେପ ନେଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ୧୦ ହଜାର କୋଟି ଟଙ୍କା ମୂଲ୍ୟର ବ୍ୟବସାୟ ଯୋଗାଇ ଦେବାକୁ ସରକାର ଯୋଜନା କରିଛନ୍ତି। ୨୦୨୩-୨୪ରେ ମିଶନ ଶକ୍ତି ବିଭାଗକୁ ୨୫୫୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାକି ୨୭ ପ୍ରତିଶତ ଅଧିକ। ଏହି ବଜେଟରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନ୍‌ଆର୍‌ଏଲ୍‌ଏମ୍) ଅଧୀନରେ ୯୯୬ କୋଟି ଟଙ୍କା, ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ମହିଳା ଏସ୍‌ଏଚ୍‌ଜି ଓ ସେମାନଙ୍କ ମହାସଂଘ ପାଇଁ ଆର୍ଥିକ ସହାୟତା ବାବଦରେ ୯୮୯ କୋଟି, ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୩୨୦ କୋଟି, ଜିଲାଗୁଡ଼ିକରେ କ୍ଷୁଦ୍ର ଇଣ୍ଡଷ୍ଟ୍ରିଆଲ୍ ପାର୍କ ନିର୍ମାଣ ପାଇଁ ୧୫୦ କୋଟି ଏବଂ ଏସ୍‌ଏଚ୍‌ଜିକୁ ସୁଧ ରିହାତି ବାବଦରେ ୨୨୦ କୋଟି ଟଙ୍କା ଅନ୍ତର୍ଭୁକ୍ତ।

## ମହିଳା ଓ ଶିଶୁ ବିକାଶ: ୩,୬୭୦ କୋଟି

ମହିଳା ଏବଂ ଶିଶୁ ବିକାଶ ସମ୍ବନ୍ଧୀୟ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ୨୦୨୩-୨୪ ବଜେଟରେ ୩,୬୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଶିଶୁମାନଙ୍କ ପାଇଁ କ୍ରେସ୍ ସୁବିଧା ଯୋଗାଇବା ଲାଗି 'କଳିକା', ଗର୍ଭବତୀଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ 'ସମୀକ୍ଷା', ବାଲ୍ୟ ବିବାହକୁ ରୋକିବା ଓ କିଶୋରୀମାନଙ୍କୁ ସଶକ୍ତୀକରଣ ପଥରେ ଅଗ୍ରସର କରାଇବା ଲାଗି 'ଆଦ୍ୱିକା' ଏବଂ କୈଶୋର ସଶକ୍ତୀକରଣ ତଥା ସହାୟତା ଆବଶ୍ୟକ କରୁଥିବା ଶିଶୁମାନଙ୍କର ସ୍ଥିତି ଏବଂ ସହାୟତାକୁ ତଦାରଖ କରିବା ପାଇଁ 'ସଂଯୋଗ' ପରି ନୂଆ ପଦକ୍ଷେପ ନିଆଯିବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟରେ ଦର୍ଶାଇଛନ୍ତି। ମାତାପିତାଙ୍କୁ ହରାଇଥିବା ଶିଶୁମାନଙ୍କ ଜୀବନରେ ସକାରାତ୍ମକ ବିକାଶ ଆଣିବା ପାଇଁ ସରକାର ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ପାଇଁ ୨୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ପାଇଁ ୨୫୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ମାଳତୀ ଦେବୀ ପ୍ରାକ୍-ବିଦ୍ୟାଳୟ ପରିଧାନ ଯୋଜନାରେ ପିଲାମାନଙ୍କୁ ଦୁଇହଳ ୟୁନିଫର୍ମ, ଗୋଟିଏ ହଳ ଜୋତା ଓ ଗୋଟିଏ ସ୍ୱେଟର ବଣ୍ଟନ ପାଇଁ ୯୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

**ନୂଆ ପଦକ୍ଷେପ: କଳିକା, ସମୀକ୍ଷା, ଆଦ୍ୱିକା, ସଂଯୋଗ**




## ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣକୁ ଗୁରୁତ୍ୱ

ଭିତ୍ତିଭୂମିକୁ ପ୍ରୋତ୍ସାହନ ଦେବା ଏବଂ ବିକାଶର ଗତି ଜାରି ରଖିବା ଲାଗି ସଡ଼କ, ସେତୁ, ବିମାନବନ୍ଦର, ରେଲୱେ ଅଧୀନରେ ୧୯ ହଜାର ୪୫୨ କୋଟି ଟଙ୍କା ନିବେଶ କରିବାକୁ ପ୍ରସ୍ତାବ ରହିଛି। ରାଜ୍ୟରେ ଅଣ ପ୍ରମୁଖ ବନ୍ଦର ବିକାଶ ପାଇଁ ୧୪ଟି ସମ୍ଭାବ୍ୟ ସ୍ଥାନ ଚିହ୍ନଟ କରାଯାଇଛି। ଜନସାଧାରଣ ଓ ସାମଗ୍ରୀର ସୁରକ୍ଷିତ ପରିବହନ ଲାଗି ସଡ଼କ ସୁରକ୍ଷା ପାଣ୍ଠି ପାଇଁ ଅନୁଦାନ ରାଶି ବୃଦ୍ଧି କରାଯାଇଛି ଏବଂ ବଜେଟରେ ୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ଆନୁକୂଲ୍ୟରେ କୁଶଳୀ ଚାଳକ ସୃଷ୍ଟି କରାଯିବା ଲାଗି କେନ୍ଦୁଝର, ଗଞ୍ଜାମ ଜିଲାର ବ୍ରହ୍ମପୁର, ସୁନ୍ଦରଗଡ଼ର ବଣାଇ, ଯାଜପୁରର ଛତିଆଠାରେ ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇଛି। ଏଥିରେ ୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯାନବାହନଗୁଡ଼ିକର ସ୍ୱୟଂଚାଳିତ ଯାଞ୍ଚ ପାଇଁ ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା, ଅନୁଗୋଳ, ଗଞ୍ଜାମ, କେନ୍ଦୁଝରରେ ଅଟୋମେଟେଡ୍ ଟେଷ୍ଟିଂ ସେଣ୍ଟର ପ୍ରତିଷ୍ଠା କରାଯିବ। ଜାତୀୟ ରାଜପଥରେ ଭିଡ଼ ଏଡ଼ାଇବା ଲାଗି ଅନୁଗୋଳ, ଭଦ୍ରକ, ବାଲେଶ୍ୱର,



କେନ୍ଦ୍ରାପଡ଼ା, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ନବରଙ୍ଗପୁରରେ ଟ୍ରକ୍ ଟର୍ମିନାଲ ସ୍ଥାପନ ହେବ। ଏସବୁ କାର୍ଯ୍ୟ ଲାଗି ୮୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ ଲାଗି ୩୨୦ କୋଟି ଟଙ୍କା ବ୍ୟୟବରାଦ ରହିଛି। ଓଡ଼ିଶାର ବିଭିନ୍ନ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୫୫ଟି ଆମ ବସ୍ଷ୍ଟାଣ୍ଡର ବିକାଶ କରାଯାଉଛି। ସାରା ରାଜ୍ୟରେ ନିଶ୍ଚିତ ଓ ସୁଲଭ ପରିବହନ ସୁବିଧା ଯୋଗାଇଦେବା ପାଇଁ ଲୋକେଶନ ଆସେସବଲ ମଲ୍ଟିମୋଡାଲ ଇନିସିଏଟିଭ୍ (ଏଲ୍ଏସିସିଏମ୍ଆଇ) ନାମକ ନୂଆ ଯୋଜନା ଆରମ୍ଭ ହୋଇଛି। ସଡ଼କ ପରିବହନ ବ୍ୟବସ୍ଥାକୁ ଅଧିକ ସୁଗମ କରିବା ଲାଗି ଇଣ୍ଟର ମଡେଲ ସଂଯୋଗ ସେବା ଆରମ୍ଭ ହେବ। ଏଥିପାଇଁ ବଜେଟରେ ୧୦୦କୋଟିର ପ୍ରସ୍ତାବ ରହିଛି।

## ଐତିହ୍ୟ ସ୍ଥଳଗୁଡ଼ିକର ରୂପାନ୍ତରଣ

ରାଜ୍ୟର ସମସ୍ତ ଐତିହ୍ୟ ଓ ଧାର୍ମିକ ସ୍ଥଳଗୁଡ଼ିକୁ ବିଶ୍ୱସ୍ତରୀୟ ତୀର୍ଥସ୍ଥଳୀରେ ପରିଣତ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ୟ ରଖିଛନ୍ତି। ୫-ଟି ପଦକ୍ଷେପ ଅଧୀନରେ ପୁରୀ ଶ୍ରୀମନ୍ଦିରଠାରୁ ଆରମ୍ଭ କରି ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, କଟକର ଚଣ୍ଡୀ ମନ୍ଦିର, କଣ୍ଟିଲୋ ନୀଳମାଧବ ମନ୍ଦିର, ଜଗତ୍‌ସିଂହପୁର ସାରଳା ମନ୍ଦିର, ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର, ଗଞ୍ଜାମ ଜିଲାର ମା' ତାରାତାରିଣୀ ମନ୍ଦିର ଅନ୍ୟ ପ୍ରମୁଖ ଐତିହ୍ୟସ୍ଥଳୀର ରୂପାନ୍ତରଣ କାର୍ଯ୍ୟ ହାତକୁ ନିଆଯାଇଛି। ଐତିହ୍ୟ ନଗରୀ ପୁରୀର ବିକାଶ ପାଇଁ ଅବଢ଼ା ଯୋଜନାରେ ୨୨୪ କୋଟି, ଐତିହ୍ୟ ଓ ସ୍ମାରକୀ ଏବଂ ପର୍ଯ୍ୟଟନସ୍ଥଳୀର ସମନ୍ୱିତ ବିକାଶ ଅଧୀନରେ ୧୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଏମ୍ଏସ୍ଏମ୍ଇ: ୬୪୮ କୋଟି

ରାଜ୍ୟରେ ପ୍ରସ୍ତୁତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଉତ୍ପାଦଗୁଡ଼ିକୁ ବିଶ୍ୱ ବଜାରରେ ପ୍ରତିଯୋଗିତାମୂଳକ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୂରଦୃଷ୍ଟି ରଖିଛନ୍ତି। ବାଣିଜ୍ୟିକ କାରବାରକୁ ସହଜ କରିବା ସହ ଭିତ୍ତିଭୂମି ବିକାଶରେ ଧ୍ୟାନ ଦିଆଯାଇ ଉତ୍ପାଦନ ଓ ପ୍ରକ୍ରିୟାକରଣ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି। ଏହି ଉଦ୍ଦେଶ୍ୟରେ ବଜେଟରେ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ୬୪୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି।



### ୱାର୍କିଂ କ୍ୟାପିଟାଲ ଋଣ ସୁଧ: ୨୦୦ କୋଟି

ଯେତେବେଳେ ବାଣିଜ୍ୟିକ କାରବାର କୋଭିଡ୍ ପୂର୍ବବର୍ତ୍ତୀ ସ୍ତରରୁ ଉପରକୁ ଉଠୁଛି ସେତେବେଳେ ଓଡ଼ିଶାର ଏମ୍ଏସ୍ଏମ୍ଇ ଶିଳ୍ପଗୁଡ଼ିକ ୱାର୍କିଂ କ୍ୟାପିଟାଲ ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ମୁକାବିଲା ପାଇଁ ସରକାର ଏମ୍ଏସ୍ଏମ୍ଇଗୁଡ଼ିକ ଦ୍ୱାରା ରପ୍ତାନି କରିବା ପାଇଁ ବ୍ୟାଙ୍କଗୁଡ଼ିକଠାରୁ ନିଆଯାଉଥିବା ୱାର୍କିଂ କ୍ୟାପିଟାଲ ଋଣର ସୁଧ ବୋଝ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ନୂତନ ଯୋଜନାର ପ୍ରସ୍ତାବ ରହିଛି। ଏହି ଯୋଜନାରେ ୱାର୍କିଂ କ୍ୟାପିଟାଲ ଋଣର ୨୫ ପ୍ରତିଶତ ସୁଧ ସରକାର ପ୍ରତିପୂର୍ତ୍ତି କରିବେ। ଏହି ନୂତନ ଯୋଜନା ପାଇଁ ୨୦୦ କୋଟି ଟଙ୍କାର ବ୍ୟୟବରାଦ ରହିଛି।

### ଷ୍ଟାର୍ଟଅପ୍: ୧୫୦ କୋଟି

ଓଡ଼ିଶାର ଓ-ହବ୍ ରାଜ୍ୟରେ ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ୍‌କୁ ପ୍ରୋତ୍ସାହିତ କରୁଛି। ସରକାର ବଜେଟରେ ଷ୍ଟାର୍ଟଅପ୍ ନୀତି ଅଧୀନରେ ଭିତ୍ତିଭୂମି ବିକାଶ ନାମକ ଏକ ନୂତନ ଯୋଜନାର ପ୍ରସ୍ତାବ ରଖିଛନ୍ତି। ଏହି ଯୋଜନାରେ ୧୫୦ କୋଟି ଟଙ୍କା ବ୍ୟୟବରାଦ ରହିଛି। ଷ୍ଟାର୍ଟଅପ୍ ଓଡ଼ିଶା ପାଇଁ ପୁଞ୍ଜି ଯୋଜନା ବାବଦକୁ ୨୦ କୋଟି, ଖାଦ୍ୟ ପ୍ରକ୍ରିୟାକରଣ ଓ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଆର୍ଥିକ ସହାୟତା ବାବଦକୁ ୧୫ କୋଟି, ଏମ୍ଏସ୍ଏମ୍ଇ କ୍ଷେତ୍ରର ପ୍ରୋତ୍ସାହନ ପାଇଁ ୮୦ କୋଟି ଟଙ୍କା ଏବଂ ଖଦି ଓ ଗ୍ରାମୋଦ୍ୟୋଗ ଶିଳ୍ପର ପ୍ରୋତ୍ସାହନ ପାଇଁ ୪୨ କୋଟି ଟଙ୍କା ବ୍ୟୟବରାଦ ରଖାଯାଇଛି।

## ଆକାଶ ପଥରେ ସୁଗମ ହେବ ଗମନାଗମନ



ଆକାଶ ପଥରେ ଗମନାଗମନ ସୁଗମ କରିବା ପାଇଁ 'ଉଡାନ୍' ଯୋଜନାରେ ବେସାମରିକ ବିମାନ ଚଳାଚଳକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ରାଜ୍ୟ ସରକାର ମଧ୍ୟ ଏଥିରେ ଅଂଶୀଦାର ସାଜିଛନ୍ତି। ଝାରସୁଗୁଡ଼ା, ଜୟପୁର ସମେତ ଆଗାମୀ ଦିନରେ ଅନ୍ୟ ବିମାନବନ୍ଦରକୁ ସଂଯୋଗ ପାଇଁ ଅର୍ଥନୈତିକ ଅଭିବୃଦ୍ଧି ଦୃଷ୍ଟିକୋଣରୁ ଭାଇବିଲିଟି ଗ୍ୟାପ୍ ଫଣ୍ଡ (ଭିଜିଏଫ) ପାଇଁ ସବ୍‌ସିଡି ବାବଦରେ ୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର, ଜୟପୁର ବିମାନ ବନ୍ଦର, କଳାହାଣ୍ଡିର ଉତ୍କେଲା, ଗଞ୍ଜାମର ରଙ୍ଗେଇଲୁଣ୍ଡା, ମାଲକାନଗିରି ଏୟାରଷ୍ଟ୍ରିପ୍ ନବୀକରଣ ଏବଂ ସମ୍ପ୍ରସାରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହାବ୍ୟତୀତ ୮ଟି ଏୟାରଷ୍ଟ୍ରିପ୍‌ର ରକ୍ଷଣାବେକ୍ଷଣ ପାଇଁ ଯୋଜନା କରାଯାଉଛି। ଢେଙ୍କାନାଳ ଜିଲାର ବୀରାଶାଳସ୍ଥିତ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀକୁ ବିଶ୍ୱସ୍ତରୀୟ ପାଇଲଟ୍ ଟ୍ରେନିଂ ସେଣ୍ଟରରେ ପରିଣତ କରାଯିବ। ଏଠାରେ ବାର୍ଷିକ ୫୦୦ ପାଇଲଟଙ୍କୁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯିବ। ଏଥିଲାଗି ବଜେଟରେ ୨୭୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ସିଧାସଳଖ ବିମାନ ଚଳଚଳ ହେଲେ ପର୍ଯ୍ୟଟନ ଓ ସାଂସ୍କୃତିକ ଭାବ ବିନିମୟ ହେବ। ଏଥିଲାଗି ୧୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



୨୦୨୩-୨୪ ରାଜ୍ୟ ବଜେଟ ଉପସ୍ଥାପନ ପୂର୍ବରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ ପେନ୍‌ଡ୍ରାଇଭ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ।

### ରାଜ୍ୟ ସୀମା ସୁରକ୍ଷା ପାଇଁ ବ୍ୟବସ୍ଥା ନ ରହିବା ଦୁଃଖଦାୟକ



ଚଳିତ ବଜେଟ ଲୋକାଭିମୁଖୀ ବଜେଟ ହୋଇ ଥିଲେ ମଧ୍ୟ ସବୁଠାରୁ କମ୍ ଅର୍ଥ ବ୍ୟବସ୍ଥା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ କରାଯାଇଛି। ସେହିପରି ରାଜ୍ୟର ସୀମା ସୁରକ୍ଷା ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ପୂର୍ବରୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢାଞ୍ଚାରେ ସୀମାନ୍ତ ଓଡ଼ିଶା ବିକାଶ ପରିଷଦ ଗଠନ କରାଯିବା ସହ ଏଥିପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରାଯିବା ପାଇଁ ବାରମ୍ବାର ଦାବି କରାଯାଇଛି। କିନ୍ତୁ ବଜେଟରେ ସେଭଳି କିଛି ନ ରହିବା ରାଜ୍ୟବାସୀଙ୍କ ପାଇଁ ଦୁଃଖର ବିଷୟ।

- ଦିଲୀପ ଦାଶଶର୍ମା, ସଭାପତି, ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା

### ୧୦ ଲକ୍ଷ କୋଟି ଟଙ୍କାର ବଜେଟ ଆବଶ୍ୟକ ଥିଲା



ବଜେଟରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ ଓ କର୍ମନିଯୁକ୍ତି ସବୁଠୁ ବେଶି ପ୍ରୟୋଜନ। ମାତ୍ର ଅନ୍ୟ ବିଭାଗକୁ ସନ୍ତୁଷ୍ଟ କରିବାକୁ ଯାଇ ଏହି ମୁଖ୍ୟ ୫ ବିଭାଗକୁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟର ଅଟକଳ କରାଯାଇପାରିନି। ୨୦୨୪ ନିର୍ବାଚନକୁ ଆଖିରେ ରଖି ବଜେଟରେ ମାଗଣା ଖିଆ ସଂସ୍କୃତି ଦିଗକୁ ଉତ୍ସାହିତ କରାଯାଇଛି। ଚଳିତ ବର୍ଷ ୨ ଲକ୍ଷ କୋଟି ବଦଳରେ ଅନ୍ତତଃ ୧୦ ଲକ୍ଷ କୋଟି ଟଙ୍କାର ବଜେଟ ହେବାର ଆବଶ୍ୟକ ଥିଲା। ରାଜକୋଷ ଲୁଟେରା, ମନ୍ତ୍ରୀ, ବିଧାୟକ, ନେତା, ଅଫିସର, କର୍ମଚାରୀ, ଶିଳ୍ପ ମାଲିକ, ଠିକାଦାର ପ୍ରମୁଖଙ୍କ ଆୟ ବହିର୍ଭୁତ ସମ୍ପତ୍ତି ଜବତ କରି ରାଜକୋଷକୁ ଅଣାଗଲେ ରାଜ୍ୟବାସୀଙ୍କ ଉପରେ ଥିବା ଋଣ ବୋଝ ପରିଶୋଧ ପୂର୍ବକ ବଜେଟ ବ୍ୟୟ ଅଟକଳ ୧୦ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରନ୍ତା।

- ମାୟାଧର ନାୟକ, ଶ୍ରମିକ ନେତା

### କୃଷି ଓ କୃଷକଙ୍କ ପାଇଁ ସ୍ୱାଗତଯୋଗ୍ୟ ବଜେଟ



ରାଜ୍ୟ ସରକାର ସବୁବର୍ଷ କୃଷିକୁ ବଜେଟରେ ସ୍ୱତନ୍ତ୍ର ସ୍ଥାନ ଦେଇଥାନ୍ତି। ଚଳିତବର୍ଷ ମଧ୍ୟ ସେପରି କରିଛନ୍ତି। କୃଷି ଓ କୃଷକଙ୍କ ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ବଜେଟ। ଗତବର୍ଷ ଅପେକ୍ଷା ଏଥର ୨୧% ଅଧିକ ଟଙ୍କାର ବ୍ୟୟବରାଦ ହୋଇଛି। ସେହିପରି ଧାନଚାଷୀ କିପରି ଠିକ୍ ସମୟରେ ସେମାନଙ୍କର ପ୍ରାପ୍ୟ ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି।

- ଟୁକୁନା ସେଠୀ, ଚାଷୀ

### ଲୋକାଭିମୁଖୀ ବଜେଟ



ଶିକ୍ଷା ପାଇଁ ଅଧିକ ଅର୍ଥ ବରାଦ କରାଯାଇଥିବାରୁ ମୋ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟଗୁଡିକର ଉନ୍ନତୀକରଣ କରାଯିବ। ସେହିପରି ହରିଶ୍ଚନ୍ଦ୍ର ଯୋଜନା ଓ ମହିଳା ମିଶନ ଶକ୍ତି ଯୋଜନାରେ ଅଧିକ ଅର୍ଥ୍ୟ ବ୍ୟୟବରାଦ କରାଯାଇଛି। ଗାଁରେ ପ୍ରତି ଘରକୁ ପିଇବା ପାଣି ଯୋଗାଣର ବ୍ୟବସ୍ଥା ରହିଛି। କହିବାକୁ ଗଲେ ଏହା ଲୋକାଭିମୁଖୀ ବଜେଟ। ଯଦି ଦୁର୍ନୀତି କିମ୍ବା ପିସି ନ ନିଆଯାଇ ଜନହିତକର କାର୍ଯ୍ୟକ୍ରମ ଉପଯୁକ୍ତ ଭାବରେ କରାଯିବ ତେବେ ତାହା ଫଳପ୍ରଦ ହୋଇପାରିବ। ଆଗକୁ ଓଡ଼ିଶା ବିକାଶ କ୍ଷେତ୍ରରେ ଆଗୁଆ ରାଜ୍ୟ ଭାବରେ ପରିଣତ ହେବ।

- ଜଲିଲ୍ ଖାଁ, ଶିକ୍ଷାବିତ

## କ୍ରୀଡ଼ା ଓ ଯୁବସେବା: ୧,୨୧୭ କୋଟି



ପ୍ରଗତିକୁ ନିରବଚ୍ଛିନ୍ନ ରଖିବା ପାଇଁ କ୍ରୀଡ଼ା ଓ ଯୁବସେବା ନିମନ୍ତେ ବଜେଟରେ ୧୨୧୭ କୋଟି ଟଙ୍କା ହୋଇଛି। ଏଥିପାଇଁ ୨୦୧୭-୧୮ ବଜେଟରେ ୧୪୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଅର୍ଥାତ୍ ବ୍ୟୟବରାଦ ଏବେ ୮ ଗୁଣ ବୃଦ୍ଧି ପାଇଛି। ଓଡ଼ିଶା କ୍ରୀଡ଼ାରେ ବୃହତ୍ ନିବେଶ କରୁଥିବା ଅଗ୍ରଣୀ ରାଜ୍ୟ ହୋଇଛି, ଯାହାର ସୁଫଳ ଆଗାମୀ ଦଶନ୍ଧିରେ ମିଳିପାରିବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ଗତ କିଛି ବର୍ଷ ମଧ୍ୟରେ କ୍ରୀଡ଼ା ଓଡ଼ିଶା ପାଇଁ ଏକ ଅଭିନବ ଏବଂ ଅସାଧାରଣ ପରିଚୟ ସୃଷ୍ଟି କରିଛି। ସାରା ଦେଶରେ ଓଡ଼ିଶା କ୍ରୀଡ଼ାର ଏକ ପ୍ରମୁଖ ଲକ୍ଷ୍ୟସ୍ଥଳୀ ଭାବେ ଉଭା ହୋଇଛି। ଗତମାସରେ ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜିତ 'ପୁରୁଷ ବିଶ୍ୱକପ୍ ହକି-୨୦୨୩'ର ସଫଳ ଆୟୋଜନ ରାଜ୍ୟର କ୍ରୀଡ଼ା ଇତିହାସରେ ଏକ ନୂତନ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହୋଇଛି। କୋଭିଡ୍ ଏବଂ ପ୍ରତିକୂଳ ପାଣିପାଗର ପ୍ରତିବନ୍ଧକ ସତ୍ତ୍ୱେ ରାଉରକେଲା 'ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍' ୧୫ ମାସରେ ନିର୍ମାଣ କରାଯାଇଥିଲା, ଯାହାକି ପୃଥିବୀର ସର୍ବବୃହତ୍ ଆସନ ସଂଖ୍ୟା ବିଶିଷ୍ଟ ଷ୍ଟାଡିୟମ ଭାବେ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। କ୍ରୀଡ଼ା କ୍ଷେତ୍ରରେ

### ଚୂଡ଼ାନ୍ତ ପର୍ଯ୍ୟାୟରେ ୮୯ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ

ରାଜ୍ୟ ସରକାର ସହରାଞ୍ଚଳରେ ନିର୍ମାଣ କରୁଥିବା ୮୯ଟି ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ୍ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି, ଯାହାକି ଆଗାମୀ ମାସଗୁଡ଼ିକରେ କାର୍ଯ୍ୟକ୍ଷମ ହେବ। ଏହାସହିତ ୨୧ଟି ଆଷ୍ଟ୍ରୋଟର୍ଫ ଖେଳପଡ଼ିଆ ସମନ୍ୱିତ ହକି ପ୍ରଶିକ୍ଷଣ କେନ୍ଦ୍ର, ସନ୍ତରଣ ତାଲିମ କେନ୍ଦ୍ର, ଭାର ଉତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ର, ଫୁଟବଲ ତାଲିମ କେନ୍ଦ୍ର ଏବଂ ଜିମ୍ନାଷ୍ଟିକ ତାଲିମ କେନ୍ଦ୍ର ଇତ୍ୟାଦି ନିର୍ମାଣ କରାଯାଉଛି। ରାଉରକେଲା, ପୁରୀ, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା, ଯାଜପୁର ଏବଂ କେନ୍ଦୁଝରରେ ଆଞ୍ଚଳିକ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ଅର୍ଥମନ୍ତ୍ରୀ କହିଛନ୍ତି।

## ଶକ୍ତି କ୍ଷେତ୍ରକୁ ୩,୦୦୩ କୋଟି

ସାଧାରଣ ଉପଭୋକ୍ତା ଏବଂ ଶିଳ୍ପ ପ୍ରତିଷ୍ଠାନକୁ ଗୁଣାତ୍ମକ ବିଜୁଳି ଶକ୍ତି ଯୋଗାଣ କରିବା ଉଦ୍ଦେଶ୍ୟରେ ୨୦୨୩-୨୪ ବଜେଟରେ ୩ ହଜାର ୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅଧୀନରେ ୨୦୨୪ ମାର୍ଚ୍ଚ ସୁଦ୍ଧା ୧୦୦ରୁ ଅଧିକ ୩୩/୧୧ କେଭି ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ ହେବ।

ସେହିପରି ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ। ଶକ୍ତି କ୍ଷେତ୍ରରେ ଅଙ୍ଗାରକ ନିର୍ଗମନ ହ୍ରାସ କରିବା, ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରାଜ୍ୟରେ ସବୁଜ ଶକ୍ତି ନିଷ୍କାସନ କରିଡର ପାଇଁ ୨୦୨୩-୨୪ ବଜେଟରେ ୫୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ପାଣ୍ଠି ପାଇଁ ଆଉ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଅଧୀନରେ କମ୍ ଶକ୍ତି ଅପଚୟ କରୁଥିବା ଘରୋଇ ଉପକରଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଯୋଜନା ଆରମ୍ଭ କରାଯାଉଛି। ଏଥିଲାଗି ୨୫୦ କୋଟି ଟଙ୍କାର ବ୍ୟୟବରାଦ ରହିଛି।

## ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ: ୪,୨୯୯ କୋଟି

ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ମଧୁବାବୁ ପେନ୍‌ସନ୍ ଯୋଜନା(ଏମ୍‌ବିପିୱାଇ)ରେ ବୃଦ୍ଧ, ନିରାଶ୍ରୟ, ଭିନ୍ନକ୍ଷମ ଏବଂ କିନ୍ନରମାନଙ୍କର ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯାଉଛି। ଏହି ଯୋଜନା ଅଧୀନରେ ରାଜ୍ୟରେ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପେନ୍‌ସନ୍ ଦିଆଯାଉଛି। ରାଜ୍ୟ ସରକାର ବଜେଟରେ ଏହି ବିଭାଗ ପାଇଁ ୪,୨୯୯ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

### ନିର୍ମାଣ ହେବ ଆଇଆଇସି

ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ କିନ୍ନରମାନଙ୍କ ପରି ଦୁର୍ବଳ ବର୍ଗର ବ୍ୟକ୍ତିମାନଙ୍କ ଆବାସିକ ସହାୟତା ଏବଂ ଥଇଥାନ ନିମନ୍ତେ ୧୪୧ କୋଟି ଟଙ୍କା ବ୍ୟୟରେ ଜିଲା ସଦର ମହକୁମାରେ ଇଣ୍ଟିଗ୍ରେଟେଡ୍ ଇନ୍‌ଫ୍ରାଷ୍ଟ୍ରକଚର କମ୍ପ୍ଲେକ୍ସ (ଆଇଆଇସି) ସ୍ଥାପନ କରାଯିବ।

## ବିପର୍ଯ୍ୟୟ ପରିଚାଳନା: ୩୭୦୦ କୋଟି

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ବିପର୍ଯ୍ୟୟ ପରିଚାଳନା କ୍ଷମତାରେ ଓଡ଼ିଶାର ବହୁ ଉନ୍ନତି ଘଟିଛି, ଯାହାକି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି। ବିପର୍ଯ୍ୟୟ ପରିଚାଳନା ପାଇଁ ରାଜ୍ୟ ସରକାର ବଜେଟରେ ୩୭୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଏଥିରେ ଷ୍ଟେଟ୍ ଡିଜାଷ୍ଟର ରିସ୍କ ମ୍ୟାନେଜମେଣ୍ଟ ଫଣ୍ଡ (ଏସ୍‌ଡିଆର୍‌ଏମ୍‌ଏଫ୍) ଅଧୀନରେ ୨୩୫୮ କୋଟି ଟଙ୍କା ଏବଂ ନ୍ୟାଶନାଲ ଡିଜାଷ୍ଟର ରିସ୍କ ମ୍ୟାନେଜମେଣ୍ଟ ଫଣ୍ଡ (ଏନ୍‌ଡିଆର୍‌ଏମ୍‌ଏଫ୍) ଅଧୀନରେ ୧୩୪୨ କୋଟି ଟଙ୍କା ଅନ୍ତର୍ଭୁକ୍ତ।




## ପର୍ଯ୍ୟଟନ: ୬୬୦ କୋଟି

ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ୬୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ୪୦୦ କୋଟି, ପର୍ଯ୍ୟଟନ ପ୍ରୋତ୍ସାହନ ପାଇଁ ୧୫୭ କୋଟି ଏବଂ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପାଇଁ ୩୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ପର୍ଯ୍ୟଟନ କ୍ଷେତ୍ରରେ ବିପୁଳ ନିଯୁକ୍ତି ଏବଂ ଆୟ ସୃଷ୍ଟିର ସମ୍ଭାବନା ରହିଛି ଏବଂ ଏହାର ଉଲ୍ଲେଖନୀୟ ଅବଦାନ ରାଜ୍ୟ ଆୟରେ ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାର ନୂତନ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ପ୍ରଣୟନ କରିଛନ୍ତି। ଏହାଦ୍ୱାରା ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ପର୍ଯ୍ୟଟନ ଉତ୍ପାଦକୁ ପ୍ରୋତ୍ସାହନ ଦିଆଯାଇପାରୁଛି। ସେହିପରି ଘରୋଇ କ୍ଷେତ୍ରର ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ଏହି ନୀତିରେ ଆର୍ଥିକ ଓ ଅଣଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି।

## ସଂକ୍ଷେପରେ

### ସ୍ୱରୋଜଗାର ପରାମର୍ଶ ଶିବିର

ବୋଲଗଡ,୨୪ା୨(ଡି.ଏନ୍.ଏ.): ବୋଲଗଡ ବ୍ଲକ ସାନପଦର ପଞ୍ଚାୟତ ଅନ୍ତର୍ଗତ ଏକ ଫାର୍ମହାଉସଠାରେ ସ୍ୱ ରୋଜଗାର ପରାମର୍ଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବକ ଅଂଶଗ୍ରହଣ କରି ଉଦ୍ୟାନ କୃଷି ଏବଂ ମତ୍ସ୍ୟଚାଷ ସମ୍ପର୍କିତ ସରକାରୀ ଯୋଜନା ବାବଦରେ ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ଓ ପରାମର୍ଶ ଗ୍ରହଣ କରିଥିଲେ। ଶିବିରରେ ଏଏଫଓ ତୁଷାର ରଞ୍ଜନ ବେହେରା ଓ ଏଏଚଓ ବିକ୍ରମ କୁମାର ସାହୁ ଯୋଗଦେଇ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଣୟନ କରାଯାଇଥିବା ବିଭିନ୍ନ ଜନହିତକର ଯୋଜନାର ଫାଇଦା ଉଠାଇ ସ୍ୱାବଲମ୍ବି ହେବାକୁ ପରାମର୍ଶ ଦେଇଥିଲେ। ରାମଚନ୍ଦ୍ର ନାୟକ, ଅମରେନ୍ଦ୍ର ଦଳାଇ, ସୁରେନ୍ଦ୍ର ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ରସାୟନ ବିଭାଗର ଆଲୋଚନାଚକ୍ର

ଖୋର୍ଦ୍ଧା ଅଫିସ,୨୪ା୨ : ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ମୈତ୍ରୀ ଭବନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନାଇଜର ପ୍ରାଧ୍ୟାପକ ଡ. ହିମାଂଶୁ ଶେଖର ବିଶ୍ୱାଳ ମୁଖ୍ୟ ବକ୍ତାଭାବେ ଯୋଗଦେଇ ହାଇଡ୍ରୋଜେନ ବଣ୍ଟନ ସଂକ୍ଷିପ୍ତ ଇତିହାସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧକ୍ଷା ଡ. ଅଜନ୍ତା ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଣବ କିଶୋର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବୈଶାଖୀ, ଅଧ୍ୟାପକ ସୁଶାନ୍ତ ମିଶ୍ର, ଶୈଳେନ୍ଦ୍ର ମିଶ୍ର, ସମରେଶ ମହାରଣା, ସିପ୍ରା ମହାନ୍ତି, ଗଦାଧର ରଥ, ଡଲି ମିଶ୍ର, ଜଗନ୍ନାଥ ସାହଙ୍କ ସମେତ ବିଭାଗୀୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### କୋଣାର୍କ ପାରିପାର୍ଶ୍ୱିକ ବିକାଶ, ବିସ୍ଥାପିତଙ୍କ ଥଇଥାନ ପାଇଁ ଶିବିର



କୋଣାର୍କ,୨୪ା୨(ଡି.ଏନ୍.ଏ.)- କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ କୋଣାର୍କ ପାରିପାର୍ଶ୍ୱିକ ବିକାଶ ଓ ବିସ୍ଥାପିତମାନଙ୍କ ଥଇଥାନ ନିମନ୍ତେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ କୋଣାର୍କ ଏନ୍ଏସି ୯ନଂ. ୱାର୍ଡ ମେଡିକାଲ ଛକଠାରୁ କୋଣାର୍କ ପୂର୍ତ୍ତ ବିଭାଗ ଛକ ପରିସରରେ ଥିବା ବ୍ୟବସାୟିକ ଅନୁଷ୍ଠାନ ଓ ବାସଗୃହ ଉଚ୍ଛେଦ କରି ପାରିପାର୍ଶ୍ୱିକ ବିକାଶ ନିମନ୍ତେ ବିସ୍ଥାପିତଙ୍କୁ ନେଇ ଜନଶୁଣାଣି ମାଧ୍ୟମରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହି ଉନ୍ନୟନ ପ୍ରକଳ୍ପ ନିମନ୍ତେ ୧୧୬ ହୋଟେଲ ବ୍ୟବସାୟୀ ଓ ବାସଗୃହ ବିସ୍ଥାପିତ ହେବେ। ଏଥିଲାଗି ସେମାନଙ୍କୁ ଥଇଥାନ ବାବଦ ଅର୍ଥ ରାଶି ପ୍ରଦାନ କରିବା ନିମନ୍ତେ ପୂର୍ବରୁ ରାଜସ୍ୱ ଓ ଓବିସିସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସର୍ଭେ କାମ ସମ୍ପନ୍ନ ହୋଇଥିବା କୁହାଯାଇଛି। ଶିବିରରେ ୧୧୬ ବିସ୍ଥାପିତଙ୍କ ବ୍ୟତୀତ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କଠାରୁ ମଧ୍ୟ ଅଭିଯୋଗ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋଣାର୍କ ଓକିଲ ସଂଘ ପକ୍ଷରୁ ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଙ୍କୁ ପ୍ରଦାନ କରିଥିଲେ। ଏହି ଜନ ଶୁଣାଣି ଶିବିରରେ ପୁରୀ ଜିଲା ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ ଜେନା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ନିରଞ୍ଜନ ବାରିକ, ଗୋପ ତହସିଲଦାର ଏସ୍.କେ. ସାଗିର, ଗୋପ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡା, ସୌମେନ୍ଦ୍ର ତେଜ ଓ କୋଣାର୍କ ଏନ୍ଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ସମ୍ପର୍କ ଯୋଡ଼ିଥାଏ ଭାଷା ଓ ସାହିତ୍ୟ'

ଖୋର୍ଦ୍ଧା ଅଫିସ,୨୪ା୨:



କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ବିଶିଷ୍ଟ ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ ଏବଂ ଅନ୍ୟ ଅତିଥିମାନେ ।

ଭାଷା ଓ ସାହିତ୍ୟ ସମ୍ପର୍କକୁ ଯୋଡ଼ିଥାଏ। ଋକ୍‌ବେଦରେ କୁହାଯାଇଛି ପୃଥିବୀ ହେଉଛି ମା'। ସବୁ ଭାଷାର ଜନନୀ ହେଉଛି ପୃଥିବୀ। ଶିଶୁଟିଏ ଭୂମିଷ୍ଠ ହେବା ପରେ ମା'ଠାରୁ ପ୍ରଥମ କହିବା ଶିଖିଥାଏ। ଶ୍ରୀକୃଷ୍ଣ ଯଶୋଦା ଓ ଦେବକୀଙ୍କଠାରୁ ଦୁଇ ଭାଷା ଶିକ୍ଷା ଗ୍ରହଣ କରିଛନ୍ତି। ବିଭିନ୍ନତା ମଧ୍ୟରେ ଆମର ସ୍ୱତନ୍ତ୍ରତା ରହିଛି। ମୁଁ କହିଲେ କେବଳ ମୁଁ ଏକା ନୁହଁ, ମୋ ସହ ଅନ୍ୟମାନେ ମଧ୍ୟ ରହିଛନ୍ତି। ଏଭଳି ଭାଷାର ଶମ୍ମିଶ୍ରଣ କେବଳ ଭାରତରେ ଦେଖିବାକୁ ମିଳିଥାଏ। ବିଦେଶରେ ଏହାର ଭିନ୍ନତା ରହିଛି। ଭାରତୀୟ ଭାଷା ପୃଥିବୀରେ ବିରଳ। ପ୍ରତ୍ୟେକ ଭାଷା ପଛରେ ମାତୃତ୍ୱର ଭାବ ରହିଛି। ଭାରତକୁ ଗୋଟିଏ ଭାଷା ଅଞ୍ଚଳ ଭାବେ ଘୋଷଣା କରିବାକୁ ଏକାଧିକ ପଣ୍ଡିତ, ଗବେଷକ, ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କ ମତ ରହିଛି ବୋଲି ଭାଷା ବିଶେଷଜ୍ଞ ପଦ୍ମଶ୍ରୀ ବିଶିଷ୍ଟ ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଛନ୍ତି। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ପକ୍ଷରୁ ଗବେଷକ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସାହିତ୍ୟ ଓ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାଷାବିତ୍ ପଟ୍ଟନାୟକ କହିଥିଲେ, ମାତୃଭାଷା ସମ୍ପର୍କର ସେତୁ ସୁଦୃଢ଼ ଓ ପରସ୍ପର ମଧ୍ୟରେ ନିବିଡ଼ତା ଆଣିଥାଏ। ସାହିତ୍ୟ ଓ କବିତା ପାଠୋତ୍ସବ, ଆଲୋଚନାଚକ୍ର ସାହିତ୍ୟିକ, କବି ଲେଖକ ଏବଂ ପାଠକଙ୍କୁ ଏକାଠି କରିଥାଏ। ଲେଖକମାନେ ପାଠକୀୟ ରୁଚି ତଥା ସର୍ବଦା ନୂତନତ୍ୱ ଚିନ୍ତାଧାରା ନେଇ ଲେଖନ୍ତୁ। ଏହା ଦ୍ୱାରା ଜନାଦୃତ ହେବା ସହ ଗୌରବ, ସମ୍ମାନ ବଢ଼ିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବାସୀ ଓଡ଼ିଆର କେନ୍ଦ୍ରୀୟ ସଭାପତି ସୂର୍ଯ୍ୟ ନାରାୟଣ ମିଶ୍ର କହିଲେ ଯେ, ଖୋର୍ଦ୍ଧା ହେଉଛି ଐତିହ୍ୟ ସମ୍ପନ୍ନ ମାଟି। ଇତିହାସରେ ଏହାର ଗୌରବଗାଥାକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇ ନାହିଁ। ପାଇକ ବିଦ୍ରୋହ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ ରହିଥିଲା। ସମ୍ମାନିତ ଅତିଥିଭାବେ କବି ପର୍ଶୁରାମ ବେହେରା, ଆର୍ତ୍ତତ୍ରାଣ ସାହୁ, ବାସୁଦେବ ସାହୁ, କବି ଲୋହିତ ନାରାୟଣ ମହାପାତ୍ର, କବୟିତ୍ରୀ ରଶ୍ମିତା କର, ନୀଳାଦ୍ରି ଜଗଦେବ ପ୍ରମୁଖ ଯୋଗଦେଇ ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଯୁବ କବି ବଳରାମ ତରାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସସ୍ମିତା ତରାଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୩୫ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

# ୬୦୧ ଦିବ୍ୟାଙ୍ଗଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

ବେଗୁନିଆ,୨୪ା୨(ଡି.ଏନ୍.ଏ.):

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୨୧ଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଦିବ୍ୟାଙ୍ଗମାନେ ଉକ୍ତ ଶିବିରରେ ନାମ ପଞ୍ଜୀକରଣ କରିଥିଲେ। ଶାରୀରିକ ଅନଗ୍ରସର ୨୮୮ଜଣ, ମାନସିକ ବିକାରଗ୍ରସ୍ତ ୧୩୧, ଶ୍ରବଣ ବାଧିତ ୧୨୬ ଏବଂ ଦୃଷ୍ଟିହୀନ ୫୬ଜଣଙ୍କୁ ମିଶାଇ ମୋଟ ୬୦୧ ଜଣ ପଞ୍ଜୀକରଣ କରିଥିଲେ। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗ ଡାକ୍ତର ଯୋଗଦେଇ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପୁରୁଣା ସାର୍ଟିଫିକେଟ ପରିବର୍ତ୍ତେ ନୂତନ ଡିଜିଟାଲ ସାର୍ଟିଫିକେଟ ଦିବ୍ୟାଙ୍ଗଙ୍କୁ ବଣ୍ଟନ କରାଯାଇଥିଲା। ଡାକ୍ତରଙ୍କ ପରୀକ୍ଷା ପରେ କେତେଜଣ ଦିବ୍ୟାଙ୍ଗଙ୍କୁ ତ୍ୱରିତ ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ଲକ୍ଷ୍ମୀଧର ସାହୁ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁ, ବିଏସ୍ଏସ୍ଓ ପୂଜା ପୁଷ୍ପାଞ୍ଜଳି ଖଟେଇଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଜଣେ ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି ।

# ମାର୍ଚ୍ଚ ୧୨ରୁ ହରିରାଜପୁର ପଞ୍ଚୁଦୋଳ ମେଳଣ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ଡେଲାଙ୍ଗ,୨୪ା୨(ଡି.ଏନ୍.ଏ)

**୪ଦିନ ପର୍ଯ୍ୟନ୍ତ ଚାଲିବ**
- ପ୍ରସ୍ତୁତି ନେଇ ଆଲୋଚନା
- ୮୦ ଏକର ଜାଗାରେ ହେବ

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣର ସୁପରିଚାଳନା ପାଇଁ ତହସିଲଦାର ନିବେଦିତା ପରିଡ଼ାଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଭବତାରଣ ସାହୁ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ଥାନା ଆଇଆଇସି ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମେଳଣ କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ୧୯୩୭ ମସିହାରୁ ପ୍ରତିବର୍ଷ ୮୦ ଏକର ପରିମିତ ଜାଗାରେ ଏହି ମେଳଣ ହୋଇଆସୁଛି। ଆସନ୍ତା ମାର୍ଚ୍ଚ ୧୨ ତାରିଖରୁ ୪ଦିନ ଧରି ମେଳଣ ଅନୁଷ୍ଠିତ ହେବ। ମେଳଣ ପଡ଼ିଆ ସଫେଇ, ଜଟଣୀ –ପିପିଲି ରାସ୍ତାର ବୃଷଭ ଛକଠାରୁ ମନ୍ଦିର ପର୍ଯ୍ୟନ୍ତ ଆର୍‌ଡି ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ କରି ଯାତାୟତ ସୁବିଧା କରିବା, ଶ୍ରଦ୍ଧାଳୁଙ୍କ ପାଇଁ ୨୦ଟି ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ୧୦ଟି ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା, ବିଦ୍ୟୁତ ବ୍ୟବସ୍ଥା, ଜନଗହଳି ନିୟନ୍ତ୍ରଣ ପାଇଁ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ, ପର୍ଯ୍ୟାପ୍ତ ପରିମାଣରେ ଔଷଧ ସହିତ ଡାକ୍ତରୀ ଦଳ ଓ ଆମ୍ବୁଲାନ୍ସ ମହଜୁଦ ରଖିବା, ଅଗ୍ନିଶମ, ବିଦ୍ୟୁତ, ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ସେବା ଦେବା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ଓରେଡା, ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରଦର୍ଶନୀ ମଣ୍ଡପ ଖୋଲିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ନିରବଚ୍ଛିନ୍ନ ଭାବେ ପାନୀୟଜଳ ଯୋଗାଣ ନିମନ୍ତେ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର କାକୁଡ଼ିଆ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ହରିରାଜପୁରକୁ ଜଳ ଯୋଗାଇବା ପାଇଁ ନିବେଦନ କରାଯାଇଥିଲା। ମେଳଣ କମିଟି ସଦସ୍ୟ ପ୍ରସନ୍ନ ମହାରଥି, ମାନସ ରଞ୍ଜନ ମଙ୍ଗରାଜ, ଅଭିମନ୍ୟୁ ବଳିୟାରସିଂହ, ଶିବ ପ୍ରସାଦ ଚମ୍ପତି, ବିଜୟ କୁମାର ଜେନା, ଅଶୋକ କୁମାର ସାମନ୍ତରାୟ, କେଦାରନାଥ ପାଟ୍ଟଶାଣୀ, ଗୋବିନ୍ଦ ବଳବନ୍ତରାୟ, ବାସୁଦେବ ସାହୁ, ମହାଦେବ ରାଉତରାୟ, ବିଷ୍ଣୁ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଡେଲାଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ ଚନ୍ଦ୍ରଶେଖର ଜେନା, ବିଦ୍ୟୁତ ବିଭାଗ ଏସ୍‌ଡିଓ ପ୍ରଦୀପ କୁମାର ସାବତ, କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ କେଶ, ଆର୍‌ଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ, ଆର୍‌ଡି ପକ୍ଷରୁ ଏସ୍.କେ. ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ହାଇୱା ଧକ୍କାରେ ୨ବାଇକ୍ ଆରୋହୀ ଗୁରୁତର

ନିମାପଡ଼ା,୨୪ା୨(ଡି.ଏନ୍.ଏ)

ନିମାପଡ଼ା ଟ୍ରକ ଆସୋସିଏଶନ ନିକଟସ୍ଥ ଏକ ବାର୍ ପାଖରେ ଏକ ହାଇୱା ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ଗୋପ ଥାନା ଅନ୍ତର୍ଗତ ବଣିଆ ସାହି ଗ୍ରାମର ଉପେନ୍ଦ୍ର ପୃଷ୍ଟି ଓ ପ୍ରସନ୍ନଜିତ ପରମାଣିକ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତ ୨ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ମେଡିକାଲ ପଠାଇଥିଲେ। ହେଲେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଓଡି ୦୨ ଏଏଚ୍ ୨୯୨୦ନଂ. ବିଶିଷ୍ଟ ହାଇୱାଟି ପିପିଲି ପଟୁ ନିମାପଡ଼ା ଅଭିମୁଖେ ଆସୁଥିଲା। ଏହି ସମୟରେ ୨ଜଣ ଯୁବକ ଓଡି ୦୨ ଜେ ୫୮୬୮ ନଂ. ବିଶିଷ୍ଟ ଏକ ବାଇକ୍ ଯୋଗେ ବିପରୀତ ଦିଗରୁ ଆସୁଥିବା ବେଳେ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା।

### କଣ୍ଡରା ପୋଖରୀ ପୁନରୁଦ୍ଧାର ପ୍ରସଙ୍ଗ: ୧୨ଦିନରେ ଅହୋରାତ୍ର ଧାରଣା

ପୁରୁଣାଭୁବନେଶ୍ୱର,୨୪ା୨(ଡି.ଏନ୍.ଏ.):

ଭୁବନେଶ୍ୱର ମହାନଗର ନିଗମର ୫୯ନଂ ୱାର୍ଡରେ ଥିବା କଣ୍ଡରା ପୋଖରୀର ପୁନରୁଦ୍ଧାର ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦିଆଯାଇଥିବା ଅହରାତ୍ର ଧାରଣା ୧୨ଦିନରେ ପହଞ୍ଚିଛି। ଶୁକ୍ରବାର ଅପରାହ୍ଣରେ ବିଏମ୍‌ସି ଆୟୁକ୍ତଙ୍କ ନିର୍ଦ୍ଦେଶରେ ଉପଆୟୁକ୍ତ ପ୍ରିୟବ୍ରତ ପାଢୀଙ୍କ ସମେତ ବରିଷ୍ଠ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ୧୫ଦିନ ସମୟ ମାଗିବା ସହ ଧାରଣାରୁ ଓହରି ଯିବାପାଇଁ ଅନୁରୋଧ କରିଥିଲେ। ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ନିର୍ଦ୍ଦେଶ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି।

# ଫାଇନାଲରେ ଶାନ୍ କ୍ଲବ-ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ

ବେଗୁନିଆ,୨୪ା୨(ଡି.ଏନ୍.ଏ.):

**କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ବେଗୁନିଆ ବ୍ଲକ କୁଶପଲ୍ଲା ମିନିଷ୍ଟାଡିୟମରେ ଚାଲିଥିବା ୩୬ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଶାନ୍ କ୍ଲବ ଭୁବନେଶ୍ୱର ଏବଂ କୋଲକାତାର ହାୱଡା ଫ୍ରେଣ୍ଡସ କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ଶାନ୍ କ୍ଲବର ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରି ମ୍ୟାଚର ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ହାୱଡା ଫ୍ରେଣ୍ଡସ କ୍ଲବ ଗୋଲ ଦେଇ ପାରି ନ ଥିଲା। ଫଳରେ ଶାନ୍ କ୍ଲବ ୩–୦ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସଖାବତ୍ ଅଲ୍ଲୀ ଖାଁ ମ୍ୟାଚ ପରିଚାଳକ ଏବଂ ଦେବରାଜ ସ୍ୱାଇଁ, ପ୍ରିୟବ୍ରତ ବାହିନୀପତି, ପ୍ରଫୁଲ୍ଲ କୁମାର ବେହେରା ସହ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ। ସାମାଜିକ କର୍ମୀ ନବ କିଶୋର ସ୍ୱାଇଁ ମୁଖ୍ୟ ଅତିଥି, ଗାଁ ସଭାପତି ମହମ୍ମଦ ମହିଉଦ୍ଦିନ୍ ଅହମ୍ମଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ଉପଦେଷ୍ଟା ଅବଦୁଲ ଦୟାନ ଖାଁଙ୍କ ନେତୃତ୍ୱରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫୈଜଲ ହୋସେନ ଖାଁ, ମିହିର ରଞ୍ଜନ ମହାପାତ୍ର ଭାଷ୍ୟକାରଭାବେ ଦାୟିତ୍ୱ ତୁଲାଇଥିଲେ। ଶାନ୍ କ୍ଲବ ଓ ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ଘାଟିକିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

# ମାଙ୍କଡ଼କୁ ଉଦ୍ଧାର କଲା ବନ ବିଭାଗ

ଜଟଣୀ, ୨୪ା୨(ଡି.ଏନ୍.ଏ.):



ଜଟଣୀ ପୋର ପରିଷଦ ଅଧୀନ ୮ନମ୍ବର ୱାର୍ଡ ରାମଚନ୍ଦ୍ରପୁର ଅଞ୍ଚଳରେ ଏକ ମାଙ୍କଡ଼ ଆତଙ୍କ ଖେଳାଇଥିଲା। ଛୋଟ ପିଲାଙ୍କୁ ଦେଖିଲେ ଗୋଡ଼ାଇ କାମୁଡୁଥିଲା। ଏପରିକି ସ୍କୁଲରେ ପଶି ମଧ୍ୟ ପିଲାଙ୍କୁ କାମୁଡି ଖଣ୍ଡିଆ କରୁଥିଲା। ସ୍ଥାନୀୟ ଲୋକେ ମାଙ୍କଡ଼କୁ ଧରିବା ପାଇଁ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଜଣାଇଥିଲେ ମଧ୍ୟ ଆସି ନ ଥିଲେ। ଶୁକ୍ରବାର ମାଙ୍କଡ଼ଟି ଆହାର କେନ୍ଦ୍ର ଗେଟ ପାଖରେ ବସିଥିଲା। ପରେ ମାଙ୍କଡ଼ ଗେଟ ଭିତରକୁ ଯିବା ପରେ ଲୋକେ ବାହାରୁ ଗେଟ ବନ୍ଦ କରିଦେଇଥିଲେ। ମାଙ୍କଡ଼କୁ ଧରିବା ପାଇଁ ଖୋର୍ଦ୍ଧା ବନ ବିଭାଗ ସହ ଯୋଗାଯୋଗ କରିଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ମାଙ୍କଡ଼କୁ ଉଦ୍ଧାର କରି ନେଇଯାଇଥିଲେ।

# ଜଗନ୍ନାଥ ବଲ୍ଲଭ ନିକଟରୁ ଦୋକାନ ଉଚ୍ଛେଦ

ପୁରୀ ଅଫିସ, ୨୪ା୨

ପୁରୀ ପୌରସଂସ୍ଥା ପକ୍ଷରୁ ଶୁକ୍ରବାର ଜଗନ୍ନାଥ ବଲ୍ଲଭ ନିକଟ ଅଞ୍ଚଳରୁ ଉଠାଦୋକାନଗୁଡ଼ିକୁ ଉଛେଦ କରାଯାଇଛି। ଏହି ଦୋକାନଗୁଡ଼ିକ ଯୋଗୁ ଜଗନ୍ନାଥବଲ୍ଲଭଠାରେ ଅପରିଷ୍କାର ପରିବେଶ ସୃଷ୍ଟି ହେଉଥିଲା। ଉଚ୍ଛେଦ ପୂର୍ବରୁ ଦୋକାନ ଖାଲି କରିବା ପାଇଁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯାଇଥିଲା। ତେଣୁ ଅନେକ ଦୋକାନୀ ନିଜ ଦୋକାନ ଖାଲି କରୁଥିବା ଦେଖିବାକୁ ମିଳିଥିଲା। ଉଛେଦ କାର୍ଯ୍ୟରେ ଗୋଟିଏ ଡ୍ରୋଜର ନିୟୋଜିତ ଥିଲା। ପୌରସଂସ୍ଥାର ଅଧିକାରୀ ଓ କର୍ମଚାରୀ, ଟାଉନ ଥାନା ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ନିୟୋଜିତ ଥିଲେ। ଆସନ୍ତା ସୋମବାର ପୌରସଂସ୍ଥା କାର୍ଯ୍ୟାଳୟକୁ ଯାଇ ଉପଯୁକ୍ତ କାଗଜପତ୍ର ଦେଖାଇବା ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଦୋକାନ ବନ୍ଦ ରଖିବାକୁ ପୌରସଂସ୍ଥା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# 'ଅଧା ରହିଗଲା ସପନ ମୋର' ମଞ୍ଚସ୍ଥ

ବେଗୁନିଆ,୨୪ା୨(ଡି.ଏନ୍.ଏ.):

ବେଗୁନିଆ ବ୍ଲକ ରାଉତପଡା ପଞ୍ଚାୟତ ଅନ୍ତର୍ଗତ କୋତଲାଙ୍ଗ ଗ୍ରାମରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ଗ୍ରାମର ବାବା ଉତ୍ତରେଶ୍ୱର ନାଟ୍ୟ ସଂସଦର କଳାକାରଙ୍କୁ ନେଇ 'ଅଧା ରହିଗଲା ସପନ ମୋର' ନାଟକ ପରିବେଷଣ କରାଯାଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ୨୩ ନମ୍ବର ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ବେଗୁନିଆ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ଦାସ, ସମିତିସଭ୍ୟ ପୁଷ୍ପଲତା ପାଇକରାୟ, ସାମାଜିକ କର୍ମୀ ଭିକାରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ପାରମ୍ପରିକ ଉତ୍ସବ ଓ ସଂସ୍କୃତି ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।



ନାଟକ 'ଅଧା ରହିଗଲା ସପନ ମୋର' ମଞ୍ଚସ୍ଥ ପୂର୍ବରୁ ମଞ୍ଚାସୀନ ଅତିଥିମାନେ ।

# ୮ ପୋଲିସଙ୍କୁ ଅଟକ ରଖିଲେ ଗ୍ରାମବାସୀ

ନିମାପଡ଼ା,୨୪ା୨(ଡି.ଏନ୍.ଏ.)

**କୋଠଜାଗାରୁ ନଡ଼ିଆ ତୋଳାକୁ ନେଇ ବିବାଦ**




ଭଗବାନସୁନ୍ଦରା ଗ୍ରାମରେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ି ଓ କର୍ମଚାରୀଙ୍କୁ ଅଟକ ରଖିଛନ୍ତି।

ନିମାପଡ଼ା ଥାନା ଅନ୍ତର୍ଗତ ବଡ଼ଶିରିବିଲା ପଞ୍ଚାୟତର ବଡ଼ଶିରିବିଲା ଗ୍ରାମରେ ଅଷ୍ଟପ୍ରହର ଚାଲୁଥିଲା। ଏଥିପାଇଁ ଉକ୍ତ ଗ୍ରାମର କେତେଜଣ ଶୁକ୍ରବାର କୋଠ ଜାଗାରୁ ପୋଲିସ ଉପସ୍ଥିତିରେ ଏକ ଗଛରୁ ନଡ଼ିଆ ତୋଳୁଥିଲେ। ହେଲେ ନଡ଼ିଆ ତୋଳି ଭଗବାନସୁନ୍ଦରା ଗ୍ରାମ ରାସ୍ତା ଦେଇ ଫେରୁଥିବା ବେଳେ ୨ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା। କାରଣ କୋଠ ଜାଗାଟି ଭଗବାନସୁନ୍ଦରା ଗ୍ରାମ ସହ ଲାଗିଥିବା ବେଳେ ପୁଣି ପୋଲିସ ଉପସ୍ଥିତିରେ ନଡ଼ିଆ ତୋଳାଯାଇଥିବାରୁ ଭଗବାନସୁନ୍ଦରା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭଗବାନସୁନ୍ଦରା ଗ୍ରାମବାସୀଙ୍କୁ ନ ପଚାରି ନଡ଼ିଆ ତୋଳାରେ ପୋଲିସ ସହାୟତାକୁ ଦାୟୀ କରି ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀ ଗାଳିଗୁଲଜ କରିଥିଲେ। ଏପରିକି ଗ୍ରାମର ବହୁ ମହିଳାଙ୍କ ସମେତ ଶତାଧିକ ଲୋକ ଉତ୍ତ୍ୟକ୍ତ ହୋଇ ଗ୍ରାମଦାଣ୍ଡରେ ପୋଲିସ ଗାଡ଼ି ସହ ଜଣେ ପୋଲିସ ଏସ୍ଆଇ, ଜଣେ ଏଏସ୍ଆଇ, ୨ ହାବିଲଦାର, ଜଣେ କନଷ୍ଟେବଲ୍ ସମେତ ମୋଟ ୮ ପୋଲିସ କର୍ମଚାରୀଙ୍କୁ ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଉତ୍ତେଜନା ପରିସ୍ଥିତିକୁ ଦେଖି ଅଟକ ଥିବା ପୋଲିସ କର୍ମଚାରୀମାନେ କେବଳ ନୀରବଦ୍ରଷ୍ଟା ସାଜିଥିଲେ। ଅନ୍ୟପଟେ ଅଟକ ସମୟ ମଧ୍ୟରେ ପୋଲିସର କୌଣସି ଉଚ୍ଚପଦସ୍ଥ ଅଧିକାରୀ ତତ୍‌କ୍ଷଣାତ ନ ଆସି ପ୍ରାୟ ୧୦ ଘଣ୍ଟା ପରେ ଆସିଥିଲେ। ଖବରପାଇ ସନ୍ଧ୍ୟାବେଳେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରି ଅଟକ ପୋଲିସଙ୍କୁ ଉଦ୍ଧାର କରିବା ସହ ଘଟଣାର ସମାଧାନ ପାଇଁ ଉଦ୍ୟମ ଚଳାଇଛନ୍ତି। ରିପୋର୍ଟ ଲେଖାଯିବା ମଧ୍ୟରେ ପୋଲିସ ଅଧିକାରୀମାନେ ୨ଗ୍ରାମର ମୁରବୀ ଲୋକଙ୍କୁ ଡକାଇ ଆଲୋଚନା ଜାରି ରହିଛି। ଉଲ୍ଲେଖଯୋଗ୍ୟ, ଏକ ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ କେନ୍ଦ୍ର କରି ଉଭୟ ବଡ଼ଶିରିବିଲା ଓ ଭଗବାନସୁନ୍ଦରା ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିବାଦ ଲାଗିରହିଛି। ଏହିବିବାଦକୁନେଇ ଶୁକ୍ରବାର ପୁଣି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମର କେତେଜଣ ମତ ରଖିଛନ୍ତି।

## ସଂକ୍ଷେପରେ

### ପରିମଳ ନିୟମ ଖିଲାପ ବ୍ୟାଙ୍କ, ବ୍ୟବସାୟୀଙ୍କ ଉପରେ ଜରିମାନା; ଫୁଡ୍ ଜୋନ୍ ସିଲ୍

ଭୁବନେଶ୍ୱର,୨୪।୨(ବ୍ୟୁରୋ)- ପରିମଳ ନିୟମ ଖିଲାପ କରୁଥିବା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ବିରୋଧରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଶୁକ୍ରବାର ଏକାଧିକ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଗୌତମନଗରସ୍ଥିତ ପ୍ରିଜମ୍ ଜନସନ୍ ଟାଇଲସ୍‌ଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନିର୍ମାଣ ଓ ଭଗ୍ନଜନିତ ବର୍ଜ୍ୟ ରାସ୍ତାରେ ପକାଇଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ୱାର୍ଡ ନଂ.୩୨ରେ ଓମ୍ ମେଡିସିନ୍ ଷ୍ଟୋର ଓ ବ୍ୟାଙ୍କ ଅଫ୍ ବରୋଦାକୁ ୧୦ ହଜାର ଟଙ୍କା ଲେଖାଏ ତଣ୍ଡ ଗଣିବାକୁ ପଡ଼ିଛି। ତେବେ ୱାର୍ଡ ନଂ.୬୩ରେ ଥିବା ଫୁଡ୍ ଜୋନ୍‌ରେ ବ୍ୟବସାୟୀମାନେ ସ୍ୱଚ୍ଛତା ରକ୍ଷା କରୁ ନ ଥିବାରୁ ଏହାକୁ ସିଲ୍ କରିଦିଆଯାଇଛି। ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଏଠାକୁ ବିଭିନ୍ନ ଚଟପଟା ଖାଦ୍ୟର ମଜାନେବାକୁ ଆସୁଥିବାବେଳେ ସଂପୃକ୍ତ ଅଞ୍ଚଳ ଆବର୍ଜନାମୟ ହୋଇପଡ଼ିଥିଲା। ସଂପୃକ୍ତ ଅଞ୍ଚଳକୁ ବ୍ୟବସାୟୀମାନେ ପରିଷ୍କାର କରିବା ପରେ ଦୋକାନ ଖୋଲିବାକୁ ଅନୁମତି ମିଳିବ ବୋଲି ସୂଚନା ଦିଆଯାଇଛି।

### କଣ୍ଡରା ପୋଖରୀ ପୁନରୁଦ୍ଧାର ଦାବି: ୧୨ଦିନରେ ଅହୋରାତ୍ର ଧାରଣା

ପୁରୁଣା ଭୁବନେଶ୍ୱର,୨୪।୨(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୫୯ନଂ ୱାର୍ଡରେ ଥିବା କଣ୍ଡରା ପୋଖରୀର ପୁନରୁଦ୍ଧାର ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦିଆଯାଇଥିବା ଅହୋରାତ୍ର ଧାରଣା ଶୁକ୍ରବାର ୧୨ଦିନରେ ପହଞ୍ଚିଛି। ଅପରାହ୍ନରେ ବିଏମ୍‌ସି ଆୟୁକ୍ତଙ୍କ ନିର୍ଦ୍ଦେଶରେ ଉପଆୟୁକ୍ତ ପ୍ରିୟବ୍ରତ ପାଢୀଙ୍କ ସମେତ ବରିଷ୍ଠ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ୧୫ଦିନ ସମୟ ମାଗିବା ସହ ଧାରଣାରୁ ଓହରି ଯିବାପାଇଁ ଅନୁରୋଧ କରିଥିଲେ। ପୁରରୁଦ୍ଧାର କାର୍ଯ୍ୟ ଆରମ୍ଭ ନିର୍ଦ୍ଦେଶ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି।

### କାର୍ ଧକ୍କାରେ ଜଣେ ମୃତ

ଜଟଣୀ,୨୪।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଧୀନ ମୋଟରୀ ଗ୍ରାମର ପ୍ରଭାସ ବେହେରା। ସୂଚନା ମୁତାବକ, ସକାଳେ ପ୍ରଭାସ କୌଣସି କାର୍ଯ୍ୟରେ ବାଇକ୍‌ରେ ଭୁବନେଶ୍ୱର ଯାଉଥିଲେ। ଭୁବନେଶ୍ୱର-ତଲଖେତା ପଟୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ତାଙ୍କୁ ଜଟଣୀ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧକ୍କା ଦେଇ ପଳାଇଥିଲା। ଫଳରେ ସେ ଛିଟିକି ରାସ୍ତାରେ ପଡ଼ିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ବଡ଼ଭାଇ ସୁବାସ ବେହେରାଙ୍କ ଅଭିଯୋଗକ୍ରମେ ଜଟଣୀ ଥାନା ପୋଲିସ ଏକ ମାମଲା (ନଂ.୭୦/୨୩) ରୁଜୁ କରି ତଦନ୍ତ ଚଳାଇଛି।

# ସିଏମ୍‌ସି କାର୍ଯ୍ୟାଳୟରେ ଧୂଳି, ବାଲି ଗଦାକରି ପ୍ରତିବାଦ






ରାସ୍ତାରେ ଜମି ରହିଥିବା ଧୂଳିବାଲିକୁ ସୁଭାଷ ସଙ୍ଗଠନର କର୍ମକର୍ତ୍ତାମାନେ ସଫା କରି ସିଏମ୍‌ସି କାର୍ଯ୍ୟାଳୟ ଅଭିମୁଖେ ବାହାରିଛନ୍ତି। ବାଲି ଢାଳିବାବେଳେ ପୋଲିସ ଅଟକାଉଛି।

## ପ୍ରଦୂଷଣ ବିରୋଧରେ ସୁଭାଷ ସଙ୍ଗଠନ ନାରା

କଟକ ଅଫିସ,୨୪।୨

ଧୂଳିମୟ ହେଲା କଟକ ମହାନଗର ନିଗମ(ସିଏମ୍‌ସି)। କଟକ ସହରର ରିଂରୋଡ ପାର୍ଶ୍ୱରେ ଜମି ରହିଥିବା ଧୂଳିବାଲିକୁ କରେଇରେ ଭର୍ତ୍ତି କରି ମୁଣ୍ଡରେ ବୋହି ଶୁକ୍ରବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୁଭାଷ ସଙ୍ଗଠନର କର୍ମକର୍ତ୍ତାମାନେ ଢାଳିଥିଲେ। ସିଏମ୍‌ସିର ଅପାରଗତା ବିରୋଧରେ କରାଯାଇଥିବା ଏଭଳି ଆନ୍ଦୋଳନ କଟକରେ ଚର୍ଚ୍ଚାର ବିଷୟ ପାଲଟିଛି। ସଙ୍ଗଠନର କର୍ମକର୍ତ୍ତାମାନେ ମଙ୍ଗଳାବାଗଠାରୁ ରିଂବନ୍ଧରେ ଦୀର୍ଘଦିନ ଧରି ଜମି ରହିଥିବା ଧୂଳି, ବାଲିକୁ କୋଡ଼ି ଓ କୋଦାଳରେ କାଢି କରେଇରେ ରଖିଥିଲେ। ପରେ ତାହାକୁ ନେଇ ସିଏମ୍‌ସି ମୁଖ୍ୟ ଫାଟକ ଓ କାର୍ଯ୍ୟାଳୟ ପରିସରରେ ପକାଇଥିଲେ। ଫଳରେ ଉକ୍ତ ସ୍ଥାନ କିଛି ସମୟ ପାଇଁ ଧୂଳିମୟ ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଅଟକାଇବା ସହ ବୁଝାଶୁଝା କରି ସିଏମ୍‌ସି କାର୍ଯ୍ୟାଳୟ ପରିସରରୁ ବାହାରକୁ ଆଣିଥିଲେ। ଆନ୍ଦୋଳନକାରୀଙ୍କ କହିବାନୁଯାୟୀ, ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପାଇଁ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। କିନ୍ତୁ ରିଂ ବନ୍ଧ ଦେଇ ଆସୁଥିବା ଅଧିକାଂଶ ଟ୍ରକ୍‌ରୁ ବାଲି ଖସି ରାସ୍ତାରେ ଜମୁଛି। ହେଲେ ଏହାକୁ ସଫା କରାଯାଉ ନାହିଁ। କିଛିଦିନ ତଳେ କ୍ୟାନ୍‌ସର ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ସ୍ତ୍ରୀ କିଛି କାମ ପାଇଁ ରାସ୍ତା ପାର ହେଉଥିବାବେଳେ ବାଲି ଯୋଗୁ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ଘଟିଥିଲା। ସିଏମ୍‌ସି ହିଁ ଏହି ବାଲିମୟ ରାସ୍ତା ପାଇଁ ଦାୟୀ। ଯଦି ରାସ୍ତାରୁ ବାଲି କଢା ନ ଯିବ, ତେବେ ଆଗାମୀ ଦିନରେ ଦୁର୍ଘଟଣା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଧୂଳି ଓ ବାଲି ଯୋଗୁ ସହରର ଅଧିକାଂଶ ଲୋକ କାଶ ଓ ଛିଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିବା ସଙ୍ଗଠନର ସଭାପତି ଆଶୁତୋଷ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସାଧାରଣ ସମ୍ପାଦକ ସୁରେଶ ମହାନ୍ତି, ଗୁରୁପ୍ରସାଦ ସାହୁ, ବାପୁଜୀ କର, ଜଗମୋହନ ଜେନା, ଲୋକନାଥ ସାହୁ, ରାକେଶ ବସ୍ତିଆ, ମନୋଜ ବେହେରା, ବିରଞ୍ଚି ସାମଲ, ଅଭିଶେକ ନନ୍ଦ, ସରୋଜ ମହାକୁଳ, ସତ୍ୟରଞ୍ଜନ ପଣ୍ଡା ସାମିଲ ହୋଇଥିଲେ।

## ପରିମଳ ପାଇଁ ତାଲିମ ନେଲେ ବସ୍ତିବାସିନ୍ଦା

### ସ୍ୱଚ୍ଛତାକୁ ନେଇ ହେବ ଜୋନ୍‌ସ୍ତରୀୟ ପ୍ରତିଯୋଗିତା

ଭୁବନେଶ୍ୱର, ୨୪।୨ (ବ୍ୟୁରୋ)

ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବାକୁ ବିଏମ୍‌ସି ଅଣ୍ଟା ଭିଡିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଦକ୍ଷିଣ ପୂର୍ବ ଜୋନ୍ ଅନ୍ତର୍ଗତ ଲକ୍ଷ୍ମୀସାଗର ଉପର ସାହି, ତଳ ସାହି, ମଝି ସାହି, ମହିଳା ସମିତି ବସ୍ତି, ପାନ ବରଜ ବସ୍ତିରେ ରହୁଥିବା ପ୍ରାୟ ୩୦ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ୱାର୍ଡ ନଂ. ୪୩ର କମ୍ୟୁନିଟି ସେଣ୍ଟରରେ ବିଏମ୍‌ସି, ପରିମଳ ସବ୍ କମିଟି ଓ ସ୍ଲମ୍ ଡେଭଲପ୍‌ମେଣ୍ଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା। ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଏହାକୁ ଉଦ୍‌ଘାଟନ କରି ସହରକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେଇଥିଲେ। ମହାତ୍ମା ଗାନ୍ଧୀ ସ୍ୱାଧୀନତା ଅପେକ୍ଷା ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦେଉଥିଲେ। ତେଣୁ ଆମ ସହରକୁ ସ୍ୱଚ୍ଛ ରଖିବା ଆମ କର୍ତ୍ତବ୍ୟ। ସହରର ପ୍ରତ୍ୟେକ ନାଗରିକ ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ପ୍ରଶାସନ ସହିତ ମିଶି ସହରକୁ ସ୍ୱଚ୍ଛ ରଖିବା ଦିଗରେ କାମ କଲେ ଭୁବନେଶ୍ୱର ସମଗ୍ର ବିଶ୍ୱରେ ସ୍ୱଚ୍ଛତା କ୍ଷେତ୍ରରେ ପ୍ରଶଂସିତ ହେବ ବୋଲି ସେ କହିଥିଲେ। ତେଣୁ ଖୁବ୍‌ଶୀଘ୍ର ଜୋନ୍ ସ୍ତରରେ ସ୍ୱଚ୍ଛତାକୁ ନେଇ ପ୍ରତିଯୋଗିତା ହେବ। ଯେଉଁ ଜୋନ୍ ଅଧିକ ସ୍ୱଚ୍ଛ ରହିବ ତାକୁ ପୁରସ୍କୃତ କରାଯିବ ବୋଲି ଅତିରିକ୍ତ କମିଶନର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସିଟି ବିପର୍ଯ୍ୟୟ ସଂଯୋଜକ ଅଜୟ କୁମାର ମହାନ୍ତି, କର୍ପୋରେଟର ଭରତ କୁମାର ଲେଙ୍କା, ସମୀର ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଏ ପକ୍ଷରୁ ଶୁକ୍ରବାର ୪୩ ନମ୍ବର ୱାର୍ଡରେ ଉଚ୍ଛେଦ ବେଳେ ଲୋକେ ଫାଷ୍ଟଫୁଡ୍ ଷ୍ଟଲକୁ ଅନ୍ୟତ୍ର ସ୍ଥାନାନ୍ତର କରୁଛନ୍ତି।

## ୩ ସ୍ଥାନରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ୩ଟି ସ୍ଥାନରେ ପୃଥକ ଭାବେ ଜବରଦଖଲ ଉଚ୍ଛେଦ କରାଯାଇଛି। ଆଖଣ୍ଡଳମଣୀ ବସ୍ତିରେ ବିନା ପୋଲିସ ସହାୟତାରେ ଉଚ୍ଛେଦ କରାଯାଇଛି। ସେହିପରି ରାସ୍ତାର ସମ୍ପ୍ରସାରଣ ଓ ବ୍ରିଜ ନିର୍ମାଣ ପାଇଁ ପଳାଶୁଣୀ ନାଳ, ଦୟା କେନାଲ ଛକଠାରୁ ଭୋଟପଡ଼ା ରାସ୍ତା ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିଲା। ଏଥିରେ ୧୧ଟି ପରିବାରର ୨୫ଟି ଆଜବେଷ୍ଟସ ଘର ଭଙ୍ଗାଯାଇଛି। ବିଡିଏର ଏନଫୋର୍ସମେଣ୍ଟ ସ୍କ୍ୱାଡ ୧ ଓ ୩ ଏବଂ ବିଏମ୍‌ସି ଉତ୍ତର ଜୋନ ସ୍କ୍ୱାଡ ସାମିଲ ହୋଇଥିଲେ। ସେହିପରି ଡୁମଡୁମା ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନମ୍ବର ୧୧୩ରେ ହୋଇଥିବା ବେଆଇନ ନିର୍ମାଣକୁ ସ୍କ୍ୱାଡ୍ ୫ ଓ ୧୦ ପକ୍ଷରୁ ଭଙ୍ଗାଯାଇଛି। ଏଥିରେ ୮୦ଫୁଟ ଲମ୍ବର ପାଚେରି, ୨ଟି ଘରୋଇ ସ୍କୁଲର ଲୁହା କବାଟ, ୧୨ଶହ ବର୍ଗଫୁଟ ପରିମିତ ଅଞ୍ଚଳରେ ଥିବା ମଣ୍ଡପ, ୯୦୦ ବର୍ଗଫୁଟର ନିର୍ମାଣଧୀନ ଘରକୁ ଉଚ୍ଛେଦ କରାଯାଇଛି। ଅନ୍ୟପଟେ ୪୩ ନମ୍ବର ୱାର୍ଡରେ ସ୍କ୍ୱାଡ ନଂ-୯ ପକ୍ଷରୁ ଉଚ୍ଛେଦ ହୋଇଥିଲା। ଏଥିରେ ୪ଟି ଚାଳ ଘର, ୪ଟି ଫାଷ୍ଟଫୁଡ ଷ୍ଟଲ, ୨ଟି ବିଜ୍ଞାପନ ହୋର୍ଡିଂ ଏବଂ ଗୋଟିଏ ଅସ୍ଥାୟୀ ଦୋକାନକୁ ଭଙ୍ଗାଯାଇଥିଲା।

## ବଟକୃଷ୍ଣ ସ୍ୱାଇଁଙ୍କ ଉପରୁ ଏନ୍‌ଏସ୍‌ଏ ପ୍ରତ୍ୟାହାର ନିର୍ଦ୍ଦେଶ

### ସିପସରୁବାଲି ଜମି ଅଧିକାର ଆନ୍ଦୋଳନ ମାମଲା

ପୁରୀ ଅଫିସ, ୨୪।୨:

ଗତବର୍ଷ ମେ ୨ରୁ ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ) ବଳରେ ପୁରୀ ଜେଲରେ ଅଟକ ଥିବା ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର ଆବାହକ ତଥା ସିପସରୁବାଲି ଜମି ଆନ୍ଦୋଳନର ନେତା ବଟକୃଷ୍ଣ ସ୍ୱାଇଁଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ହାଇକୋର୍ଟ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର ସଭାପତି ଲକ୍ଷ୍ମୀଧର ପ୍ରଧାନ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଏନ୍‌ଏସ୍‌ଏ ବଳରେ ତାଙ୍କର ବେଆଇନ ଅଟକକୁ ଚ୍ୟାଲେଞ୍ଜ କରି ସ୍ୱାଇଁଙ୍କ ଦ୍ୱାରା ହାଇକୋର୍ଟରେ ଦାଏର ହୋଇଥିବା କ୍ରିମିନାଲ ରିଟ୍ ପିଟିଶନ (ନଂ. ୮୩/୨୦୨୨)ର ବିଚାର କରି ବିଚାରପତି ଶୁଭାଶିଷ ତାଲପତ୍ର ଏବଂ ବିଚାରପତି ସାବିତ୍ରୀ ରଥ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସମିତି ସଭାପତି ପ୍ରଧାନଙ୍କ ସୂଚନା ଅନୁଯାୟୀ, ସିପସରୁବାଲି ଜମିକୁ ସ୍ଥାନୀୟ ଭୂମିହୀନ ଓ ଦଳିତ ପରିବାରଙ୍କୁ ବାଣ୍ଟିବା ନିମନ୍ତେ ସ୍ୱାଇଁଙ୍କ ନେତୃତ୍ୱରେ ସମିତି ଦୀର୍ଘବର୍ଷ ଧରି ଦାବି କରିଆସୁଛି। ମାତ୍ର ସରକାର ଏହି ମୌଜାରେ ଥିବା ସିଲିଂ, ଗୋଚର ଏବଂ ସର୍ବସାଧାରଣ ଅନାବାଦୀ ଜମିକୁ ବିଭିନ୍ନ ପ୍ରକଳ୍ପ ନାମରେ ଅଧିଗ୍ରହଣ କରିଛନ୍ତି। ଏହା ବିରୋଧରେ ସ୍ୱାଇଁଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଜନ ଆନ୍ଦୋଳନ କରିବାରୁ ପ୍ରଶାସନ ତାଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିଥିଲେ।

## ସ୍ୱଚ୍ଛତା କ୍ଷେତ୍ରରେ ବିଏମ୍‌ସିକୁ ପୁଣି ପ୍ରଶଂସା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ସ୍ୱଚ୍ଛତା କ୍ଷେତ୍ରରେ ସମଗ୍ର ଦେଶରେ ଭୁବନେଶ୍ୱର ଏକ ଉଦାହରଣ ପାଲଟିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ସହରରେ ନିୟମିତ ସଫେଇ ହେଉଥିବାବେଳେ ଏହା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ରେ ନିଜର ଶୀର୍ଷ ପ୍ରଦର୍ଶନ ଦର୍ଶାଉଛି। ବିଏମ୍‌ସି ଦ୍ୱାରା ରାସ୍ତାରେ ନିୟମିତ ସଫେଇ କରାଯାଉଛି। ଯାହାକି ଦେଶର ଅନ୍ୟ ପ୍ରମୁଖ ସହରଗୁଡ଼ିକ ଲାଗି ଉଦାହରଣ ବୋଲି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ (ଅର୍ବାନ) ପକ୍ଷରୁ ପ୍ରକାଶ ପାଇଛି। ଏହି କ୍ରମରେ ସ୍ୱଚ୍ଛ ଭାରତ ମିଶନ (ଅର୍ବାନ) ପକ୍ଷରୁ ଟୁଇଟ୍ କରି ବିଏମ୍‌ସିକୁ ପ୍ରଶଂସା କରାଯାଇଛି। ଜାନୁୟାରୀରେ ସ୍ୱଚ୍ଛ ସର୍ବେକ୍ଷଣର ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ଗସ୍ତରେ ଆସିଥିଲେ। ତେବେ ସର୍ବେକ୍ଷଣ ଟିମ୍ ଦିଲ୍ଲୀ ଫେରିବା ପରେ ବିଏମ୍‌ସିକୁ ପ୍ରଶଂସାର ସୁଅ ଛୁଟୁଛି। ହକି ବିଶ୍ୱକପର ଆୟୋଜନ ସମୟରେ ବିଏମ୍‌ସି ଦ୍ୱାରା କଳିଙ୍ଗ ଷ୍ଟାଡିୟମ ଓ ଖେଳାଳିଙ୍କ ରହିବା ସ୍ଥାନରେ ନିଆଯାଇଥିବା ପରିମଳ ବ୍ୟବସ୍ଥା ସହ ସହର ପରିମଳ ପ୍ରତି ଦିଆଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ଲାଗି ବିଏମ୍‌ସି ପ୍ରଶଂସିତ ହୋଇଥିଲା। ପରେ ନିର୍ମାଣାଧୀନ ବର୍ଜ୍ୟ ଉଠାଇବା ଓ ତା'ର ପ୍ରକ୍ରିୟାକରଣ ଲାଗି ସ୍ଥାନ ଚିହ୍ନଟ ପାଇଁ, ଜଟାୟୁ ମେଶିନ ସହାୟତାରେ କଣ୍ଟାକ୍ଟଲେସ୍ ଗାର୍ବେଜ ଲିଫ୍ଟିଂ ଲାଗି ମଧ୍ୟ ବିଏମ୍‌ସିକୁ ସ୍ୱଚ୍ଛ ସର୍ବେକ୍ଷଣ ସଂସ୍ଥା ପ୍ରଶଂସା କରିଛି। କେବଳ ଫେବୃୟାରୀରେ ବିଏମ୍‌ସି ୩ଥର ପ୍ରଶଂସା ସାଉଁଟି ସାରିଲାଣି। ତେଣୁ ଚଳିତ ବର୍ଷ ସ୍ୱଚ୍ଛତା ସର୍ବେକ୍ଷଣରେ ବିଏମ୍‌ସି ଭଲ ପ୍ରଦର୍ଶନ କରିବ ବୋଲି ଅଧିକାରୀଙ୍କ ମହଲରେ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇ ଗଲାଣି। ବିଏମ୍‌ସି ପରିମଳ ବିଭାଗ ଉପଆୟୁକ୍ତ ଶୁଭେନ୍ଦୁ ସାହୁ କହିଛନ୍ତି, ସହରକୁ ସ୍ୱଚ୍ଛ ରଖିବା ଲାଗି ବିଏମ୍‌ସି ତା'ର ଆଭିମୁଖ୍ୟ ସ୍ପଷ୍ଟ ରଖିଛି। ସହର ପରିମଳ ବ୍ୟବସ୍ଥା ସୁଧାରିବାକୁ ବିଏମ୍‌ସି ବିଭିନ୍ନ ପଦକ୍ଷେପ ନେଉଛି। ଘରକୁ ଘର ବୁଲି ଅଳିଆ ସଂଗ୍ରହ କରିବା ସହ ପ୍ରତ୍ୟେକ ୱାର୍ଡ ଅଳିଆ ଉକ୍ତ ୱାର୍ଡରେ ପ୍ରକ୍ରିୟାକରଣ କରିବାକୁ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍‌ର ନିର୍ମାଣ କରାଯାଉଛି। ଏବେସୁଦ୍ଧା ଭୁବନେଶ୍ୱରରେ ୩୪ଏମ୍‌ସିସି ଓ ୧୭ଟି ଏମ୍‌ଆର୍‌ଏଫ୍ କାର୍ଯ୍ୟକ୍ଷମ ରହିଛି। ଲୋକଙ୍କୁ ପୃଥକ କରି ଅଳିଆ ଦେବାକୁ ସଚେତନ କରାଯାଉଛି। ଘରକୁ ଘର ବୁଲି ସ୍ୱଚ୍ଛସାଥୀ ଓ ୱେଷ୍ଟ ପିକର୍ସ ପୃଥକ ଅଳିଆ କିପରି ଦେବେ, ଘରେ ନିହାତି ୨ଟି ଡଷ୍ଟବିନ ରଖିବା ପାଇଁ ସଚେତନ କରାଯାଉଛି। ଆଉ କିଛି ଦିନ ଲୋକଙ୍କୁ ଏପରି ସଚେତନ କରାଯିବା ପରେ ବିଏମ୍‌ସି ତା'ର ସ୍ୱଚ୍ଛତା ଆଭିମୁଖ୍ୟକୁ ବ୍ୟାପକ କରିବା ସହ ନିଜର କଠୋର ଆଭିମୁଖ୍ୟ ଦେଖାଇବ ବୋଲି ସାହୁ କହିଛନ୍ତି।

## ସଫେଇ ସଂସ୍ଥା ବିରୋଧରେ ମେୟରଙ୍କୁ ଫେରାଦ

ଭୁବନେଶ୍ୱର, ୨୪।୨ (ବ୍ୟୁରୋ)

### କର୍ପୋରେଟରଙ୍କୁ ନେଇ ବସିଲା ବୈଠକ

### ଗ୍ରୀନ୍‌ସର୍କଲକୁ ସୁଯୋଗ, ଆୱାରଲ୍ୟାଣ୍ଡକୁ ତାଗିଦ୍

ସହରରେ ନିରନ୍ତର ସଫେଇକୁ ନେଇ ବିଏମ୍‌ସି ଜାତୀୟ ସ୍ତରରେ ପ୍ରଶଂସିତ ହେଉଥିବାବେଳେ ପୁଣି ଥରେ ସଫେଇ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଖୋଦ୍ କର୍ପୋରେଟରମାନେ ସଫେଇ ସଂସ୍ଥା ବିରୋଧରେ ସ୍ୱର ଉଠାଇବା ସହ ମେୟରଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏନେଇ ଶୁକ୍ରବାର ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ସଫେଇ ସଂସ୍ଥା ଗ୍ରୀନ୍ ସର୍କଲ ଏବଂ ଆୱାରଲ୍ୟାଣ୍ଡ କାର୍ଯ୍ୟ କରୁଥିବା ୱାର୍ଡର କର୍ପୋରେଟର ଓ ଦୁଇ ସଂସ୍ଥାର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଦୁଇ ସଫେଇ ସଂସ୍ଥାର କାର୍ଯ୍ୟ ଦକ୍ଷତାକୁ ନେଇ ବହୁ ପୂର୍ବରୁ ଅସନ୍ତୋଷ ଲାଗି ରହିଛି। ତେବେ ଗ୍ରୀନ୍‌ସର୍କଲ କାମଚଳା ଭାବେ ସଫେଇ କରୁଥିବାବେଳେ ଆୱାରଲ୍ୟାଣ୍ଡର କାର୍ଯ୍ୟଶୈଳୀରେ ଅତ୍ୟଧିକ ଅସନ୍ତୋଷ ଦେଖା ଦେଇଥିଲା। କର୍ପୋରେଟଙ୍କଠାରୁ ଅଭିଯୋଗ ଶୁଣିବା ପରେ ମେୟର ସଂସ୍ଥାର ଅଧିକାରୀଙ୍କୁ ତାଗିଦ୍ କରିବା ସହ ଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରୀନ୍‌ସର୍କଲକୁ ଟେଣ୍ଡର ସରିବା ପର୍ଯ୍ୟନ୍ତ କାମ କରିବାକୁ ସୁଯୋଗ ଦିଆଯାଇଥିବାବେଳେ ଆୱାରଲ୍ୟାଣ୍ଡକୁ ୧ମାସ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ଯଦି ସମ୍ପୃକ୍ତ ସଫେଇ ସଂସ୍ଥା ତାହାର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନ ଆଣେ ବା ଠିକ୍ ଭାବେ ସଫେଇ ନ କରେ, ତେବେ ତାହାର ଟେଣ୍ଡର ବାତିଲ କରାଯିବ ବୋଲି ମେୟର ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି।

ପୂର୍ବରୁ ସଫେଇ ଟେଣ୍ଡର ନେଉଥିବା ସଂସ୍ଥା ଅଳିଆ ଉଠାଇବା ସହ ଡମ୍ପିଂୟାର୍ଡରେ ନେଇ ଅଳିଆ ପକାଇବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ତୁଲାଉଥିଲେ। ମାତ୍ର ଏଥର ଟେଣ୍ଡରରେ ଏହି ସମସ୍ତ କାର୍ଯ୍ୟକୁ ଭାଗ ଭାଗ କରାଯାଇ ବିଭିନ୍ନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସେହିପରି ସମ୍ପୃକ୍ତ ଦୁଇ ସଂସ୍ଥା ପାଖରେ ଆବଶ୍ୟକୀୟ ମେସିନ୍ ଏବଂ ଅନ୍ୟାନ୍ୟ ଜିନିଷପତ୍ର ଅଭାବରୁ ଅଧିକାଂଶ ୱାର୍ଡରୁ ଅଳିଆ ଉଠିପାରୁ ନାହିଁ। ଏନେଇ ପୂର୍ବରୁ ମଧ୍ୟ ବହୁ ଅଭିଯୋଗ ହୋଇଥିଲା। ମାତ୍ର ବିଏମ୍‌ସି ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଅନୁକମ୍ପା ଦେଖାଇ ଚାଲିଥିଲା। ତେବେ ସ୍ଥିତି ଅସମ୍ଭାଳ ହେବାରୁ ମେୟର ନିଜେ ସମ୍ପୃକ୍ତ ଦୁଇ ସଂସ୍ଥାକୁ ତାଗିଦ୍ କରିଥିବା କୁହାଯାଉଛି।

## ଶୂନ୍ୟ ନିର୍ଗମନକୁ ଆଇଓସିଏଲ୍‌ର ଗୁରୁତ୍ୱ

ଭୁବନେଶ୍ୱର,୨୪।୨ (ବ୍ୟୁରୋ)




ଖବରଦାତା ସମ୍ମିଳନୀରେ ଆଇଓସିଏଲ୍ ଓଡ଼ିଶାର ସିଜିଏମ୍ ଏନ୍.ଏମ୍.ନିମଜେ ଓ ଅନ୍ୟମାନେ।

ବର୍ତ୍ତମାନ ସମୟରେ ପରିବେଶକୁ ନେଇ ସବୁ କ୍ଷେତ୍ରରେ ସଚେତନତା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାର ସବୁଜ ଶକ୍ତିକୁ ପ୍ରାଧାନ୍ୟ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ) ମଧ୍ୟ ୨୦୪୬ ସୁଦ୍ଧା ନେଟ୍ ଜିରୋ ବା ଶୂନ୍ୟ ନିର୍ଗମନ ଲକ୍ଷ୍ୟ ପୂରଣ ପାଇଁ ସମୟସୀମା ଧାର୍ଯ୍ୟ କରିଛି। ବିଶେଷକରି ଦେଶ ସ୍ୱାଧୀନତାର ୧୦୦ ବର୍ଷ ବେଳକୁ ଆଇଓସିଏଲ୍ ନେଟ୍ ଜିରୋ ଲକ୍ଷ୍ୟ ପୂରଣ କରିବ ବୋଲି ଆଇସିଏଲର ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଆଇଓସିଏଲ୍ ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟର ସିଜିଏମ୍ ଏନ୍.ଏମ୍.ନିମଜେ, ଜିଏମ୍ (ସିସି ପ୍ଲାନିଂ ଆଣ୍ଡ କୋଅର୍ଡିନେଶନ) ଓଡିଏସ୍‌ଓ ସୁସ୍ମିତା ତ୍ରିପାଠୀ ଓ ଜିଏମ୍ (ସିସି) ଇଆର୍ କିର୍ଷ୍ଣେନ୍ଦୁ ଚୌଧୁରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏନ୍. ଏମ୍. ନିମଜେ କହିଲେ, ଇଣ୍ଡିଆନ ଅଏଲ ୨୦୨୩ କୁ 'ସବୁଜ ସଂକଳ୍ପ ସୁଦୃଢୀକରଣ' ବର୍ଷ ଭାବେ ଘୋଷଣା କରିଛି। ଓଡ଼ିଶାରେ ଆଇଓସିଏଲ୍ ପ୍ରାୟ ୧୦,୦୦୦(୯୯୨୬.୦୦) କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ କରୁଛି। କିଛି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଆଗାମୀ ଆର୍ଥିକ ବର୍ଷରେ କାର୍ଯ୍ୟକ୍ଷମ ହେବ। ତେବେ ଶକ୍ତି ସଞ୍ଚୟ, ବିଦ୍ୟୁତ୍‌କରଣ ଏବଂ ଇନ୍ଧନ ପ୍ରତିସ୍ଥାପନ ପ୍ରୟାସସମୂହ ଜରିଆରେ ଦୁଇ-ତୃତୀୟାଂଶ ନିର୍ଗମନ ହ୍ରାସ ଲକ୍ଷ୍ୟ ହାସଲ କରିବା ଓ ଏଥିସହିତ ସିସିୟୁଏସ, ପ୍ରକୃତି ଭଳି ସମାଧାନ ଏବଂ କାର୍ବନ କ୍ରେଡିଟ୍ କ୍ରୟ ଭଳି ବିକଳ୍ପ ଜରିଆରେ ମୋଟ ନିର୍ଗମନର ପ୍ରାୟ ଏକ ତୃତୀୟାଂଶକୁ ରୋକାଯାଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଅପରପକ୍ଷରେ ସବୁଜ ଶକ୍ତି ଯୋଗାଣ ନିମନ୍ତେ ଇଣ୍ଡିଆନ ଅଏଲ ପ୍ରତିବଦ୍ଧତା ଥିବା ସେ କହିଥିଲେ। ଏଥିପାଇଁ ରାଜ୍ୟରେ ୧୫୨ଟି ବିଦ୍ୟୁତ୍‌ଚାଳିତ ଯାନ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯାଇଛି। ଆଗକୁ ଆଉ ୧୦୦ଟି ଇଭି ଚାର୍ଜିଂ ଷ୍ଟେଶନ ଉପଲବ୍ଧ କରାଯିବ। ସେହିପରି ୧୯ଟି ରିଟେଲ ବିକ୍ରୟ କେନ୍ଦ୍ରରେ ସିଏନ୍‌ଜି ସୁବିଧା ରହିଥିବାବେଳେ ୨୦୨୩-୨୪ରେ ଏହି ସଂଖ୍ୟା ୨୭ରେ ପହଞ୍ଚିବ। ବର୍ତ୍ତମାନ ଆମେ ଜୈବ ଇନ୍ଧନର ମିଶ୍ରଣ (ବାୟୋଫୁଏଲ ବ୍ଲେଣ୍ଡିଂ), ସବୁଜ ଉଦଯାନ (ଗ୍ରୀନ୍ ହାଇଡ୍ରୋଜେନ)କୁ ପ୍ରୋତ୍ସାହିତ କରି ଆମଦାନୀ କରାଯାଉଥିବା ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରୁଛୁ। ବିଦ୍ୟୁତଚାଳିତ ଯାନବାହନ ପାଇଁ ବ୍ୟାଟେରୀ ପ୍ରଚଳନ ଦିଗରେ କାର୍ଯ୍ୟ କରୁଛୁ। କମ୍ପାନୀ ଦ୍ୱାରା ବିକଶିତ କରାଯାଇଥିବା ଏକ୍ସପି୯୫,ଏକ୍ସପି୧୦୦, ଏକ୍ସଟିଆର୍ ଏଗ୍ରୀନ ଏବଂ ଅନ୍ୟାନ୍ୟ ପରିବେଶ ଉପଯୋଗୀ ଲୁବ୍ରିକାଣ୍ଟ ଭଳି ସବୁଜ ଉତ୍ପାଦ ଉପରେ ମଧ୍ୟ କମ୍ପାନୀ ଗୁରୁତ୍ୱ ଦେଉଥିବା ସେ ମତବ୍ୟକ୍ତ କରିଛନ୍ତି।

## ଯୁବତୀଙ୍କୁ ଅଶ୍ଲୀଳ ଇଙ୍ଗିତ କରି ଯୁବକ ଗିରଫ

ସାଲେପୁର,(ଡି.ଏନ୍.ଏ.): ଯୁବତୀଙ୍କୁ ଅଶ୍ଲୀଳ ଇଙ୍ଗିତ କରିବା ଅଭିଯୋଗରେ ସାଲେପୁର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ଶରତ କୁମାର ରାଉତରାୟ। ଅଭିଯୋଗ ଅନୁଯାୟୀ, ଗତ ବୁଧବାର ଉକ୍ତ ଅଞ୍ଚଳର ଜଣେ ଯୁବତୀ ସ୍କୁଟି ଯୋଗେ ଜପକୁଦ ହାଟରୁ ଫେରୁଥିବାବେଳେ ଶରତ ତାଙ୍କୁ ଅଟକାଇ ଅଶ୍ଲୀଳ ଇଙ୍ଗିତ କରିବା ସହ ତାଙ୍କ ଘରେ ପଶି ଟଣା ଓଟରା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୫୮/୨୩) ରୁଜୁ କରିଛି।



## ସଂକ୍ଷେପରେ

### ଜାଇକା କାର୍ଯ୍ୟ ଅନୁଧ୍ୟାନ କଲେ ସିଏମ୍‌ସି କମିଶନର

କଟକ ଅଫିସ,୨୪।୨: କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ନିଖିଲ ପଵନ କଲ୍ୟାଣ ପଞ୍ଚାପୋଲ ଓ ବାରପଥର ନିକଟରେ ଜାଇକାର ବକ୍ସ ଡ୍ରେନ୍ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସେ ଉପସ୍ଥିତ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ବର୍ଷା ଦିନରେ ଡ୍ରେନ୍ ଯୋଗୁ ଲୋକମାନେ ଯେଉଁଭଳି ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ସହରରେ ଜାଇକା କାର୍ଯ୍ୟକୁ ସଫଳତାର ସହ ଶେଷ କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ହୋଇଥିଲାବେଳେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରାଯାଇଛି। ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବା ପାଇଁ କମିଶନର ଏକାଧିକ ଥର ଯନ୍ତ୍ରୀମାନଙ୍କୁ ନେଇ ବୈଠକ କରିଛନ୍ତି। ଏଥିସହ ବାରମ୍ବାର କାର୍ଯ୍ୟ ତଦାରଖ କରିଛନ୍ତି।

### କଲେଜରେ ସ୍ୱାଗତ ଉତ୍ସବ

ମଙ୍ଗୁଳି-ଜଗତପୁର,୨୪।୨(ଡି.ଏନ.ଏ.)- ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ ପରିସରରେ ଅର୍ଥନୀତି ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ପ୍ରଫେସର ସସ୍ମିତା ପଟ୍ଟନାୟକଙ୍କ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନଙ୍କୁ କର୍ମତତ୍ପର ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ସୁବାସ ଚନ୍ଦ୍ର ଦ୍ୱିବେଦୀ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଡ. ଦିଲ୍ଲୀପ କୁମାର ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ପୁଷ୍ପ ମଞ୍ଜରୀ ଦାଶ, ସଂଘମିତ୍ରା ସାହୁ, ମୁନ୍‌ମୁନ୍ ଧଳ ଓ ଅଧାପକ ପ୍ରକାଶ କୁମାର ବିଶ୍ୱାଳ ଯୋଗଦେଇ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହୋଇ ମହାବିଦ୍ୟାଳୟର ଗୌରବ ଓ ଗାରିମା ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### କୂଅରୁ ଷଣ୍ଢ, କୁକୁର ଛୁଆ ଉଦ୍ଧାର

ମଙ୍ଗୁଳି-ଜଗତପୁର,୨୪।୨(ଡି.ଏନ.ଏ.)- ଚୌଦ୍ୱାର ପୌରପାଳିକା ଅଧୀନ ୧୨ନଂ. ୱାର୍ଡର ମମତା ପ୍ରଧାନ ନାମ୍ନୀ ମହିଳାଙ୍କ କୂଅରୁ ଏକ ଷଣ୍ଢ ଓ କୁକୁର ଛୁଆ ଉଦ୍ଧାର କରାଯାଇଛି। ଶୁକ୍ରବାର ସକାଳ ସାଢେ ୬ଟାରେ ମମତାଙ୍କ ଘର ସମ୍ମୁଖରେ ଦୁଇଟି ଷଣ୍ଢ ମଧ୍ୟରେ ଲଢେଇ ହୋଇଥିଲା। ସେଥିମଧ୍ୟରୁ ବଡ଼ ଷଣ୍ଢଟି ଛୁଆ ଷଣ୍ଢକୁ ପେଲି ନେଇ ମମତାଙ୍କ ବାରିରେ ଥିବା କୂଅ ଉପରେ କଚାଡି ଦେଇଥିଲା। ଫଳରେ କୂଅ ଉପରେ ସୋଇଥିବା କୁକୁର ଛୁଆ ସମେତ ଛୁଆ ଷଣ୍ଢଟି ପ୍ରାୟ ୪୦ଫୁଟ ତଳକୁ ପାଣିରେ ପଡି ଯାଇଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ୨ ଘଣ୍ଟା କାଳ ପରିଶ୍ରମ କରି ପାଣି ଭିତରୁ ଉଭୟଙ୍କୁ ଉଦ୍ଧାର କରିଥିଲେ। ମହେଶ୍ୱର ପ୍ରଧାନ, ଦୀପକ କୁମାର ସ୍ୱାଇଁ, ନଟବର ସାହୁ, ବିନୋଦ ଷଡଙ୍ଗୀ, ଦିଲ୍ଲୀପ ନାୟକ, କୁନା ସାହୁ, ଦିଲ୍ଲୀପ କୁମାର ଅଞ୍ଚଳ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

# ଡିସେମ୍ବର ସୁଦ୍ଧା କାମ ନ ସାରିଲେ କାର୍ଯ୍ୟାନୁଷ୍ଠାନ

## ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ନେଇ ବୈଠକ


ବୈଠକରେ ସିଡିଏ ଅଧକ୍ଷ ଅନିଲ ସାମଲ, ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣଙ୍କ ସହ ଅନ୍ୟମାନେ।

କଟକ ଅଫିସ,୨୪।୨

କଟକ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ଏମ୍‌ସ ପ୍ଲସ୍‌ରେ ପରିଣତ କରିବା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ହେଲେ ଏହି କାର୍ଯ୍ୟରେ ମନ୍ଥରତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୨୦୨୩ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଏସ୍‌ସିବିର ଫାଉଣ୍ଡେସନ କାମ ଶେଷ ହୋଇଛି। ଏନେଇ ଶୁକ୍ରବାର ସିଡିଏ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏ ଅଧକ୍ଷ ତଥା ପ୍ରକଳ୍ପର କାର୍ଯ୍ୟକାରୀ କମିଟି ଅଧକ୍ଷ ଅନିଲ କୁମାର ସାମଲ ଯୋଗଦେଇ କାର୍ଯ୍ୟ କରୁଥିବା ଦୁଇ ଠିକା ସଂସ୍ଥାକୁ କଡା ତାଗିଦ୍ କରିଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ନ ହେଲେ ଉଭୟ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆର୍ଥିକ ଜରିମାନା କରାଯିବ ହେବ ସଂସ୍ଥାର ମୁଖ୍ୟମାନଙ୍କୁ ଚେତେଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଓବିସିସିର ଜେନେରାଲ ମ୍ୟାନେଜର-୧ ଓ ଜେନେରାଲ ମ୍ୟାନେଜର-୨ଙ୍କୁ କାର୍ଯ୍ୟର ତଦାରଖ କରିବାକୁ ସାମଲ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପରେ ୧୩ଟି କାର୍ଯ୍ୟ(ରେସିଡେନ୍ସିଆଲ) ନାଗାର୍ଜୁନ ନାମକ ସଂସ୍ଥାକୁ ଦିଆଯାଇଥିବାବେଳେ କ୍ଲିନିକାଲ ବ୍ଲକର ୪ଟି ପ୍ରକଳ୍ପକୁ ଏଲ୍‌ଆଣ୍ଡଟି ସଂସ୍ଥାକୁ ଦିଆଯାଇଛି। ଏଲ୍‌ଆଣ୍ଡଟି ସଂସ୍ଥା କାମ ଶେଷ କରିଥିଲାବେଳେ ଉପରପଟ କାମ ମନ୍ଥର ଗତିରେ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଧାର୍ଯ୍ୟ ସମୟ ମଧ୍ୟରେ ଉକ୍ତ କାର୍ଯ୍ୟକୁ ଶେଷ କରିବା ପାଇଁ କୁହାଯାଇଛି।

ସୂଚନାଯୋଗ୍ୟ, ୨୮୦ କୋଟି ଟଙ୍କା ବ୍ୟୟରେ ଏସ୍‌ସିବିର ଏହି କ୍ଲିନିକାଲ ବ୍ଲକ କାର୍ଯ୍ୟ ଚାଲୁ ରହିଛି। ପିଡବ୍ଲ୍ୟୁଡି ଦ୍ୱାରା ବ୍ଲଡ୍‌ବ୍ୟାଙ୍କ ବିଲ୍ଡିଂ କାର୍ଯ୍ୟ ଜାରି ରହିଥିଲାବେଳେ ହସ୍ପିଟାଲରୁ ବ୍ଲଡ୍‌ବ୍ୟାଙ୍କ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ପାଇଁ ଉପରୋକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ଓଏମ୍‌ପି ଡିଏଭି ପବ୍ଲିକ ସ୍କୁଲ କାର୍ଯ୍ୟ ତୁରନ୍ତ ସାରିବାକୁ ନିଷ୍ପତ୍ତି ନିଆଯାଇଛି। ଚାଉଳିଆଗଞ୍ଜସ୍ଥିତ ପଡିଆ ସ୍କୁଲକୁ ହସ୍ତାନ୍ତର କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲାପାଳଙ୍କୁ ସୁପାରିଶ କରାଯାଇଛି। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ, ଓବିସିସିର ମୁଖ୍ୟଯନ୍ତ୍ରୀ ଦୁଃଖବନ୍ଧୁ ବେହେରା, ଅଧୀକ୍ଷଣ ଯନ୍ତ୍ରୀ ପ୍ରକାଶ କୁମାର ବେହେରା, ଜେନେରାଲ ମ୍ୟାନେଜର, ପିଡବ୍ଲ୍ୟୁଡି ବିଭାଗର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଫସଲର ଗୁଣ, ମାନ ବଢ଼ାଇଥାଏ ନାନୋ ୟୁରିଆ

ବାଙ୍କୀ,୨୪।୨ (ସ୍ୱ.ପ୍ର.)

ବାଙ୍କୀ ଆଞ୍ଚଳିକ ସମବାୟ ବାଣିଜ୍ୟ କେନ୍ଦ୍ର ପରିସରରେ ଶୁକ୍ରବାର ଇଫ୍‌କୋ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷକ ସମୃଦ୍ଧି କେନ୍ଦ୍ର ଏବଂ ଥଣ୍ଡାପାନୀୟ ଜଳ କେନ୍ଦ୍ରକୁ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏବଂ ସଭା ସମରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଫ୍‌କୋର ରାଜ୍ୟ ବିପଣନ ପରିଚାଳକ ସୌରଭ କୁମାର ଚାଟାର୍ଜୀ ଯୋଗଦେଇ ତରଳ ନାନୋ ୟୁରିଆ ବ୍ୟବହାର ଉପରେ ଗୁରୁତ୍ୱ ଦେବା ସହ ଦାନାଦାର ୟୁରିଆ ବ୍ୟବହାରକୁ ହ୍ରାସ କରିବା ପାଇଁ କହିଥିଲେ। ୫୦୦ମି.ଲି. ନାନୋ ୟୁରିଆ ବୋତଲ ୪୫କି.ଗ୍ରା ୟୁରିଆ ବସ୍ତା ସହିତ ସମାନ ଏବଂ ନାନୋ ୟୁରିଆ ଫସଲର ଗୁଣ ଓ ମାନ ବଢ଼ାଇଥାଏ ବୋଲି ଚାଷୀମାନଙ୍କୁ କହିଥିଲେ । ଏଥିରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀମାନେ କିପରି ଅଧିକ ଫସଲ ଅମଳ କରିପାରିବେ ତାହା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନ ଅତିଥି ଭାବେ ଅତିରିକ୍ତ କୃଷି ଜିଲା ଅଧିକାରୀ ପର୍ଶୁରାମ ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢୀ, ସହକାରୀ କୃଷି ଅଧିକାରୀ ପି.ରୋଜାଲିନ, ଇଫ୍‌କୋର ସହକାରୀ ପରିଚାଳକ ବରୁଣ କୁମାର ପଣ୍ଡା, ଚାଷୀ ପ୍ରଦୋଷ ନାୟକ ଯୋଗଦେଇ ନାନୋ ୟୁରିଆ, ତରଳ ଡିଏପି ସାର, ସାଗରିକା, ଚାଷୀମାନେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ହେମନ୍ତ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କର୍ମଚାରୀ ଦେବେନ୍ଦ୍ର ପୃଷ୍ଟି ସହଯୋଗ କରିଥିଲେ । ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବହୁ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସଭାପତି ସଞ୍ଜୟ ପୃଷ୍ଟି ପ୍ରଧାନମନ୍ତ୍ରୀ କୃଷକ ସମୃଦ୍ଧି କେନ୍ଦ୍ର ଏବଂ ଥଣ୍ଡା ପାନୀୟ ଜଳ ବାଙ୍କୀର ଚାଷୀମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି ବୋଲି କହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# କ୍ରେତା ବିକ୍ରେତା, ଦକ୍ଷତା ଭିତ୍ତିକ ସମ୍ମିଳନୀ



ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ ।

କଟକ ଅଫିସ,୨୪।୨:

ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ଏବଂ ଓର୍‌ମାସ ପକ୍ଷରୁ କଟକ ଯୋବ୍ରାସ୍ଥିତ ସାମୁଦ୍ରିକ ସଂଗ୍ରହାଳୟ ପରିସରରେ କ୍ରେତାବିକ୍ରେତା ଓ ଦକ୍ଷତାଭିତ୍ତିକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୮ଟି ଜିଲାର ମହିଳାଙ୍କ ନେତୃତ୍ୱରେ କୃଷକ ଉତ୍ପାଦକ ସଂସ୍ଥା ପାଇଁ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି। କୃଷକ ଉତ୍ପାଦକ ସଙ୍ଗଠନରେ ମହିଳାମାନଙ୍କୁ ପରିବର୍ତ୍ତିତ ବଜାର ବିଷୟରେ ଅବଗତ କରାଇବା, ଅଧିକ ବ୍ୟବସାୟ ସୃଷ୍ଟି, ଉତ୍ପାଦନର ବିକାଶ, ନୂତନ ଭାଗୀଦାରିତା ଗଠନ କୌଶଳ ସହ ଉତ୍ପାଦିତ ସାମଗ୍ରୀର ବିବିଧକରଣ ଓ ଉଦ୍ୟୋଗିକରଣ ଆଦି ପ୍ରସଙ୍ଗରେ ମହିଳାଙ୍କ ଦକ୍ଷତା ବିକାଶ ଲାଗି ପ୍ରୟାସ କରାଯାଇଛି। ଏହା ମାଧ୍ୟମରେ ଘରୋଇ ଓ ରାଜ୍ୟ ବାହାରୁ ଆସୁଥିବା ଗ୍ରାମୀଣ ଉପଭୋକ୍ତା ଏବଂ ବିକ୍ରେତାଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ସହଜ ହୋଇପାରିବ। ଏହି ସମାବେଶରେ ରାଜ୍ୟ ଓ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀ, କୃଷି ବିଭାଗ ଅଧିକାରୀ ଓ ଉଦ୍ୟାନ ବିଭାଗ ଅଧିକାରୀମାନେ ଯୋଗଦେଇ ମହିଳା କୃଷକ ଉତ୍ପାଦକ ସଂସ୍ଥାଗୁଡ଼ିକୁ ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। ଓରମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ପୁନମ୍ ଗୁହା ତାପସ କୁମାର ଯୋଗଦେଇ କୃଷିଭିତ୍ତିକ ଉତ୍ପାଦିତ ସାମଗ୍ରୀର ସ୍ୱତନ୍ତ୍ର ବଜାରରେ ଚାହିଦା, ଗୁଣବତ୍ତା, ଦର ଓ ପ୍ୟାକେଜିଂ ପ୍ରଣାଳୀ ବିଷୟରେ ଆଲୋକପାତ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଓର୍‌ମାସ୍‌ର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଫାଇନାଲରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ

ଚୌଦ୍ୱାର,୨୪।୨(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଶଙ୍କରପୁର ଖେଳପଡିଆରେ ଆନ୍ତଃଜିଲା ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନରେ କେନ୍ଦ୍ରାପଡାର ବାଲାବାବା ଟିମ୍ ଓ ଜଗତ୍‌ସିଂପୁରର ହିନ୍ଦୁସ୍ଥାନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ନରେନ୍ଦ୍ର କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ବିଜୟ ହାସଲ କରି ଫାଇନାଲକୁ ଉନ୍ନୀତ ହୋଇଛି। ହିନ୍ଦୁସ୍ଥାନ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ଗୋଟିଏ ଉଇକେଟ ହରାଇ ୩୭୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟରଞ୍ଜନ ସେନାପତି ୧୭୧, ଏସ୍.ଏ. ଖାନ୍ ୧୩୧ ଓ କିଶାନ ରଥ ୬୭ ରନ ସଂଗ୍ରହ କରିଥିଲେ। ଜବାବରେ ବାଲାବାବା ଟିମ୍ ୧୬ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୨୫ ରନ୍ ସଂଗ୍ରହ କରିଥିଲା। ସୁନୀଲ ଚନ୍ଦ୍ର ରାଉତ, ରଞ୍ଜନ ପରିଡ଼ା, କାହ୍ନୁ ଚରଣ ଓଝା, ଅଭିରାମ ଲେଙ୍କା, ରମେଶ ହାତୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ପଶ୍ଚିମାମୁଖୀ ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

ମାହାଙ୍ଗା,୨୪।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ବିରୂପା -ଗେଙ୍ଗୁଟୀ ଦ୍ୱୀପାଞ୍ଚଳ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତର ଗୁଣ୍ଡୁପୁରଠାରେ ପଶ୍ଚିମାମୁଖୀ ମା ମଙ୍ଗଳାଙ୍କ ପୀଠରେ ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ମନ୍ଦିର କଟକ ଜିଲାର ଏକ ଖ୍ୟାତସଂପନ୍ନ ଆଧାତ୍ମିକ ପୀଠଭାବେ ପରିଚିତ। ଏଠାକୁ ବହୁ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ପୂର୍ବରୁ ମାଙ୍କ ପୂଜାର୍ଚ୍ଚନା ଏକ ବଟବୃକ୍ଷତଳେ କରାଯାଉଥିଲା । କିନ୍ତୁ ଦୀର୍ଘ ବର୍ଷ ହେବ ମାଙ୍କ ବିଗ୍ରହକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ପୂଜାର୍ଚ୍ଚନା କରାଯାଉଛି। ମାଙ୍କ ଜନ୍ମୋତ୍ସବ, କଳସ ଶୋଭାଯାତ୍ରା,ଯାଗ ଯଜ୍ଞ, ନାମ ସଂକୀର୍ତ୍ତନ ସାଙ୍ଗକୁ ହରିହାଟରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ବିରୂପା ନଦୀରୁ କଳସରେ ଜଳଧାରଣ କରି ମାନସିକଧାରୀମାନେ ନଗର ପରିକ୍ରମା କରିଥିଲେ । କର୍ତ୍ତା ଅନନ୍ତ ଚରଣ ସାହୁ ଓ କର୍ତ୍ତୀ ଦେବକୀ ସାହୁ ପୂଜା କାର୍ଯ୍ୟରେ ବସିଥିଲେ। କାର୍ଯ୍ୟକ୍ରମରେ କମିଟିର ସଭାପତି ଅଭିରାମ ସାହୁ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ସଂଗ୍ରାମ ନାଥ, ରାମଚନ୍ଦ୍ର ନାଥ, ରାମକୃଷ୍ଣ ସାହୁ,ସଞ୍ଜୟ ପରମାଣିକ, ଅଙ୍କୁର ପରମାଣିକ, ଦୀପକ ପରମାଣିକ, ଶତ୍ରୁଘ୍ନ ପରମାଣିକ, ଗିରିଧାରୀ ପାତ୍ର, ପତିତପାବନ ଦାସ, ଦୁଷ୍ମନ୍ତ ପରମାଣିକ, କୈଳାସ ନାଥ, ପଦ୍ମିନ ପାତ୍ର, ମହେନ୍ଦ୍ର ନାଥ, ରବୀନ୍ଦ୍ର ନାଥ, ନିରଞ୍ଜନ ବେହେରା, ପଞ୍ଚାନନ ଦାସ, କମଳାକାନ୍ତ ସାହୁଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ସାଲେପୁର,୨୪।୨(ଡି.ଏନ୍.ଏ.)




ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ସାଲେପୁର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସାଲେପୁର ବଜାରରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମନ୍ତ୍ରୀ ନବ ଦାସଙ୍କ ହତ୍ୟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ରାଜ୍ୟରେ ବଢ଼ିଚାଲିଛି। ଏହାକୁ ରୋକିବା ପାଇଁ ସରକାର କୌଣସି ସ୍ୱତନ୍ତ୍ର ପଦକ୍ଷେପ ନେଉନାହାନ୍ତି। ଏହି ଅବସରରେ ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ସାଲେପୁର ସାହେଶ୍ୱରୀ ଶିଶୁ ଉଦ୍ୟାନ ନିକଟରୁ ବାହାରି ବଜାର ପରିକ୍ରମା କରି କୁଆଁପାଳ ଛକ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କଟକ ଜିଲା ଭାଜପା ସଭାପତି ତଥା ପୂର୍ବତନ ବିଧାୟକ ପକାଶ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ବିକ୍ଷୋଭରେ ଜିଲା ଯୁବମୋର୍ଚ୍ଚା ସଭାପତି ଦେବଦ କର, ଜିଲା ଯୁବମୋର୍ଚ୍ଚା ଉପସଭାପତି ସତୀଶ ରାଉତ, ସମ୍ପାଦକ ଆକାଶ ପାତ୍ର, ରିଜବାନ୍ ସକିଲ, ଗୀତାଞ୍ଜଳି ଦାସ, ପ୍ରସନ୍ନ ଗିରି, ଭାନୁପ୍ରକାଶ ଦାଶ, ସମ୍ରାଟ କେଶରୀ ଲେଙ୍କା, ଉତ୍କଳ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ୱାର୍ଡ ସଭ୍ୟାସଭ୍ୟଙ୍କ ତାଲିମ ଶିବିର

ବାଙ୍କୀ,୨୪।୨(ସ୍ୱ.ପ୍ର.)

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ନଂ. ୩୭ ଜୋନ ଅଧୀନ ଦୁର୍ଗାପୁର, ରଗ ଗୋପାଳପୁର, ନରଗାଙ୍ଗ, ତୁଳସୀପୁର, ସର, ଶିମିଳିପୁର, ହରିରାଜପୁର, ବିଲିପଡ଼ା ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ନଂ. ୩୭ କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ଆଦିବାସୀ ହରିଜନ କଲ୍ୟାଣ ପରିଷଦର ସମ୍ପାଦକ କେଶବ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଜି.ପି.ଓ ତ୍ରିନାଥ ଜେନା ଯୋଗଦେଇ ପଞ୍ଚାୟତସ୍ତରରେ ନିଜ ୱାର୍ଡରେ କିଭଳି ୱାର୍ଡମେମ୍ବରମାନେ କାର୍ଯ୍ୟନିର୍ବାହ କରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ହରିହର ପ୍ରଧାନ, ମମତା ପାଲ, ଆଲୋକ ରଶ୍ମି ସାମନ୍ତରାୟ ଯୋଗଦେଇ ନିଜ ୱାର୍ଡ ପ୍ରତିଥିବା ଦାୟିତ୍ୱ , କାର୍ଯ୍ୟକାରିତା ଏବଂ କର୍ତ୍ତବ୍ୟଉପରେତାଲିମପ୍ରଦାନକରିଥିଲେ ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ

## ଦରମା ନ ଦେଲେ ଆସନ୍ତା ସପ୍ତାହରୁ କାର୍ଯ୍ୟବନ୍ଦ ଚେତାବନୀ

କଟକ ଅଫିସ,୨୪।୨

କଟକ ମହାନଗର ନିଗମ (ସିଏମ୍‌ସି)ର ଠିକା ସଂସ୍ଥା ପକ୍ଷରୁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଶୋଷଣ କରାଯାଉଛି। ଦରମା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ବେଳେ ଇପିଏଫ୍ ଓ ଇଏସ୍‌ଆଇ ସାତସପନ ପାଲଟିଛି। କର୍ମଚାରୀ ଯୋଗାଇବା ପାଇଁ ଭୁବନେଶ୍ୱରର ଏକ ନୂଆ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ସଂସ୍ଥା ସିଏମ୍‌ସିଠାରୁ ପ୍ରତି ମାସରେ ଅର୍ଥ ନେଉଥିଲେ ବି କର୍ମଚାରୀଙ୍କୁ ଦରମା ଦେଉ ନ ଥିବା ଅଭିଯୋଗ ହୋଇଛି। ସିଏମ୍‌ସିରେ ପ୍ରାୟ ୪ ଶହରୁ ଅଧିକ କର୍ମଚାରୀ ଆଉଟସୋର୍ସିଂରେ ନିୟୋଜିତ ହୋଇଛନ୍ତି। ସଂସ୍ଥାର ଅଧିକାରୀ କିମ୍ବା ସିଏମସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଶୁକ୍ରବାର ବହୁ ଅସ୍ଥାୟୀ ଆଉଟସୋର୍ସିଂ କର୍ମଚାରୀ ଉଭୟ ବିକାଶ ଭବନ ଏବଂ ବିଜୁ ଭବନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଥାଶୀଘ୍ର ଦରମା ନ ହେଲେ ଆସନ୍ତା ସପ୍ତାହରୁ ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ନଭେମ୍ବର ୧୫ରୁ ଉକ୍ତ ଠିକାସଂସ୍ଥା ଦାୟିତ୍ୱ ନେଇଥିଲା। ପୂର୍ବରୁ ଯେଉଁ କର୍ମଚାରୀମାନେ ଆଉଟସୋର୍ସିଂ ଜରିଆରେ କାମ କରୁଥିଲେ, ସେମାନଙ୍କୁ ନୂଆ ସଂସ୍ଥା ନେବାକୁ ଅରାଜି ପ୍ରକାଶ କରିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ କୌଣସି କର୍ମଚାରୀଙ୍କୁ ଅନ୍ତର କରାଯିବ ନାହିଁ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କର୍ମଚାରୀମାନେ ଏପର୍ଯ୍ୟନ୍ତ କାମ କରୁଥିଲେ ବି ସେମାନଙ୍କୁ ଦରମା ଠିକ୍ ଭାବେ ଦିଆଯାଉ ନାହିଁ। ଇପିଏଫ୍, ଇଏସ୍‌ଆଇ ମଧ୍ୟ ଲାଗୁକରାଯାଉ ନାହିଁ। ସମ୍ପୃକ୍ତ ସଂସ୍ଥା ସିଏମ୍‌ସିରୁ କର୍ମଚାରୀଙ୍କ ଦରମା ବାବଦକୁ ୮୦ ଲକ୍ଷରୁ ଅଧିକ ଟଙ୍କା ନେଉଥିବା ବେଳେ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁନାହିଁ। ଫଳରେ ଉକ୍ତ ସଂସ୍ଥାକୁ ସିଏମ୍‌ସିରୁ ହଟାଇବାକୁ ବିଭିନ୍ନ ସ୍ତରରେ ଦାବି ହେଉଛି। ଗତ ୪ ମାସ ହେବ କର୍ମଚାରୀମାନେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଏ ସମ୍ପର୍କରେ ସିଏମ୍‌ସି ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଯଦିଓ କେତେଜଣଙ୍କୁ ଦରମା ଦିଆଯାଇଛି କିନ୍ତୁ ସେମାନଙ୍କୁ ୯ ହଜାର ବଦଳରେ ୭ ହଜାର ଟଙ୍କା ଦିଆଯାଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ମୋ ସରକାରରେ ସାମିଲ କରିଛନ୍ତି। ଫଳରେ ଦରମା ଓ ଛୁଟି ସେମାନଙ୍କୁ ଠିକ୍ ସମୟରେ ମିଳିବା କଥା। କିନ୍ତୁ ଏଠାରେ ଠିକ୍ ଭାବେ ଦରମା ମିଳିପାରୁ ନ ଥିବା ଆଉଟସୋର୍ସିଂ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ସିଏମ୍‌ସି କମିଶନରଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ପ୍ରତିକ୍ରିୟା ମିଳିପାରି ନାହିଁ।

# ବିଦ୍ୟାଳୟ ନାମରେ ପଞ୍ଜୀକୃତ ହେଲା ଦାନ ଜମି

## ଦୀର୍ଘ ୪୦ବର୍ଷର ସମସ୍ୟା ଦୂର ହେଲା

- ସରକାରୀ ଅନୁଦାନ ମିଳୁ ନ ଥିଲା
- ଶ୍ରେଣୀଗୃହ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଛାତ୍ରୀଛାତ୍ର
- ଉପଜିଲାପାଳଙ୍କ ଅନୁମୋଦନ ପରେ ସମସ୍ୟା ଦୂର ହେଲା

ସାଲେପୁର,୨୪।୨(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅଣ୍ଡେଇସାହି ପ୍ରାଥମିକ ବିଦ୍ୟାଳୟର ଆବଶ୍ୟକ ଜାଗା ନ ଥିବାରୁ ସରକାରୀ ଶ୍ରେଣୀଗୃହ ହୋଇପାରୁ ନ ଥିଲା। ଏନେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ୪୦ବର୍ଷ ତଳେ ଅଣ୍ଡେଇସାହି ଗ୍ରାମର ସ୍ୱର୍ଗତ କାଳନ୍ଦୀ ବେହେରା ବିଦ୍ୟାଳୟକୁ ୯୦ ଡିସିମିଲ ଜମି ମୌଖିକଭାବେ ଦାନ କରିଥିଲେ। ବିଦ୍ୟାଳୟ ନାମରେ ଜମି ନ ଥିବାରୁ କୌଣସି ସରକାରୀ ଅନୁଦାନ ମିଳିପାରୁ ନ ଥିଲା। ଏନେଇ ଗ୍ରାମବାସୀ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ବହୁ ଉଚ୍ଚ ପଦାଧିକାରୀଙ୍କଠାରେ ଦାବି କରିଥିଲେ ମଧ୍ୟ ଉକ୍ତ ଜମି ବିଦ୍ୟାଳୟ ନାମରେ ହୋଇପାରୁ ନ ଥିଲା। ଜମିଟି ଜଣେ ଦଳିତ ବର୍ଗର ବ୍ୟକ୍ତି ହୋଇଥିବାରୁ ସରକାରଙ୍କ ନିୟମ ଅନୁଯାୟୀ, ଉପଜିଲାପାଳଙ୍କ ଅନୁମତି ଆବଶ୍ୟକ ପଡୁଥିଲା। ଏନେଇ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଉପଜିଲାପାଳଙ୍କୁ ଅବଗତ କରିଥିଲେ। ଉପଜିଲାପାଳଙ୍କ ଅନୁମତିକ୍ରମେ ସ୍ୱର୍ଗତ କାଳନ୍ଦୀ ବେହେରାଙ୍କ ନାତି ମନ୍ମଥ ବେହେରା ଶୁକ୍ରବାର ବିଧିବଦ୍ଧ ଭାବେ ଉକ୍ତ ଜମିଟିକୁ ସାଲେପୁର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ବିଦ୍ୟାଳୟ ନାମରେ ପଞ୍ଜୀକରଣ କରିଛନ୍ତି। ଏହି ସମୟରେ ଅଣ୍ଡେଇସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଛମନ ଡିଉ, ଆଇନ୍‌ଜୀବୀ କିଶୋର ଚନ୍ଦ୍ର ସ୍ୱାଇଁ, ଜଗନ୍ନାଥ ସ୍ୱାଇଁ, ସାମାଜିକ କର୍ମୀ ଅନିଲ କୁମାର ଭୂୟାଁ, ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ସୂଚନା ଅଧିକାର କର୍ମୀ ଅଶୋକ କୁମାର ସାମଲ, ବିଭୂତି ଭୂଷଣ ମହାପାତ୍ର, ପରିଚାଳନା କମିଟି ସଭାପତି ନୃସିଂହ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଅଣ୍ଡେଇସାହି ପ୍ରାଥମିକ ବିଦ୍ୟାଳୟ।

## ସଂକ୍ଷେପରେ

### ଅଗ୍ନି ବିପନ୍ନଙ୍କୁ ଭେଟିଲେ ସଞ୍ଜୀବ୍

**ପୁରୀ ଅଫିସ ୨୪।୨:** ବ୍ରହ୍ମଗିରି ବ୍ଲକ ରାହାଡ଼ମଲ ପଞ୍ଚାୟତ ନିଶିଭଁର ଗ୍ରାମର ଅଗ୍ନି ବିପନ୍ନ ପରିବାର ଭରତ ପ୍ରଧାନ ଓ କରୁଣାକର ପ୍ରଧାନଙ୍କୁ ପୂର୍ବତନ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଦାସବର୍ମା ବ୍ରହ୍ମଗିରି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରଙ୍କ ସହିତ ଆଲୋଚନା କରି ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହିତ ଚାଉଳ, ଚୁଡ଼ା, ଶୁଖିଲା ଖାଦ୍ୟ ଏବଂ ଆର୍ଥିକ ସହାୟତା ମଧ ଯୋଗାଇ ଦେଇଛନ୍ତି। ଏହି ସମୟରେ ଜିଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ଦଳାଇ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ନାୟକ, ଅତିରିକ୍ତ ତହସିଲଦାର ପ୍ରବୋଧ କୁମାର ମାହାନ୍ତି ଏବଂ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

### ଘାସ, କୁକୁଡ଼ା ଚାଷ ତାଲିମ

**କଣାସ,୨୪।୨ (ସ୍ୱ.ପ୍ର.):** କଣାସ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଞ୍ଚଳିକ କୁଞ୍ଜେଶ୍ୱରୀ ସାଂସ୍କୃତିକ ସଂସଦ ପରିସରରେ ୩ଦିନ ଧରି ଚାଲିଥିବା କୁକୁଡ଼ାଚାଷ ଉପରେ ତାଲିମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ୨୦ଜଣ ଚାଷୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ଡା. ପ୍ରଶାନ୍ତ କୁମାର ସ୍ୱାଇଁ, ଉପନିର୍ଦ୍ଦେଶକ ପୁରୀ, ଡା. ଜ୍ଞାନରଞ୍ଜନ ମିଶ୍ର, ବ୍ଲକ ପ୍ରାଣିଚିକିତ୍ସା ଅଧିକାରୀ, ବ୍ଲକ ସତ୍ୟବାଦୀ, ଡା.ପି.ଏସ୍ ଦୋରା, ଡା.ସୋମନାଥ ଦାଶ ସହକାରୀ ପ୍ରାଣିଚିକିତ୍ସା ଅଧିକାରୀ ଡେଲାଙ୍ଗ, ଡା. ଅନୁଗତ ଜେନା ପ୍ରମୁଖ ଯୋଗଦେଇ ଚାଷୀଙ୍କୁ କୁକୁଡ଼ା ଚାଷଉପରେ ପ୍ରଶିକ୍ଷଣ ଦେଇଥିଲେ। ଶେଷ ଦିବସରେ ଚାଷୀମାନେ ଡେଲାଙ୍ଗ ଓ ବେରବୋଇ ନିକଟରେ ଥିବା କୁକୁଡ଼ା ଫାର୍ମକୁ ଯାଇ କୁକୁଡ଼ା ଚାଷ ଦେଖିଥିଲେ। କାର୍ଯ୍ୟକ୍ରମକୁ କଣାସରେ ଥିବା ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ରରର ପଶୁ ଚିକିତ୍ସକ ଡା. ବିଶ୍ୱରଞ୍ଜନ ଜେନା ପରିଚାଳନା କରିଥିଲେ। ସେହିପରି ଆଞ୍ଚଳିକ କୁଞ୍ଜେଶ୍ୱରୀ ସାଂସ୍କୃତିକ ସଂସଦ ପରିସରରେ ଶୁକ୍ରବାର ୨୦ଜଣ ଚାଷୀଙ୍କୁ ନେଇ ଦିନିକିଆ ଘାସଚାଷ ସମ୍ପର୍କରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଣାସ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ସହାୟକ ତୃଣଉନ୍ନୟନ ଅଧିକାରୀ, ପୁରୀ ମନୋଜ କୁମାର ଚୌଧୁରୀ ପ୍ରଶିକ୍ଷକ ଭାବେ ଯୋଗଦେଇ ଚାଷୀମାନଙ୍କୁ ଆଧୁନିକ ପ୍ରଣାଳିରେ କିପରି କମ୍ ସମୟରେ କମଖର୍ଚ୍ଚରେ ଭଲ ଘାସଚାଷ ହୋଇପାରିବ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କଣାସ ପଶୁଚିକିତ୍ସା କେନ୍ଦ୍ରରର ସହାୟକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନୁଗତ ଜେନା ପରିଚାଳନା କରିଥିଲେ।

### ଦୁଇ ଭାଇଙ୍କୁ ପନିକିରେ ଆକ୍ରମଣ

#### ୨ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ଅଟକ

**ଭୁବନେଶ୍ୱର,୨୪।୨(ବ୍ୟୁରୋ):** ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ସାମନ୍ତରାପୁର ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ୨ ଭାଇଙ୍କୁ କେତେଜଣ ଦୁର୍ବୃତ୍ତ ପନିକିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ବଡ଼ଭାଇ ଗୋବିନ୍ଦ ରେଡ୍ଡିଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ସାନ କେଶବ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ମୋବାଇଲ ଚୋରିକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ କେତେଜଣ ଯୁବକଙ୍କ ସହ ଉକ୍ତ ୨ ଭାଇଙ୍କ ଝଗଡ଼ା ହୋଇଥିଲା। ସନ୍ଧ୍ୟାରେ ଦୁଇ ଭାଇ ଓ ଉକ୍ତ ଯୁବକମାନଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଯୁବକମାନଙ୍କ ମଧ୍ୟରେ ଉତ୍ତ୍ୟକ୍ତ ହୋଇ କେତେଜଣ ଗୋଟିଏ ପନିକି ଆଣି ୨ ଭାଇଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଆହତ ୨ଭାଇଙ୍କୁ ମେଡିକାଲ ପଠାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଥାନାଧିକାରୀ ଶରତ ପାତ୍ର କହିଛନ୍ତି, ମୋବାଇଲ ଚୋରିକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ମାମଲାରେ ସମ୍ପୃକ୍ତ ୨ରୁ ଅଧିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ସେ କହିଛନ୍ତି।

# ବିଡିଓଙ୍କୁ ଘେରିଲା ମହିଳା ମଞ୍ଚ

## ମିଶନ ଶକ୍ତିରେ ଅନିୟମିତତା ଅଭିଯୋଗର ତଦନ୍ତ ଦାବି

**କଣାସ,୨୪।୨(ସ୍ୱ.ପ୍ର.)**


ବିଡିଓଙ୍କୁ ଘେରାଉ କରି ରଖିଥିବା ମହିଳାମାନେ।

କଣାସ ବ୍ଲକରେ ମିଶନ ଶକ୍ତିର ସମସ୍ତ କାର୍ଯ୍ୟରେ ଦୁର୍ନୀତି ହେଉଥିବା ନେଇ ସ୍ଥାନୀୟ ମହିଳା ମଞ୍ଚର ସଦସ୍ୟାମାନେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ଆସି ଧାରଣା ଦେଇଥିଲେ। ଏପରିକି ପରେ ବିଡିଓ ପବିତ୍ର କୁମାର ବେହେରା ଆସି ମହିଳାମାନଙ୍କୁ ବୁଝାଶୁଝା କରୁଥିବା ବେଳେ ଏହି ଦୁର୍ନୀତିର ତୁରନ୍ତ ତଦନ୍ତ କରାଯାଉ ବୋଲି ଦାବି କରି ବିଡିଓଙ୍କୁ ଘେରିଯାଇଥିଲେ। ଫଳରେ ଯଥାଶୀଘ୍ର ଏହି ସବୁ ସମସ୍ୟାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଶାନ୍ତ ପଡ଼ିଥିଲେ। ଅଭିଯୋଗ ଅନୁଯାୟୀ, କଣାସ ବ୍ଲକର ମୂଳବସନ୍ତ ମଞ୍ଚ-କ, ମୂଳବସନ୍ତ ମଞ୍ଚ-ଖ, ତିଗିରିଆ ମଞ୍ଚ-କ, ତିଗିରିଆ ମଞ୍ଚ-ଖ, ନାବଡା ମଞ୍ଚ, ସୁହାଗପୁର ମଞ୍ଚ, ନଡୁଆପୁର ମଞ୍ଚ, ଖଣ୍ଡହତା ମଞ୍ଚ ଏବଂ ଗଡିଶାଗୋଦା, ନୂଆଗାଁ, ଗଡଖାରଦ ଗ୍ରାମରେ ମଞ୍ଚ ଗଠନ କରାଯାଇ ମିଶନ ଶକ୍ତି ଦ୍ୱାରା ବିଭିନ୍ନ କାର୍ଯ୍ୟ ହେଉଛି। ହେଲେ ମଞ୍ଚକୁ ଆଦାୟ କରାଯାଉଥିବା ସଭ୍ୟ ଚାନ୍ଦା ରସିଦ୍ ମହାମଞ୍ଚ ଦେଉ ନାହାନ୍ତି। ମିଶନଶକ୍ତି ତରଫରୁ ମିଳିଥିବା ଖାତାର ମୂଲ୍ୟାଙ୍କ ବିଷୟରେ ବୁଝିବା ପାଇଁ ମନଇଚ୍ଛା ଚାନ୍ଦା ଆଦାୟ କରିବା, ଖାତା ଲେଖିବା ପାଇଁ ରେଜୁଲେଶନ୍ କ୍ୟାସବୁକ୍ ହାତଜମା ବାବଦକୁ ୧୨ଶହ ଟଙ୍କା ଆଦାୟ କରିବା, ୭ଦିନର ଟ୍ରେନିଂକୁ ଗୋଟିଏ ଦିନରେ ସାରିଦେବା, ଏମ୍‌ବିକେ ଓ ସିଆର୍‌ପି ବ୍ୟାଙ୍କ ମ୍ୟାଟରରେ ପକାଇଥିବା ଫର୍ମର ରସିଦ୍ ନ ଦେବା, ବିନା ଶିକ୍ଷାଗତ ଯୋଗ୍ୟତା ଏବଂ ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା ପରିବର୍ତ୍ତନ କରିବା, ତିଗିରିଆ ମଞ୍ଚ-ଖକୁ ଜଣେ ଦିଦି ଅପବ୍ୟବହାର କରିବାରୁ ତାଙ୍କୁ ତୁରନ୍ତ ବାହାର କରିବାକୁ ମଞ୍ଚର ସଭ୍ୟମାନେ ଦାବି କରିଥିଲେ। ଏପରିକି ମଞ୍ଚର କୌଣସି ଚେକ୍ ପାସ୍ କରିବା ପାଇଁ ୩ଶହ ଟଙ୍କା ଆଦାୟ କରାଯାଉଥିବା ମହିଳାମାନେ ଅଭିଯୋଗ କରିଥିଲେ। ଏହି ସବୁ ସମସ୍ୟା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟ ନ ହେବାରୁ ଶେଷରେ ମଞ୍ଚର ମହିଳାମାନେ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ବିଡିଓ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ବ୍ଲକ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦେବ ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ଏପରିକି ୯ଟି ମଞ୍ଚର କ୍ୟାଶବୁକ୍ ଓ ସମସ୍ତ ଖାତାପତ୍ର ତୁରନ୍ତ ତନଖି କରିବା ପାଇଁ ନିଷ୍ପତ୍ତି ହେବା ସହ ୨୭ତାରିଖରେ ବୈଠକ ବସିବାପାଇଁ ଠିକ୍ କରିବା ପରେ ମହିଳାମାନେ ଉଠିଥିଲେ।



ଆଞ୍ଚଳିକ କୁଞ୍ଜେଶ୍ୱରୀ ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ଘାସ ଓ କୁକୁଡ଼ା ଚାଷ ତାଲିମ ଶିବିରରେ ଅଧିକାରୀଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

## ଭାଗବତ କଥା ଜ୍ଞାନଯଜ୍ଞରେ ଯୋଗଦେଲେ ରାଜ୍ୟପାଳ



କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ବୋଧନ ଦେଉଛନ୍ତି।

**ପୁରୀ ଅଫିସ, ୨୪।୨**

ବୃନ୍ଦାବନର ଶ୍ରୀ ଭଗବତ୍ ଆଶ୍ରମ ସେବା ସଂସ୍ଥାନ ପକ୍ଷରୁ ପୁରୀ ରେଡକ୍ରସ୍ ରୋଡସ୍ଥିତ ହୋଟେଲ 'ଜାନକୀ ପ୍ରାଇଡ୍' ସମ୍ମିଳନୀ କକ୍ଷରେ ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ଠାକୁରଙ୍କ ଆଳତି କରିବା ସହିତ ମୁନିଶ କୁମାରଙ୍କ ସହ ମିଶି ଭଜନ ପରିବେଷଣ କରିଥିଲେ। ଏଥିସହ ଭାଗବତର କିଛି ଅଂଶ ବାଖ୍ୟା କରିଥିଲେ। ଏଭଳି କାର୍ଯ୍ୟକ୍ରମ ଆୟୋଜନ ଲାଗି ସେ ଆୟୋଜକମାନଙ୍କୁ ପ୍ରଂସଶା କରିଥିଲେ। ଏହି ଅବସରରେ ହୋଟେଲର ସ୍ୱତ୍ତ୍ୱାଧିକାରୀ ରାମଚନ୍ଦ୍ର ପାତ୍ର ଓ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟପାଳଙ୍କୁ ଉତ୍ତରୀୟ ଓ ଫଟୋଚିତ୍ର ପ୍ରଦାନ କରିଥିଲେ। ସେହିପରି ଚିତ୍ରଶିଳ୍ପୀ ଶିବାଂଶୀ ଦାଶ ନିଜେ ଆଙ୍କିଥିବା ଏକ ଫଟୋଚିତ୍ର ଏବଂ ପୁରୀ ରୋଟାରୀ କ୍ଲବ୍‌ର କାର୍ଯ୍ୟକର୍ତ୍ତାମାନେ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଆୟୋଜିତ ଭାଗବତ କଥା ସପ୍ତାହରେ କଥାବ୍ୟାସ ଭାବେ ଛବିଲେ ଛେଲ ବିହାରୀ ଯୋଗଦାନ କରି ଭାଗବତ ପଠନ କରୁଛନ୍ତି।

# କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଜଟଣୀ,୨୪।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଧୀନ ମୋଟରୀ ଗ୍ରାମର ପ୍ରଭାସ ବେହେରା। ସୂଚନା ମୁତାବକ, ସକାଳେ ପ୍ରଭାସ କୌଣସି କାର୍ଯ୍ୟରେ ବାଇକ୍‌ରେ ଭୁବନେଶ୍ୱର ଯାଉଥିଲେ। ଭୁବନେଶ୍ୱର-ତଳଖେତା ପଟୁ ଦ୍ରୁତଗତିରେ ଆସୁଥିବା କାର୍ ତାଙ୍କୁ ଜଟଣୀ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧକ୍କା ଦେଇ ପଳାଇଥିଲା। ଫଳରେ ସେ ଛିଟିକି ରାସ୍ତାରେ ପଡ଼ିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ବଡ଼ଭାଇ ସୁବାସ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୦/୨୩) ରୁଜୁ କରି ତଦନ୍ତ ଚଳାଇଛି।

## ୱଣ୍ଡର ୱାର୍ଲଡ ପକ୍ଷରୁ ୨ ଦିନିଆ ହୋଲି ଉତ୍ସବ

**ଭୁବନେଶ୍ୱର,୨୪।୨**

ରାଜ୍ୟର ସର୍ବବୃହତ୍ ୱାଟରପାର୍କ ଆଣ୍ଡ ରିସର୍ଟ ୱଣ୍ଡର ୱାର୍ଲଡ ଚଳିତ ବର୍ଷ ହୋଲି ଉତ୍ସବକୁ ଭିନ୍ନ ଢଙ୍ଗରେ ପାଳନ କରିବ। ପୁରୀ ନିକଟସ୍ଥ ମାଳତିପାଟପୁରସ୍ଥିତ ୱଣ୍ଡର ୱାର୍ଲଡଠାରେ ୨ଦିନିଆ ହୋଲି ଉତ୍ସବ 'ହୋଲିୟାଁ'କୁ ସ୍ୱତନ୍ତ୍ର ଭାବେ ପାଳିବାକୁ ଯାଉଛି। ଏ ନେଇ ଶୁକ୍ରବାର ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ପ୍ରେସ୍ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ପ୍ରଦ୍ୟୁମ୍ନ ମିଶ୍ର କହିଛନ୍ତି, ଚଳିତ ବର୍ଷର ହୋଲି ପର୍ବ ମାର୍ଚ୍ଚ ୭ ଓ ୮ରେ ପାଳନ ହେବ। ବିଶେଷକରି ୨ଦିନ ଧରି ଏଠାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି ଉତ୍ସବର ପ୍ରଥମ ଦିନରେ ଡିଜେ ୱାର୍ ଅନୁଷ୍ଠିତ ହେବ। ଏହା ଓଡ଼ିଶାରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି। ଏଥିରେ ରାଜ୍ୟର ବଛା ବଛା ୪ଟି ଦଳ ଭାଗ ନେବେ। ଉକ୍ତ କାର୍ଯ୍ୟକ୍ରମ ପାର୍କ ପରିସରରେ ଥିବା ୱେଭ୍ ପୁଲ୍ ଷ୍ଟେଜ୍‌ରେ ଅନୁଷ୍ଠିତ ହେବ। ଏପରିକି ଭୋଟିଂ ବ୍ୟବସ୍ଥା ମାଧ୍ୟମରେ ଉକ୍ତ ୪ଦଳ ମଧ୍ୟରୁ ଜଣଙ୍କୁ ଚାମ୍ପିୟନ ଓ ଅନ୍ୟ ଦଳକୁ ରନର ଅପ୍ ଭାବେ ଘୋଷଣା ସହ ପୁରସ୍କାର ରାଶି ମଧ ପ୍ରଦାନ କରାଯିବ। ଚାମ୍ପିୟନ ଦଳକୁ ୨୦,୦୦୦ ଏବଂ ରନର ଅପ୍ ଦଳକୁ ୧୫,୦୦୦ ଟଙ୍କା ଦିଆଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଉତ୍ସବର ୨ୟ ଦିନରେ ପ୍ରଥମ ଦିନର ବିଜୟୀ ଓ ରନର ଅପ୍ ହୋଇଥିବା ଡିଜେ ଦଳ ମଧ୍ୟରେ ପ୍ରତିଯୋଗିତା ହେବ। ଉକ୍ତ ୨ଦଳ ମଧ୍ୟରୁ କିଏ ଚାମ୍ପିୟନ ହେବ ତାହା ମଧ ଭୋଟିଂ ଜରିଆରେ ନିଷ୍ପତ୍ତି ହେବ। ୨ୟ ଦିନରେ ଓଲିଉଡ୍ କଣ୍ଠଶିଳ୍ପୀ ତାରିକ୍ ଅଜିଜ୍ ଓ ନାଭିଆ ସଙ୍ଗୀତର ଯାଦୁ ଦର୍ଶକଙ୍କୁ ଦେଖାଇବେ ବୋଲି ମିଶ୍ର କହିଛନ୍ତି। ୱଣ୍ଡର ୱାର୍ଲଡ ୱାଟର ପାର୍କ ସାରା ଦେଶରେ ପ୍ରସିଦ୍ଧି ଲାଭ କରିଛି। ସବୁବର୍ଗର ଲୋକଙ୍କ ପାଇଁ ଆକର୍ଷଣୀୟ ଅଫର ସହ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବାରେ ଉକ୍ତ ୱାଟର ପାର୍କ ପ୍ରମୁଖ ପେଣ୍ଠସ୍ଥଳ ପାଲଟିଛି। ଏଠାରେ ଜଳକ୍ରୀଡ଼ା ସହ ରହିବା, ଖାଇବା ପାଇଁ ବ୍ୟବସ୍ଥା ହୋଇଛି। ୱଣ୍ଡର ୱାର୍ଲଡର ପ୍ରତିଷ୍ଠାତା ଡ. ନାରାୟଣ ପାତ୍ର, ନିର୍ଦ୍ଦେଶକ ନିରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବଟକୃଷ୍ଣ ସ୍ୱାଇଁଙ୍କ ଉପରୁ ଏନ୍‌ଏସ୍‌ଏ ପ୍ରତ୍ୟାହାର ନିର୍ଦ୍ଦେଶ

## ସିପସରୁବାଲି ଜମି ଅଧିକାର ଆନ୍ଦୋଳନ ମାମଲା

**ପୁରୀ ଅଫିସ, ୨୪।୨**

ଗତବର୍ଷ ମେ ୨ରୁ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ବଳରେ ପୁରୀ ଜେଲରେ ଅଟକ ଥିବା ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର ଆବାହକ ତଥା ସିପସରୁବାଲି ଜମି ଆନ୍ଦୋଳନର ନେତା ବଟକୃଷ୍ଣ ସ୍ୱାଇଁଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ହାଇକୋର୍ଟ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର ସଭାପତି ଲକ୍ଷ୍ମୀଧର ପ୍ରଧାନ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏନ୍‌ଏସ୍‌ଏ ବଳରେ ତାଙ୍କର ବେଆଇନ ଅଟକକୁ ଚ୍ୟାଲେଞ୍ଜ କରି ସ୍ୱାଇଁଙ୍କ ଦ୍ୱାରା ହାଇକୋର୍ଟରେ ଦାଏର ହୋଇଥିବା କ୍ରିମିନାଲ ରିଟ୍ ପିଟିଶନ (ନଂ. ୮୩ ଅଫ୍ ୨୦୨୨)ର ବିଚାର କରି ବିଚାରପତି ଶୁଭାଶିଷ ତାଳପତ୍ର ଏବଂ ବିଚାରପତି ସାବିତ୍ରୀ ରଥ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସମିତିର ସଭାପତି ପ୍ରଧାନଙ୍କ ସୂଚନା ଅନୁଯାୟୀ, ସିପସରୁବାଲି ଜମିକୁ ସ୍ଥାନୀୟ ଭୂମିହୀନ ଏବଂ ଦଳିତ ପରିବାରଙ୍କୁ ବାଣ୍ଟିବା ନିମନ୍ତେ ସ୍ୱାଇଁଙ୍କ ନେତୃତ୍ୱରେ ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତି ଦୀର୍ଘବର୍ଷ ଧରି ଦାବି କରିଆସୁଛି। ମାତ୍ର ସରକାର ଏହି ମୌଜାରେ ଥିବା ସିଲିଂ, ଗୋଚର ଏବଂ ସର୍ବସାଧାରଣ ଅନାବାଦୀ ଜମିକୁ ଏୟାରପୋର୍ଟ ଓ ହୋଟେଲ ପ୍ରକଳ୍ପ ନାମରେ ଅଧିଗ୍ରହଣ କରି ସ୍ଥାନୀୟ ବାସିନ୍ଦାଙ୍କ ଅଧିକାର ଓ ଦାବିକୁ ଅଣଦେଖା କରିଆସୁଛନ୍ତି। ଏହା ବିରୋଧରେ ସ୍ୱାଇଁଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଜନ ଆନ୍ଦୋଳନ କରିଥିବାରୁ ଜିଲା ଓ ରାଜ୍ୟ ପ୍ରଶାସନ ଆକ୍ରୋଶମୂଳକ ଭାବେ ଅନେକ ମିଥ୍ୟା ମାମଲା ରୁଜୁ କରିବା ସହ ଏନ୍‌ଏସ୍‌ଏ ଲାଗୁ କରି ଅଟକ ରଖିଛନ୍ତି। ଏହି ବେଆଇନ ତଥା ଅଗଣତାନ୍ତ୍ରିକ ଅଟକକୁ ସେତେବେଳେ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନର କର୍ମକର୍ତ୍ତା ନିନ୍ଦା କରିବା ସହ ବିରୋଧ କରିଥିଲେ। ମାତ୍ର ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଜନମତକୁ ବେଖାତିର କରି ସ୍ୱାଇଁଙ୍କ ଅଟକର ସମୟ ସୀମାକୁ ଲଗାତାର ଭାବେ ବଢାଇ ଚାଲିଥିଲେ। ତେବେ ହାଇକୋର୍ଟଙ୍କ ଉପରୋକ୍ତ ରାୟ ସିପସରୁବାଲି ଜମି ଅଧିକାର ଆନ୍ଦୋଳନର ଯଥାର୍ଥତାକୁ ପ୍ରତିପାଦନ କରିବା ସହ ସରକାରଙ୍କ ଦମନମୂଳକ ନୀତିକୁ ପଦାରେ ପକାଇଛି ବୋଲି ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତି ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ଶିଶୁଙ୍କ ଉତ୍ତମ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ

**ଡେଲାଙ୍ଗ,୨୪।୨(ଡି.ଏନ୍.ଏ)**



ଜଣେ ଶିକ୍ଷୟିତ୍ରୀଙ୍କୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ସମ୍ବର୍ଦ୍ଧିତ କରୁଛନ୍ତି।

ଡେଲାଙ୍ଗ ହାଟ ବଜାରସ୍ଥିତ ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭମା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଆଜିର ଶିଶୁ କାଲିର ଭବିଷ୍ୟତ ବୋଲି ମତବ୍ୟକ୍ତ କରିବା ସହିତ ଶିଶୁର ଉତ୍ତମ ଭବିଷ୍ୟତ ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ସରପଞ୍ଚ ଦୀପକ ସାହୁ, ପୂର୍ବତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ, ସାହିତ୍ୟିକ ସନ୍ତୋଷ ମହାନ୍ତି, ଅନିରୁଦ୍ଧ ସ୍ୱାଇଁ, ସରୋଜିନୀ ଜେନା ପ୍ରମୁଖ ଯୋଗଦେଇ ନିତିଗଳ୍ପ ମାଧ୍ୟମରେ ଗୁରୁଶିଷ୍ୟ ସମ୍ପର୍କ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଅଭୟଚରଣ ସାହୁ ମଞ୍ଚ ପରିଚାଳନା କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଭାପତି ପ୍ରମୋଦ ସେଠୀ, ଶିକ୍ଷକ ଟିକେଇ ଦଳାଇ, ମାନସରଞ୍ଜନ ସ୍ୱାଇଁ, ସୋମନାଥ ବେହେରା, ନାରାୟଣ ବରାଳ, ଦିଲୀପ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦାୟୀ ଶିକ୍ଷୟିତ୍ରୀ ପପ୍‌ଲିନ ପ୍ରଧାନ, ମାନିନୀ ଦାସ ଓ ନବାଗତ ଶିକ୍ଷୟିତ୍ରୀ ସତ୍ୟଭମା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ୮୫ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ମେଧା ଛାତ୍ରୀ ପ୍ରଜ୍ଞା ପ୍ରଣମିତା ପ୍ରିୟଦର୍ଶିନୀ ଓ ଛାତ୍ର ଅମ୍ଳାନ ଜ୍ୟୋତି ମହାପାତ୍ରଙ୍କୁ ପ୍ରଶଂସାପତ୍ର ଦିଆଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଚକା ବାହାରିଯିବାରୁ ବିଦ୍ୟୁତ୍‌ଖୁଣ୍ଟରେ ପିଟି ହେଲା କାର୍

### ଅଳ୍ପକେ ବର୍ତ୍ତିଲେ ଚାଳକ

**ବାରଙ୍ଗ,୨୪।୨(ଡି.ଏନ୍.ଏ.)**

ନରାଜ ବ୍ୟାରେଜ ଉପରେ ଶୁକ୍ରବାର ଏକ ଦ୍ରୁତ ଗତିରେ କାର୍ ଆସୁଥିବା ବେଳେ ହଠାତ୍ ଚକଟି ବାହାରିପଡ଼ିବାରୁ ଏକ ବିଦ୍ୟୁତ୍‌ଖୁଣ୍ଟ ଓ ପାଚେରିକୁ ପିଟିଥିଲା। ଏହି ଦୁର୍ଘଟଣାରେ ସୌଭାଗ୍ୟବଶତଃ କାର୍ ଚାଳକ ବଞ୍ଚିଯାଇଥିଲେ। ସୂଚନା ଅନୁଯାୟୀ, କଟକ ସାଆନ୍ତସାହି ଅଞ୍ଚଳର ଶୁଭମ ମିଶ୍ର ଶୁକ୍ରବାର ଓଡି ୦୫ଏୟାଇ ୦୧୧୭ ନମ୍ବର କାର୍ ଯୋଗେ କଟକ ଯାଉଥିଲେ। ହେଲେ ନରାଜ ବ୍ୟାରେଜ ନିକଟରେ ପହଞ୍ଚିଥିବା ବେଳେ ଅଚାନକ କାର୍‌ଟିର ପଛଚକା ବାହାରି ଯାଇଥିଲା। ଫଳରେ ଶୁଭମ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍‌ଖୁଣ୍ଟ ଓ ଏକ ପାଚେରି ମଧ୍ୟରେ କାର୍‌ଟି ପିଟି ହୋଇଯାଇଥିଲା। ଫଳରେ ଶୁଭମ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌ଟିକୁ ଜବତ କରିଥିଲା।

# ୭୦ ୟୁନିଟ୍ ରକ୍ତ ସଂଗ୍ରହ

**କୋଣାର୍କ,୨୪।୨(ଡି.ଏନ୍.ଏ.)**

କୋଣାର୍କସ୍ଥିତ ମହଲପଡ଼ା ପଞ୍ଚାୟତର ମଣ୍ଡାପୋଖରୀର ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ଶୀର୍ଷରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରି କହିଥିଲେ ରକ୍ତଦାନ ଏକ ମହତ ଦାନ। ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ସମାଜର ଦୁସ୍ଥ ଓ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ଜୀବନ ରକ୍ଷା କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବନାଖଣ୍ଡି ପଞ୍ଚାୟତ ସରପଞ୍ଚ ପ୍ରଜ୍ଞା ପରିମିତା ନାୟକ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କ୍ୟାପିଟାଲ ହସ୍ପିଟାଲର ଡା.ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଶାରଦାକାନ୍ତ ଚୌଧୁରୀ, ସତ୍ୟ ନାରାୟଣ ସାହୁ, ପ୍ରଣୀତା ଦାସ ପ୍ରମୁଖ ଏହି ମେଗା ରକ୍ତଦାନ ଶିବିରରେ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଏହି ମେଗା ରକ୍ତଦାନ ଶିବିରରେ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।


ଶିବିରରେ ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

# ବ୍ରାହ୍ମଣଙ୍କ ସମସ୍ୟା, ଦାବି ନେଇ ହେବ ଆଲୋଚନା

**ପୁରୀ ଅଫିସ, ୨୪।୨**


ଖବରଦାତା ସମ୍ମିଳନୀରେ ସର୍ବ ଭାରତୀୟ ବ୍ରାହ୍ମଣ ମହାସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ଆଜିଠୁ ସର୍ବଭାରତୀୟ ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ସର୍ବଭାରତୀୟ ବ୍ରାହ୍ମଣ ମହାସଂଘ ପକ୍ଷରୁ ଶନିବାରଠାରୁ ଦୁଇଦିନିଆ ଜାତୀୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଦୋଳମଣ୍ଡପ ସାହିସ୍ଥିତ ମହାପ୍ରଭୁ ଗେଷ୍ଟହାଉସସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହାସଂଘର ରାଷ୍ଟ୍ରୀୟ ସଭାପତି ଡ. ପ୍ରଦୀପ କୁମାର ଜ୍ୟୋତି, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପଣ୍ଡିତ ପଦ୍ମପ୍ରକାଶ ଶର୍ମା ଏବଂ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାତ କୁମାର ମିଶ୍ର ଯୋଗଦେଇ କହିଥିଲେ, ୨୫ ଓ ୨୬ ତାରିଖ ଦୁଇଦିନ ଧରି ମହାସଂଘର ଜାତୀୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଟାଉନ ହଲରେ ଅନୁଷ୍ଠିତ ହେବ। ଏଥିରେ ୪୮୨ଟି ବ୍ରାହ୍ମଣ ସଂଘର କର୍ମକର୍ତ୍ତା ଯୋଗଦେବେ। ଦେଶରେ ବ୍ରାହ୍ମଣ ଜାତି ସବୁକ୍ଷେତ୍ରରେ ଅବହେଳିତ ହୋଇଆସୁଛି। ଦେଶର ସବୁ ବ୍ରାହ୍ମଣ ଓ ବ୍ରାହ୍ମଣ ସଙ୍ଗଠନକୁ ଏକାଠି କରି ବ୍ରାହ୍ମଣ ଜାତିର ବିକାଶ ଓ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ମହାସଂଘ କାର୍ଯ୍ୟ କରିବ। ସଂରକ୍ଷଣ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ଅନେକ ମେଧାବୀ ବ୍ରାହ୍ମଣ ଛାତ୍ରୀଛାତ୍ର ବିଦେଶ ଚାଲିଯାଉଛନ୍ତି। ସେମାନଙ୍କୁ ଦେଶକୁ ଫେରାଇ ଆଣି ସେମାନଙ୍କ ଜ୍ଞାନ କୌଶଳ ଏଠାରେ ବିନିଯୋଗ କରାଗଲେ ଦେଶ ବିକଶିତ ରାଷ୍ଟ୍ର ହୋଇପାରିବ। ଦେଶରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଉଠି ଆର୍ଥିକ ଆଧାରରେ ସଂରକ୍ଷଣ ବ୍ୟବସ୍ଥା କରାଗଲେ ସବୁ ବର୍ଗର ଲୋକେ ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟ, କଲ୍ୟାଣକର ଯୋଜନାରେ ଉପକୃତ ହୋଇପାରିବେ। ସେହିପରି ଦେବସ୍ଥଳ ଓ ମନ୍ଦିରଗୁଡ଼ିକରେ ରାଜନୈତିକ ଦଳର ହସ୍ତକ୍ଷେପ ନ ରହିବା, ମହିଳାଙ୍କ ଶିକ୍ଷାଗତ ଯୋଗ୍ୟତା ଓ ପ୍ରତିଭା ଆଧାରରେ ମହିଳା ସଶକ୍ତୀକରଣ, କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବାକୁ ଦାବି ହୋଇଛି। ଅଧିକାଂଶ ସ୍ଥାନରେ ଅକାରଣେ ବ୍ରାହ୍ମଣଙ୍କୁ ହଇରାଣ କରାଯିବା ସହ ଦୁର୍ବ୍ୟବହାର କରାଯାଉଛି। ତେଣୁ ବ୍ରାହ୍ମଣଙ୍କୁ ନ୍ୟାୟ ଦେବା ପାଇଁ ବ୍ରାହ୍ମଣ କମିଶନ ଗଠନ ପାଇଁ ଦାବି କରାଯାଇଛି। ସେହିପରି ବ୍ରାହ୍ମଣ ୱେଲଫେୟାର କର୍ପୋରେଶନ ବୋର୍ଡ ଗଠନ କରାଯିବାକୁ ମଧ ଦାବି ହୋଇଛି। ଏଥିସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ହେବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଆନ୍ଧ୍ରପ୍ରଦେଶର ପଣ୍ଡିତ କେଶବ ରାଓ, ଉଜ୍ଜୟିନୀରୁ ମହାସଂଘର ପରାମର୍ଶଦାତା କେଶି ଧବେ, ରାଜସ୍ଥାନରୁ ଲୋକେନ୍ଦର ଶର୍ମା ଏବଂ ଉତ୍ତରାଖଣ୍ଡରୁ ସନ୍ଦୀପ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୨।୨୦୨୩

| | |
|---|---|
| ୪,୬୯,୪୩୭ ଟଙ୍କା | |
| ସୁନା | ୧୪.୯୩୦ ଗ୍ରାମ୍ |
| ରୁପା | ୩୩.୩୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ୧୧ତମ ବାର୍ଷିକ ଉତ୍ସବ, ରେଡକ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- ୭ମ ମେଗା ହ୍ୟାଣ୍ଡଲୁମ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୫ଟା।
- ହମ୍ ଆଣ୍ଡ ଡେକୋର କ୍ରେଡାଇର ଉଦ୍‌ଘାଟନ ସମାରୋହ, ଜନତା ମଇଦାନ, ଅପରାହ୍ନ ୫ଟା।
- ସାହିତ୍ୟ ସମାଜ ଟ୍ରଷ୍ଟର ସାହିତ୍ୟ ମାସିକୀ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ନୃତ୍ୟାୟନ ପକ୍ଷରୁ ମୀରା ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ଖୋର୍ଦ୍ଧା
- ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାର ଉଦ୍‌ଯାପନୀ ଦିବସ, ହାବେଳି ପଡ଼ିଆ, ସନ୍ଧ୍ୟା ୬ଟା।

କଟକ
- ମ୍ୟୁଜିୟମ ଅଫ୍ ଜଷ୍ଟିସର ଉଦ୍‌ଘାଟନ ଉତ୍ସବ, କିଲା ଫର୍ଟ, ପୂର୍ବାହ୍ନ ୧୦ଟା ।
- ଭାରତୀୟ ଗଣନାଟ୍ୟ ସଂଘ ପକ୍ଷରୁ ଚତୁର୍ଥ ରାଜ୍ୟ ସମ୍ମିଳନୀ, ଅନ୍ନପୂର୍ଣ୍ଣା ଥିଏଟର ପ୍ରେକ୍ଷାଳୟ, ତିନିକୋଣିଆ ବଗିଚା, ପୂର୍ବାହ୍ନ ୧୦ଟା ।
- ଲ କଲେଜ ଓଲ୍‌ଡ ଷ୍ଟୁଡେଣ୍ଟସ୍ ଆସୋସିଏଶର ରୌପ୍ୟଜୟନ୍ତୀର ଉଦ୍‌ଯାପନୀଉତ୍ସବ, ଲ କଲେଜ ପରିସର, ସେକ୍ଟର-୧, ସିଡିଏ, ଅପରାହ୍ନ ୪ଟା ୩୦।
- ମଣିମାଣିକର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନ, ଶତାବ୍ଦୀ ଭବନ, ପୂର୍ବାହ୍ନ ୧୧ଟା ୩୦ ।

କେନ୍ଦ୍ରାପଡ଼ା
- ୟୁଥ ଫାର୍ମା ଫେଷ୍ଟିଭାଲ, ଦଧିଚି ଫାର୍ମାସୀ କଲେଜ, ସୁନ୍ଦରଗ୍ରାମ, ପୂର୍ବାହ୍ନ ୧୦ଟା।

ପୁରୀ
- ରାଜ୍ୟ ସରକାରୀ କର୍ମଚାରୀ ସମିତିର ସମ୍ମିଳନୀ, ୟୁଥ ହଷ୍ଟେଲ, ପୂର୍ବାହ୍ନ ୧୧ଟା।
- ପୁରୀ ଅର୍ବାନ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା, ବ୍ୟାଙ୍କ ପରିସର, ଅପରାହ୍ନ ୪ଟା।
- ଗାନ୍ଧୀ ଶିଳ୍ପ ବଜାର, ପୁରୀ ବେଳାଭୂମି, ଅପରାହ୍ନ ୪ଟା।

# 'ନୀରବତା ହିଁ ସାହିତ୍ୟିକ ସର୍ଜନା ପାଇଁ ପ୍ରେରିତ କରେ'

**ଗୀତାଞ୍ଜଳି ଶ୍ରୀଙ୍କୁ 'କଳିଙ୍ଗ ସାହିତ୍ୟ ମହୋତ୍ସବ ଆନ୍ତର୍ଜାତିକ ପୁରସ୍କାର'**

**ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ 'କଳିଙ୍ଗ ସାହିତ୍ୟ ସମ୍ମାନ'**

ଭୁବନେଶ୍ୱର,୨୪।୨(ବ୍ୟୁରୋ)





ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀ ଓ ନାଟ୍ୟ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

ସାହିତ୍ୟ ଆତ୍ମାଭିମାନରୁ ଆତ୍ମୋପଲବ୍ଧି ଦିଗକୁ ପଥ ପ୍ରଦର୍ଶିତ କରିଥାଏ। ଏଣୁ ନୀରବତା ହିଁ ସାହିତ୍ୟିକ ସର୍ଜନା ପାଇଁ ପ୍ରେରିତ କରିଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'କଳିଙ୍ଗ ସାହିତ୍ୟ ମହୋତ୍ସବ'ର ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏଥିସହ ସାହିତ୍ୟ କିପରି ମାନବିକତା ଓ ଆଧ୍ୟାତ୍ମିକତାର ପ୍ରକୃତ ମାର୍ଗଦର୍ଶକ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ହିନ୍ଦୀ ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀଙ୍କୁ ସମ୍ମାନଜନକ 'କଳିଙ୍ଗ ସାହିତ୍ୟ ମହୋତ୍ସବ ଆନ୍ତର୍ଜାତିକ ପୁରସ୍କାର' ସହ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ସଂଳାପ ଲେଖକ, ନାଟ୍ୟ ନିର୍ଦ୍ଦେଶକ ତଥା ସାହିତ୍ୟିକ ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ 'କଳିଙ୍ଗ ସାହିତ୍ୟ ସମ୍ମାନ' ସହ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା। ଏଥିସହ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଓ ରାଜକମଲ ପ୍ରକାଶନକୁ 'ପବ୍ଲିସିଂ ହାଉସ୍ ଅଫ୍ ଦ ଇୟର୍' ପୁରସ୍କାର ମିଳିଥିବାବେଳେ ଇଂଲିଶ, ହିନ୍ଦୀ, ଓଡ଼ିଆ, କନ୍ନଡ, ନେପାଳୀ ଓ ମୈଥିଳି ଭାଷାରେ ଗଳ୍ପ, ଅଣକଳ୍ପ, ଆଞ୍ଚଳିକ ଭାଷା, ମହିଳା/ଦଳିତ/ଆଦିବାସୀ/ସଂଖ୍ୟାଲଘୁ ସାହିତ୍ୟ ଓ ଅନୁବାଦ କୃତିପାଇଁ ୧୮ଜଣ ଲେଖକଙ୍କୁ 'ଆଞ୍ଚଳିକ ଭାଷା ପୁରସ୍କାର' ପ୍ରଦାନ କରାଯାଇଛି।

ବିଶିଷ୍ଟ ସାହିତ୍ୟିକ ସୀତାକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ କହିଲେ, ଦିନକୁ ଦିନ ସାହିତ୍ୟ ଲୋକଙ୍କଠାରୁ ଦୂରେଇ ଯାଉଛି। ସାହିତ୍ୟ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଦେଖିବାକୁ ମିଳୁନି। ନୋବେଲ ଶାନ୍ତି ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀ କହିଲେ, ଜଗତୀକରଣ ଭାରତର ଡିଏନ୍‌ଏରେ ରହିଛି। ଆଗାମୀ ଦିନରେ ଆମ ଦେଶ କରୁଣାର ଜଗତୀକରଣ ସୃଷ୍ଟି କରିବା ପାଇଁ ପ୍ରୟାସ କରିବା ଉଚିତ। ଭାରତର 'ବସୁଧୈବ କୁଟୁମ୍ବକମ୍' ଉପରେ ସତ୍ୟାର୍ଥୀ କହିଛନ୍ତି, ମଣିଷ ଭୌଗୋଳିକ ସୀମା ଦ୍ୱାରା ବିଭାଜିତ ନୁହେଁ, ବରଂ ଏକ ବିଶ୍ୱ ପରିବାର ଅଧୀନରେ ଏକତ୍ରିତ। ମହୋତ୍ସବର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା କହିଲେ, ମହୋତ୍ସବର 'ଭାରତ ଓ ବିଶ୍ୱ' ବିଷୟବସ୍ତୁ ମୁଖ୍ୟତଃ ଭାରତକୁ ବିଶ୍ୱ ସାହିତ୍ୟ ସହ ଯୋଡ଼ିବା ଉଦ୍ଦେଶ୍ୟରେ ସ୍ଥିର କରାଯାଇଛି। ଏତଦ୍‌ବ୍ୟତୀତ ବିଶ୍ୱସ୍ତରୀୟ ପ୍ରକାଶନ ସଂସ୍ଥାମାନେ ଓଡ଼ିଶାକୁ ଆସିବା ଦ୍ୱାରା ସ୍ଥାନୀୟ ପ୍ରକାଶନ ବ୍ୟବସାୟ ତଥା ଓଡ଼ିଶା ଭାଷାର ପ୍ରଚାର ଓ ପ୍ରସାର କୌଶଳ ସମୃଦ୍ଧ ହେବ ବୋଲି ସେ ମତ ଦେଇଥିଲେ। ଏହି ମହୋତ୍ସବ ୩ଦିନ ଧରି ଚାଲିବ।





କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ଭୁବନେଶ୍ୱରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ପାର୍ଲାମେଣ୍ଟ ସମ୍ମୁଖରେ ବିକ୍ଷୋଭ କଲା ଓଷ୍ଟା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

- **ନୂତନ ଶିକ୍ଷାନୀତିରେ ତ୍ରୁଟି ସଂଶୋଧନ ସହ ନୂତନ ପେନ୍‌ସନ ବ୍ୟବସ୍ଥା ବାତିଲ ଦାବି**
- **ଶନିବାର ସବୁ ବର୍ଗର ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀଙ୍କ ପକ୍ଷରୁ ମହାଆନ୍ଦୋଳନ**

ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୁରୁଣା ପେନ୍‌ସନ ବ୍ୟବସ୍ଥାକୁ ପୁନଃ ଲାଗୁ କରିବା ସହ ବିଭିନ୍ନ ଦାବି ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ନୂଆଦିଲ୍ଲୀରେ ବିକ୍ଷୋଭ କରିଛି। ସର୍ବଭାରତୀୟ ଶିକ୍ଷକ ମହାସଂଘ (ଏସ୍‌ଟିଏଫ୍‌ଆଇ) ଡାକରାରେ ଜାତୀୟ ଶିକ୍ଷାନୀତିରେ ଥିବା ତ୍ରୁଟି ସଂଶୋଧନ କରିବା, ବାର୍ଷିକ ୭ଲକ୍ଷ ୫୦ହଜାର ପର୍ଯ୍ୟନ୍ତ ରୋଜଗାର ଉପରେ ଆୟକର ଛାଡ଼, ଶିକ୍ଷାକ୍ଷେତ୍ରରେ ବ୍ୟୟବରାଦକୁ ବୃଦ୍ଧି କରିବା, ମଧ୍ୟାହ୍ନଭୋଜନ ବ୍ୟବସ୍ଥାକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ଦ୍ଧନ ଓ ଶିକ୍ଷା ଅଧିକାର ଆଇନକୁ ଶକ୍ତିଶାଳୀ କରିବା ସହିତ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ପୁରୁଣା ପେନ୍‌ସନ ଲାଗୁ ପାଇଁ ପାର୍ଲାମେଣ୍ଟ ସମ୍ମୁଖରେ ଦାବି କରାଯାଇଛି। ୨୦୦୪ ପରେ କେନ୍ଦ୍ର ଓ ୨୦୦୫ ପରେ ରାଜ୍ୟ ସରକାର ଶିକ୍ଷକ କର୍ମଚାରୀଙ୍କ ଅବସର ପରେ ପାଉଥିବା ପୁରୁଣା ପେନ୍‌ସନ ବ୍ୟବସ୍ଥା (ଓପିଏସ୍)କୁ ବାତିଲ କରି ସେହି ସ୍ଥାନରେ ନୂତନ ପେନ୍‌ସନ ବ୍ୟବସ୍ଥା(ଏନ୍‌ପିଏସ୍) ଲାଗୁ କଲେ। ଫଳରେ ଅଢ଼େଇ ଲକ୍ଷରୁ ଅଧିକ ଶିକ୍ଷକ କର୍ମଚାରୀ ନୂତନ ପେନ୍‌ସନ ବ୍ୟବସ୍ଥାରେ ଛଟପଟ ହେଉଛନ୍ତି। ରାଜ୍ୟ ସରକାର ନୂତନ ଅନୁଦାନପ୍ରାପ୍ତ ପ୍ରାୟ ୫ହଜାରରୁ ଅଧିକ ସ୍କୁଲ କଲେଜରେ କାମ କରୁଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ଲାଗୁ ନ କରିବା ଦୁର୍ଭାଗ୍ୟଜନକ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଓଷ୍ଟାର ନେତା ବିନୋଦ ବିହାରୀ ପାଣିଗ୍ରାହୀ, ଭିକାରୀ ଚରଣ ସାହୁ, ପ୍ରକାଶଚନ୍ଦ୍ର ମହାନ୍ତି, ରଞ୍ଜନ ଦାଶ, ଅଶୋକ ମହାପାତ୍ର ଓ ଶଙ୍କର ସୁବୁଦ୍ଧିଙ୍କ ସମେତ ଶତାଧିକ ଶିକ୍ଷକ ଯୋଗଦେଇଥିଲେ। ଶନିବାର ସବୁ ବର୍ଗର ଶିକ୍ଷକ ଓ କର୍ମଚାରୀଙ୍କ ମହାଆନ୍ଦୋଳନ ହେବ।

# ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଆହ୍ୱାନ

**ଭୁବନେଶ୍ୱର,୨୪।୨(ବ୍ୟୁରୋ):** ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ବର୍ଷେ ପୂରିଥିବାବେଳେ ଦୁଇଦେଶର ପ୍ରତିଦିନ ଶହ ଶହ ଲୋକଙ୍କ ଜୀବନ ଯାଉଛି। ଏଣୁ ଦୁଇ ଦେଶରେ ଯୁଦ୍ଧକୁ ବନ୍ଦ କରି ଶାନ୍ତି ଫେରାଇବା ଉଦ୍ଦେଶ୍ୟରେ ଉତ୍କଳ ସର୍ବୋଦୟ ମଣ୍ଡଳ ତରଫରୁ ମାଷ୍ଟର କ୍ୟାଣ୍ଟିନ ଛକରେ ଏକ ନୀରବ ପ୍ରତିବାଦ ସଭା ମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇଦେଶର ଜନତା ତଥା ସାରା ବିଶ୍ୱ ଜନତାଙ୍କୁ ଏକତ୍ରିତ ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦୁଇଦେଶର ଜନସାଧାରଣ ସଜାଗ ହେବା ସଙ୍ଗେ ସଙ୍ଗେ ବିଶ୍ୱ ଜନତା ଏ ଦିଗରେ ଆଗେଇ ଆସିବା ପାଇଁ ସମ୍ପାଦକ ରମାକାନ୍ତ ମଣ୍ଡଳ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ମହାନ୍ତି ପ୍ରମୁଖ ନିବେଦନ କରିଛନ୍ତି। ଦୀର୍ଘଦିନ ଧରି ଚାଲିଥିବା ଯୁଦ୍ଧରେ ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା, ରେଳଷ୍ଟେଶନ, ଗବେଷଣାଗାର ଜନବସତି ସବୁ ମାଟିରେ ମିଶୁଛି। ହଜାର ହଜାର ଲୋକ ବେକାର ହୋଇ ଶରଣାର୍ଥୀ ହେଉଛନ୍ତି। ଜୀବନ ବିକଳରେ ଦେଶ ଛାଡୁଥିବା ଲୋକଙ୍କ ପାଇଁ ଜୀବନ ନିର୍ବାହ ଅତ୍ୟନ୍ତ ଦୁର୍ବିଷହ ହୋଇପଡିଛି। ଦୁଇ ଦେଶର ସବୁଜିମା ମାଟିରେ ମିଶିଗଲା। ପ୍ରକୃତିର ଧ୍ୱଂସଲୀଳାର ପ୍ରଭାବ ସାରା ବିଶ୍ୱ ଉପରେ ପଡୁଛି। ସଂଗଠନ ସାରା ବିଶ୍ୱରେ ଯୁଦ୍ଧ ନୁହେଁ ଶାନ୍ତି ଚାହେଁ ବୋଲି ସଦସ୍ୟମାନେ କହିଛନ୍ତି। ସଭାରେ ଉତ୍କଳ ସର୍ବୋଦୟ ମଣ୍ଡଳର ସଦସ୍ୟ ଇନ୍ଦୁମତି ସାହୁ, ସ୍ନେହାଂଶୁ ଜେନା, ମାଳତି ପାତ୍ର, ନିରାକାର ବେଉରା, ରାକେଶ ନାୟକ, ଜାତୀୟ ଯୁବ ପ୍ରକଳ୍ପର ମଧୁ ଭାଇ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟ ମଳୟ ତ୍ରିପାଠୀ, ଖଗେଶ୍ୱର ବଳ, ସତ୍ୟନାରାୟଣ ସାମନ୍ତସିଂହାର, ଜିତେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ।

# ପୁଣି ଅଜଣା ଜନ୍ତୁ ଆତଙ୍କ, ୧୨ ମେଣ୍ଢା ମୃତ



**ସାଲେପୁର,୨୪।୨(ଡି.ଏନ୍.ଏ.):** ସାଲେପୁର ବ୍ଲକ ବହୁଗ୍ରାମ ପଞ୍ଚାୟତରେ ପୁଣି ଅଜଣା ଜନ୍ତୁ ଆତଙ୍କ ସୃଷ୍ଟି କରିଛି। ଏହି ପଞ୍ଚାୟତର ପୋଡ଼ାଡିହ ଗ୍ରାମରେ ଗୁରୁବାର ରାତିରେ ଅଜଣା ଜନ୍ତୁ ଆକ୍ରମଣରେ ୧୨ ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏନେଇ ଗ୍ରାମର ମେଣ୍ଢା ଚାଷୀମାନେ ଭୟଭୀତ ହୋଇପଡ଼ିଛନ୍ତି। ସୁନାକର ଦାସଙ୍କ ଗୁହାଳରେ ଏହି ଅଜଣା ଜନ୍ତୁ ପଶି ୧୦ରୁ ଊର୍ଦ୍ଧ୍ୱ ମେଣ୍ଢାଙ୍କ ପେଟ ଚିରି ଅନ୍ତବୁଜୁଳା ବାହାର କରି ମାରିଦେଇଥିବାବେଳେ ଚଗଲା ଦାସଙ୍କ ୨ ମେଣ୍ଢାଙ୍କୁ ସମାନ ଢଙ୍ଗରେ ମାରିଥିବା ଜଣାପଡ଼ିଛି। ଛେଳି, ଗୋରୁଙ୍କୁ ଛାଡି ଏହି ଜନ୍ତୁ ଖାଲି ମେଣ୍ଢାଙ୍କୁ ଆକ୍ରମଣ କରୁଛି ବୋଲି ସେମାନେ କହିଛନ୍ତି। ଉକ୍ତ ଜନ୍ତୁକୁ ଠାବ କରିବାପାଇଁ ଗ୍ରାମବାସୀ ରାତି ତମାମ ଉଜାଗର ରହୁଥିଲେ ମଧ୍ୟ ତା'ର କୌଣସି ଟେର ପାଉନାହାନ୍ତି। ତୁରନ୍ତ ତାକୁ ଧରିବାପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି।

# ଆବାସିକ ବ୍ୟବସ୍ଥା ପାଇଁ ସ୍ଥାୟୀ ଭିତ୍ତିଭୂମି ବିକାଶ ଆବଶ୍ୟକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୨ (ବ୍ୟୁରୋ)





ସମ୍ମିଳନୀରେ ମେୟର ସୁଲୋଚନା ଦାସ, ନଗର ଉନ୍ନୟନ ବିଭାଗର ମୁଖ୍ୟ ସଚିବ ଜି.ମାଥି ଭାଥାନନ ଓ ଅନ୍ୟ ଅତିଥିମାନେ।

**ଆରମ୍ଭ ହେଲା ନ୍ୟାଶନାଲ ଟାଉନ୍ ଆଣ୍ଡ୍ କଣ୍ଟ୍ରି ପ୍ଲାନର୍ସ ସମ୍ମିଳନୀ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଇଣ୍ଡିଆ (ଆଇଟିପିଆଇ) ଦ୍ୱାରା ଆୟୋଜିତ ୭୧ତମ ନ୍ୟାଶନାଲ ଟାଉନ୍ ଆଣ୍ଡ କଣ୍ଟ୍ରି ପ୍ଲାନର୍ସ ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲ୍‌ରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରି କହିଲେ, ଭବିଷ୍ୟତର ବର୍ଦ୍ଧିତ ଜନସଂଖ୍ୟା ପାଇଁ ବାସସ୍ଥାନର ବ୍ୟବସ୍ଥା ଲାଗି ସ୍ଥାୟୀ ଭିତ୍ତିଭୂମି ସହିତ ସହରଗୁଡ଼ିକୁ ବିକଶିତ କରିବାର ଆବଶ୍ୟକତା ରହିଛି। ଏଥିସହ ଭାରତ ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରୟାସ କରୁଥିବାବେଳେ ଆମ ଦେଶରେ ବର୍ଦ୍ଧିତ ସହରୀକରଣ ପରିଲକ୍ଷିତ ହେଉଛି। ବହୁ ସଂଖ୍ୟକ ଯୁବିପିଢ଼ି ଗ୍ରାମାଞ୍ଚଳରୁ ସହରକୁ ସ୍ଥାନାନ୍ତର ହେଉଛନ୍ତି ଏବଂ ସହରର ଅନେକ ଲୋକେ ବସ୍ତିରେ ବାସ କରୁଛନ୍ତି। ଏହାଦ୍ୱାରା ସହରାଞ୍ଚଳର ସାର୍ବଜନୀନ ସେବା ଓ ଭିତ୍ତିଭୂମିଗୁଡ଼ିକ ପାଇଁ ଅତ୍ୟଧିକ ଚାପ ସୃଷ୍ଟି କରୁଛି। ଅର୍ଥନୈତିକ ଅଭିବୃଦ୍ଧି ସହିତ ଆମକୁ ଆମ ସହର ଓ ଟାଉନ୍‌ଗୁଡ଼ିକୁ ସ୍ଥାୟୀ ଭିତ୍ତିଭୂମି ସହିତ ବିକଶିତ କରିବାକୁ ପଡିବ, ଯାହାକି ଭବିଷ୍ୟତର ବର୍ଦ୍ଧିତ ଜନସଂଖ୍ୟା ପାଇଁ ବାସସ୍ଥାନ ସୁବିଧା ପ୍ରଦାନ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱରରେ ୨୪ବର୍ଷ ପରେ ଏହି ୩ଦିନିଆ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଇଛି। ଚଳିତବର୍ଷ ସମ୍ମିଳନୀର ବିଷୟବସ୍ତୁ ରହିଛି 'ସ୍ଥାୟୀ ବିକାଶ ଦିଗରେ ସହରାଞ୍ଚଳ ଓ ଆଞ୍ଚଳିକ ଯୋଜନା ପାଇଁ ଆହ୍ୱାନ'। ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଭୁବନେଶ୍ୱରରେ ଉଭୟ ଶିଳ୍ପ ଓ ରିୟଲ ଇଷ୍ଟେଟ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଚମତ୍କାର ସୁଯୋଗ ରହିଛି। ଭୁବନେଶ୍ୱର ଯୋଜନା ଆଧାରିତ ବିକାଶ ମାର୍ଗରେ ଅଗ୍ରସର ହେଉଛି। ଆମର ସମସ୍ତ କାର୍ଯ୍ୟ ସ୍ୱଚ୍ଛ ଓ ସବୁଜ ସହରୀ କନ୍‌ସେପ୍ଟ ଉପରେ ଆଧାରିତ। ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧିର ପ୍ରଭାବକୁ ସମ୍ବୋଧିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମେୟର କହିଥିଲେ। ଆଇଟିପିଆଇ ଉପାଧ୍ୟକ୍ଷ ଡ. ଏଲ ପି ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇ କହିଲେ, ଜଳ ଓ ବାୟୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ବିଦ୍ୟୁତ୍‌ଶକ୍ତି ଓ ବର୍ଜ୍ୟବସ୍ତୁ ପରିଚାଳନା ଅର୍ବାନ ପ୍ଲାନିଂର ପ୍ରମୁଖ ଆହ୍ୱାନ। ତେଣୁ ଏହି ସମସ୍ୟାଗୁଡ଼ିକର ମୁକାବିଲା କରିବା ପାଇଁ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ଡ. ପଟ୍ଟନାୟକ ମତ ଦେଇଥିଲେ। ସମ୍ମିଳନୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟ ସଚିବ ଜି.ମାଥି ଭାଥାନନ, ଆଇଟିପିଆଇର ପୂର୍ବତନ ସାଧାରଣ ସଚିବ ଏସ୍. ବି. ଖୋଡାଙ୍କର, ଆଇଟିପିଆଇ ଅଧ୍ୟକ୍ଷ ପ୍ରଫେସର ଡ. ଡି. ଏସ୍. ମିଶ୍ରାମ, ଟାଉନ ପ୍ଲାନିଂର ନିର୍ଦ୍ଦେଶକ ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସାଇକ୍ରିଷ୍ଣା



@ ରଞ୍ଜନ



@ ସୂର୍ଯ୍ୟକାନ୍ତ



@ ସୁବ୍ରତ



@ ଅଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ୍ ପରିସରରୁ ୩ ଦଲାଲ ଗିରଫ

କଟକ ଅଫିସ,୨୪।୨

**ପ୍ରତି ପ୍ୟାକେଟ ରକ୍ତକୁ ବିକୁଥିଲେ ୧ ହଜାର**

ଏସ୍‌ସିବି ମେଡିକାଲର ରୋଗୀଙ୍କୁ ରକ୍ତ ଯୋଗାଇ ଦେବାକୁ କହି ଟଙ୍କା ନେବା ଅଭିଯୋଗରେ ୩ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ଶହୀଦନଗର ଥାନା ଅଞ୍ଚଳର ବିକାଶ ସ୍ୱାଇଁ, ପାତ୍ରପଡ଼ାରେ ରହୁଥିବା ବୋଲଗଡ଼ର ପଦ୍ମ ଚରଣ ଦାସ ଓ ଖଣ୍ଡଗିରି ବରିରେ ରହୁଥିବା ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦର ସଞ୍ଜୟ ପ୍ରଧାନ। ସେମାନଙ୍କଠାରୁ ୨ଟି ବ୍ଲଡ୍ ରିକ୍ୟୁଜିସନ୍, ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ମଙ୍ଗଳାବାଗ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସିପି ଅସୀମ ଅମିତାଭ ଦାସ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ମଙ୍ଗଳାବାଗ ଫାଣ୍ଡି ପୋଲିସ ଗୁରୁବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବାବେଳେ କେତେଜଣ ଦଲାଲ ରକ୍ତ ବିକ୍ରି କରୁଥିବା ଜାଣିବାକୁ ପାଇଥିଲା। ଦଲାଲମାନେ ଏସ୍‌ସିବି ମେଡିକାଲର ବର୍ଣ୍ଣ ୟୁନିଟ୍‌ରେ ଚିକିତ୍ସାଧୀନ ଜଣେ ରୋଗୀଙ୍କୁ ଶସ୍ତାରେ ରକ୍ତ ଦେବାର ପ୍ରଲୋଭନ ଦେଖାଇଥିଲେ। ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କରେ ରକ୍ତ ଦେଇ ସମ୍ପୃକ୍ତ ରୋଗୀ ସମ୍ପର୍କୀୟଙ୍କୁ ରକ୍ତ ପ୍ୟାକେଟ ହସ୍ତାନ୍ତର କରିସାରିବା ପରେ ବ୍ଲଡ୍ ବ୍ୟାଙ୍କ ସମ୍ମୁଖରେ ଦର ମୂଲଚାଲ କରୁଥିଲେ। ପୋଲିସ ସେଠାରେ ପହଞ୍ଚି ଦଲାଲମାନେ ପ୍ରତି ରକ୍ତ ପ୍ୟାକେଟକୁ ୧ ହଜାର ଟଙ୍କା ନେବା ନିମନ୍ତେ ନିରୀହ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦାବି କରୁଥିବା ଜାଣିବାକୁ ପାଇଲେ। ତୁରନ୍ତ ସେମାନଙ୍କୁ ପୋଲିସ ଗିରଫ କରିଥିଲା।

## ଜାତୀୟ/ଅନ୍ତର୍ଜାତୀୟ

# ୫୧୨ କେଜି ପିଆଜ ବିକି ୨.୪୯ ଟଙ୍କା ପାଇଲେ ଚାଷୀ

ପୁଣେ,୨୪।୨

ମହାରାଷ୍ଟ୍ର ସୋଲାପୁରର ଜଣେ ୬୩ ବର୍ଷୀୟ ଚାଷୀ ଜିଲାର ଜଣେ ବ୍ୟବସାୟୀଙ୍କୁ ୫୧୨ କିଲୋଗ୍ରାମ ପିଆଜ ବିକ୍ରି କରି ମାତ୍ର ୨ ଟଙ୍କା ୪୯ ପଇସା ପାଇଛନ୍ତି। ସୋଲାପୁର ମାର୍କେଟରେ ପିଆଜ କିଲୋ ୧ ଟଙ୍କାରେ ବିକ୍ରି କରିବାକୁ ପଡିଥିଲା। ସବୁ ଖର୍ଚ୍ଚକୁ ବାଦ୍ ଦେବା ପରେ ୨ ଟଙ୍କା ୪୯ ପଇସା ବାହାରିଥିଲା ବୋଲି ରାଜେନ୍ଦ୍ର ଚଭନ ନାମକ ଚାଷୀ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଗତ ସପ୍ତାହରେ ସେ ବଜାରକୁ ୧୦ ପ୍ୟାକେଟ ପିଆଜ ପଠାଇଥିଲେ, ଯାହାର ଓଜନ ୫୧୨ କିଲୋଗ୍ରାମ ଥିଲା। ବ୍ୟବସାୟୀ ତାଙ୍କୁ କୁଇଣ୍ଟାଲ ୧୦୦ ଟଙ୍କା ହିସାବରେ ପୈଠ କରିଥିଲେ। ତେବେ ଲୋଡିଂ, ପରିବହନ, ଓଜନ ଓ ଶ୍ରମିକ ମଜୁରୀ ବାବଦ ୫୦୯ ଟଙ୍କା ୫୧ ପଇସା ବାଦ୍ ଦେବା ପରେ ଆଉ ୨ ଟଙ୍କା ୪୯ ପଇସା ବଳକା ରହିଥିଲା।

# ତ୍ରିପୁରା ଭୋଟଗଣନା ପାଇଁ ୧୦ ଓଡ଼ିଆ ଅଫିସର ପର୍ଯ୍ୟବେକ୍ଷକ

ନୂଆଦିଲ୍ଲୀ,୨୪।୨

ତ୍ରିପୁରା ବିଧାନସଭା ନିର୍ବାଚନର କାଉଣ୍ଟିଂ ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କମିଶନ ୧୦ ଓଡ଼ିଆ ଅଫିସରଙ୍କୁ ନିୟୋଜିତ କରିଛନ୍ତି। ସେମାନେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ଭୋଟଗଣତିର ତଦାରଖ କରିବେ। ଏହି ଅଫିସରମାନେ ହେଲେ ଅଶୋକ କୁମାର ବେହେରା, ବାଲମୁକୁନ୍ଦ ଭୁୟାଁ, ଦେବାଶିଷ ସିଂ, ଧରମ ହାଁସଦା, ହରିଶ ଚନ୍ଦ୍ର ନାୟକ, ଇନ୍ଦ୍ରମଣି ନାୟକ, ଲକ୍ଷ୍ମଣ କୁମାର ମଲ୍ଲିକ, ମଧୁସୂଦନ ଦାସ, ନରହରି ସେଠୀ ଏବଂ ଶ୍ରୀକାନ୍ତ ତରାଇ। ତ୍ରିପୁରା ବିଧାନସଭା ନିର୍ବାଚନରେ ୧୬ ତାରିଖରେ ଶେଷ ହୋଇଥିବାବେଳେ ମାର୍ଚ୍ଚ ୨ରେ ଭୋଟଗଣନା କରାଯିବ।

# ବାଇଡେନ୍‌ଙ୍କୁ ‘ରାଷ୍ଟ୍ରପତି ଓବାମା’ କହିଲେ ପ୍ରେସ୍ ସଚିବ

ୱାଶିଂଟନ,୨୪।୨

ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରିନ୍ ଜିନ୍-ପିଏରେ ଗୁରୁବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବା ସମୟରେ ରାଷ୍ଟ୍ରପତି ଜୋ ବାଇଡେନ୍ କହିବା ପରିବର୍ତ୍ତେ ରାଷ୍ଟ୍ରପତି ଓବାମା କହିଦେଇଥିଲେ। ତାଙ୍କ ପାଟିରୁ ଭୁଲ୍‌ବଶତଃ ଓବାମାଙ୍କ ନାମ ବାହାରିଯାଇଥିଲା, ଯାହା ଲାଇଭ୍ ଟିଭିରେ କଏଦ ହୋଇଯାଇଥିଲା। ଖବରଦାତାମାନେ ଆଶ୍ଚର୍ଯ୍ୟ ହୋଇ ପାଟି କରିବାରୁ ପିଏରେ କହିଥିଲେ, ‘ୱା! ଏହା ତ ଖବର। ମୁଁ ଜାଣେ ଆମେ ଆଗକୁ ନ ଯାଇ ପଛକୁ ଯାଉଛୁ। ଆମକୁ ଆଗକୁ ଯିବାକୁ ହେବ ବୋଲି ସେ କହିଥିଲେ। ପରେ ସେ କହିଥିଲେ, ରାଷ୍ଟ୍ରପତି ବାଇଡେନ୍‌ଙ୍କ ଦ୍ୱାରା ମନୋନୀତ ଅଜୟ ବଙ୍ଗା ବିଶ୍ୱ ବ୍ୟାଙ୍କର ନେତୃତ୍ୱ ନେବେ।

# ଥିରୁଭାନନ୍ତପୁରମ୍ ବିମାନବନ୍ଦରରେ ଏମର୍ଜେନ୍ସି

ଥିରୁଭାନନ୍ତପୁରମ୍,୨୪।୨

ଶୁକ୍ରବାର କାଲିକଟରୁ ସାଉଦି ଆରବର ଦମ୍ମାମ ଯାଉଥିବା ଏକ ବିମାନକୁ ହାଇଡ୍ରୋଲିକ୍ ଫେଲ୍ୟୁଅର ସନ୍ଦେହରେ କେରଳ ରାଜଧାନୀ ଥିରୁଭାନନ୍ତପୁରମ୍ ନିଆଯିବା ପରେ ଅନ୍ତର୍ଜାତୀୟ ବିମାନବନ୍ଦରରେ ପୂର୍ଣ୍ଣକାଳୀନ ଏମର୍ଜେନ୍ସି ଜାରି ହୋଇଥିଲା। ମଧ୍ୟାହ୍ନ ୧୨ଟା ୧୫ରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଆଇଏକ୍ସ୩୮୫ ବିମାନଟି ଥିରୁଭାନନ୍ତପୁରମ୍ ବିମାନବନ୍ଦରରେ ଅବତରଣ କରିଥିଲା। ବିମାନରେ ୧୮୨ ଯାତ୍ରୀ ଥିଲେ। ସକାଳେ କାଲିକଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଭରିବା ବେଳେ ଉକ୍ତ ବିମାନର ପଛ ଭାଗ ରନ୍‌ୱେରେ ମାଡ଼ ହୋଇଥିଲା। ଏଥିରେ ଥିବା ଇନ୍ଧନକୁ ଆରବ ସାଗର ଉପରେ ଢାଳାଯିବା ପରେ ଏହାକୁ ନିରାପଦର ସହ ଅବତରଣ କରାଯାଇଥିଲା।

# ବୃଦ୍ଧା ମା’ଙ୍କୁ ଘରକୁ ନେଲେ ପୁଅ

କଟକ ଅଫିସ, ୨୪।୨

ବିକଳ୍ପ ବିବାଦ ସମାଧାନ ମାଧ୍ୟମରେ ବୃଦ୍ଧା ମା’ଙ୍କୁ ତାଙ୍କ ପୁଅ ଘରକୁ ନେଇଛନ୍ତି। ଆପୋସ ବୁଝାମଣା ମାଧ୍ୟମରେ ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ) ଦ୍ୱାରା ଏହା କରାଯାଇଛି। ଓଏସ୍‌ଏଲ୍‌ଏସ୍‌ଏରୁ ମିଳିଥିବା ସୂଚନା ମୁତାବକ, ବାଲେଶ୍ୱର ଜିଲା କମର୍ଦା ଥାନା ଅନ୍ତର୍ଗତ ଆରୁହା ଗ୍ରାମର



କଟକ ଜିଲା ଆଇନ ସେବା ପ୍ରାଧିକରଣରେ ଆପୋସ ସମାଧାନବେଳେ ଉପସ୍ଥିତ ବୃଦ୍ଧା ମାଆ, ତାଙ୍କ ପୁଅବୋହୂ ଓ ଅନ୍ୟମାନେ।

### ଓଏସ୍‌ଏଲ୍‌ଏସ୍‌ଏରେ ବିକଳ୍ପ ବିବାଦ ସମାଧାନ

ଆନନ୍ଦିନୀ ଦାସ(୭୩)ଙ୍କୁ ତାଙ୍କ ପୁଅ ଚିକିତ୍ସା ଓ ଦେଖାଶୁଣା କରୁ ନ ଥିବା ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ୟା ସମାଧାନ ନିମନ୍ତେ ହାଇକୋର୍ଟ ସମ୍ପୃକ୍ତ ବୃଦ୍ଧାଙ୍କୁ ଓଏସ୍‌ଏଲ୍‌ଏସ୍‌ଏକୁ ପଠାଇଥିଲେ। ଗତ ୮ ତାରିଖରେ ବୃଦ୍ଧା ଓ ତାଙ୍କର ଦୁଇ ସମ୍ପର୍କୀୟ ଓଏସ୍‌ଏଲ୍‌ଏସ୍‌ଏରେ ପହଞ୍ଚିଥିଲେ। ପ୍ରାଧିକରଣରେ ପହଞ୍ଚିବା ପରେ ଆନନ୍ଦିନୀ ମେଡିକାଲ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ। ଏଥିସହ ପୁଅ, ବୋହୂ ମାଡ଼ଗାଳି ଦେଉଥିବା ବିଷୟରେ କହିଥିଲେ। ଏହାପରେ ପ୍ରାଧିକରଣ ସଦସ୍ୟ ସଚିବ ବୃଦ୍ଧାଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ କଟକ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନନ୍ଦିନୀଙ୍କୁ କଟକ ବଡ଼ ମେଡିକାଲର ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ଏଥିସହ ଓଏସ୍‌ଏଲ୍‌ଏସ୍‌ଏ ସଦସ୍ୟ ସଚିବ ବାଲେଶ୍ୱର ଜିଲା ଆଇନ ସେବା ପ୍ରାଧିକରଣକୁ ଆନନ୍ଦିନୀଙ୍କ ଅଭିଯୋଗର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୨ ତାରିଖରେ ବାଲେଶ୍ୱର ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଆନନ୍ଦିନୀଙ୍କ ପୁଅ ଓ ବୋହୂ ଉପସ୍ଥିତ ହୋଇଥିଲେ। ବହୁ ବୁଝାଶୁଝା ପରେ ପୁଅ ରବୀନ୍ଦ୍ର କୁମାର ଦାସ ତାଙ୍କ ମା’ଙ୍କୁ କଟକ ବଡ଼ ମେଡିକାଲରୁ ଫେରାଇ ନେବାକୁ ସହମତି ପ୍ରକାଶ କରିଥିଲେ। ମା’ ମଧ୍ୟ ଘରକୁ ଯିବା ପାଇଁ ରାଜି ହୋଇଥିଲେ। ଉଭୟ ମା’ ଓ ପୁଅଙ୍କୁ କଟକ ଜିଲା ଆଇନ ସେବା ପ୍ରାଧିକରଣକୁ ନିଆଯାଇଥିଲା। ଆପୋସ ବୁଝାମଣା ପରେ ପୁଅ ଭବିଷ୍ୟତରେ ମା’ଙ୍କର ସମସ୍ତ ଚିକିତ୍ସା ଓ ଦେଖାଶୁଣା କରିବେ ବୋଲି ଲିଖିତ ଭାବେ ଜଣାଇଥିଲେ। ଏହିପରି ବିକଳ୍ପ ବିବାଦ ସମାଧାନ ମାଧ୍ୟମରେ ଉଭୟ ମା’ ଓ ପୁଅଙ୍କ ଖୁସି ଫେରି ଆସିଥିଲା।

# କଟକ ଜିଲା ଅଧୀନକୁ ଆସିଲା ୨ ପ୍ରାଣୀ ଚିକିତ୍ସା କେନ୍ଦ୍ର

କଟକ ସଦର, ୨୪।୨(ଡି.ଏନ୍.ଏ.)

କଟକ ଜିଲାର ଉତ୍ତରକୂଳ ଓ ମଣିଜଙ୍ଗ ପ୍ରାଣୀ ଚିକିତ୍ସା କେନ୍ଦ୍ର ଜଗତ୍‌ସିଂହପୁର ଜିଲା ପ୍ରଶାସନ ଅଧୀନରେ ଥିଲା। ଏବେ ଏହାର ନିୟନ୍ତ୍ରଣ କଟକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଅଧୀନକୁ ଆସିଲା ବୋଲି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପତ୍ରସଂଖ୍ୟା ୨୫୦୨/ ୨୨।୨।୨୦୨୩ରେ ଜଣାଇଛନ୍ତି।

# ଓଡ଼ିଆରେ ଅନୂଦିତ ହେବ ଗୀତାଞ୍ଜଳି ଶ୍ରୀଙ୍କ ଉପନ୍ୟାସ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଅନ୍ତର୍ଜାତୀୟ ବୁକର୍ ପୁରସ୍କାରପ୍ରାପ୍ତ ଉପନ୍ୟାସ ‘ରେତ୍ ସମାଧି’(ଟମ୍ବ ଅଫ୍ ଦି ସ୍ୟାଣ୍ଡ)ର ଓଡ଼ିଆ ଅନୁବାଦ ହେବ। ଏହାର ଓଡ଼ିଆ ଅନୁବାଦ ପ୍ରକାଶ କରିବା ପାଇଁ ଧଉଳି ବୁକ୍ସ ଭୁବନେଶ୍ୱରକୁ ଲେଖିକା ଗୀତାଞ୍ଜଳୀ ଶ୍ରୀ ଅନୁମତି ଦେଇଥିବା ସ୍ୱତ୍ତ୍ୱାଧିକାରୀ ମନୁ ଦାସ ଜଣାଇଛନ୍ତି। ଏ ନେଇ ଏକ ଚୁକ୍ତିପତ୍ର ଲେଖିକାଙ୍କ ପ୍ରତିନିଧି ଡାଭିଡ୍ ଗଡ୍‌ୱିନ୍ ଆସୋସିଏଟ୍ସଙ୍କ ସହ ସ୍ୱାକ୍ଷରିତ ହୋଇଥିବା ଦାସ କହିଛନ୍ତି। ଏହା ହେବ ଅନ୍ତର୍ଜାତୀୟ ବୁକର ପୁରସ୍କାରପ୍ରାପ୍ତ ଉପନ୍ୟାସର ପ୍ରଥମ ଓଡ଼ିଆ ଅନୁବାଦ। ଏହା ପୂର୍ବରୁ ଧଉଳି ବୁକ୍ସ ବହୁ ପ୍ରଥିତଯଶା ଭାରତୀୟ ଲେଖକଙ୍କର ଅନେକ ପୁସ୍ତକ ଓଡ଼ିଆରେ ଅନୁବାଦ କରିବା ସହ ପ୍ରକାଶନ କରିଛି।

# ଦୟା ୱେଷ୍ଟ କେନାଲ ସଂଲଗ୍ନ ରାସ୍ତାର ହେବ ଉନ୍ନତୀକରଣ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

### ୬ ଲେନ୍ ବିଶିଷ୍ଟ କଟକ ଓ ଜଟଣୀ ରାସ୍ତା ମଧ୍ୟରେ ହେବ ସିଧାସଳଖ ଯୋଗାଯୋଗ

ଦୟା ୱେଷ୍ଟ କେନାଲ ସଂଲଗ୍ନ ରାସ୍ତାର ଉନ୍ନତୀକରଣ ନିମନ୍ତେ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ଏହାଦ୍ୱାରା କଟକ ବାରଙ୍ଗ ଏବଂ ଜଟଣୀର ରେତଙ୍ଗ ମଧ୍ୟରେ ସିଧାସଳଖ ସଡ଼କ ସଂଯୋଗ ହୋଇପାରିବ। ଏହାସହ କଟକ-ପୁରୀ ରୋଡ ଠାରୁ ରବିଟକିଜ ଏବଂ ଜୟଦେବ ବିହାର ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଟ୍ରାଫିକ୍ ଭିଡ ନିୟନ୍ତ୍ରଣ ହୋଇପାରିବ। ଏ ସମ୍ପର୍କରେ ଏକ ବୈଠକ ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏହି ସଡ଼କ ଉନ୍ନତୀକରଣ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି କେନାଲ ସଂଲଗ୍ନ ୪ଟି ଷ୍ଟ୍ରେଚରେ ୬ ଲେନ ବିଶିଷ୍ଟ ପ୍ରାୟ ୩୮ କିଲୋମିଟର ଦୈର୍ଘ୍ୟ ରାସ୍ତା ନିର୍ମାଣ କରାଯିବ। ଏନେଇ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରଥମ ଷ୍ଟ୍ରେଚରେ ୧୩.୭୪ କି.ମି, ଦ୍ୱିତୀୟ ଷ୍ଟ୍ରେଚରେ ୭.୨୯କି.ମି, ୩ୟରେ ୩.୧୬ ଏବଂ ଚତୁର୍ଥ ଷ୍ଟ୍ରେଚରେ ୧୩.୮୪ କି.ମି ରାସ୍ତା ଉନ୍ନତୀକରଣ ନେଇ ଯାଦବ ବୈଠକରେ ସୂଚନା ଦେଇଛନ୍ତି। ଏହି ଉନ୍ନତିକରଣ ପ୍ରକ୍ରିୟା ଜଳସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ତ୍ୱରାନ୍ୱିତ କରାଯିବା ସହ ଆବଶ୍ୟକ ଥଇଥାନ କରାଯିବା ନେଇ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା କୂଆଖାଇ ଓ ଦୟାନଦୀ ମଧ୍ୟରେ ଥିବା ଅଞ୍ଚଳରେ ଉନ୍ନତୀକରଣ ନେଇ ନୂଆ ସମ୍ଭାବନା ସୃଷ୍ଟି ହେବାସହ ବମିଖାଲ, ଜି.ଜି.ପି କଲୋନୀ, ଲକ୍ଷ୍ମୀସାଗର, ପୁରୁଣା ଭୁବନେଶ୍ୱର, କପିଳେଶ୍ୱର, ସୁନ୍ଦରପଦା ଏବଂ ପଟିଆ ଓ ମଞ୍ଚେଶ୍ୱର ରେଳ ଷ୍ଟେସନ ଆଦି ଅଞ୍ଚଳକୁ ନିରବଚ୍ଛିନ୍ନ ଯୋଗାଯୋଗ ସମ୍ଭବ ହୋଇପାରିବ। ଏପରିକି ସହରରେ ମଶା ଓ ମାଛି ପ୍ରାଦୁର୍ଭାବ ହ୍ରାସ ପାଇପାରିବ।

# ଲାଞ୍ଚ ନେଇ ଶିକ୍ଷକ, ଡିଟିପି ଅପରେଟର ଗିରଫ

ପୁରୀ ଅଫିସ, ୨୪।୨

ଲାଞ୍ଚ ନେବା ଅଭିଯୋଗରେ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଡିଟିପି ଅପରେଟର ଧୀରେନ୍ଦ୍ର ସେନାପତି ଓ ବ୍ରହ୍ମଗିରି ଖଣ୍ଡବଜାରର ପ୍ରାଥମିକ ଶିକ୍ଷକ ପ୍ରହଲାଦ ପ୍ରଧାନ। ଉଭୟ କାର୍ଯ୍ୟ କରିଦେବା ପାଇଁ ୨ହଜାର ଟଙ୍କା ଲେଖାଏ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସୂଚନା ଅନୁଯାୟୀ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ କି, ତାଙ୍କ ପୁଅ ଦଶମ ଶ୍ରେଣୀରେ ପାଠ ପଢନ୍ତି ଓ ସେ ଥାଲାସେମିଆ ରୋଗରେ ପୀଡ଼ିତ। ତାଙ୍କର ବି ପଜେଟିଭ ରକ୍ତ ଓ ମାଗଣା ଔଷଧ ପାଇଁ ଏକ ସ୍କଲାର ପ୍ରମାଣପତ୍ର ଆବେଦନ କରିଥିଲେ। ସେ ଜଣେ ମେଧାବୀ ଛାତ୍ର ହୋଇଥିବା ସହ ନବମ ଶ୍ରେଣୀରେ ନ୍ୟାଶନାଲ ମେନ୍‌ସ କମ୍ ମେରିଟ ସ୍କଲାରଶିପ୍ ସ୍କିମ (ଏନ୍‌ଏମ୍‌ଏମ୍‌ଏସ୍)ରେ ସ୍କଲାରଶିପ୍ ପାଇଥିଲେ। ଏହି ପ୍ରମାଣପତ୍ର କରିବା ପାଇଁ ଉଭୟ ଅଭିଯୁକ୍ତ ୨ହଜାର ଟଙ୍କା ଲେଖାଏ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉଭୟଙ୍କ ବିରୋଧରେ ଭିଜିଲାନ୍ସ ଧାରା ୭ ପିସି ଆକ୍ଟ-୨୦୧୮ରେ ଏକ କେସ୍ (ନଂ. ୩/୨୩) ରୁଜୁ ସହ ତଦନ୍ତ ଜାରି ରଖିଛି।


**OFFICE OF THE MUNICIPAL COUNCIL, BRAJRAJNAGAR**

No. 931 Dt.24.02.2023

**QUOTATION CALL NOTICE**

No. C-2538: Sealed quotations in prescribed form are invited from the Companies or Authorised dealers like Bajaj, Philips and Havels manufacturer Electrical Materials/Accessories of spare parts supply to Brajrajnagar Municipality. The quotation will be received upto 12.30 P.M. on Dt.06.03.2023 which will be opened on the same date at 4.00 P.M. in presence of the quotationers or their authorised representatives. The quotationers must have to submit Xerox copy of the GST Clearance Certificate and PAN card along with their quotations failing which the quotation shall not be considered. The quotations can also be send by Registered Post/Speed Post which should reached the undersigned within the stipulated date & time. Quotation can also be dropped in Tender Box. Any quotation submitted/received beyond the above date and time shall not be entertained. Any quotation which will be given directly in hand in the concerned section shall not be entertained. The quotation scheduled can be obtained from the Municipal Office on payment of Rs.2000/- (Rupees two thousand) only in office hour. The payment amount is not refundable.

The authority reserves the right to accept or cancel any or all the quotations without assigning any reason thereof.

Sd./- Executive Officer
Brajrajnagar Municipality
OIPR-13099/11/0055/2223

**BHUBANESWAR DEVELOPMENT AUTHORITY**

Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bda.gov.in

No. CAD-4932

**INVITATIONS FOR BIDS (IFB)**

Bid Identification No. 196 (WE) Dated: 23.02.2023

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid H.T. Licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Special repair and E.I. to Suryakiran Market Complex at Sahid Nagar, Bhubaneswar | 17,89,290.00 | 17,900.00 | 6000.00 + 18% GST | 30 Days |

2. The Bid documents will be available in the website: **https://tendersodisha.gov.in** from **01.03.2023 to 09.03.2023 upto 17.00 hours.**
3. Bids shall be received only "Online" on or before **09.03.2023 upto 17.00 hours.** The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

OIPR-13033/11/0513/2223 Sd./- Executive Engineer, Division-IV, BDA, BBSR

**GOVERNMENT OF ODISHA** No. O-1904

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

Bid Identification No. Online Tender / 78-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 78-2022-23/BPR | Road Works including 05 years Post Construction maintenance under CMRL & CUVDA for the year 2022-23 | 05 Nos. | From Rs.205.05 lakhs to Rs.583.15 lakhs | "B" Class & "A" Class as applicable | 06 (Six), 09 (Nine) & 11 (Eleven) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 78-2022-23/BPR | 02.03.2023 at 10.00 A.M. | 17.03.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0123/2223 Sd./- P.K. Jena, Chief Construction Engineer, R.W. Circle, Berhampur

**DISTRICT MINERAL FOUNDATION TRUST**

At: Redcross Bhawan, Collectorate Campus, Angul, Odisha, PIN - 759122
Tele: 0674-230745/E-mail: dmfangul@gmail.com

**SHORT QUOTATION CALL NOTICE**

Notice No. 132/DMFT Dated: 22.02.2023

No. CAD-4930: Short quotation call notice has been invited from the authorized dealer/retail outlets of computer and peripherals for supply of required Nos. of Laptops and Printers to DMFT, Angul. Interested dealers/vendors are requested to download the documents from the website: **www.angul.nic.in**. Last date for receipt of response to the short quotation call notice is 14.03.2023 upto 5.00 P.M. Bid documents are to be submitted by Speed Post/Registered Post (India Post)/Courier only.

Sd./- CDO, ZP-cum-Chief Executive
DMFT, Angul
OIPR-30027/11/0010/2223

**OFFICE OF THE REGULATED MARKET COMMITTEE, KUCHINDA**

At/-Kundaposi, Po-Kuchinda, Near Fire Station, In Front of Forest Park, Sambalpur, Pin-768222, Tele phone No. (06642) 221066, Email ID:rmc.kuchinda@gmail.com

Letter No.678 Date:23.02.2023
RMC/MKTY/2022-23

**REQUEST FOR QUOTATION (RFQ)**

**Subject:** Complete engineering, supply and procurement of materials and supervision of fabrication, erection, testing, pre-commissioning and commissioning for 5nos of 10MT Solar Cold Room at different places under RMC, Kuchinda, Dist-Sambalpur.

The Sub-Collector-cum-chairman RMC, Kuchinda on behalf of the RMC, Kuchinda invites sealed RFQ from reputed expert Agencies/Companies to submit a proposal for complete engineering, supply and procurement of materials and supervision of fabrication, erection, testing, pre-commissioning, and commissioning for 5nos of 10MT Solar Cold Room at different places under RMC, Kuchinda, Sambalpur Dist-Sambalpur.

The detail Quotation call notice with specification can be seen from the Sambalpur District website **www.sambalpur.nic.in.**

An amount of Rs.10000/- (Rupees Ten thousand) only (non-refundable) towards the cost of the RFQ document shall have to be enclosed in the shape of a "Demand draft" drawn on any Nationalized Bank Payable in favour of Secretary, R.M.C, Kuchinda.

The agency/company must furnish the documents tabulated below:

| |
|---|
| 1. GST and PAN certificate of the firm |
| 2. Bank draft towards the cost of tender document |
| 3. Statement of Performance of the last 3 years along with documentary evidence (Work /Purchase orders) |
| 4. Revenue certificate in prescribed format |
| 5. List of service centres/offices in India |
| 6. Certificate recognizing technology by Government of India |

The proposal should be submitted to The Secretary, RMC, Kuchinda through Speed/Regd. Post or drop in the drop box available on the office premises by Date.28.02.2023 till 3:00 P.M. The technical bids will be opened on dt. 04.03.2023 at 3.30 P.M, if possible, in the presence of those bidders who chose to attend.

The technical bids shall be evaluated jointly by the committee of Sub-Collector Kuchinda, RMC Secretary, Kuchinda, ADH, Kuchinda and BDO Kuchinda, among the feasible proposal, the proposal satisfying technical parameters and other conditions of ToR shall be awarded the work order.

The agency shall be solely responsible for any cost they may Incur for a site visit, transport, faxes, postage, telephones etc. in the process of submission of the proposal. The RMC, Kuchinda reserve the right at its absolute discretion to accept or reject any of the proposals without assigning any reason / reasons. Should they require any further information they may contact the Secretary RMC, Kuchinda.

Sd./- Sub-Collector-cum-Chairman
RMC, Kuchinda

**OFFICE OF THE MUNICIPAL COUNCIL, KHORDHA**

H & UD Department, Govt. of Odisha, Khordha-752055
e-Mail:khurda_municipality@yahoo.co.in, Phone No.06755-220674

**'e' Procurement Notice**

No.513/ Date:22.02.2023

**No.C-2540:** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Tender Reference No. : KMPLTY/02/2022-23
2. Name of the Work : Civil Construction works as mentioned in website.
3. No. of Works : 07 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date.24.02.2023 at 12.00 Noon.
8. Last date & time for receipt of bids in the Portal : Date: 04.03.2023 upto 5.00 PM
9. Bids received online shall be opened on : Date. 10.03.2023 from 11.00 AM
10. Name and address of the Officer Inviting Bid : O/o. Executive Officer, Khordha Municipality.

Further amendments, corrigendum or other communication regarding this letter will be available only on https://tendersodisha.gov.in/nicgep/app and will not be published in print media.

Sd./- Executive Officer, Khordha Municipality
OIPR-13082/11/0021/2223

XXXXX-V-D-126/2019

**BHUBANESWAR MUNICIPAL CORPORATION**

No.8882, Dt.24.02.2023

**COMPETITIVE BIDDING THROUGH e-Procurement NOTICE INVITING TENDER**

**Bid Reference No. BMC-DD-CE-04/2022-23 Dt.**

**No.C-2536:** On behalf of the Commissioner, Bhubaneswar Municipal Corporation, City Engineer, Bhubaneswar Municipal Corporation invites Percentage Rate Bids for the work mentioned in the DTCN through e-Procurement in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid/Price Bid/BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement. Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website www.tendersodisha.gov.in by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN, intending bidders may contact Superintending Engineer, Drainage Division, Bhubaneswar Municipal Corporation.

1. Total No. of works for which Tenders invited: 2 Nos.
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: **Rs.2,26,97,463 /-** to **2,34,73,489/-** and Class of Contractor - **'B' to 'A'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **10.30 AM on Dt. 27.02.2023 to 5 PM on Dt.15.03.2023** for online bidding.
6. Last date & time of bidding on-line: **Dt.15.03.2023 at 5 PM.**
7. The Technical bid received online will be opened at **11.00 A.M on Dt.16.03.2023**
8. The bidder must possess valid and compatible **Digital Signature Certificate (DSC).**
9. The successful bidder has to furnish Additional Performance Security (APS) as detailed in the DTCN failing which the bid shall not be considered.
10. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.
11. Subsequent reserves corrigendum, if required, shall appear in these websites.
12. Authority reserves the right to reject any or all the tenders without assigning any reason thereof subject to the limitations prescribed by Central Vigilance Commission.

By Order of Commissioner, BMC
Sd./- City Engineer
Bhubaneswar Municipal Corporation
OIPR-13002/11/0237/2223

# ପୁରୀରେ ଖିମ୍‌ଜୀ ଜୁଏଲର୍ସର ଏକ୍ସକ୍ଲୁସିଭ ଷ୍ଟୋର

## ରାଜ୍ୟରେ ୭ମ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୨




ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ପୁରୀ ସହରର ଭିଆଇପି ରୋଡ୍‌ସ୍ଥିତ ପୋଲିସ ଲାଇନଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖିମ୍‌ଜୀ ଜୁଏଲର୍ସର ଅଧ୍ୟକ୍ଷ ଦିନେଶ ଖିମ୍‌ଜୀ, ପରିଚାଳନା ନିର୍ଦ୍ଦେଶକ କିଶୋର ଖିମ୍‌ଜୀ, ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଏବଂ ସୁମିତ୍ ଖିମ୍‌ଜୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ୫୦୦୦ବର୍ଗ ଫୁଟ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଏହି ଅତ୍ୟାଧୁନିକ ଆଉଟ୍‌ଲେଟ୍‌ରେ ସୁନ୍ଦର ଓ ମନଲୋଭା ଅଳଙ୍କାରର ବ୍ୟାପକ ସମ୍ଭାର ଉପଲବ୍ଧ। ଏପରିକି ପୁରୀ ସହରର ଅଳଙ୍କାରପ୍ରେମୀମାନେ ବର୍ତ୍ତମାନ ଏକ ନୂଆ ଶପିଂ ଡେଷ୍ଟିନେଶନ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଖିମ୍‌ଜୀ ପକ୍ଷରୁ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୩୦,୦୦୦ଟଙ୍କାର ସୁନା ଅଳଙ୍କାର କ୍ରୟରେ ଗ୍ରାହକଙ୍କୁ ଗୋଟିଏ ମାଗଣା ସୁନାମୁଦ୍ରା ଏବଂ ୩୦,୦୦୦ ଟଙ୍କାର ହୀରା ଗହଣାର କ୍ରୟ ଉପରେ ଗ୍ରାହକଙ୍କୁ ୨ଟି ମାଗଣା ସୁନାମୁଦ୍ରା ଉପହାର ସ୍ୱରୂପ ମିଳିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଗ୍ରାହକଙ୍କୁ ପୁରୁଣା ସୁନାଗହଣା ବଦଳର ବ୍ୟାପକ ସୁଯୋଗ ଦିଆଯାଉଛି। ଏପରିକି ଏଠାରେ ଗ୍ରାହକମାନେ ସୁନା, ହୀରା ଓ ରୁପା ଆଦି ମୂଲ୍ୟବାନ୍ ଧାତୁର ଗହଣା ପାଇପାରିବେ। ସେହିଭଳି ପ୍ରଥମ ଥର ପାଇଁ ଗ୍ରାହକମାନେ ବିଳାସପୂର୍ଣ୍ଣ ପ୍ଲାଟିନମ୍ ଅଳଙ୍କାର ମଧ୍ୟ ଚୟନ କରିପାରିବେ। ଏପରିକି ଶୋ'ରୁମ୍‌ରେ ଥିବା ସମସ୍ତ ଗହଣା ୧୦୦% ବିଆଇଏସ୍ ହଲ୍‌ମାର୍କ ଏବଂ ଆଇଜିଆଇ ଓ ଜିଆଇଏ ସାର୍ଟିଫିକେଟ୍ ପ୍ରାପ୍ତ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ପୁରୀରେ ପ୍ରଥମ ଶୋ'ରୁମ୍ ଖୋଲି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ସମଗ୍ର ପୁରୀବାସୀ ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା କରି ଆମେ ଅତ୍ୟନ୍ତ ଆନନ୍ଦିତ। କାରଣ ଆମେ ପ୍ରଭୁ ଜଗନ୍ନାଥଙ୍କ ଅଳଙ୍କାରର ମରାମତି କାମରେ ପୂର୍ବରୁ ଜଡ଼ିତ ରହିଆସିଛୁ। ଏହି ଦିବ୍ୟ କାର୍ଯ୍ୟରେ ଜଡ଼ିତ ରହିବା ଆମ ପାଇଁ ସୌଭାଗ୍ୟର ବିଷୟ ଓ ଆଗକୁ ମଧ୍ୟ ଏ ଦିଗରେ ଆମର ପ୍ରୟାସ ଜାରି ରଖିବୁ। ସେହିଭଳି ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ଜଗନ୍ନାଥ ଧାମରେ ଖିମ୍‌ଜୀ ଜୁଏଲର୍ସର ବୃହତ୍ ଆଉଟ୍‌ଲେଟ୍ ଖୋଲିଥିବାରୁ ଆମେ ପୁରୀବାସୀ ବେଶ୍ ଆନନ୍ଦିତ। ବିଶେଷକରି ଏହା ପୁରୀବାସୀଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ଶପିଂ ଅନୁଭୂତି ପ୍ରଦାନ କରିବ। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନା ଅଳଙ୍କାରର ମରାମତି ଓ ପୁନରୁଦ୍ଧାର କ୍ଷେତ୍ରରେ ଖିମ୍‌ଜୀ ଜୁଏଲର୍ସର ଥିବା ସମ୍ପର୍କକୁ ମୁଁ ସ୍ୱୀକାର କରିବା ସହ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ସୂଚନାଯୋଗ୍ୟ, ଖିମ୍‌ଜୀ ଜୁଏଲର୍ସର ଫେବୃଆରୀ ୨୪ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ପୁରୀରେ ପ୍ରଥମ ଏବଂ ରାଜ୍ୟରେ ୭ମ ଷ୍ଟୋର ଖୋଲିଥିବା ଜଣାପଡ଼ିଛି।

## ନ୍ୟୁ ପୋକୋ ସି୫୫ ଉନ୍ମୋଚିତ

ନୂଆଦିଲ୍ଲୀ,୨୪।୨

ଦେଶର ପ୍ରମୁଖ ଉପଭୋକ୍ତା ଟେକ୍ନୋଲୋଜି ବ୍ରାଣ୍ଡ ପୋକୋର ସି-ସିରିଜ୍ ସ୍ମାର୍ଟଫୋନ୍ ପୋକୋ ସି୫୫ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ନୂଆ ପୋକୋ ସି୫୫ ଏକ ଷ୍ଟାଇଲିଶ ଲେଦର-ଭଳି ଷ୍ଟିଚ୍ ଡିଜାଇନ୍ ଓ ଏକ ବୃହତ୍ ୬.୭୧ ଇଞ୍ଚ ଏଚ୍‌ଡି+ ଡିସ୍‌ପ୍ଲେ ସହ ଆସୁଛି, ଯାହା ଉକ୍ତ ସେଗ୍‌ମେଣ୍ଟରେ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ସୁନିଶ୍ଚିତ କରୁଛି। ଏକ ବିଶାଳ ବ୍ୟାଟେରିକୁ ପର୍ଯ୍ୟାପ୍ତ ଶକ୍ତି ପ୍ରଦାନ କରି ଏହାର ୧୦ୱାଟ୍ ଚାର୍ଜିଙ୍ଗ୍ ସପୋର୍ଟ ଏକ ପର୍ଯ୍ୟାପ୍ତ ବ୍ୟାଟେରି ବ୍ୟାକ୍‌ଅପ୍ ଦେଉଛି। ଏକ ଷ୍ଟାଇଲିଶ ବ୍ୟାକ୍ ପ୍ୟାନେଲ ଥିବା ପୋକୋ ସି୫୫ ଏକ ଲେଦର ଭଳି ଷ୍ଟିଚ୍ ଡିଜାଇନ୍ ଓ ଏକ ରିୟର ଫିଙ୍ଗରପ୍ରିଣ୍ଟ ସେନ୍ସର ପ୍ରଦର୍ଶିତ କରୁଛି। ୩ଟି ଉତ୍ସାହଜନକ କଲର ଯଥା ଫରେଷ୍ଟ ଗ୍ରୀନ୍, କୁଲ ବ୍ଲୁ ଓ ପାୱାର ବ୍ଲାକ୍‌ରେ ଏହା ଉପଲବ୍ଧ। ଏ ସମ୍ପର୍କରେ ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି, 'ପୋକୋ ଏହାର ସି-ସିରିଜ୍ ପୋର୍ଟଫୋଲିଓ ସହିତ ୧୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ଏକ ପ୍ରତିଧ୍ୱନିତ ସଫଳତା ଦେଖିଛି। ଆମେ ସର୍ବୋତ୍ତମ ଓ ସବୁଠାରୁ ଶକ୍ତିଶାଳୀ ସ୍ମାର୍ଟଫୋନ୍ ସହିତ ବଜେଟ ସେଗ୍‌ମେଣ୍ଟର ସ୍ତର ଉନ୍ନତ କରିବା ପାଇଁ ଉତ୍ସାହିତ ରହିଛୁ, ଯାହା ଏକ ବାସ୍ତବ ଗେମ୍ ଚେଞ୍ଜର ହେବ।

## ସଫଳ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୪।୨



ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଆମ୍ରି ହସ୍ପିଟାଲରେ ନିକଟରେ ଆଉ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ ଶେଷହୋଇଛି। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମ୍ରି ହସ୍ପିଟାଲ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ବିଶେଷକରି ଓଡ଼ିଶାରେ ପ୍ରଥମକରି ରୋବୋଟିକ୍ ମେଶିନ ଜରିଆରେ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି। ଭୁବନେଶ୍ୱରର ଆମ୍ରି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୨ଜଣ ବୟସ୍କ ମହିଳା ଏବଂ ଜଣେ ପୁରୁଷଙ୍କର ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୁନୀଲ ଦାଶଙ୍କ ନେତୃତ୍ୱରେ ଉକ୍ତ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଏକ ୩ ଜଣିଆ ଡାକ୍ତରୀ ଟିମ୍ ଡା. ଦାଶଙ୍କୁ ଆବଶ୍ୟକ ସହଯୋଗ କରିଥିଲେ। ଏପରିକି ଅସ୍ତ୍ରୋପଚାର ପରେ ସମସ୍ତ ୩ ରୋଗୀ ସୁସ୍ଥ ଅନୁଭବ କରିବା ସହ ଚଲାବୁଲା କରିଛନ୍ତି। ସମ୍ପର୍କରେ ଡା. ଦାଶ କହିଛନ୍ତି, ଓଡ଼ିଶାରେ ପ୍ରଥମକରି ଆମ୍ରି ହସ୍ପିଟାଲରେ ଆମେ ରୋବୋଟିକ୍ ସାହାଯ୍ୟରେ ଆଣ୍ଠୁ ପ୍ରତିରୋପଣ ସଫଳତାର ସହ ଆରମ୍ଭ କରିଛୁ। ମୋର ଆଶା ଯେତେ ଜଟିଳ ଆଣ୍ଠୁ ସମସ୍ୟାଜନିତ ରୋଗ ରହିଥିଲେ ମଧ୍ୟ ତାହା ରୋବୋଟିକ୍ ମେଶିନ ଦ୍ୱାରା ସହଜରେ ନିରାକରଣ କରିହେବ। ଆଣ୍ଠୁଜନିତ ବିଭିନ୍ନ ସମସ୍ୟାରେ ପ୍ରଭାବିତ ହେଉଥିବା ରୋଗୀମାନଙ୍କୁ ରୋବୋଟିକ୍ ମେଶିନ ଅତି ସହଜରେ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରିପାରିବ। ଏପରିକି ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମିତ ଏହି ମେଶିନରେ ବାହୁ ଓ ହ୍ୟାଣ୍ଡ ରହିଛି, ଯାହା ନଷ୍ଟ ହୋଇଯାଇଥିବା ଟିସ୍ୟୁକୁ ଅତି ସହଜରେ ବାହାର କରି କୃତ୍ରିମ ଖଞ୍ଜା ସହିତ ଯୋଡ଼ିଥାନ୍ତି। ରୋଗୀ କମ୍ ଯନ୍ତ୍ରଣା ଅନୁଭବ କରନ୍ତି ଓ କ୍ଷତ ଶୀଘ୍ର ଶୁଖିବା ସହିତ କମ୍ ଦିନରେ ଚଳପ୍ରଚଳ କରିପାରନ୍ତି। ଏହି ମେଶିନ ଦ୍ୱାରା କୌଣସି ଆଘାତ, ଲିଗାମେଣ୍ଟ, କାର୍ଟିଲେଜ, ମାଂସପେଶୀ ଓ ସ୍ନାୟୁଜନିତ ସମସ୍ୟା ଏବଂ ଆଘାତ ପରେ ଫେମୁରରେ ବିକୃତି, ଜଟିଳ ଅବକ୍ଷୟ, ପୂର୍ବ ଅସ୍ତ୍ରୋପଚାରରୁ ହାର୍ଡୱୟାର, ଲିଗାମେଣ୍ଟ ସ୍ପେରିଂ ଅପ୍‌ସନ ଭଳି ଜଟିଳ ସମସ୍ୟାର ସମାଧାନ ହୋଇଥାଏ।

## କାନାରା ବ୍ୟାଙ୍କର ମେଗା ରିଟେଲ ଲୋନ୍ ଏକ୍ସପୋ




ଭୁବାନଶ୍ୱର,୨୪।୨

କାନାରା ବ୍ୟାଙ୍କର ୨ ଦିନିଆ ମେଗା ରିଟେଲ ଲୋନ୍ ଏକ୍ସପୋ ଶୁକାବାରଠାରୁ ଆରମ୍ଭ ହୋଇଯାଇଛି। ଏହା ଜେନେରାଲ ମ୍ୟାନେଜର ବି.ଏଲ୍.ମୀନାଙ୍କ ନେତୃତ୍ୱରେ ବ୍ୟାଙ୍କର ସର୍କଲ ଅଫିସ୍ ପରିସରରେ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ପ୍ରତିଷ୍ଠିତ ବିଲ୍ଡର ଏବଂ ନାମୀଦାମୀ ଗାଡ଼ିର ଡିଲରମାନେ ମଧ୍ୟ ଯୋଗଦେଇଛନ୍ତି। ଉକ୍ତ ଏକ୍ସପୋରେ ବିଭିନ୍ନ କମ୍ପାନୀ ସେମାନଙ୍କର ନୂତନ ପ୍ରଡକ୍ଟ ପ୍ରଦର୍ଶନ କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କାନାରା ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଋଣଗୁଡ଼ିକୁ ଗ୍ରାହକମାନେ ସୁଲଭ ଓ ସୁବିଧାରେ ପାଇପାରିବେ। ବିଶେଷକରି ବ୍ୟାଙ୍କ ଆବାସ ଋଣ, ଗାଡ଼ି ଋଣ, ଶିକ୍ଷା ଋଣ ଏବଂ ବନ୍ଧକ ଋଣ ଉପରେ ସମସ୍ତ ଶୁଳ୍କ ଛାଡ଼ କରିଛନ୍ତି। କିନ୍ତୁ ଉକ୍ତ ଶୁଳ୍କ ଛାଡ଼ ନିଷ୍ପତ୍ତି ସୀମିତ ଅବଧି ପାଇଁ ଧାର୍ଯ୍ୟ ରହିଛି। ସେହିଭଳି ବ୍ୟାଙ୍କର ଗ୍ରାହକଙ୍କ ସ୍ୱାର୍ଥ ଏବଂ ସୁବିଧାକୁ ନଜରରେ ରଖି ବ୍ୟାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛି। ଅପରପକ୍ଷରେ ଉକ୍ତ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଗ୍ରାହକ ଯୋଗଦେଇ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧାର ଲାଭ ଉଠାଇବେ ବୋଲି ବ୍ୟାଙ୍କ ପକ୍ଷରୁ ଆଶା କରାଯାଉଛି। ଏକ୍ସପୋର ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କ ଦ୍ୱାରା ଆବାସ ଋଣ, ଗାଡ଼ି ଋଣ ଏବଂ ଶିକ୍ଷାଋଣ ଭଳି ସୁବିଧା ୧୫୦ ଜଣ ଲାଭାର୍ଥୀଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ଏକ୍ସପୋର ୧ମ ଦିନ ହୋଇଥିବା ବେଳେ ୨ୟ ଦିନରେ ସବୁ ବର୍ଗର ଗ୍ରାହକ ଅଂଶ ଗ୍ରହଣ କରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ଯନ୍ତ୍ରଣାରୁ ମୁକ୍ତିଦେବ କୁଇକ୍

ଭୁବନେଶ୍ୱର,୨୪।୨

ଦେଶର ସର୍ବପୁରାତନ ଆୟୁର୍ବେଦ କମ୍ପାନୀ ଓଜୋନ୍ ଫାର୍ମାସ୍ୟୁଟିକାଲର ପ୍ରମୁଖ ବ୍ରାଣ୍ଡ କୁଇକ୍‌ର ନୂତନ ଉତ୍ପାଦର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀ ଓଡ଼ିଶା ୟୁନିଟ୍ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଯୋଗଦେଇ କମ୍ପାନୀ ନିର୍ଦ୍ଦେଶକ କରଣ ସେହେଗଲ ନୂତନ ଉତ୍ପାଦ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ବିଶେଷକରି ବର୍ତ୍ତମାନ ସମୟରେ ଗଣ୍ଠିବ୍ୟଥା, ଆଣ୍ଠୁ ଦରଜ, କମର ଦରଜ ଭଳି ଅନେକ ଯନ୍ତ୍ରଣାଜନିତ ସମସ୍ୟାରେ ସନ୍ତୁଳି ହେଉଛନ୍ତି। ଉକ୍ତ ସମସ୍ୟାର ସମାଧାନ ସାଙ୍ଗକୁ ରୋଗୀଙ୍କୁ ଯନ୍ତ୍ରଣାରୁ ମୁକ୍ତ କରାଇବାରେ ଏହା ବେଶ୍ ସହାୟକ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି କମ୍ପାନୀର ଅନେକ ଉତ୍ପାଦ ସବୁ ବର୍ଗର ରୋଗୀଙ୍କ ପସନ୍ଦର ଔଷଧ ବୋଲି ଜଣାପଡିଛି। କାରଣ କମ୍ପାନୀ ଗୁଣବତ୍ତା, ଗୁଣାତ୍ମକ ଓ ଉପଯୁକ୍ତ ସେବା ଓ ସୁବିଧା ରୋଗୀଙ୍କୁ ଯୋଗାଇବା ସହ ଔଷଧର ଶତପ୍ରତିଶତ ନିର୍ଭରଶୀଳତାର ପ୍ରତିଶ୍ରୁତି ଦେଇଥାଏ ବୋଲି ସେହେଗଲ କହିଛନ୍ତି। ସୂଚନାଯୋଗ୍ୟ, କମ୍ପାନୀର କୁଇକ୍ ଅଏଲଠାରୁ ଆରମ୍ଭ କରି ମଲମ ଏବଂ ସ୍ପ୍ରେ ବଜାର ସର୍ବାଧିକ ଚାହିଦା ଓ ବିକ୍ରି ହେଉଥିବା ଉତ୍ପାଦରେ ପରିଗଣିତ ହେଉଛି।




ଓଜୋନ୍ ଫାର୍ମାସ୍ୟୁଟିକାଲର ନୂତନ ଉତ୍ପାଦ 'କୁଇକ୍'ର ଉନ୍ମୋଚନ ସହ ଓଡ଼ିଶା ବଜାର ପ୍ରବେଶ ଅବସରରେ ବାମରୁ କମ୍ପାନୀର ସଭାପତି ମହମ୍ମଦ ସୟିଦ, କ୍ଲଷ୍ଟର ହେଡ୍ ସୌରଭ ବାନାର୍ଜୀ, ନିର୍ଦ୍ଦେଶକ କରଣ ସେହେଗଲ ଏବଂ ଜିଏମ୍ ମାର୍କଣ୍ଡେୟ ତିୱାରୀ ଉପସ୍ଥିତ ଅଛନ୍ତି।

## ଏଚ୍‌ପିର ଓମେନ୍ ପ୍ଲେ ଗ୍ରାଉଣ୍ଡ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୨୪।୨

ଦେଶର ପ୍ରମୁଖ ଆଇଟି ବ୍ରାଣ୍ଡ ଏଚ୍‌ପିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ଡିଜାଇନ ହୋଇଥିବା 'ଓମେନ୍ ପ୍ଲେ ଗ୍ରାଉଣ୍ଡ ଷ୍ଟୋର' ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଶୁଭାରମ୍ଭ କରାଯାଇଛି। ଏପରିକି ଇ ମାର୍ଟ ଫର୍ ୟୁ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ଏହାର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ସ୍ଥାନୀୟ ଶହୀଦନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏଚ୍‌ପି କଞ୍ଜୁମର ବିଜ୍‌ନେସ୍, ବରିଷ୍ଠ ନିର୍ଦ୍ଦେଶକ ଭିନୀତ ଗେହନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି କହିଥିଲେ, ଆମର ଏହି ଷ୍ଟୋର ସମଗ୍ର ପୂର୍ବ ଭାରତରେ ବେଶ୍ ସ୍ୱତନ୍ତ୍ରତା ବହନ କରୁଛି। ବିଶେଷକରି ଗେମିଂ ପ୍ରତି ଆଗ୍ରହୀ ବର୍ଗ ତଥା ଗେମିଂ ଜଗତର ଆବଶ୍ୟକତା ପୂରଣ ପାଇଁ 'ଓମେନ୍ ପ୍ଲେ ଗ୍ରାଉଣ୍ଡ ଷ୍ଟୋର'ର ଭିତ୍ତିଭୂମି ବର୍ତ୍ତମାନର ଅପୂର୍ବ ସମ୍ଭାବନାକୁ ଉଜାଗର କରିଛି। ଏଠାରେ ସବୁବର୍ଗର ଗେମିଂ ପ୍ରେମୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସୁବ୍ୟବସ୍ଥା କରାଯାଇଛି। ସେହିପରି ଏକ ଉତ୍ତମ ପରିବେଶ ମଧ୍ୟରେ ଗ୍ରାହକଙ୍କ ଗେମିଂ ଉତ୍କଣ୍ଠା ଚରିତାର୍ଥ କରିବାରେ ଏହା ବେଶ୍ ସହାୟକ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୀତୀଶ ସିଂଘଲ, ନ୍ୟାଶନାଲ ସେଲ୍ସ ମ୍ୟାନେଜର (ଉତ୍ତର ଓ ପୂର୍ବ) ମନୀଷ ସୁଦ୍, ଏଚ୍‌ପି ୱାର୍ଲ୍ଡ ହେଡ୍ ବିନାୟକ ସେନୋଏ, ଗୌରବ ଜେଟ୍‌ଲୀ, ସନ୍ତୋଷ ମଣ୍ଡଳ, ଜୟପ୍ରକାଶ ପାଣି, ରୋହନ ରଏ, ଆଦିତ୍ୟ ଶାହା,ସାଭେକ୍ସର ନିର୍ଦ୍ଦେଶକ ସୌରଭ ନାୟକ, ସିନିୟର ପ୍ରଡକ୍ଟ ମ୍ୟାନେଜର ସ୍ୱପ୍ନିଲ ରାଣେଙ୍କ ସମେତ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଫୁର୍‌ସତ୍

# ଘର ପ୍ରବେଶ ଦ୍ୱାରରେ କବର

**ଅମରାବତି:** ଆନ୍ଧ୍ରପ୍ରଦେଶର ଆୟାକୋଣ୍ଡା ଗାଁକୁ ଗଲେ ଅନୁଭବ କରିବେ ବୋଧେ କବର ସ୍ଥାନକୁ ଆସିଛନ୍ତି। ଏହି ଗାଁ ପୂରା କବରରେ ପରିପୂର୍ଣ୍ଣ। ପ୍ରତ୍ୟେକ ଘର ବାହାରେ ଗୋଟିଏ କିମ୍ବା ଦୁଇଟି କବର ଦେଖିବାକୁ ପାଇବେ। ଆୟାକୋଣ୍ଡା କୁର୍ନୁଲରୁ ୬୬ କିଲୋମିଟର ଦୂରରେ ଥିବା ଗୋନେଗାଣ୍ଡାଲ ମଣ୍ଡଳର ଏକ ପାହାଡ଼ ଉପରେ ଅବସ୍ଥିତ। କିଛି ଲୋକ ଗାଁକୁ ଇକୋଣ୍ଡା ମଧ୍ୟ କହିଥାନ୍ତି। ମାଲା ଦସାରୀ ସମ୍ପ୍ରଦାୟର ପ୍ରାୟ ୨୦୦ ପରିବାର ଏଠାରେ ରୁହନ୍ତି। ଏଠାରେ କୌଣସି ଶ୍ମଶାନ ନାହିଁ। ସେମାନଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ ପରେ ଗାଁର ଲୋକମାନେ ମୃତଦେହକୁ ଘର ଆଗରେ ସମାଧି ଦେଇଥାନ୍ତି। ଏହା ପରେ ସେଠାରେ ଏକ କବର ତିଆରି କରନ୍ତି। ପ୍ରାୟ ୨୦୦ ବର୍ଷ ଧରି ଏହି ପ୍ରଥା ଚାଲିଆସୁଛି। ଏହି ସମାଧି ସେମାନଙ୍କ ପାଇଁ ଉପାସନା ସ୍ଥାନ ପରି ଯାହାକୁ ସେମାନେ ପ୍ରତିଦିନ ପୂଜା କରନ୍ତି। ଘରେ ରନ୍ଧା ହୋଇଥିବା ଖାଦ୍ୟ ମୃତକଙ୍କ କବରକୁ ନ ଆସିବା ପର୍ଯ୍ୟନ୍ତ ପରିବାର ସଦସ୍ୟ ଖାଦ୍ୟ ସ୍ପର୍ଶ କରନ୍ତି ନାହିଁ। ସେମାନେ ନୂତନ ଜିନିଷ କିଣିଲେ ପ୍ରଥମେ କବର ଆଗରେ ରଖି ପରେ ବ୍ୟବହାର କରିଥାନ୍ତି। ଏଠାରେ ଆଉ ଏକ ଅଜବ ପରମ୍ପରା ଅଛି। ଲୋକମାନେ କେବେ ବିଛଣାରେ ଶୁଅନ୍ତି ନାହିଁ। ଗ୍ରାମବାସୀଙ୍କ କହିବାନୁସାରେ, ବହୁ ପୂର୍ବରୁ ଗାଁରେ ନାଲା ରେଡ୍ଡୀ ନାମକ ଜଣେ ଜମିଦାର ଥିଲେ। ଯେତେବେଳେ ସେ ବାହାହେଲେ, ଯୌତୁକରେ ଖଟ ପାଇଲେ ନାହିଁ। ସେବେଠାରୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି ଯେ, ସେମାନେ ଖଟ ଉପରେ ଶୋଇବେ ନାହିଁ। ଏପରିକି ଗର୍ଭବତୀ ମହିଳାଙ୍କୁ ଚଟାଣରେ ଶୋଇବାକୁ ପଡ଼େ ଏବଂ ପ୍ରସବ ପରେ ମଧ୍ୟ ଚଟାଣରେ ହୋଇଥାନ୍ତି। ଲୋକମାନେ ନାଲା ରେଡ୍ଡୀଙ୍କୁ ଜଣେ ଆଧ୍ୟାତ୍ମିକ ଗୁରୁ ଭାବରେ ବିବେଚନା କରନ୍ତି। ଏଠାକାର ଲୋକମାନେ ଅନ୍ୟ କୌଣସି ଗାଁ କିମ୍ବା ଜାତିରେ ବିବାହ କରନ୍ତି ନାହିଁ। କିଛିଦିନ ପୂର୍ବରୁ ବାଲ୍ମିକୀ ବୋୟା ସମ୍ପ୍ରଦାୟର ଦୁଇଜଣ ଲୋକ ଅଜ୍ଞାତ ରୋଗର ଶିକାର ହୋଇଥିଲେ। ଏହା ପରେ ତାଙ୍କୁ ଗାଁ ଛାଡ଼ିବାକୁ ପଡ଼ିଥିଲା।



# ଫେରୁଛନ୍ତି କରିସ୍ମା



**ମୁମ୍ବାଇ:** ବଲିଉଡରେ ୯୦ ଦଶକର ଆଗଧାଡିର ନାୟିକା ଥିଲେ କରିସ୍ମା କପୁର। ବିବାହ ପରେ ସେ ବଲିଉଡରୁ ଏକ ପ୍ରକାର ଦୂରେଇ ଯାଇଥିଲେ । ଏବେ ପୁଣିଥରେ କରିସ୍ମାଙ୍କ କରିସ୍ମା ଦେଖିବାକୁ ମିଳିବ । ଖୁବଶୀଘ୍ର କରିସ୍ମା ୱେବ୍ ସିରିଜ 'ବ୍ରାଉନ' ସହ ଅଭିନୟ ଦୁନିଆକୁ ଫେରିବାକୁ ଯାଉଛନ୍ତି । ଏଥିରେ କରିସ୍ମା ରିତା ବ୍ରାଉନ ଭୂମିକାରେ ନଜର ଆସିବେ, ଯେ କି ଜଣେ ପୋଲିସ ଅଫିସର । କରିସ୍ମା ତାଙ୍କ କ୍ୟାରେକ୍ଟରକୁ ନେଇ ବହୁତ କିଛି କଥା ହୋଇଛନ୍ତି । ରିତା ବ୍ରାଉନଙ୍କ ଚରିତ୍ର ଗ୍ଲାମର ଓ ଚକାକକରୁ ଦୂରରେ । ଏହା ଏକ ଥ୍ରୀଲର ସିରିଜ ହୋଇଥିବା ବେଳେ କରିସ୍ମା ଏହାକୁ ନେଇ ଖୁବ୍ ଏକ୍ସାଇଟେଡ୍ ଅଛନ୍ତି । ଅଭିକ ବରୁଆଙ୍କ ବ୍ରାଉନ ୱେବ ସିରିଜ ୨୦୧୬ରେ ଆସିଥିବା ବୁକ 'ସିଟି ଅଫ୍ ଡେଥ'କୁ ଭିତ୍ତିକରି ହୋଇଛି । ଏହି ସିରିଜକୁ ଅଭିନୟ ଦେବନିର୍ଦ୍ଦେଶନା ଦେଇଛନ୍ତି ।ସିରିଜବ୍ରାଉନରେକରିସ୍ମାକପୁର, ହେଲେନ, ସୋମି ରାଜଦାନ, ସୂର୍ଯ୍ୟା ଶର୍ମା ଓ କେକେ ରୈନାଙ୍କ ଭଳି କଳାକାର ନଜର ଆସିବେ। ଅଭିନୟ ଦୁନିଆକୁ ପୁଣିଥରେ ଫେରିଥିବା କରିସ୍ମା କୁହନ୍ତି, ରିତା ବ୍ରାଉନ ତାଙ୍କ ପାଇଁ ଏକ ଭିନ୍ନ ଚରିତ୍ର। ଚରିତ୍ରଟି ଗ୍ଲାମରଠାରୁ ଦୂରରେ ଥିବାରୁ ମୋତେ ଅଧିକ ପସନ୍ଦ ଆସିଛି। ତେବେ ଏହି ଚରିତ୍ରରେ ଅଭିନୟ କରିବାକୁ କରିସ୍ମା ଖୁବ ମେହନତ କରିଛନ୍ତି । ବିନା ମେକ୍‌ଅପରେ ସେ ଥକା ଦେଖାଯିବାର ଅଭିନୟ ବି କରିଛନ୍ତି। ଏହି ଚରିତ୍ରରେ ଅଭିନୟ କରିବାକୁ ସେ ବଙ୍ଗାଳି ଶିଖିବା ସହ ସିଗାରେଟ ରୋଲ କରିବା ବି ଶିଖିଯାଇଛନ୍ତି।

# କାନାଡା ନାଗରିକତ୍ୱ ଛାଡ଼ିବେ ଅକ୍ଷୟ

**ମୁମ୍ବାଇ:** ଭାରତରେ ଥାଇ ବି କାନାଡୀୟ ନାଗରିକତ୍ୱ ରଖିଥିବାରୁ ଟ୍ରୋଲ ହୋଇ ଆସୁଥିଲେ ବଲିଉଡ୍ ଖିଲାଡି କିଙ୍ଗ୍ ଅକ୍ଷୟ କୁମାର। ଏବେ ସେ କାନାଡୀୟ ନାଗରିକତ୍ୱ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ସାକ୍ଷାତକାରରେ ଅକ୍ଷୟ କହିଛନ୍ତି, ଭାରତ ତାଙ୍କ ଲାଗି ସବୁକିଛି। ଲୋକେ ଯେତେବେଳେ ନାଗରିକତ୍ୱକୁ ନେଇ ପ୍ରଶ୍ନ କରନ୍ତି ତାଙ୍କୁ ଖରାପ ଲାଗେ। କିଛି ନ ଜାଣି ସମସ୍ତେ ତାଙ୍କୁ କାଠଗଡ଼ାରେ ଛିଡ଼ା କରାନ୍ତି ବୋଲି ସେ କହିଛନ୍ତି। ଅକ୍ଷୟ କହିଛନ୍ତି, ୧୯୯୦-୨୦୦୦ ଦଶକରେ ଲଗାତାର ଭାବେ ତାଙ୍କର ୧୫ ଫିଲ୍ମ ଫ୍ଲପ୍ ହୋଇଥିଲା। ନିରାଶ ହୋଇ ସେ କାନାଡ଼ାରେ ଥିବା ବନ୍ଧୁଙ୍କ ପରାମର୍ଶ ଲୋଡି ସେଠାକୁ ଯିବାକୁ ସ୍ଥିର କରିଥିଲେ। ଏହି ସମୟରେ ସେ କାନାଡ଼ାର ନାଗରିକତ୍ୱ ଲାଗି ଆବେଦନ କରିଥିଲେ। ଅକ୍ଷୟଙ୍କ ଅଭିନୀତ ବାକି ୨ ଫିଲ୍ମ ସୁପରହିଟ ହୋଇଥିଲା। ବନ୍ଧୁ ତାଙ୍କୁ ଭାରତ ଫେରି କାମ କରିବାକୁ କହିଥିଲେ। କାନାଡ଼ାରୁ ଫେରି ସେ ଅଭିନୟରେ ମନୋନିବେଶ କରିଥିଲେ। ପାଖରେ କାନାଡ଼ା ପାସପୋର୍ଟ ଥିବା ସେ ଭୁଲିଯାଇଥିଲା। ଏବେ ସେ ଆବେଦନ କରିଛନ୍ତି। ଖୁବ୍‌ଶୀଘ୍ର ପାସପୋର୍ଟ ବଦଳି ଯିବ ବୋଲି ଅକ୍ଷୟ ସ୍ପଷ୍ଟ କରିଛନ୍ତି।



# ନିଜ ରିସେପ୍‌ଶନରେ ପହଞ୍ଚିପାରିଲେନି ବରକନ୍ୟା



**ୱାଶିଂଟନ:** ଆମେରିକାରେ ଏକ ଦମ୍ପତିଙ୍କ ବିବାହ ରିସେପ୍‌ଶନରେ ଯୋଗ ଦେବାରୁ ବଞ୍ଚିତ ହୋଇଥିଲେ। କାରଣ ସେମାନେ ଏକ ଲିଫ୍ଟରେ ଫସିଯିବାରୁ ଅଗ୍ନିଶମ ବାହିନୀକୁ ଡାକିବାକୁ ପଡ଼ିଥିଲା। ଆମେରିକାର ଉତ୍ତର କାରୋଲିନାରେ ଏକ ଗ୍ରାଣ୍ଡ ବୋହେମିୟନ ହୋଟେଲର ୧୬ ମହଲାରେ ଭିକ୍ଟୋରିଆ ଏବଂ ପାନଭା ଝା'ଙ୍କ ରିସେପ୍‌ଶନ ହେବାର ଥିଲା। ବର ଏବଂ କନ୍ୟା ୧୬ତମ ମହଲାକୁ ଯାଉଥିବାବେଳେ ଲିଫ୍ଟ ଅଟକି ଯାଇଥିଲା। ଉଭୟ ପରିବାରର କିଛି ସଦସ୍ୟଙ୍କ ସହ ଉଭୟ ୨ ଘଣ୍ଟା ଧରି ଲିଫ୍ଟରେ ଅଟକି ରହିଥିଲେ। କନ୍ୟାଙ୍କ ଭଉଣୀ ଲିଫ୍ଟରେ ଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅନ୍ୟ ୩ ଅତିଥି ମଧ୍ୟ ବରକନ୍ୟାଙ୍କ ସହିତ ସେହି ଲିଫ୍ଟରେ ଫସି ରହିଥିଲେ। ଯେତେବେଳେ ଲିଫ୍ଟ ଖୋଲିଲା ନାହିଁ, ଅଗ୍ନିଶମ ବାହିନୀକୁ ଡାକିବାକୁ ପଡ଼ିଲା। ଚାର୍ଲୋଟ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରିଥିଲେ।

**ଜନ୍ମଦିନର ଶୁଭେଚ୍ଛା**
ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................

ପିହୁ
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସିଡବ୍ଲ୍ୟୁସି ସଦସ୍ୟଙ୍କୁ ମନୋନୀତ କରିବେ ଖାର୍ଗେ

**ନୂଆଦିଲ୍ଲୀ,୨୪।୨**

- **କଂଗ୍ରେସ ସମ୍ବିଧାନ ସଂଶୋଧନକୁ ଷ୍ଟିଅରିଂ କମିଟିର ମଞ୍ଜୁରୀ**
- **ପୂର୍ବତନ ପ୍ରଧାନମନ୍ତ୍ରୀ, ଦଳ ଅଧ୍ୟକ୍ଷ ସିଡବ୍ଲ୍ୟୁସି ସଦସ୍ୟ ରହିବେ**

କଂଗ୍ରେସର ସର୍ବୋଚ୍ଚ ନୀତିନିର୍ଦ୍ଧାରଣକାରୀ ସଂଗଠନ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ସମସ୍ତ ସଦସ୍ୟଙ୍କୁ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମନୋନୀତି କରିବେ। ଶୁକ୍ରବାର ଦଳର ଷ୍ଟିଅରିଂ କମିଟି ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନେଇଛି। ଛତିଶଗଡ଼ର ରାୟପୁରରେ ଆରମ୍ଭ ହୋଇଥିବା କଂଗ୍ରେସର ୮୫ତମ ମହାଅଧିବେଶନର ପ୍ରଥମ ଦିନରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଦଳୀୟ ସମ୍ବିଧାନରେ ସଂଶୋଧନକୁ ଷ୍ଟିଅରିଂ କମିଟି ଅନୁମୋଦନ କରିଛି। ଏଥିରେ ମହିଳା, ଦଳିତ, ଅନୁସୂଚିତ ଜନଜାତି, ଓବିସି, ସଂଖ୍ୟାଲଘୁ ଏବଂ ଯୁବବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯାଇଛି। ସେମାନଙ୍କୁ ସିଡବ୍ଲ୍ୟୁସିରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ ସୁଯୋଗ ମିଳିବ। ଏଥିସହିତ ସିଡବ୍ଲ୍ୟୁସିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷମାନଙ୍କୁ ସ୍ଥାୟୀ ସଦସ୍ୟତା ପ୍ରଦାନ ଲାଗି ଷ୍ଟିଅରିଂ କମିଟି ମଞ୍ଜୁରୀ ପ୍ରଦାନ କରିଥିବା ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସେହିପରି ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ଦଳର ନେତାଙ୍କୁ ମଧ୍ୟ ସିଡବ୍ଲ୍ୟୁସିର ସ୍ଥାୟୀ ସଦସ୍ୟତା ମିଳିବ। ଏହିପରି ଦଳୀୟ ସମ୍ବିଧାନର ୧୬ଟି ଅନୁଚ୍ଛେଦ ଓ ୩୨ଟି ନିୟମରେ ପରିବର୍ତ୍ତନ କରାଯାଇଥିବା ଜୟରାମ ସୂଚନା ଦେଇଛନ୍ତି।

ମଣ୍ଡଳରୁ ରାଜ୍ୟ ପର୍ଯ୍ୟନ୍ତ ସବୁ ସ୍ତରରେ ୫୦ ବର୍ଷରୁ କମ୍ ବୟସ ବର୍ଗର ନେତାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ। ସେହିପରି ଏଆଇସିସିର ସମସ୍ତ କମିଟିରେ ମହିଳା, ଅନୁସୂଚିତ ଜାତି, ଜନଜାତି, ଓବିସି, ସଂଖ୍ୟାଲଘୁ ଏବଂ ଯୁବବର୍ଗଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷିତ ରହିବ।


କଂଗ୍ରେସର ୮୫ତମ ମହାଅଧିବେଶନରେ ଯୋଗଦେବା ପାଇଁ ଶୁକ୍ରବାର ରାୟପୁରଠାରେ ପହଞ୍ଚିଛନ୍ତି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଦଳୀୟ ନେତୃବୃନ୍ଦ।

# ସକ୍ରିୟ ରାଜନୀତିରୁ ଅବସର ନେଲେ ୟେଦୁରପ୍ପା

**ବେଙ୍ଗାଲୁରୁ,୨୪।୨**

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପା ଶୁକ୍ରବାର ସକ୍ରିୟ ରାଜନୀତିରୁ ଅବସର ଘୋଷଣା କରିଛନ୍ତି। ସେ ନିର୍ବାଚନ ଲଢ଼ିବେ ନାହିଁ। ତେବେ ଭାଜପାକୁ କ୍ଷମତାକୁ ଆଣିବା ଲାଗି ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ଦଳ ତାଙ୍କୁ ଅଣଦେଖା କରୁଥିବା ନେଇ ଯେଉଁ ଆଲୋଚନା ହେଉଛି, ତାକୁ ସେ ଖଣ୍ଡନ କରିଛନ୍ତି। ସେ ଭାଜପାର ସଫଳତା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବେ। ଆଗାମୀ ନିର୍ବାଚନରେ ଭାଜପା ଜିତିବ ଏବଂ କଂଗ୍ରେସ ବିରୋଧୀ ଦଳ ରହିବ ବୋଲି ୟେଦୁରପ୍ପା ତାଙ୍କର ବିଦାୟୀ ଭାଷଣରେ କହିଛନ୍ତି।


ବି.ଏସ୍. ୟେଦୁରପ୍ପା

ୟେଦୁରପ୍ପା ୨୦୧୯ ଜୁଲାଇରୁ ୨୦୨୧ ଜୁଲାଇ ପର୍ଯ୍ୟନ୍ତ କର୍ନାଟକ ମୁଖ୍ୟମନ୍ତ୍ରୀ ଥିଲେ। ପରେ ବାସବରାଜ ବୋମାଇଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ଏବେ ୟେଦୁରପ୍ପା ବିଧାୟକ ରହିଛନ୍ତି। ସେ ମୋଟ ୪ ଥର କର୍ନାଟକର ମୁଖ୍ୟମନ୍ତ୍ରୀ ହେବା ସହ ୩ ଥର ବିଧାନସଭାରେ ବିରୋଧୀ ଦଳ ନେତା ଥିଲେ।

CLASSIFIED DISPLAY ALL EDITION - B/W (Everyday)
MORE SPACE ' SAME PRICE
TARIFF
For Booking Contact: 0674-2580385

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗୁଜରାଟ ବିଧାନସଭା: ରହିବେ ନାହିଁ ବିରୋଧୀଦଳ ନେତା

**ଗାନ୍ଧୀନଗର,୨୪।୨**

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉଭୟ ଶାସକ ଏବଂ ବିରୋଧୀ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁଥିରେ ଶାସକ ଦଳ ନୀତି ଏବଂ ଯୋଜନା ମାଧ୍ୟମରେ ବିକାଶର ନୂତନ ଦିଗ ସୃଷ୍ଟି କରିବାକୁ ଆଲୋଚନା କରୁଥିବାବେଳେ ବିରୋଧୀ ତ୍ରୁଟି ଦର୍ଶାଇ ସରକାରଙ୍କ ଉପରେ ଚାପ ପକାଇଥାନ୍ତି। ଯଦି କୌଣସି ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ନ ଥାନ୍ତି ତେବେ ପରିସ୍ଥିତି କ'ଣ ହେବ! ତେବେ ଗୁଜରାଟ ବିଧାନସଭାରେ ସେଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଗୁରୁବାରଠାରୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ଶାସକ ଦଳ ସାମ୍ନାରେ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ବିରୋଧୀ ଭୂମିକାରେ ଅଛନ୍ତି। ହେଲେ ବିରୋଧୀ ଦଳର ନେତା ନାହାନ୍ତି। ଗୁଜରାଟ ବିଧାନସଭାରେ ମୋଟ ୧୮୨ଟି ଆସନରୁ ବିରୋଧୀଦଳର ନେତା ମାନ୍ୟତା ପାଇବାକୁ ୧୦ ପ୍ରତିଶତ ହିସାବରେ ୧୮ ଜଣ ବିଧାୟକ ରହିବା ଆବଶ୍ୟକ। କିନ୍ତୁ କଂଗ୍ରେସ ୧୭ଟି ଆସନ ପାଇବାରେ ସଫଳ ହୋଇଛି। ତେବେ ବଜେଟ ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ଅମିତ ଚାୱଡାଙ୍କୁ ବିରୋଧୀଦଳର ନେତା କରାଯାଉ ବୋଲି ବାଚସ୍ପତି ଶଙ୍କର ଲାଲ ଚୌଧୁରୀଙ୍କୁ ଅନୁରୋଧ କରିଥିଲା। ହେଲେ ସେଭଳି ନିୟମ ନ ଥିବା ଦର୍ଶାଇ ବାଚସ୍ପତି ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ।

ସୂଚନାଯୋଗ୍ୟ ୧୯୮୫ରେ ଜନତା ପାର୍ଟି ବିରୋଧୀ ଦଳ ଭାବେ ଥିବା ବେଳେ ଦଳ ନିକଟରେ ବିରୋଧୀଦଳ ନେତା ମାନ୍ୟତା ପାଇବାକୁ ଆବଶ୍ୟକ ବିଧାୟକ ନ ଥିଲେ। କିନ୍ତୁ ସେତେବେଳର କଂଗ୍ରେସ ସରକାର ଜନତା ପାର୍ଟିର ବିଧାୟକଙ୍କୁ ବିରୋଧୀ ଦଳ ନେତା ମାନ୍ୟତା ଦେଇଥିଲା। ମାତ୍ର ଏବେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ନେଇ କଂଗ୍ରେସ ନେତା ମନୀଷ ଦୋଶି କହିଛନ୍ତି, ଏବେର ଭାଜପା ସରକାର କଂଗ୍ରେସ ଭଳି ଉଦାର ହୋଇ ପାରିଲାନାହିଁ। ଯଦିଓ ଆମ ଦଳ ବିରୋଧୀ ଦଳର ନେତା ପଦବୀ ପାଇନାହାନ୍ତି, ତଥାପି ପୂର୍ବ ଭଳି ଜନସାଧାରଣଙ୍କ ସ୍ୱାର୍ଥ ପ୍ରସଙ୍ଗ ଉଠାଇବୁ ବୋଲି ମନୀଷ କହିଛନ୍ତି।



**ଭାଜପା ସରକାର କଂଗ୍ରେସ ଭଳି ଉଦାର ହୋଇପାରିଲା ନାହିଁ: ମନୀଷ**

# ରାୟପୁରରେ ଓଡ଼ିଶାର କଂଗ୍ରେସ ନେତୃବୃନ୍ଦ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ୮୫ ତମ ମହା ଅଧିବେଶନରେ ଯୋଗଦେବା ଲାଗି ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଓଡ଼ିଶାର ବହୁ ନେତା ଶୁକ୍ରବାର ଛତିଶଗଡ଼ର ରାୟପୁର ଗସ୍ତରେ ଯାଇଛନ୍ତି। ଦୁଇ ବିଧାୟକ ମହମ୍ମଦ ମୋକିମ ଏବଂ ଦାଶରଥୀ ଗମାଙ୍ଗଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଧାୟକ ମଧ୍ୟ ଏହି ଗସ୍ତରେ ସାମିଲ ହୋଇଛନ୍ତି। ଏଥିଲାଗି ବିଧାନସଭା ବଜେଟ ଅଧିବେଶନରେ କୌଣସି କଂଗ୍ରେସ ନେତାଙ୍କୁ ଗୃହରେ ଦେଖିବାକୁ ମିଳି ନ ଥିଲା।


ରାୟପୁରରେ ପହଞ୍ଚିଥିବା ଓଡ଼ିଶାର କଂଗ୍ରେସ ନେତାମାନେ।

# ଅର୍ଥନୈତିକ ସର୍ଭେ ରିପୋର୍ଟରେ ବିଫଳତା ଲୁଚାଯାଇଛି: ଭାଜପା

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ମିଥ୍ୟା ତଥ୍ୟର ଦସ୍ତାବିଜ ହେଉଛି ଗୁରୁବାର ଉପସ୍ଥାପିତ ହୋଇଥିବା ୨୦୨୨-୨୩ର ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ। ଅର୍ଦ୍ଧସତ୍ୟ, ଗୋଲାପୀ ସ୍ୱପ୍ନ ଆଧାରିତ ଏହି ରିପୋର୍ଟରେ ଅନେକ ବିଫଳତାକୁ ରାଜ୍ୟ ସରକାର ଲୁଚାଇଛନ୍ତି। ଆସନ୍ତା ଫେବୃୟାରୀ ୨୮ରେ ଜାତୀୟ ଆୟ ୨୦୨୨-୨୩ର ୨ୟ ଅଗ୍ରିମ ଆକଳନ ପ୍ରକାଶ ପାଇବାକୁ ଥିବାବେଳେ ରାଜ୍ୟ ସରକାର ତରବରିଆ ଭାବେ ପ୍ରଥମ ଅଗ୍ରିମ ଆକଳନକୁ ଭିତ୍ତିକରି ରାଜ୍ୟର ଅଭିବୃଦ୍ଧି ହାର ପ୍ରକାଶ କରିବା ଆଦୌ ଗ୍ରହଣୀୟ ନୁହେଁ। ସେହିପରି ନିଜ ଅଭିବୃଦ୍ଧି ହାର ଓ ମୁଣ୍ଡ ପିଛା ଆୟର ତୁଳନା ଅନ୍ୟ ତୁଳନୀୟ ରାଜ୍ୟଗୁଡ଼ିକ ସହ ନ କରି ଦେଶର ଅଭିବୃଦ୍ଧି ହାର ଓ ମୁଣ୍ଡ ପିଛା ଆୟ ସହିତ ତୁଳନା କରିବା ଆବଶ୍ୟକ ବୋଲି ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି, ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଆର୍ଥିକ ବର୍ଷ ୨୦୧୨ ଓ ୨୦୨୧ ମଧ୍ୟରେ ଓଡ଼ିଶାର ସିଏଜିଆର୍ ୫.୭୩ ପ୍ରତିଶତ ଥିବାବେଳେ ଗୁଜରାଟ, କର୍ନାଟକ, ହରିୟାଣା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡୁ ରାଜ୍ୟ ତଳେ ଓଡ଼ିଶାର ସ୍ଥାନ ରହିଛି। ଅପେକ୍ଷାକୃତ ବୃହତ୍ ରାଜ୍ୟଗୁଡ଼ିକର ଅର୍ଥନୀତିଠାରୁ କମ୍ ଅଭିବୃଦ୍ଧି ହାସଲ ରାଜ୍ୟ ସରକାରଙ୍କ ପାରିବାପଣିଆର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଅଭିବୃଦ୍ଧିର ଏହି ତାରତମ୍ୟ ନେଇ ଗତିକଲେ ମଧ୍ୟ ଦେଶର ମୁଣ୍ଡ ପିଛା ଆୟ ସହିତ ସମକକ୍ଷ ହେବା ପାଇଁ ଓଡ଼ିଶାକୁ ଆହୁରି ୨୦ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ଭବିଷ୍ୟତ ପିଢ଼ି ପାଇଁ ଏହା ରାଜ୍ୟ ସରକାରଙ୍କ କେଉଁ ପ୍ରକାର ଉପହାର ବୋଲି ସେ ପ୍ରଶ୍ନ କରିଛନ୍ତି।

**Classified Everyday**
0674-2580101, 2549949


REAL ESTATE
SALE

3.5 Guntha (6100sqft) gharabadi Land Adjacent to NH -16 Near Grand-bazar Between Cut-tack & Bhubane-swar, Frontage, 75ft (Broker Excuse) Owner- 9040059669. D-74823

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

Gharabari Plots Boundary Wall at Bhingarpur, Koradakanta, Sundarapada, OEC. Deluxe Duplex Rera BMC approve at Hanspal. Flats -Patia, Gudiapokhari. 8847887273. D-2863

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

New House with Shops for sale at roadside Bhagwaanpur, Dhenkanal @1.5 cr. 9556079359. D-2840


CONSTRUCTION

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2583

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Healthcare

Newly open full body massage, ladies and gents. 9040171280. D-74645

Full body massage, refresh, relaxed by expert lady therapist. 8480939300. D-2824

Newly open SPA positively health benefits with expert therapist. 7849011931. D-73684

Newly open SPA positively health benefit with expert. Contact: 8984068198. D-74517

Newly open health benefits SPA special Offer @ 999 Naya-palli. 7846814019. D-73687

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

All types body massage with hiprofile smart lady, room services available. 9937833100. D-71366

**Relax, Refresh your Body, Mind at Saikrupa Spa with best therapies. 8984068077. D-2744**


BUSINESS

ଘରେ ବସି Part time matter forwarding କାମ କରି 9000/- ରୁ 36000/- ରୋଜଗାର କରନ୍ତୁ। 8763722330. D-2825

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

By virtue of an affidavit sworn-in before the Executive Magistrate, Sanakhemundi, Ganjam, dt. 13.06.2022 I, Subhashree Mall, At- Mahanala, PS- Pattapur, Ganjam have changed my minor son's name from Shreeyanshu Baliarsingh to Shreeansh Baliar Thatoi. Henceforth my son will be known as SHREEANSH BALIAR THATOI for all purposes. D-74902

I Swati Prajapati W/o Bhakta Ranjan Barik, R/o-Bijay Purnachandrapur, W.No-15, Baripada, Mayurbhanj, Odisha-757001 declare by this Affid. No-233 dated 21.10.2014 that now onwards. I Shall be known as Swati B Barik for all future purposes. D-73688

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବଂଶୀଧର ଦାଶ
ଶାମଗୁଡିଆ,ଶ୍ରୀ ବଳଦେବଜୀଉ, କେନ୍ଦ୍ରାପଡା
ଆବିର୍ଭାବ: ୧୪।୧୦।୧୯୪୭
ତିରୋଧାନ: ୧୪।୦୨।୨୦୨୩
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ପୁତ୍ର: ଅନିଲ, ବୋହୂ: ପ୍ରଗତି, ନାତି ଓ ନାତୁଣୀ: ପ୍ରତୀକ, ଲିବୁନ, ପ୍ରାଚୀଙ୍କ ସହ ବନ୍ଧୁ, ଜ୍ଞାତିକୁଟୁମ୍ବ
ଧ-୨୮୪୬

ଧରିତ୍ରୀ DHARITRI Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଦୃଷ୍ଟିକୋଣ

**ଗଳ୍ପ**

**ଜାହ୍ନବୀ ମିଶ୍ର**



କଲିଂ ବେଲ୍ ଶବ୍ଦରେ ମୁଖ୍ୟ ଦରଜାଟି ଖୋଲି ଦେଉ ଦେଉ ଡାକବାଲା ମୋ' ହାତକୁ ଲଫାପାଟିଏ ଆଉ ଦସ୍ତଖତ କରିବାକୁ କାଗଜଟିଏ ବଢ଼ାଇଦେଲେ। ମୁଁ ଉପଯୁକ୍ତ ସ୍ଥାନରେ ଦସ୍ତଖତ କରିଦେଇ ଲଫାପାଟିକୁ ନେଇ ଦାଣ୍ଡଘର ସୋଫା ଉପରେ ବସିପଡ଼ି ଖୋଲି ଦେଖେ ତ ଲଫାପାରେ ରହିଥିଲା ଚିଠିଟିଏ- ଆସିଥିଲା ଗୋଟିଏ ଜନପ୍ରିୟ ମାସିକ ପତ୍ରିକାର ପ୍ରକାଶନୀ ସଂସ୍ଥା ତରଫରୁ। ଦୁଇମାସ ତଳେ ସେ ପତ୍ରିକାଟିରେ ମୋର ଲେଖାଟିଏ ପ୍ରକାଶିତ ହୋଇଥିଲା। ସେ ଲେଖାଟି ପାଇଁ ପ୍ରକାଶକ ମୋତେ ଅଭିନନ୍ଦନ ଜଣାଇବା ସହିତ ମୋ' ସାରସ୍ୱତ ସାଧନାର ଉତ୍ତରୋତ୍ତର ଉନ୍ନତି କାମନା କରି ଚିଠିଟିଏ ଲେଖିଥିଲେ। ମୁଁ ପୁଲକିତ ହୋଇଥିଲି। ଚିଠିଟି ସହିତ ଥିଲା ଚେକ୍‌ଟିଏ- ପାଞ୍ଚଶହ ଟଙ୍କାର। ଏଥର ମୋ' ଖୁସି ସୀମା ଲଙ୍ଘି ଉଚ୍ଛୁଳି ପଡୁଥାଏ।

ଏତିକିବେଳେ ମୋ' ନଅବର୍ଷର ପୁଅ ଜୋଜୋ ଆସି ପଚାରିଥିଲା- ''ମାମା, କ'ଣ ଆସିଚି ?''

ତାକୁ ଆଉ ଅଧିକା ପଚାରିବାକୁ ନ ଦେଇ ମୁଁ ଗଦ୍‌ଗଦ୍ ହୋଇ କହିବା ଆରମ୍ଭ କରିଦେଲି- ''ଦେଖ, ମୋର ଗୋଟେ ଷ୍ଟୋରି ଦୁଇମାସ ତଳେ ଗୋଟେ ପତ୍ରିକାରେ ପ୍ରକାଶିତ ହୋଇଥିଲା। ସେଥିପାଇଁ ମୋତେ କେମିତି ପ୍ରକାଶକ ସାବାସି ଦେଇ ଚିଠି ଲେଖିଛନ୍ତି ଆଉ ତା' ସହିତ ପାଞ୍ଚଶହ ଟଙ୍କାର ଚେକ୍ ବି ଦେଇଛନ୍ତି, ହେଇ ଦେଖ...।''

ଜୋଜୋ ମୋ' ହାତରୁ ଚେକ୍‌ଟି ନେଇ ଦେଖିଲା। ତାକୁ ଟିକେ ଏକଡ଼ ସେକଡ଼ ବୁଲାଇ ତିନି ଚାରିଥର ଭଲକି ଚାହିଁ ପଢ଼ିଲା ଆଉ ତା' ପରେ କହିଲା- ''ବାସ୍ ଫାଇଭ୍ ହଣ୍ଡ୍ରେଡ୍ ରୁପିଜ୍! ଏଥିରେ ତ ମିଡିୟମ ସାଇଜର ପିଜ୍ଜା ବି ହେବନି।'' ମୁହଁ ଶୁଖେଇ ଚେକ୍‌ଟିକୁ ମୋତେ ଫେରାଇ ଦେଇ ଚାଲିଗଲା ତା' କାମରେ।

ପାଞ୍ଚଶହ ଟଙ୍କାର ସେ ଚେକ୍‌ଟି ସେଦିନ କିନ୍ତୁ ମୋତେ ଭାରି ଓଜନିଆ ଲାଗୁଥିଲା, ଠିକ୍ ମୋ' ପିଲାଦିନେ ନନାଙ୍କ ଟେବୁଲ ଉପରେ ରଖା ହୋଇଥିବା କାଚ ପେପରୱେଟ୍‌ର ଓଜନ ପରି।

ଏ ଖୁସି ଖବରଟି ମୋ' ସ୍ୱାମୀଙ୍କୁ ଜଣାଇବା ପାଇଁ ତାଙ୍କ ଅଫିସଫେରନ୍ତା ସମୟ ମାନେ ସନ୍ଧ୍ୟା ସମୟକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଲି। ସନ୍ଧ୍ୟା ହେଲା। ସେ ଠିକ୍ ସମୟରେ ଅଫିସ୍‌ରୁ ଫେରି ଘର ଭିତରକୁ ପଶି ଆସୁଆସୁ ମୁଁ ତାଙ୍କ ମୁହଁ ଆଗରେ ଲଫାପାଟି ହଲାଇ ହଲାଇ କହିଲି- ''ଦେଖ କ'ଣ ଆସିଚି ମୋ' ନାଆଁରେ।''

'ଦେଖିବା' କହିଦେଇ ସେ ଲଫାପାଟି ନେଇ ତା' ଭିତରୁ ଚିଠିଟି ଆଉ ଚେକ୍ ବାହାର କରି ଚିଠିଟିକୁ ପଢ଼ିବସିଲେ।

ଚିଠିପଢ଼ା ସରୁସରୁ ମୁହଁରେ ତାଙ୍କର ଝଲସିଉଠିଲା ନିର୍ମାୟା ହସଟିଏ। ମୋତେ ତାଙ୍କ ଡାହାଣ ହାତରେ ଜାବୁଡ଼ି ଧରି କହିଲେ- ''ଆରେ ବାଃ! ଅଭିନନ୍ଦନ... ଅଭିନନ୍ଦନ। ପ୍ରଶଂସାରେ ଭରପୂର ଚିଠି, ତା' ସହିତ ପୁଣି ପାଞ୍ଚଶହ ଟଙ୍କାର ଚେକ୍... ବାଃ... ବହୁତ ବହୁତ ଅଭିନନ୍ଦନ।''

''ପାପା, ମାମାଙ୍କୁ ଓନ୍‌ଲି ଫାଇଭ୍ ହଣ୍ଡ୍ରେଡ୍‌ର ଚେକ୍ ମିଳିଚି। ଗୋଟେ ମିଡିୟମ ସାଇଜର ପିଜ୍ଜା ବି ହବନି। ଆଉ ସେଥିରେ ତୁମେ ଏତେ ଖୁସି ହେଉଚ, ଯେମିତି...'' ସୋଫାରେ ବସି ସ୍କୁଲ୍‌ପାଠ କରୁଥିବା ଜୋଜୋର ଥିଲା ଏ ଉକ୍ତି। ଅସନ୍ତୋଷଭାବ ଫୁଟି ପଡୁଥିଲା ତା' କଥାରେ। ଏଥର ଜୋଜୋକୁ ବାମ ହାତରେ ଜାବୁଡ଼ି ଧରି ସେ ହସିଥିଲେ, ହା... ହା... ମନଖୋଲା ହସ।

ମୁଁ ତା' ପରଦିନ ଯାଇ ଚେକ୍‌ଟିକୁ ବ୍ୟାଙ୍କରେ ଦାଖଲ କରି ଦେଇଥିଲି, ଆଉ ତା'ର ଠିକ୍ ଦୁଇଦିନ ଭିତରେ ମୋତେ ଫୋନ୍‌ରେ ବାର୍ତ୍ତା ଆସି ଯାଇଥିଲା, ସେତକ ରାଶି ମାନେ ପାଞ୍ଚଶହ ଟଙ୍କା ମୋ' ଆକାଉଣ୍ଟରେ ଜମା ହେଇଯାଇଥିବାର।

ସେଦିନ ସନ୍ଧ୍ୟାରେ ମଧ୍ୟ ମୁଁ ତାଙ୍କୁ ଅପେକ୍ଷା କରିଥାଏ ଖୁବ୍ ଆଗ୍ରହରେ।

ସେ ଅଫିସ୍‌ରୁ ଫେରିଲା ପରେ ମୁଁ ତାଙ୍କୁ ଏ ଖୁସି ଖବରଟି ଜଣାଇ ଦେଇ କହିଥିଲି- ''ଜାଣିଚ, ମୋ' ଲେଖା ପାଇଁ ଯୋଉ ପାଞ୍ଚଶହ ଟଙ୍କାର ଚେକ୍‌ଟି ଆସିଥିଲା, ସେଇଟାର ପଇସା ଆଜି ମୋ' ଆକାଉଣ୍ଟକୁ ଆସିଯାଇଚି।''

–''ଆରେ ବଢ଼ିଆ କଥା ତ। ଚାଲ, ତୁମ ଏଟିଏମ୍ କାର୍ଡଟା ଧର, ଗୋଟେ ଜାଗାକୁ ଯିବା। ଜୋଜୋ ତଳକୁ ଖେଳିବାକୁ ଯାଇଚି, ସେ ଆସିବା ପୂର୍ବରୁ ଆମେ ଯାଇ ଫେରିଆସିବା।''

–''କିନ୍ତୁ କୋଉଠିକି ଯିବା, କିଛି ତ କୁହ ?''

–''ଆରେ ଆସନା...'' ଏତିକି କହି ସେ ଗାଡ଼ି ଚାବି ଧରି ବାହାରିଗଲେ। ଅଗତ୍ୟା ମୁଁ ତାଙ୍କ ପଛେ ପଛେ ଏଟିଏମ୍ କାର୍ଡ ଧରି ଆଉ ମୁଖ୍ୟ ଦରଜାରେ ତାଲା ପକାଇ ବାହାରି ଆସିଲି। ବାସ୍ ମାତ୍ର ଦଶମିନିଟ୍ ଭିତରେ ଆମେ ପହଞ୍ଚିଯାଇଥିଲୁ ଏଟିଏମ୍ ପାଖରେ। ସେ କାର୍ ରଖି କହିଲେ- ''ଯାଅ ନା ତୁମ ଆକାଉଣ୍ଟରୁ ପାଞ୍ଚଶହ ଟଙ୍କା କାଢ଼ିଆଣିବ।''

ଠିକ୍ ସେଇଆ ହେଲା। ପାଞ୍ଚଶହ ଟଙ୍କା କାଢ଼ିଆଣି ମୁଁ ପୁଣି ଆସି ବସିଯାଇଥିଲି କାର୍‌ରେ। ମୋ' ହାତରୁ ଏବେ ସେ ପାଞ୍ଚଶହ ଟଙ୍କିଆ ନୋଟ୍‌ଟିକୁ ନେଇ କହିଥିଲେ- ''ଏଇଟା ହେଲା ମୋ' ପ୍ରାଣପ୍ରିୟା ଧର୍ମପତ୍ନୀର ରୋଜଗାର ପଇସା ପାଞ୍ଚଶହ ଟଙ୍କା। ଏ ଟଙ୍କାଟା ମୁଁ ପୂରା ଖର୍ଚ୍ଚ କରିବି, ମୋ' ଇଚ୍ଛାରେ। ମୁଁ ବି ଦେଖିବାକୁ ଚାହେଁ, ଅନୁଭବ କରିବାକୁ ଚାହେଁ ପତ୍ନୀର ରୋଜଗାର ପଇସା ଖର୍ଚ୍ଚ କଲେ କେମିତି ଲାଗେ।''

ଏଥର ମୁଁ ହସିଥିଲି ମନ ଖୋଲିକି ଆଉ କହିଥିଲି- ''ତୁମେ ଏମିତି ହଉଚ, ଯେମିତି ପାଞ୍ଚଶହ ନୁହେଁ ପଚାଶ ହଜାର ଟଙ୍କା ମୋତେ ମିଳିଛି। ଆଉ ମୋତେ ଲାଗୁଚି ଏଇ ପାଞ୍ଚଶହ ଟଙ୍କାକୁ କେମିତି ଖର୍ଚ୍ଚ କରିବ ସେଇଟା ବି ଯା' ଭିତରେ ଭାବିନେବଣି ମନେମନେ।''

–''ଓ ଇଏସ୍। ଆମ କାର୍ ଏବେ ଚାଲିଚି ନବରତ୍ନ ହୋଟେଲ୍ ଆଡ଼କୁ। ତା' ପାଖ ମୋର ମନପସନ୍ଦର ପାନ ଦୋକାନରୁ ଆଗ ମୁଁ ମୋ' ପତ୍ନୀର ରୋଜଗାର ପଇସାରୁ ପାନ ଖଣ୍ଡେ ଖାଇବି। ତା' ପରେ ଜୋଜୋ ପାଇଁ ମିଡିୟମ୍ ସାଇଜ୍‌ର ପିଜ୍ଜା ସିନା ହେବନି, ମ୍ୟାକ୍‌ଡୋନାଲ୍‌ଡରୁ ଆଲୁ ଟିକି ବର୍‌ଗର୍‌ଟିଏ ଆଣିବି...।''

–''ଆଉ ମୋ' ପାଇଁ...''

–''ଅଛି, ମୋ' ଖର୍ଚ୍ଚ ତାଲିକାରେ ତୁମ ପାଇଁ ବି କିଛି ଅଛି... ଧୈର୍ଯ୍ୟ ଧର।''

ଟ୍ରାଫିକ୍ ସିଗ୍ନାଲ ଆଉ ଗାଡ଼ି ମୋଟରମାନଙ୍କ କେଁ କାଁ ଭିତରେ ଆମେ ପହଞ୍ଚି ଯାଇଥିଲୁ ନବରତ୍ନ ହୋଟେଲ ପାଖ ପାନ ଦୋକାନରେ। କିଛି ସମୟ ଭିତରେ ସେ ଯାଇ ତାଙ୍କ ପସନ୍ଦିଆ ପାନ ଦୋକାନରୁ ପାନ, ଆଉ ତା' ପାଖ ଦୋକାନରୁ ମ୍ୟାକ୍‌ଡୋନାଲ୍‌ଡରୁ ମ୍ୟାକ୍ ଟିକି ବର୍‌ଗର୍ କିଣି ଫେରିଆସି ବସିଗଲେ କାର୍‌ରେ। କାର୍‌ଟିକୁ ଷ୍ଟାର୍ଟ କରିଦେଇ ମୋ' ହାତକୁ ବଢ଼ାଇ ଦେଇଥିଲେ ଗୋଲାପ ଫୁଲ କଢ଼ିଟିଏ- ''ଏଇଟା ମୋ' ଲେଖିକା ପତ୍ନୀ ପାଇଁ ମୋ' ତରଫରୁ ଉପହାର, ତା'ରି ରୋଜଗାର ପଇସାରେ।''

–''ଆରେ ଏଇଟା ତ ହଳଦିଆ ଗୋଲାପ କଢ଼ି, ଭଲପାଉଥିବା ଲୋକଙ୍କୁ ପରା ଲାଲ୍ ଗୋଲାପ ଦିଅନ୍ତି...!''

–''ଖାଲି ଭଲପାଉଥିଲେ ଲାଲ ଗୋଲାପ ଦେବ, ଭଲପାଇବା ସହିତ ଯଦି ନିଜକୁ ସମର୍ପଣ କରି ଦେଇଥିବ, ତେବେ ହଳଦିଆ ଗୋଲାପ କଢ଼ି ଦିଅନ୍ତି...।''

–''ମିଛୁଆ...''– ମୁହଁ ମୋଡ଼ି କହିଥିଲି ମୁଁ।

–''ଆରେ ଲାଲ୍ ଗୋଲାପ କଢ଼ି ନ ଥିଲା ସେ ପାନ ଦୋକାନ ପାଖ ଫୁଲ ଦୋକାନରେ, ତେଣୁ ହଳଦିଆ ଗୋଲାପ କଢ଼ି ନେଇ ଆସିଲି।''

ଏବେ ଦୁହେଁ ହସିଥିଲୁ ଏକାସାଙ୍ଗରେ।

ପାଞ୍ଚଶହ ଟଙ୍କାରୁ ଏବେ ବି ପଇସା କିଛି ବଞ୍ଚିଥିଲା, ତାକୁ ସେ ରଖୁଥିଲେ ତାଙ୍କ ଶାର୍ଟ ପକେଟରେ ଗଣ୍ଠିଧନ କଲାପରି।

ସେଦିନ ମୁଁ ଅନେକ ସମୟଯାଏ ବିହ୍ୱଳ ହେଇ ଚାହିଁ ରହିଯାଇଥିଲି ମୋ' ମନର ମଣିଷଟିକୁ, ମୋ' ଜୀବନ ସାଥୀଙ୍କୁ। ମାସକୁ କେତେ ଲକ୍ଷ ଟଙ୍କା ରୋଜଗାର କରୁଥିବା ମଣିଷଟି ପାଞ୍ଚଶହ ଟଙ୍କା ପାଇଁ କେତେ ଖୁସି, ସତେ କି କୋଟିନିଧି ମିଳିଯାଇଛି!

ମୋ' ଆଖିରେ ଜକେଇ ହୋଇ ଆସିଥିଲା କେଇ ଟୋପା ଲୁହ। ଭାବିହେଉଥିଲି- ''ଜିନିଷଗୁଡ଼ିକୁ ପରଖିବାର ଗୋଟେ ସୁସ୍ଥ ଓ ସୁନ୍ଦର ଦୃଷ୍ଟିକୋଣ ସହିତ ଜୀବନଟା ବଞ୍ଚିବା କେତେ ସହଜ ହେଇଯାଏ, କେତେ ଉପଭୋଗ୍ୟ ହେଇଯାଏ ଜୀବନର ପ୍ରତିଟି ମୁହୂର୍ତ୍ତ।''

ମୋ' ଅଜାଣତରେ ସେ ଲୁହ ଦୁଇ ଟୋପା ଝରି ପଡ଼ିଥିଲା ମୋ' ଡାହାଣ ଆଖିରୁ। କେତେକ ମନୋବିଜ୍ଞାନୀଙ୍କ ମତରେ ଖୁସି ବା ଆତ୍ମତୃପ୍ତିରୁ ଉତୁରିଆସିଥିବା ଲୁହ ଆଗ ଡାହାଣ ଆଖିରୁ ବୋହିଥାଏ। ଆଉ ଦୁଃଖ କିମ୍ବା କଷ୍ଟରୁ ସୃଷ୍ଟି ହୋଇଥିବା ଲୁହ ଆଗ ବାମ ଆଖିରୁ ବୋହିଥାଏ।

ମୋ: ୯୧୩୬୧୧୯୭୫୩

## କବିତା

### ଢେର୍ ଶୁଣିଚି ମୁଁ

**ରଂଜନ କୁମାର ଦାସ**

ଢେର୍ ଶୁଣିଚି ମୁଁ ଜୀବନସାରା
ସମସ୍ତଙ୍କ ଅଳି ଅର୍ଦ୍ଦଳି ଦାବି
ଢେର୍ ଶୁଣିଚି ସମସ୍ତଙ୍କ ଉପହାସ
କଟାକ୍ଷ ଓ ଟିଟିକାର
କେବେ କେବେ ଶୁଣିଚି ପୁଣି ତିରସ୍କାର
ସହିଚି ଲାଞ୍ଛନା ପ୍ରତ୍ୟାଖ୍ୟାନ
ପାଇଚି ଅନେକ ମିଛ ପରାମର୍ଶ।

ହିସାବ ନାହିଁ
କେତେ ମରିଚି ମୁଁ
ଲୋକାଚାରକୁ ସାମ୍ନା କରି ନ ପାରି
କେତେଥର ଚିପି ଧରିଚି
ମୋ ନିଜ ତଣ୍ଟି
ଚୂର୍‌ମାର କରିଚି ସ୍ୱପ୍ନସମୂହଙ୍କୁ ମୋର
ହିସାବ ନାହିଁ କେତେ କାତର ହେଇଚି
କେତେ ବିଧୁର ହେଇଚି
ଲହୁଲୁହାଣ ହେଇଚି ମୁଁ।

ଏବେ ନୁହେଁ ଆଉ ନୁହେଁ।
ଢେର୍ ଶୁଣିଲି ମୁଁ ସମସ୍ତଙ୍କ କଥା
ଏବେ ସମୟ ଉପଗତ
ମୁଁ ଶୁଣିବି କେବଳ ମୋ ମନର କଥା
ହେଇପାରେ ସେ ଯେତେ ଅବାସ୍ତବ
ନିରର୍ଥକ ଅଥବା ମୂଲ୍ୟହୀନ।

ଯାହାର ଯାହା ଭାବିବାର ଅଛି
ଭାବନ୍ତୁ ସେମାନେ
କହନ୍ତୁ ପଛକେ ମତେ ସ୍ୱାର୍ଥପର
ମୁଁ ଶୁଣିବି କେବଳ ଏଥର
ଆତ୍ମାର ଡାକ ମୋର
କହିବି କେବଳ ମୋର ମନର କଥା।

ମୋ: ୯୪୩୭୨୮୬୫୧୨

### କାକର

**ସଂଜୀବ କୁମାର ଦାଶ**

ରାତିସାରା ତୋଫା ଜୋଛନାକୁ
ସାଉଁଟି ପିନ୍ଧି, ଲାଜେଇ ଯାଉଥିଲି
ଦୁର୍ବାର ବାସନା ମୋ, କୁହୁଡ଼ିରେ ପହଁରି
ଲୁଚାଇଦେବାକୁ ତାକୁ,
ମୁରୁକି ହସୁଥିଲେ ତାରା!
ଘୂରି ଘୂରି ଉଡୁଥିଲା ଜହ୍ନ,
ଜଣା ନାହିଁ ମୋତେ, ମସଗୁଲ ସେ,
ଉଜାଗର କୁମୁଦିନୀ ନୀଳ ନୀଳ ଆଖି!

ଅବଶ ମୁଁ,
ଜଡ଼େଇ ଝରୁଛି ଟୋପା ଟୋପା
ନିଚ୍ଛକ ପ୍ରବଣତାର ଏ ଅଶ୍ରୁ,
ଏବେ ସଜାଇଛି!
ଦୂବର ମୁକ୍ତାମୁକୁଟ, ସିକ୍ତକଢ଼ି ଶିରପାଟ,
ବେଧଡ଼କ ଭାସିବାର ମୋ ସ୍ୱପ୍ନଯାକ
ତରଳି ମାଟି ଭିଜାଉଛି

ଆଉଥରେ ଆସିବି କହି
ଅପସରି ଯାଇଛି,
ସେ ନିଲଜିଆ ଚାନ୍ଦ, ଉକୁଟୁଛି ରବି,
ମୁଠା ମୁଠା ରକ୍ତ ଅବିର ମାଖିଛି!
ବହୁରୂପୀ ଆକାଶ!
କଅଁଳ କିରଣର ଲହଡ଼ି ଭାଙ୍ଗୁଛନ୍ତି,
ଚାରୁଲତା ଜୀବନ ସକଳ

ଅବସନ୍ନ ତନୁରେ ମୋ ନୂଆ ପୁଲକଟେ,
ସପ୍ତରଙ୍ଗୀ ଇନ୍ଦ୍ରଧନୁ ଖେଳେ,
ହୀରକକୁ ନିନ୍ଦା, ଭରଣେ ଉଚ୍ଛନ୍ନତାରେ
ଉଷ୍ମରଶ୍ମି ପିଇଯାଏ,
ଯା' ହେଉ କେହି ତ ଆପଣାର,
ଅସରା କାମନାର ବିସ୍ଫୋଟରେ
ଫାଟିପଡ଼ି, ଉଠୁଛି ଉପରକୁ
ପୁଣିଥରେ, ଜହ୍ନ ଯେ ଉଇଁବ!

ମୋ: ୯୪୩୭୭୩୯୫୭୭

### ଅପରାହ୍ନ

**ସ୍ନିଗ୍ଧା ପଣ୍ଡା**

ଏବଂ ଶେଷବେଳକୁ
ମୁଁ ଟିକେ ହସ ମାଗିଲି
ତୁ କହିଲୁ ପୂରା ଲୁହ ନେ'
ହସ ତ ଅପମିଶ୍ରିତ
ତା' ପଛରେ ଲୁହଥାଏ
ଲୁହ କିନ୍ତୁ ସବୁବେଳେ ଖାଣ୍ଟି
ଲୁହ ପଛରେ ଲୁହ ହିଁ ଥାଏ।

ଏମିତି ମାଗି ମାଗି
ଚଳେଇଦେଲିଣି ସବୁ
ଜିଇ ଗଲି ତ ଜୀବନ
ସମସ୍ତେ ଜାଣି ଗଲେଣି
ଏବେ ମତେ
କେତେ ବେଶି ମାଗିବାକୁ ପଡୁଛି
ଆସିଯାଇଛି ଫେରିବାର ଅପରାହ୍ନ।

ଏବେ ଧରିବାକୁ ଚାହିଁଲେ ବି
ଆଙ୍ଗୁଠି ସନ୍ଧି ଦେଇ ବୋହି ପଡ଼େ
ଟୋପାଟୋପା ଆବେଗ
ତୁ ବୁଝେଇ ଦେଇଚୁ
ବିନା ପବନରେ
ଯୋଉ ଦରଜା ବନ୍ଦ ହେଇଗଲା
ସେ ତ ମନ ସାଙ୍ଗରେ
ଖାପ ଖାଉ ନ ଥିବା ଦରଆଉଜା
ହେଲେ ବନ୍ଦ ହେବାଟା
ମାନି ନେବା କ'ଣ ସହଜ!

ମାନି ପାରେନି ବୋଲି ତ
ସାଇତିଥିବା ବାଷ୍ପର କାକର
ଏବେ ସକାଳର ଲୁହକୁ ଗାଢ଼ା କରୁଥାଏ
ବେଳଯାକ ବୟସର
ଦୁଆତରୁ ଢାଳି ହେଇ
ଦକ୍ଷିଣର ସମୁଦ୍ରକୁ ବହିଯାଏ।

ମୋ: ୯୮୬୧୩୨୩୬୫୦

## ପୁସ୍ତକ ପରିଚୟ

### ସ୍ମୃତି ଦର୍ପଣ



**ଲେଖକ:** ଡା. ଶୈଳେଶ୍ୱର ନନ୍ଦ
**ପ୍ରକାଶିକା:** ସଂଯୁକ୍ତା ମହାପାତ୍ର, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ: ଟ.**୩୫୦/-

ଆଲୋଚ୍ୟ ଗ୍ରନ୍ଥଟି ହେଉଛି ଡାକ୍ତର ଶୈଳେଶ୍ୱର ନନ୍ଦଙ୍କ ଆତ୍ମଲିପି। ଗ୍ରନ୍ଥାରମ୍ଭରେ ଲେଖକ ଲେଖିଛନ୍ତି: ''ମୁଁ ଏ ସମାଜର ଜଣେ ସାଧାରଣ ନାଗରିକ। ମୋ' ଜୀବନର ଅଭିଜ୍ଞତା ଯେ କାହାରିକୁ ଉଦ୍‌ବୁଦ୍ଧ କରିପାରିବ କି କାହାରିକୁ ଅନୁପ୍ରାଣିତ କରିପାରିବ ସେ ବିଶ୍ୱାସ ମୋର ନାହିଁ। କିନ୍ତୁ ପାଠକଗଣ ମୋ' ଜୀବନଚର୍ଯ୍ୟାର ଏହି ସତସ୍ତରି ପାବଚ୍ଛର ଅଭିଜ୍ଞତାରୁ ବା ମୁଁ କରିଥିବା ଭୁଲ୍‌ରୁ କିଛି ଶିଖିପାରିବେ ବା ନିଜକୁ ନିବୃତ୍ତ କରିପାରିବେ ବା ମୋ' ଅନୁଚିନ୍ତା ଓ ସୃଜନଶୀଳତାରୁ କିଛି ନିଜର ସୃଷ୍ଟି ଓ ଅଗ୍ରଗତିରେ ନିୟୋଜନ କରିପାରିବେ, ଏହି ଆଶା ନେଇ ଲେଖୁଛି ଏ ଆତ୍ମଲିପି।'' (ପୂର୍ବାଭାଷ, ପୃ:୧୫) 'ମୁଖବନ୍ଧ'ରେ ଅରବିନ୍ଦ ପଟ୍ଟନାୟକ କହନ୍ତି: ''ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ଭାରସାମ୍ୟ ରଖି ସେ କାଟିଥିବା ଜୀବନର ଅନୁଭୂତି ଏଥିରେ ବାଢ଼ିଛନ୍ତି। x x ଅନୁରୋଧ-ସହୃଦୟ ପାଠକମାନେ ବହିଟି ଶ୍ରଦ୍ଧାର ସହିତ ପଢ଼ିବା ଆରମ୍ଭ କରନ୍ତୁ।'' 'ଗ୍ରନ୍ଥ ପ୍ରବେଶ'ରେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ମତ ହେଲା- ''ଏହି ପୁସ୍ତକର ଲେଖକ ଚିକିତ୍ସକ ଭାବେ ମଧ୍ୟପ୍ରାଚ୍ୟରେ କାର୍ଯ୍ୟରତ ଥିବା ସମୟରେ ଆରବିକ୍ ସଭ୍ୟତା ଓ ସଂସ୍କୃତିର ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ଶ୍ରୀଲଙ୍କା ସମେତ ଦକ୍ଷିଣ ପ୍ରାଚ୍ୟ ଓ ଏସିଆର ବହୁ ଦେଶ ଭ୍ରମଣ କରିଛନ୍ତି। x x ସେ ସବୁର ବର୍ଣ୍ଣାଢ଼୍ୟ ବର୍ଣ୍ଣନା ଏହି ପୁସ୍ତକରୁ ମିଳେ।'' ଗ୍ରନ୍ଥର ଶେଷ ପର୍ଯ୍ୟାୟରେ ଲେଖକ ତାଙ୍କୁ ପ୍ରଭାବିତ କରିଥିବା ମହତ୍ ମଣିଷଙ୍କ କଥା କହିଛନ୍ତି। ନିଜର କୃତି ଓ ସ୍ୱୀକୃତିର ତାଲିକା ସହ ଦେଇଛନ୍ତି ତାଙ୍କର ବଂଶଲତା। ଗ୍ରନ୍ଥସ୍ଥ ରଙ୍ଗିନ୍ ଫଟୋଗୁଡ଼ିକ ତାଙ୍କ ଜୀବନର ଇତିବୃତ୍ତର ସାକ୍ଷ୍ୟ ଦିଅନ୍ତି। ଆଶା, ବହିଟି ଜନାଦୃତି ଲାଭ କରିବ।

### ଡାକମୁନ୍‌ସିଙ୍କ ମା'



**ଲେଖିକା:** ଯଶୋଧାରା ମିଶ୍ର
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ: ଟ.**୧୬୯/-

ଆଲୋଚ୍ୟ ଗଳ୍ପ-ଗ୍ରନ୍ଥରେ ୭ଟି ଗଳ୍ପ ସଂକଳିତ। ସେଗୁଡ଼ିକ ହେଲା- 'ଡାକମୁନ୍‌ସିଙ୍କ ମା', 'ଦୁଃସ୍ୱପ୍ନରୁ ସ୍ୱପ୍ନକୁ ଚଲାବାଟ', 'ପଦ୍ମପତ୍ର', 'କୁଟାକାଠିର ବସା', 'ତଅପୋଇର ଘର ସଂସାର', 'ଉଭେଇଯାଆନ୍ତି ସେମାନେ' ଓ 'ଝିରପାଣିରେ ନିଆଁ'। ଗଳ୍ପଗୁଡ଼ିକୁ ପଢ଼ିଲେ ଲାଗେ, ଗପ ଲେଖିଲାବେଳେ ଯଶୋଧାରା ଜୀବନର ଖୁବ୍ ଗହୀରକୁ ତାଙ୍କର ଆଖି ନିଅନ୍ତି। ଅତୀତ ସହ ମିଶିଯାଏ ସମକାଳ ଓ ସମକାଳ ଯାଇ ମିଶିଯାଏ ଭବିଷ୍ୟତରେ। ବହିର ଶୀର୍ଷକ ଗପ 'ଡାକମୁନ୍‌ସିଙ୍କ ମା'ର ପ୍ରତିଟି ଧାଡ଼ି, ପ୍ରତିଟି ପାରାଗ୍ରାଫ୍‌ରେ ଫକୀରମୋହନ ନୂଆ ହେଇଉଠନ୍ତି। ବିଦେଶରେ ରହୁଥିବା ପୁଅଝିଅ ଓ ଭିଟାମାଟିରେ ପଡ଼ି ରହି ମୃତ୍ୟୁକୁ ଅପେକ୍ଷା କରିଥିବା ମା'ବାପା- ଉଭୟ ପକ୍ଷର ମଣିଷଙ୍କ ଅଲଗା ଅଲଗା ନିଃସଙ୍ଗତା ଗପଟି ଭିତରୁ ଫୁଟିଉଠେ। ଜୀବନ ତା' ବାଟରେ ଯାଏ। ସମୟ ତିଆରି କରେ ଜୀବନର ମାର୍ଗ ତା' ନିଜ ମର୍ଜିରେ। ସମୟ ଓ ଜୀବନର ବିବଶତାକୁ 'ଡାକମୁନ୍‌ସିଙ୍କ ମା' ଗଳ୍ପ ଅତି ନିଖୁଣ କରି ଧରିରଖେ। ସୁପ୍ରିୟା (ଯିଏ ଏବେ ଆମେରିକାରେ)ର ମା' ବୁଢ଼ୀ (ଯିଏ ପୁରୀରେ ଗୋଟେ ଛୋଟିଆ ଫ୍ଲାଟ୍‌ରେ ଏକା ରହନ୍ତି) ସନ୍ତୋଷଙ୍କୁ କହୁଛନ୍ତି ଡାକମୁନ୍‌ସି ଗୋପାଳର ନିର୍ଦ୍ଦୟତା ପ୍ରସଙ୍ଗରେ: ''ନାଇଁବାବୁ, ଜାଣିଶୁଣି ନିର୍ଦ୍ଦୟ ହେବା ନୁହଁ ସେ। ଜୀବନର ନିୟମ କାହାଠି ଆଉ ନିଜ କାମ ନ ଥିଲେ ଉଦାସୀନ ହେଇଯିବା। ନିଜ ଜୀବନରେ ହସ୍ତକ୍ଷେପ ନ ଚାହିଁବା। ରାଗ ବା ଘୃଣା ନୁହେଁ ହୁଏ ତ। ଜାଣିଶୁଣି ଅକୃତଜ୍ଞ ହେବା ନୁହେଁ ବି। ହେଲେ ମଣିଷ ମନରୁ ଲିଭେଇ ପାରେନାଇଁ, ନିଜ ପ୍ରାପ୍ୟ ପାଇ ନ ଥିବାର କ୍ଷୋଭ।'' ପୁଣି ଡାକମୁନ୍‌ସି ଗଳ୍ପର ଶେଷ ଦୁଇଧାଡ଼ି- ''ଉଚ୍ଛୁଣି ବାପ ପୁଅ ଦୁହେଁ ଖୁସି। ପରର ସୁଖ ଦେଖି ପାଠକ ମହାଶୟ ଖୁସି ହୁଅ।'' 'ଡାକମୁନ୍‌ସି' ଗପର ଅଫିଟା ତାଲା ଖୋଲିଛନ୍ତି ଯଶୋଧାରା ତାଙ୍କ ଗପରେ। ଏହିପରି ବହିର ଅନ୍ୟ ଗଳ୍ପଗୁଡ଼ିକ ବି ନିଜ ଢଙ୍ଗରେ ନିଆରା।

## ଦୁଇଟି ମିନି କଥା

**ଶିବ ମିଶ୍ର**

### ॥ ପ୍ରମାଣ ପତ୍ର ॥

ସିଏ ଥିଲେ ଗାଁର ମଣି। ଗାଁ ପାଇଁ ବିଜୁଳି ଆଲୁଅ, ପକ୍କା ସଡ଼କ, ନଳକୂଅ, ବିଦ୍ୟାଳୟ ଇତ୍ୟାଦି ବ୍ୟବସ୍ଥା କରିବା ସହିତ ଗାଁର ଦୁଃଖୀରଙ୍କୀଙ୍କ ପାଖରେ ଛାଇ ପରି ରହି ସେମାନଙ୍କ ବୋଝ ବୋହିବାକୁ କାନ୍ଧ ଲଗାଇ ଦେଉଥିଲେ ସିଏ। ତାଙ୍କ ପାଇଁ ଏତିକି କୁହାଯାଇପାରେ ଯେ, ଶହେ ବର୍ଷରେ, କୋଟିଏ ମଣିଷରେ ଏପରି ଗୋଟିଏ ଜନସେବକ କାହିଁ କୋଉଠି ଜନ୍ମ ହେଲେ ହୋଇଥିବେ ନ ହେଲେ ନାହିଁ। ତାଙ୍କ ଯୋଗୁଁ ସେଇ ଛୋଟିଆ ଗାଁଟି ରାଜ୍ୟ ମାନଚିତ୍ରରେ ବଡ଼ ହୋଇ ଫୁଟି ଦିଶୁଥିଲା।

ସେହି ବ୍ୟକ୍ତିଙ୍କର ତିରୋଧାନ ହେବା ପରେ ଗ୍ରାମବାସୀ ତାଙ୍କ 'ନାଁ' ଅମର କରି ରଖିବା ପାଇଁ କିଛି ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ କହିବାରୁ ସିଏ ଆଗାମୀ ନିର୍ବାଚନ ପୂର୍ବରୁ ନିଶ୍ଚୟ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

ନିର୍ବାଚନର କିଛି ଦିନ ଆଗରୁ ସେଇ ଗାଁକୁ ଆସି ଲୋକମାନଙ୍କୁ ବିଡ଼ାଟିଏ କାଗଜ ଦେଖାଇ ଲୋକପ୍ରତିନିଧି କହିଲେ- କାଳ ଯମ ସେହି ମହାମାନବଙ୍କର ପ୍ରାଣ ନେଇ ଯାଇଥିଲେ ମଧ୍ୟ ମୁଁ ଏଇ ମାଟିରେ ତାଙ୍କ ନାମ ବଞ୍ଚାଇ ରଖିବାର ସୁବ୍ୟବସ୍ଥା କରିଦେଇଛି। ଲୋକମାନେ ସେ କାଗଜ ବିଡ଼ାଟି ଦେଖିଲେ। ସେଇଟା ଥିଲା, ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଥିବା ସଂଶୋଧିତ ଭୋଟର ତାଲିକା। ସେଥିରେ ସ୍ୱର୍ଗତ ଜନସେବକଙ୍କ ନାଁ ଥିବାର ଦେଖି ଲୋକମାନେ କିଛି କହିବା ପୂର୍ବରୁ ଲୋକପ୍ରତିନିଧି କହିଲେ- ଏହା କେବଳ ଭୋଟର ତାଲିକା ନୁହେଁ, ଏହା ହେଉଛି ଆପଣମାନଙ୍କର ପ୍ରିୟ ଏବଂ ମାନନୀୟ ଜନସେବକଙ୍କ ନାମ, ଅମର ରହିଥିବାର ସରକାରୀ ପ୍ରମାଣପତ୍ର।

### ॥ ମେଞ୍ଚେ ଆବର୍ଜନା ॥

ରାସ୍ତାକଡ଼ର ଗୋଟିଏ ବୁଢ଼ା ବରଗଛ ମୂଳେ ଡେରା ବାନ୍ଧିଥିବା ବୁଢ଼ା ମଣିଷଟିଏକୁ ଦିନେ ଗଛଟି କହିଲା- ମୁଁ ଏଇ ରାସ୍ତାକଡ଼ରେ ଜନ୍ମ ହୋଇଛି। ଏଇଠି ମରିବି, ହେଲେ ତୁ ତ କୋଉ ଘରେ ଜନ୍ମ ହୋଇଥିବୁ, ଏ ବୁଢ଼ାବେଳକୁ ରାସ୍ତାକଡ଼କୁ କାହିଁକି ଆସିଲୁ ?

ଲୋକଟି କିଛି କହିବା ପାଇଁ ତା' ଶୁଖିଲା ଜିଭକୁ ପାଟି ଭିତରେ ଏପାଖସେପାଖ କଲାବେଳକୁ ସେ ରାସ୍ତାରେ ମୋଟରସାଇକେଲରେ ଯାଉଥିବା ଜଣେ ଯୁବକ ଅଟକିଯାଇ ତା' ସାଙ୍ଗରେ ଥିବା ଯୁବତୀଟିଏକୁ ସେଇ ଗଛ ଆଡ଼କୁ ଦେଖାଇ କହିଲା- ହେଇଟି ବାପା ବସିଛନ୍ତି। ଯୁବତୀ ଜଣକ ଧମକାଇଲା ପରି କହିଲା- କେତେ ଥର କହିଛି, ରାସ୍ତାରେ ଗଲାଆସିଲା ବେଳେ ରାସ୍ତାକଡ଼ରେ ପଡ଼ିଥିବା ଅଳିଆ ଆବର୍ଜନା ଆଡ଼କୁ ଚାହିଁବ ନାହିଁ ବୋଲି। ଚାଲ, ଶୀଘ୍ର ଚାଲ। ତା'ପରେ ମୋଟରସାଇକେଲର ଚକ ଗଡ଼ିଲା। ସେମାନେ ଆଗକୁ ବଢ଼ିଲେ।

ଗଛମୂଳେ ବସିଥିବା ସେ ବୁଢ଼ା ଏବେ ଗଛକୁ କହିଲା- ମୁଁ କାହିଁକି ଏଠିକି ଆସିଚି, କହୁଛି ଶୁଣ। ଗଛ କହିଲା- ତୁ ଆଉ କିଛି କହିବା ଲୋଡ଼ା ନାହିଁ। ମୁଁ ଜାଣିସାରିଲିଣି ଯେ, ତୁ ତୋ' ପରିବାର ପାଇଁ ଗୋଟେ ଅଳିଆ, ଆଉ ମେଞ୍ଚେ ଆବର୍ଜନା।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



''କେବଳ ରହସ୍ୟ ଓ ବାତୁଳତା ଦ୍ୱାରା ହିଁ ଆତ୍ମା ଉନ୍ମୋଚିତ ହୁଏ।''

– ଥୋମାସ୍ ମୁରେ

**ଥୋମାସ୍ ମୁରେ**ଙ୍କ ଜନ୍ମ ୨୮ ମେ' ୧୭୭୯ରେ, ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ ଓ ପରଲୋକ ୨୫ ଫେବୃୟାରୀ ୧୮୫୨ରେ ଇଂଲଣ୍ଡର ବ୍ରୋମ୍‌ହାମ୍‌ରେ। କବିତା, ଗୀତି-କବିତା ଓ ଗଦ୍ୟ ରଚନା କ୍ଷେତ୍ରରେ ମୁରେ ଆଇରିସ୍ ଭାଷାର ଜଣେ ଯୁଗାନ୍ତକାରୀ ଲେଖକ। ଇଂଲିଶ୍ ଭାଷାର ଛନ୍ଦ-ସୁଷମାକୁ ଆଇରିସ୍ ଭାଷାର ମହିମା ପ୍ରଦାନରେ ସେ ବିଚକ୍ଷଣ। ତାଙ୍କର ପ୍ରସିଦ୍ଧ କୃତି ମଧ୍ୟରୁ କେତୋଟି ହେଲା- 'ଆମେରିକାନ୍ ମେଲୋଡିଜ୍', 'ମେମୋୟର୍ସ ଅଫ୍ କ୍ୟାପ୍‌ଟେନ୍', 'ରକ୍', 'ଲେଟର୍ସ ଆଣ୍ଡ ଜର୍ନାଲ୍ସ ଅଫ୍ ଲର୍ଡ ବାଇରନ୍' ଓ 'ଏଲିଜାବେଥ୍ ଡାଇକ୍'। ସେ କହନ୍ତି: ''କଳା ବା ସାହିତ୍ୟ ପ୍ରତିଭାର ପ୍ରକଟନ ନୁହେଁ ବା ନୁହେଁ ନାନା ନଗଣ୍ୟ କଥାର ସମାହାର; ଏହା ଆତ୍ମାର ରକ୍ଷା-କବଚ।''

## ଆତ୍ମ ଅବଲୋକନ

**ବ୍ୟଙ୍ଗ ଗଳ୍ପ**

**ସୁଷମା ପରିଡ଼ା**

ଏକଦା ଦୁଇଟି ଗାଆଁରୁ ଦୁଇଜଣ ଯୁବକ ଗୋଟିଏ ଦୂରସ୍ଥ ସ୍ଥାନକୁ ମେଳା ଦେଖିବାକୁ ଯାଉଥିଲେ। ବାଟରେ ଦୁହିଁଙ୍କ ଭିତରେ କଥାବାର୍ତ୍ତା ହେବାରୁ ଦୁହିଁଙ୍କର ଗନ୍ତବ୍ୟସ୍ଥଳ ଏକ ହୋଇଥିବାର ଜାଣିପାରି ଦୁହେଁ ସାଥିହୋଇ ଯାଉଥା'ନ୍ତି। ପୂର୍ବରୁ ସେମାନଙ୍କ ମଧ୍ୟରେ ଚିହ୍ନାପରିଚୟ ନ ଥିଲେ ମଧ୍ୟ ଯାତ୍ରାକାଳରେ ଦୁହେଁ ଏକାଠି ଖିଆପିଆ ଶୁଆବସା କରି ବନ୍ଧୁ ଭଳି ବ୍ୟବହାର କରିବାରେ ଲାଗିପଡ଼ିଲେ। ମେଳା ପାଖରେ ପହଞ୍ଚିବା ମଧ୍ୟରେ ସାତଦିନ ବିତିଯାଇଥାଏ। ଏବେ ଦୁହେଁ ନିଜ ନିଜର କାମରେ ବାହାରି ଯିବାର ବେଳ। ପ୍ରଥମ ଯୁବକଟି ଦ୍ୱିତୀୟ ଯୁବକକୁ କହିଲା...

- ଭାଇ! ତୁମେ ବୋଧହୁଏ ଏ ପର୍ଯ୍ୟନ୍ତ ମୋତେ ଚିହ୍ନି ପାରିଲନି।

- ଠିକ୍ କହିଛ ଭାଇ, ମୁଁ ପ୍ରକୃତରେ ଜାଣିପାରିଲିନି ତୁମେ କିଏ। ତୁମେ ନିଜେ କୁହ ତ! ତୁମେ କିଏ ? ପ୍ରଥମ ଯୁବକ କହିଲା।

- ମାଳପୁରର ଫକିର ନାଆଁ ଶୁଣିଛ ? ମୁଁ ସେଇ କୁଖ୍ୟାତ ଚୋର ଫକିର। ହେଲେ ମୁଁ ଏବେ ଜାଣିପାରୁଛି ଯେ ତୁମେ ନିଶ୍ଚୟ ମୋ'ଠାରୁ ବଡ଼ ଚୋର। କାରଣ ଏଇ ସାତଦିନ ଭିତରେ ସବୁଦିନ ରାତିରେ ତୁମେ ଶୋଇବା ପରେ ତୁମର ପେଡ଼ିପୁଟୁଳା ଖୋଜାଖୋଜି କରି ଦେଖିଛି ଯେ ତୁମ ପାଖରେ କାଣୀ କଉଡ଼ିଟିଏ ମଧ୍ୟ ନାହିଁ। ତୁମେ ଏତେ ବଡ଼ ମେଳା ଦେଖିବାକୁ ଏତେ ବାଟ ଯାଉଛ କ'ଣ ଖାଲି ହାତରେ ? ନା' ସେଠାରୁ ବେଶ୍ କିଛି ମୋଟା ଆମଦାନୀ ଲୋଭରେ ଯାଉଛ। ଦ୍ୱିତୀୟ ଯୁବକ ଆଖି ନଚାଇ କହିଲା।

- ହାଃ ହାଃ ହୋଇ ହସି ହସି କହିଲା ପ୍ରଥମ ଯୁବକ। ଆରେ ଭାଇ! ମୁଁ ବି ତୁମରି ଭଳି ସରଳ ମଣିଷଟିଏ। ମୋ' ପାଖରେ ମାତ୍ର ଖଣ୍ଡିଏ ମୂଲ୍ୟବାନ୍ ହୀରା ଆଉ କେତୋଟି ସ୍ୱର୍ଣ୍ଣମୁଦ୍ରା ଅଛି। ସେତକ ମେଳାରେ ବିକ୍ରିକରି କିଛି ସଉଦାପତ୍ର ଆଣିବି ନିଜ ବ୍ୟବସାୟ ପାଇଁ।

-ଏଁ... ସତେ ନା' କ'ଣ ? ତେବେ କେଉଁଠି ଲୁଚେଇ ରଖିଛ ସେ ସବୁ ? ଦ୍ୱିତୀୟ ଯୁବକ ଆକାଶରୁ ଖସି ପଡ଼ିଲା ଭଳି କହିଲା।

- ତୁମରି ପାଖରେ। ବେଶ୍ ସହଜ ଭାବରେ ଉତ୍ତର ଦେଲା ପ୍ରଥମ ଯୁବକ।

ଏଥର ଦ୍ୱିତୀୟ ଯୁବକର ଆଶ୍ଚର୍ଯ୍ୟ ହେବାର ପାଳି। ସେ ଉତ୍କଣ୍ଠିତ ହୋଇ ନିଜ ପକେଟ୍‌କୁ ଦରାଣ୍ଡି ପକାଇଲା। କିଛି ନ ପାଇ ପ୍ରଶ୍ନିଳ ଦୃଷ୍ଟିରେ ପ୍ରଥମ ଯୁବକକୁ ଚାହିଁଲା।

ପ୍ରଥମ ଯୁବକ ହସି ହସି କହିଲା, ମୁଁ ପ୍ରଥମଦିନ ତୁମ କଥାବାର୍ତ୍ତାରୁ ଅନୁମାନ କରିସାରିଥିଲି ଯେ ତୁମେ ଜଣେ ଧୂର୍ତ୍ତ ଲୋକ। ନିଶ୍ଚୟ କିଛି ମନ୍ଦ ଉଦ୍ଦେଶ୍ୟ ନେଇ ମେଳାକୁ ଯାଉଛ। ତେଣୁ ମୁଁ ନିଜ ଜିନିଷକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କଲି। ତୁମେ ରାତିରେ ଶୋଇବା ପୂର୍ବରୁ ଖାଇସାରି ହାତ ଧୋଇବାଲାଗି ବାହାରକୁ ଯିବାବେଳେ ମୁଁ ସେ ସବୁକୁ ତୁମ ପୁଟୁଳି ଭିତରେ ଲୁଚାଇଦେଲି। କାରଣ ମୁଁ ଭଲଭାବରେ ଜାଣିଥିଲି ଯେ ତୁମେ ମୋ'ର ମୂଲ୍ୟବାନ୍ ଜିନିଷପତ୍ର ହାତେଇବା ପାଇଁ ମୋ' ପେଡ଼ିପୁଟୁଳା, ପୋଷାକପତ୍ରକୁ ନିଶ୍ଚୟ ଖୋଜିବ। କିନ୍ତୁ ତୁମ ନିଜ ଜିନିଷକୁ କେବେ ବି ଖୋଜିବ ନାହିଁ। ମଣିଷ ପ୍ରକୃତି ହିଁ ସେମିତି। ଅନ୍ୟ ପାଖରେ କ'ଣ ଅଛି ତାହା ଜାଣିବାକୁ ଇଚ୍ଛା କରେ ସବୁବେଳେ, କିନ୍ତୁ ନିଜ ପାଖରେ ଯେ କିଛି ଅମୂଲ୍ୟ ସମ୍ପତ୍ତି ରହିଛି ତାହା କେବେ ଦେଖିବାକୁ ଚେଷ୍ଟା କରେନାହିଁ। ଏଇ ଦେଖ ତୁମରି ପୁଟୁଳି ଭିତରେ ଅଛି ମୋର ସମ୍ପଦ। ଏତିକି କହି ଦ୍ୱିତୀୟ ଯୁବକର ପୁଟୁଳି ଭିତରୁ ନିଜ ଜିନିଷକୁ ବାହାର କରିଆଣି ଦୌଡ଼ି ଦୌଡ଼ି ଆଗକୁ ପଳାଇଗଲା ପ୍ରଥମ ଯୁବକ।

ଗାଲରେ ହାତ ଦେଇ ନିଜର ମୂର୍ଖାମି ପାଇଁ ଅନୁତାପ କରୁଥିଲା ପ୍ରଖ୍ୟାତ ଚୋର। ଏଥିରୁ ଶିଖିବାର କଥା ଏତିକି ଯେ, ଈଶ୍ୱର ଆମ ନିଜ ଭିତରେ ଅନେକ କିଛି ଖୁସି ଭରିଦେଇଛନ୍ତି। କିନ୍ତୁ ଆମେ ତାକୁ ନ ଖୋଜି ଅପରଲୋକ ପାଖରେ କ'ଣ ଅଛି, ସେ କେମିତି ସେସବୁ ହାସଲ କଲା, କେଉଁ ଉପାୟରେ ହାସଲ କଲା, ସେଇ ସବୁ ନିରର୍ଥକ କଥା ଚିନ୍ତାକରି ସମୟ ନଷ୍ଟ କରିଥାଉ। ଯେଉଁଦିନ ଆମେ ନିଜର ଅନ୍ତର୍ନିହିତ ସୁଖକୁ ଖୋଜିପାରିବା ସେଦିନ ଆମକୁ ସାରା ସଂସାର ସୁଖମୟ ମନେହେବ।

ମୋ: ୯୩୩୭୨୭୨୬୪୭



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୫/୨୦୨୩ Bhubaneswar, Saturday, February 25/ 2023

## ସହଦେବ ହେଲେ କାଟେଗୋରି-୨ ରେଫରି



ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ରେଫରି ସହଦେବ ମୁର୍ମି ସଫଳତାର ସହ ଫିଟ୍‌ନେସ୍ ଟେଷ୍ଟ ଓ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାଦ୍ୱାରା ସେ କାଟେଗୋରି-୨ ଜାତୀୟସ୍ତର ରେଫରି ହୋଇ ପାରିଛନ୍ତି। ମଧ୍ୟପ୍ରଦେଶର ଗ୍ୱାଲିୟରସ୍ଥିତ ଏଲ୍‌ଏନ୍‌ଆଇପିଠାରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଦେବଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଶୁଭକାମନା କରିଛନ୍ତି।

## ଜୋନାଲ ସିଷ୍ଟମ୍ ଟୁର୍ନାମେଣ୍ଟ ପ୍ରଚଳନ ହକି ଇଣ୍ଡିଆର ଯୋଜନା

ନୂଆଦିଲ୍ଲୀ, ୨୪।୨(ପି.ଟି.): ହକି ଇଣ୍ଡିଆ ତରଫରୁ ସମଗ୍ର ଦେଶରେ ସବ୍‌ଜୁନିୟର (୧୭ ବର୍ଷରୁ କମ୍) ଓ ଜୁନିୟର (୧୯ ବର୍ଷରୁ କମ୍) କାଟେଗୋରିରେ ଜୋନାଲ ସିଷ୍ଟମ ଟୁର୍ନାମେଣ୍ଟ ପ୍ରଚଳନ କରିବା ଲାଗି ହକି ଇଣ୍ଡିଆ ଯୋଜନା କରୁଛି। ଏହାଦ୍ୱାରା ତୃଣମୂଳସ୍ତରରୁ ଖେଳର ବିକାଶ ହୋଇପାରିବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ୪୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଏହି ଭେଟେରାନ ଜାତୀୟ ଚାମ୍ପିୟନଶିପ୍‌ର ଗୁରୁତ୍ୱକୁ ପୁଣି ଦୋହରାଇଛନ୍ତି। ଜୋନାଲ ସିଷ୍ଟମ ତୃଣମୂଳ ସ୍ତରରୁ ପ୍ରଚଳିତ ହେବା ଆବଶ୍ୟକ। ଏହାଦ୍ୱାରା ଉଦୀୟମାନ ଖେଳାଳିମାନେ ଅଧିକ ଗେମ୍ ଖେଳିବା ସୁଯୋଗ ପାଇବେ। ଯେ କୌଣସି ଖେଳର ଉନ୍ନତି ପାଇଁ ତୃଣମୂଳସ୍ତରରୁ ବିକାଶ ଅପରିହାର୍ଯ୍ୟ। ମୂଳଦୁଆ ସୁଦୃଢ଼ ହେଲେ ଭଲ ଖେଳାଳି, ଶକ୍ତିଶାଳୀ ସିନିୟର ଓ ଜୁନିୟର ଦଳ ତିଆରି ହୋଇପାରିବ। ହକି ଇଣ୍ଡିଆର ଏକ ପଡ୍‌କାଷ୍ଟ ସିରିଜ 'ହକି ତେ ଚର୍ଚ୍ଚା' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୂର୍ବତନ ଭାରତ ଅଧିନାୟକ ଏକଥା କହିଛନ୍ତି। ଅତୀତରେ ସବ୍ ଜୁନିୟର ଓ ଜୁନିୟର କାଟେଗୋରିରେ ଖେଳାଳିମାନେ ଯଥେଷ୍ଟ ଗେମ୍ ଖେଳିବା ସୁଯୋଗ ପାଉ ନ ଥିଲେ। ଜୋନାଲ ସିଷ୍ଟମ ପ୍ରଚଳନ ଦ୍ୱାରା ସେମାନେ ଏଣିକି ଇଣ୍ଟ୍ରା ଜୋନ୍ ଓ ଇଣ୍ଟର ଜୋନ୍ ପ୍ରତିଯୋଗିତାରେ ଭାଗ ନେଇ ପାରିବେ।

## ରାଜ୍ୟସ୍ତରୀୟ ପାରା ଆଥ୍‌ଲେଟିକ୍ସ ୪ରୁ

ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି): ରାଜ୍ୟ ସ୍ତରୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମାର୍ଚ୍ଚ ୪ ଓ ୫ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ପ୍ରଦର୍ଶନ ଭିତ୍ତିରେ ଏହି ପ୍ରତିଯୋଗିତାରୁ ୨୧ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ ହେବ। ରାଜ୍ୟ ଚାମ୍ପିୟନଶିପ୍‌ରେ ବିଭିନ୍ନ ପ୍ରକାର ଦିବ୍ୟାଙ୍ଗ ଖେଳାଳି (ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟିବାଧିତ ଭିନ୍ନକ୍ଷମ, ମାନସିକ ଅନଗ୍ରସର) ଅଂଶଗ୍ରହଣ କରିବେ। ଭାଗ ନେବାକୁ ଚାହୁଁଥିବା ଖେଳାଳିମାନେ ପାରା ଆଥ୍‌ଲେଟିକ୍ସ ଓଡ଼ିଶାର ଅଧ୍ୟକ୍ଷ ପାରା ଅଲିମ୍ପିଆନ ମାର୍କଣ୍ଡ ରେଡ୍ଡୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ପ୍ରଥମଥର ଫାଇନାଲରେ ଦକ୍ଷିଣ ଆଫ୍ରିକା

### ମହିଳା ଟି୨୦ କ୍ରିକେଟ ବିଶ୍ୱକପ

- ରବିବାର ଅଷ୍ଟ୍ରେଲିଆକୁ ଭେଟିବ
- ତାଜମିନ ବ୍ରିଟ୍ସ ପ୍ଲେୟର୍ ଅଫ୍ ଦି ମ୍ୟାଚ୍

କେପ୍‌ଟାଉନ୍, ୨୪।୨

ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଏହି ଦଳ ଇଂଲଣ୍ଡକୁ ୬ ରନରେ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକାର ଟପ୍ ସ୍କୋରର ତାଜମିନ ବ୍ରିଟ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଆସନ୍ତା ରବିବାର ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୫ ରନରେ ଭାରତକୁ ପରାସ୍ତ କରିଥିଲା। ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ୨୦୧୪ ଓ ୨୦୨୦ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଏଥର ଦଳ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଇଂଲଣ୍ଡର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି।

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୪ ଉଇକେଟ ହରାଇ ୧୬୪ ରନ କରିଥିବାବେଳେ ଇଂଲଣ୍ଡ ପୂରା ଓଭର ଖେଳିଥିଲେ ହେଁ ୧୫୮/୮ରେ ସୀମିତ ରହିଥିଲା। ଇଂଲଣ୍ଡ ପକ୍ଷରୁ ଟପ୍ ଅର୍ଡରରେ ଡାନିଏଲ ୱାଟ (୩୪), ସୋଫି ଡଙ୍କଲେ (୨୮) ଏବଂ ମିଡିଲ ଅର୍ଡରରେ ନାତାଲି ସ୍କିଭର ବ୍ରଣ୍ଟ (୪୦) ଓ ଅଧିନାୟିକା ହିଥର ନାଇଟ (୩୧) ଲଢ଼େଇ କରିଥିଲେ ହେଁ ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ୬ ରନ ଦୂରରେ ରହି ଯାଇଥିଲା। ଶେଷ ଓଭରରୁ ଦଳକୁ ବିଜୟ ପାଇଁ ୧୩ ରନ ଆବଶ୍ୟକ ହେଉଥିଲା। ମାତ୍ର ଶବନିମ ଇସମାଇଲଙ୍କ ତୃତୀୟ ବଲ୍‌ରେ ନାଇଟ ଆଉଟ ହେବାସହ ଇଂଲଣ୍ଡ ଚ୍ୟାଲେଞ୍ଜ ଶେଷ ହୋଇ ଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆୟାବୋଙ୍ଗା ଖାକା ୪ଟି, ଶବନିମ ଇସମାଇଲ ୩ଟି ଏବଂ ନାଦିନେ ଡି'କ୍ଲାର୍କ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଦକ୍ଷିଣ ଆଫ୍ରିକା ଓପନିଂ ଯୋଡ଼ିରେ ୯୬ ରନ ସଂଗ୍ରହ କରି ଦୃଢ଼ ଭିତ୍ତି ପକାଇଥିଲା। ୧୪ତମ ଓଭରର ୪ର୍ଥ ବଲ୍‌ରେ ଲୌରା ଉଲଭର୍ଟ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସୋଫି ଏକଲେଷ୍ଟୋନ ଇଂଲଣ୍ଡକୁ ଏହି ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ୪୪ଟି ବଲ୍ ଖେଳିଥିବା ଉଲଭର୍ଟ ୫ ଚୌକା ଓ ୧ ଛକା ସହାୟତାରେ ୫୩ ରନ ସଂଗ୍ରହ କରିଥିଲେ। ଅନ୍ୟତମ ଓପନର ତାଜମିନ ବ୍ରିଟ୍ସ ଦଳ ପକ୍ଷରୁ ସର୍ବାଧିକ ୬୮ ରନ ସଂଗ୍ରହ କରିଥିଲେ। ୫୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବ୍ରିଟ୍ସ ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୨ ଛକା ମାରିଥିଲେ। ୩ ନମ୍ବର ସ୍ଥାନରେ ଆସିଥିବା ମାରିଜାନେ କାପ୍ ୧୩ ବଲ୍‌ରୁ ଦ୍ରୁତ ୨୭ (୪ ଚୌକା) ରନକରି ଅପରାଜିତ ରହିଥିଲେ ହେଁ କ୍ଲୋଏ ଟ୍ରାୟନ (୩) ଓ ନାଦିନେ ଡି'କ୍ଲର୍କ (୦)ଙ୍କ ବିଫଳତା ଯୋଗୁ ଦକ୍ଷିଣ ଆଫ୍ରିକା ଇନିଂସ ୧୬୪/୪ରେ ସୀମିତ ରହି ଯାଇଥିଲା। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ସୋଫି ଏକ୍‌ଲେଷ୍ଟୋନ ୩ଟି ଏବଂ ଲୌରେନ ବେଲ୍ ଗୋଟିଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ତାଜମିନ ବ୍ରିଟ୍ସ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୬୪/୪ (ତଜମିନ ବ୍ରିଟ୍ସ-୬୮, ଲୌରା ଉଲଭର୍ଟ-୫୩, ମାରିଜାନେ କାପ୍-୨୭*, ସୋଫି ଏକ୍‌ଲେଷ୍ଟୋନ-୩/୨୨, ଲୌରେନ ବେଲ-୧/୨୧)। ଇଂଲଣ୍ଡ ୨୦ ଓଭରରେ ୧୫୮/୮ (ନାତାଲି ସ୍କିଭର ବ୍ରଣ୍ଟ-୪୦, ଡାନିଏଲ ୱାଟ-୩୪, ହିଥର ନାଇଟ-୩୧, ସୋଫିଆ ଡଙ୍କଲେ-୨୮, ଆୟାବୋଙ୍ଗା ଖାକା-୪/୨୯, ଶବନିମ ଇସମାଇଲ-୩/୨୭, ନାଦିନେ ଡି'କ୍ଲାର୍କ-୧/୧୭)।

## ୟୁନେସ୍କୋ, କିସ୍, ଓଡ଼ିଶା ସରକାର ତ୍ରିପାକ୍ଷିକ ବୁଝାମଣା



ଚୁକ୍ତି ସ୍ୱାକ୍ଷର ପରେ ଆର. ଭିନିଲ୍ କ୍ରିଷ୍ଣା, ଅନସଙ୍ଗ କିମ୍ ଓ ଅଚ୍ୟୁତ ସାମନ୍ତ।

### 'ଫିଟ୍ ଫର୍ ଲାଇଫ୍' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି)

ୟୁନେସ୍କୋର 'ଫିଟ୍ ଫର୍ ଲାଇଫ୍' କାର୍ଯ୍ୟକ୍ରମ ନିମନ୍ତେ ୟୁନେସ୍କୋ, କିସ୍ ଓ ରାଜ୍ୟ କ୍ରୀଡ଼ା ବିଭାଗ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ଗୁରୁବାର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ରରେ ଓଡ଼ିଶା ସରକାରଙ୍କ ପକ୍ଷରୁ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର. ଭିନିଲ୍ କ୍ରିଷ୍ଣା, ନୂଆଦିଲ୍ଲୀସ୍ଥିତ ୟୁନେସ୍କୋ କାର୍ଯ୍ୟାଳୟର ସାମାଜିକ ଓ ମାନବିକ ବିଜ୍ଞାନ ବିଭାଗ ମୁଖ୍ୟ ଅନସଙ୍ଗ କିମ୍ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ୟୁନେସ୍କୋ କାର୍ଯ୍ୟାଳୟର ସାମାଜିକ ଓ ମାନବିକ ବିଜ୍ଞାନ ବିଭାଗ ପ୍ରୋଗ୍ରାମ୍ ଅଫିସର ଐଶ୍ୱର୍ଯ୍ୟା ସେହଗଲ, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ କିସ୍‌ର ମିଳିତ ସହଯୋଗରେ ୟୁନେସ୍କୋ ଏହି କାର୍ଯ୍ୟକ୍ରମ ଜାରି ରଖିବ। ''ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୋଣ 'ଯୁବଗୋଷ୍ଠୀ ପାଇଁ କ୍ରୀଡ଼ା, ଭବିଷ୍ୟତ ପାଇଁ ଯୁବଗୋଷ୍ଠୀ'କୁ ଲକ୍ଷ୍ୟରେ ରଖି କ୍ରୀଡ଼ା ଓ ଯୁବସେବା ବିଭାଗ କାର୍ଯ୍ୟ କରୁଛି। ସେଥିପାଇଁ ଆମର ଯେଉଁ ମୁଖ୍ୟ ପ୍ରୟାସ ରହିଛି ସେଥିମଧ୍ୟରୁ ଶାରୀରିକ ଓ ମାନସିକ ଫିଟ୍‌ନେସ୍‌କୁ ପ୍ରୋତ୍ସାହନ ହେଉଛି ଅନ୍ୟତମ। ଏହାକୁ ଦୃଷ୍ଟିରେ ରଖି ୟୁନେସ୍କୋ ଓଡ଼ିଶା ସରକାର ଓ କିସ୍ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି'' ବୋଲି ଭିନିଲ ପ୍ରକାଶ କରିଛନ୍ତି।

## ଆନନ୍ଦ-ସୌରଭ ଯୋଡ଼ି ଚାମ୍ପିୟନ




ଚାମ୍ପିୟନ ଯୋଡିକୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

### ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ

ରେଢାଖୋଲ ୨୪।୨ (ଡି.ଏନ.ଏ)

ରେଢାଖୋଲର ପଞ୍ଚଖଣ୍ଡା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ଅନୁମୋଦନ କ୍ରମେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ସପ୍ତମ ରାଜ୍ୟସ୍ତରୀୟ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରର ଆନନ୍ଦ ଓ ସୌରଭ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାର ଫାଇନାଲରେ ସେମାନେ ଅନୁଗୋଳର ଅବିନାଶ ଓ ତରଣୀ ଯୋଡିଙ୍କୁ ୨-୧ ସେଟ୍‌ରେ ହରାଇ ଦେଇଥିଲେ। ରାଜେଶ କୁମାର ସାହୁ ମ୍ୟାଚ ପରିଚାଳନା କରିଥିବା ବେଳେ ଦିଲୀପ ଲଉରିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ଦିନିକିଆ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବଲାଙ୍ଗୀର, ଅନୁଗୋଳ, ସୋନପୁର, ବରଗଡ, ଫୁଲବାଣୀ, ସମ୍ବଲପୁର ଜିଲାରୁ ୨୨ଟି ଯୋଡି ଭାଗ ନେଇଥିଲେ। ରେଢାଖୋଲ ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ପଞ୍ଚଖଣ୍ଡା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ବିକାଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଇଂ ପାର୍ଥସାରଥୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଂପାଦକ ଆଇନଜୀବୀ ଅନ୍ତର୍ଯ୍ୟାମୀ ସାହୁ, ରଂଜିତ ମହାନ୍ତି, ଇଶ୍ୱର ବେହେରା, ଅବନୀ ମେହେର, ଜୟଦେବ ପୃଷ୍ଟେଙ୍କ ସମେତ ଆସୋସିଏଶନର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

## ତୃତୀୟ ଟେଷ୍ଟ ଖେଳିବେନି କୁମିନ୍ସ, ନେତୃତ୍ୱ ନେବେ ସ୍ମିଥ୍

ନୂଆଦିଲ୍ଲୀ, ୨୪।୨(ପି.ଟି.)

ପାରିବାରିକ କାରଣରୁ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରୁ ମଧ୍ୟ ଓହରିଯାଇଛନ୍ତି। ତାଙ୍କ ଡେପୁଟି ଷ୍ଟିଭ୍ ସ୍ମିଥ୍ ଇନ୍ଦୋରରେ ମାର୍ଚ୍ଚ ୧ରୁ ଆରମ୍ଭ ହେବାକୁଥିବା ଏହି ମ୍ୟାଚରେ ଦଳର ନେତୃତ୍ୱ ନେବେ। ଗତ ସପ୍ତାହରେ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆର ପରାଜୟ ପରେ କୁମିନ୍ସ ସ୍ୱଦେଶ ଫେରିଥିଲେ। ତୃତୀୟ ଟେଷ୍ଟ ବେଳକୁ ସେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ଖବର ଅନୁସାରେ କୁମିନ୍ସଙ୍କ ମା' ଗୁରୁତର ଅସୁସ୍ଥ ଅଛନ୍ତି। ତେଣୁ ତାଙ୍କର ଭାରତ ଫେରିବାରେ ବିଳମ୍ବ ଘଟିପାରେ, ଆବଶ୍ୟକ ପଡ଼ିଲେ ସେ ୪ର୍ଥ ଟେଷ୍ଟ ମ୍ୟାଚରୁ ମଧ୍ୟ ଓହରିଯାଇ ପାରନ୍ତି। ୨୦୨୧ରେ ଟିମ୍ ପେନ୍‌ଙ୍କଠାରୁ କୁମିନ୍ସ ଦାୟିତ୍ୱ ଗ୍ରହଣ କରିବା ପରେ ଉପଅଧିନାୟକ ଥିବା ସ୍ମିଥ୍ ତୃତୀୟ ଥର ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଦ୍ୱିତୀୟ ଟେଷ୍ଟ ମ୍ୟାଚ ପରେ ସ୍ମିଥ୍ ତାଙ୍କ ସ୍ତ୍ରୀ ଡାନିଙ୍କ ସହ ଦୁବାଇ ଗସ୍ତ କରିଥିଲେ। ଗୁରୁବାର ସନ୍ଧ୍ୟାରେ ସେ ଦିଲ୍ଲୀରେ ଅଷ୍ଟ୍ରେଲିଆ ଦଳ ସହ ଯୋଗ ଦେଇଛନ୍ତି। ରବିବାର ଇନ୍ଦୋର ଗସ୍ତ ପୂର୍ବରୁ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଫିରୋଜଶାହା କୋଟ୍‌ଲା ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିବ। ଅଲରାଉଣ୍ଡର କାମେରନ ଗ୍ରୀନ୍ ତୃତୀୟ ଟେଷ୍ଟ ପାଇଁ ଫିଟ୍ ଘୋଷିତ ହୋଇଛନ୍ତି। ଆଙ୍ଗୁଠିରେ ଆଘାତ ଯୋଗୁ ଏହି ଖେଳାଳି ପ୍ରଥମ ଦୁଇଟି ଗେମ୍‌ରେ ଖେଳିପାରି ନ ଥିଲେ।



ଡେରାଡୁନଠାରେ ଅନୁଷ୍ଠିତ ସର୍ବଭାରତୀୟ ବେସାମରିକ କବାଡ଼ିରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ମହିଳା ଦଳ।

## ବ୍ରୁକ୍-ରୁଟ୍‌ଙ୍କ ୨୯୪ରନ ଅବିଭାଜିତ ପାର୍ଟନରଶିପ୍

ୱେଲିଂଟନ୍, ୨୪।୨(ଏପି)

ସ୍ଥାନୀୟ ବେସିନ୍ ରିଜର୍ଭଠାରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ଚତୁର୍ଥ ଉଇକେଟରେ ହ୍ୟାରି ବ୍ରୁକ୍ (୧୮୪*ରନ) ଓ ଜୋ ରୁଟ୍ (୧୦୧*) ମଧ୍ୟରେ ୧୦୧ ରନର ଅବିଭାଜିତ ପାର୍ଟନରଶିପ୍ ଯୋଗୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୩୧୫ ରନ କରିଛି। ବର୍ଷା ଯୋଗୁ ଶୁକ୍ରବାର ୬୫ ଓଭର ଖେଳ ସମ୍ଭବ ହୋଇଥିଲା। ଇଂଲଣ୍ଡର ଆରମ୍ଭ ନିରୁତ୍ସାହଜନକ ଥିଲା। ମାତ୍ର ୨୧ରନ ସ୍କୋରରେ ଏହାର ୩ ବ୍ୟାଟର ଜ୍ୟାକ୍ କ୍ରଲି (୨), ବେନ୍ ଡକେଟ (୯) ଏବଂ ଓଲି ପୋପ୍ (୧୦) ଉଇକେଟ ହରାଇଥିଲା। ମାତ୍ର ପରେ ଏକାଧିକ ରେକର୍ଡ ଓ ମାଇଲଖୁଣ୍ଟ ହାସଲ କରି ଇଂଲଣ୍ଡ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଛି। ବ୍ରୁକ୍ସ ତାଙ୍କ ଟେଷ୍ଟ କ୍ୟାରିୟରର ଶ୍ରେଷ୍ଠ ସ୍କୋର କରିପାରିଛନ୍ତି। ପୂର୍ବରୁ ତାଙ୍କର ଶ୍ରେଷ୍ଠ ସ୍କୋର ଡିସେମ୍ବରରେ ପାକିସ୍ତାନ ବିପକ୍ଷରେ ୧୫୩ ରନ ରହିଥିଲା। ଗତ ୫ଟି ଟେଷ୍ଟରେ ସେ ୪ ଶତକ ହାସଲ କରିଛନ୍ତି। ସେ ମାତ୍ର ୯ଟି ଟେଷ୍ଟ ଇନିଂସରେ ୮୦୭ ରନ ସଂଗ୍ରହ କରିପାରିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ଅନ୍ୟ କୌଣସି ଖେଳାଳି ତାଙ୍କ କ୍ୟାରିୟରରେ ଏହି ସଫଳତା ହାସଲ କରିପାରି ନାହାନ୍ତି। ସେ ହେନ୍‌ରୀ ସଟ୍‌କ୍ଲିଫ୍, ଏଭର୍ଟନ ୱିକ୍ସ, ଫ୍ରାଙ୍କ୍ ଓରେଲ ଓ ସୁନୀଲ ଗାଭାସ୍କରଙ୍କୁ ପଛରେ ପକାଇ ଦେଇଛନ୍ତି। କେବଳ ସେତିକି ନୁହେଁ ଜଣେ ଇଂଲଣ୍ଡ ବ୍ୟାଟର ହିସାବରେ ସେ ୱେଲିଂଟନରେ ସର୍ବୋଚ୍ଚ ରନ ସଂଗ୍ରହ କରିଛନ୍ତି। ଅନ୍ୟପକ୍ଷରେ ରୁଟ୍‌ଙ୍କର ଏହା ହେଉଛି ୨୯ତମ ଟେଷ୍ଟ ଶତକ। ବର୍ଷା ଆରମ୍ଭ ହେବା ପୂର୍ବରୁ ସେ ଏହି ମାଇଲଖୁଣ୍ଟ ହାସଲ କରିସାରିଥିଲେ। ଚତୁର୍ଥ ଉଇକେଟରେ ବ୍ରୁକ୍ସ ଓ ରୁଟ୍‌ଙ୍କ ମଧ୍ୟରେ ପାର୍ଟନରଶିପ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ଇଂଲଣ୍ଡର ସର୍ବାଧିକ। ପ୍ରଥମ ଟେଷ୍ଟ ୨୬୭ ରନରେ ଜିତି ଭ୍ରମଣକାରୀ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହାର ଆଧିପତ୍ୟ ଦେଖାଇସାରିଛି। ଦ୍ୱିତୀୟ ଟେଷ୍ଟରେ ବିଜୟ ଲାଭ କଲେ ୬ ବର୍ଷ ମଧ୍ୟରେ ଇଂଲଣ୍ଡ ପ୍ରଥମ ଦଳ ଭାବେ ନ୍ୟୁଜିଲାଣ୍ଡ ମାଟିରେ ଏକ ଟେଷ୍ଟ ସିରିଜରେ ବିଜୟ ଲାଭ କରିବ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୧୫/୩ (ହ୍ୟାରି ବ୍ରୁକ୍-୧୮୪*, ଜୋ ରୁଟ୍-୧୦୧*, ମ୍ୟାଟ୍ ହେନ୍‌ରୀ-୨/୬୪)।

## ଓଡ଼ିଶା ମହିଳା ଦଳକୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି): ସେଣ୍ଟ୍ରାଲ ସିଭିଲ ସର୍ଭିସେସ ଆଣ୍ଡ ସ୍ପୋର୍ଟ୍ସ ବୋର୍ଡ ଆନୁକୂଲ୍ୟରେ ଡେରାଡୁନଠାରେ ସର୍ବଭାରତୀୟ ବେସାମରିକ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ମହିଳା ଦଳ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଛି। ସର୍ବଭାରତୀୟ ବେସାମରିକ କବାଡ଼ି ପ୍ରତିଯୋଗିତାରେ ଓଡ଼ିଶା ବ୍ରୋଞ୍ଜ ଜିତିବା ଏହା ପ୍ରଥମ। ମୋନାଲିସା ଶତପଥୀ ଓଡ଼ିଶା ମହିଳା ଦଳର କୋଚ୍ ଏବଂ ସରୋଜିନୀ ଜେନା ମ୍ୟାନେଜର ଥିଲେ। ଏହି ସଫଳତା ପାଇଁ ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘ ସଭାପତି ଦେବୀଦତ୍ତ ମିଶ୍ର, ସାଧାରଣ ସମ୍ପାଦକ ହରପ୍ରସାଦ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଓ ଅନ୍ୟ ସଦସ୍ୟମାନେ ମହିଳା କବାଡ଼ି ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ବ୍ୟାଙ୍କକ୍‌ଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଏସୀୟ ଜୁ-ଜୁଟ୍‌ସୁ ପ୍ରତିଯୋଗିତା ପାଇଁ ମନୋନୀତ ଭାରତୀୟ ଦଳ।

## ଭାରତୀୟ ଦଳରେ ଓଡ଼ିଶାର ଅନୁପମା

### ଏସୀୟ ଜୁ-ଜୁଟ୍‌ସୁ

ଭୁବନେଶ୍ୱର, ୨୪।୨ (କ୍ରୀଡ଼ା ପ୍ରତିନିଧି)

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଶୁକ୍ରବାରଠାରୁ ୭ମ ଏସୀୟ ଜୁ-ଜୁଟ୍‌ସୁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ଅନୁପମା ସ୍ୱାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଭାରତୀୟ ଦଳ ଇତିମଧ୍ୟରେ ବ୍ୟାଙ୍କକ୍‌ରେ ପହଞ୍ଚି ଅଭ୍ୟାସ କରିଛି। ଅନୁପମା ପୂର୍ବରୁ ୫ମ ଓ ୬ଷ୍ଠ ଏସୀୟ ଜୁ-ଜୁଟ୍‌ସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିଥିଲେ। ଏଥର ମଧ୍ୟ ସେ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ପୋଡିୟମ ମଣ୍ଡନ କରିବେ ବୋଲି ଆଶାବାଦୀ ଅଛନ୍ତି। ଆଗାମୀ ପ୍ରତିଯୋଗିତାର ୫୨ କେଜିରୁ କମ୍ ସିନିୟର ମହିଳା ଜୁ-ଜୁଟ୍‌ସୁର 'ନୋ-ଗି' ଏବଂ 'ଫାଇଟିଂ ସିଷ୍ଟମ' ଆଦି ୨ଟି ବର୍ଗରେ ଅନୁପମା ଅଂଶଗ୍ରହଣ କରିବେ। ଭାରତୀୟ ଦଳକୁ ଓଡ଼ିଶା ଜୁ-ଜୁଟ୍‌ସୁ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ